# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୧୮/୨୦୨୩ (୧୮ ପୃଷ୍ଠା) | Bhubaneswar, Wednesday, January 18/2023 | Page 18 | ₹ 7.00

୪୯ଶ ଭାଗ ୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 56 | ମୂଲ୍ୟ ₹୭/-




## ଜୁଙ୍ଗ୍ ଜୁନ୍‌ଙ୍କ ଡବଲ ଗୋଲ୍

ଜାପାନ ବିପକ୍ଷ ହକି ବିଶ୍ୱକପ୍ ମ୍ୟାଚ୍‌ରେ ଦକ୍ଷିଣ କୋରିଆ ପକ୍ଷରୁ ଡବଲ ଗୋଲ ସ୍କୋର କରିଛନ୍ତି ଜୁଙ୍ଗଜୁନ୍ ଲୀ।

୧୭

୦୭

## ନଡ୍ଡାଙ୍କ କାର୍ଯ୍ୟକାଳ ବଢ଼ିଲା

ଭାଜପା ଜାତୀୟ କାର୍ଯ୍ୟକାରିଣୀରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ କାର୍ଯ୍ୟକାଳ ୨୦୨୪ ଜୁନ୍ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ତାଙ୍କ ନେତୃତ୍ୱରେ ଦଳ ଲୋକ ସଭା ନିର୍ବାଚନ ଲଢ଼ିବ।



### ବିମାନ ଯାତ୍ରାରେ ଅବ୍ୟବସ୍ଥା




# ଡିଏଲ୍: ଅନ୍‌ଲାଇନ ଡାକ୍ତରୀ ପ୍ରମାଣପତ୍ର ବାଧ୍ୟ

## ୪୦ ବର୍ଷରୁ ଉର୍ଦ୍ଧ୍ୱଙ୍କ ପାଇଁ ଜାନୁୟାରୀ ୨୬ରୁ ଲାଗୁ

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ଆସନ୍ତା ଜାନୁୟାରୀ ୨୬ରୁ ନୂଆ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) କିମ୍ବା ନବୀକରଣ ପାଇଁ ଅନ୍‌ଲାଇନ ଡାକ୍ତରୀ ପ୍ରମାଣପତ୍ର ବାଧ୍ୟତାମୂଳକ ହେବ। ୪୦ ବର୍ଷରୁ ଅଧିକ ବୟସ ଆବେଦନକାରୀଙ୍କ ପାଇଁ ଏହି ନିୟମ ଲାଗୁ ହେବ। ତେବେ ନୂତନ ଲର୍ନର୍ସ ଲାଇସେନ୍ସ (ଏଲ୍‌ଏଲଆର) ପାଇଁ ମଧ୍ୟ ଏହି ନିୟମ ଲାଗୁ ହେବ। ବର୍ତ୍ତମାନ ଆବେଦନକାରୀମାନେ ଏକ କାଗଜ ଫର୍ମାଟରେ ମାନୁଆଲ ଡାକ୍ତର ପ୍ରମାଣପତ୍ର ଦେଉଛନ୍ତି। ଅନ୍‌ଲାଇନ ଆବେଦନ ସମୟରେ ଏହାକୁ ସାରଥି ପୋର୍ଟାଲରେ ଅପ୍‌ଲୋଡ କରୁଛନ୍ତି। ଏହି ପ୍ରକ୍ରିୟାରେ ଡାକ୍ତରୀ ପ୍ରମାଣପତ୍ରର ସତ୍ୟତା ଜାଣିବା ସମ୍ଭବ ହେଉ ନାହିଁ। ନକଲି ଡାକ୍ତର ପ୍ରମାଣପତ୍ର ମଧ୍ୟ ଅପ୍‌ଲୋଡ୍ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପରିବହନ ବିଭାଗ ପକ୍ଷରୁ ଏଭଳି ବ୍ୟବସ୍ଥା କରାଯାଇଛି।

କେନ୍ଦ୍ରୀୟ ମୋଟରଯାନ ରୁଲ୍ସ-୧୯୮୯ ଅନୁଯାୟୀ ୪୦ ବର୍ଷରୁ ଅଧିକ ଆବେଦନକାରୀଙ୍କ ପାଇଁ ଫର୍ମ ୧-ଏ'ରେ ନୂତନ ଲର୍ନର୍ସ ଲାଇସେନ୍ସ (ଏଲ୍‌ଏଲ୍‌ଆର) କିମ୍ବା ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍)ର ନବୀକରଣ ପାଇଁ ଡାକ୍ତରୀ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଛି। ଏହି ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ କରିବା ଏବଂ ପ୍ରକୃତ ଡାକ୍ତରଙ୍କ ଦ୍ୱାରା ଉପଯୁକ୍ତ ଡାକ୍ତରୀ ପରୀକ୍ଷା (ମେଡିକାଲ କାଉନ୍‌ସିଲ ଅଫ୍ ଇଣ୍ଡିଆ ଅଧୀନରେ ପଞ୍ଜୀକରଣ ସହିତ ଏମ୍‌ବିବିଏସ୍ ଡିଗ୍ରୀଧାରକ) ନିଶ୍ଚିତ କରିବାକୁ ରାଜ୍ୟ ସଡ଼କ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ଏକ ନୂତନ ଅନ୍‌ଲାଇନ ଡାକ୍ତର ପଞ୍ଜୀକରଣ ପୋର୍ଟାଲ୍ ବିକଶିତ କରିଛନ୍ତି। ଏଥିରେ ପ୍ରାୟ ୧୬୭ ଏମ୍‌ବିବିଏସ୍ ଡାକ୍ତର ପୋର୍ଟାଲରେ ପଞ୍ଜୀକୃତ ହୋଇଛନ୍ତି। ସେମାନେ ସାରଥି ପୋର୍ଟାଲ୍ ମାଧ୍ୟମରେ ଅନ୍‌ଲାଇନ ଜରିଆରେ ☞ପୃଷ୍ଠା-୪

# 'ଭାରତ ସହ ସୁସମ୍ପର୍କ ଚାହେଁ ପାକିସ୍ତାନ'


ଶେହବାଜ ଶରିଫ୍

- ୩ ଯୁଦ୍ଧ ଲଢ଼ି ଶିକ୍ଷା ପାଇଛୁ: ଶରିଫ୍
- କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରୁ ୟୁଏଇ
- ୩୭୦କୁ ପୁନଃ ଅବସ୍ଥାପିତ କଲେ ମୋଦିଙ୍କ ସହ ଆଲୋଚନା

ଆବୁଧାବି/ଇସ୍‌ଲାମାବାଦ,୧୭।୧

ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନର ଭାରତ ବିରୋଧୀ ସ୍ୱର ଏବେ ନରମିବା ଆରମ୍ଭ ହୋଇଛି। ପଡ଼ୋଶୀ ଦେଶର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଭାରତ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନାର ପ୍ରସ୍ତାବ ଦେଇଛନ୍ତି। ଭାରତ ବିରୋଧରେ ତିନୋଟି ଯୁଦ୍ଧ ଲଢ଼ିବା ପରେ ପାକିସ୍ତାନ ଉଚିତ ଶିକ୍ଷା ପାଇସାରିଛି। ତେଣୁ ବର୍ତ୍ତମାନ କଶ୍ମୀର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ 'ଗମ୍ଭୀର ଓ ସଚ୍ଚୋଟ' ଆଲୋଚନା କରିବାକୁ ଆଗ୍ରହୀ ବୋଲି ଶରିଫ୍ କହିଛନ୍ତି।

ପାକିସ୍ତାନର ଆର୍ଥିକ ସ୍ଥିତି ଦିନକୁ ଦିନ ଅଧିକ ଖରାପ ହେବାରେ ଲାଗିଥିବାବେଳେ ପ୍ରଧାନମନ୍ତ୍ରୀ ଶରିଫ୍ ବିଭିନ୍ନ ଦେଶକୁ ସହାୟତା ମାଗୁଛନ୍ତି। ଏହି କ୍ରମରେ ସେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତରେ ଥିବାବେଳେ ସୋମବାର ଦୁବାଇର ଟିଭି ଚ୍ୟାନେଲ ଅଲ୍ ଆରବିଆକୁ ସାକ୍ଷାତ୍କାର ଦେଇଛନ୍ତି। ଇଣ୍ଟରଭ୍ୟୁରେ ଶରିଫ୍ କହିଛନ୍ତି, ଉଭୟ ପାକିସ୍ତାନ ଓ ଭାରତରେ ଇଞ୍ଜିନିୟର, ଡାକ୍ତର ଓ କୁଶଳୀ ଶ୍ରମିକ ଅଛନ୍ତି। ଏହି ସମ୍ବଳକୁ ଆମେ ନିଜ ନିଜ ସମୃଦ୍ଧି ତଥା ସମ୍ପୃକ୍ତ ଅଞ୍ଚଳରେ ଶାନ୍ତି ଆଣିବା ପାଇଁ ବ୍ୟବହାର କରିବାକୁ ଚାହୁଁ। ଏହା ସଫଳ ହେଲେ ଦୁଇଦେଶ ସମୃଦ୍ଧ ହେବ। ପାକିସ୍ତାନ ବୋମା ଓ ଅସ୍ତ୍ରଶସ୍ତ୍ରରେ ନିଜ ସମ୍ବଳକୁ ବରବାଦ କରିବାକୁ ଚାହେଁ ନାହିଁ। ଆମେ ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର। ଯଦି ଯୁଦ୍ଧ ହୁଏ, କ'ଣ ସବୁ ଘଟିଥିବ ତାହା କହିବା ପାଇଁ କିଏ ଜୀବିତ ଥିବେ ବୋଲି ଶରିଫ୍ ପ୍ରଶ୍ନ କରିଛନ୍ତି।

ଶରିଫ୍ ଆହୁରି କହିଛନ୍ତି, ଭାରତୀୟ ନେତୃତ୍ୱ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମୋର ସନ୍ଦେଶ ହେଉଛି, ଆଲୋଚନାର ଟେବୁଲକୁ ଆସନ୍ତୁ। କଶ୍ମୀର ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଗମ୍ଭୀର ଓ ସଚ୍ଚୋଟ ଭାବେ କଥା ହେବା। ଶାନ୍ତିପୂର୍ଣ୍ଣ ଜୀବନଯାପନ ଓ ବିକାଶ ଦିଗରେ ଅଗ୍ରସର ହେବା ନା ପରସ୍ପର ସହ ଲଢ଼େଇ କରି ସମୟ ତଥା ସମ୍ବଳର ଅପଚୟ କରିବା ତାହା ଆମ ଉପରେ ନିର୍ଭର କରେ। ଆମେ ଭାରତ ବିରୋଧରେ ୩ଟି ଯୁଦ୍ଧ ଲଢ଼ିଛୁ, ଯାହାକି ପାକିସ୍ତାନ ଜନସାଧାରଣଙ୍କ ପାଇଁ ଅଧିକ ଦୁର୍ଦ୍ଦଶା, ଦାରିଦ୍ର୍ୟ ଓ ବେରୋଜଗାରି ଆଣିଦେଇଛି। ଏହି ଯୁଦ୍ଧରୁ ଆମେ ଶିକ୍ଷା ପାଇସାରିଛୁ। ଏବେ ଭାରତ ସହ ଆମେ ଶାନ୍ତିପୂର୍ଣ୍ଣ ସମ୍ପର୍କ ଚାହୁଁ। ସ୍ପଷ୍ଟ ଭାବେ କହିବାକୁ ଗଲେ, ଭାରତ ଆମର ପଡ଼ୋଶୀ ଦେଶ। କଶ୍ମୀରରେ ଯାହା ଚାଲିଛି ତାହା ପ୍ରଥମେ ବନ୍ଦ ହେବା ଆବଶ୍ୟକ। ଦୁଇ ଦେଶ ମଧ୍ୟରେ ପୁନଃ ଆଲୋଚନା କ୍ଷେତ୍ରରେ ୟୁଏଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବ ବୋଲି ଶରିଫ୍ କହିଛନ୍ତି। ☞ପୃଷ୍ଠା-୪

# ଦୁଇ ନାବାଳିକାଙ୍କୁ ବାନ୍ଧି ଗଣବଳାତ୍କାର

### ରାଜଧାନୀରେ ଚାଞ୍ଚଲ୍ୟ

- ହତ୍ୟା ଧମକ, ନ ଜଣାଇବାକୁ ଟଙ୍କା ଯାଚିଥିଲେ
- ଜିଆର୍‌ପି ଥାନାରେ ମାମଲା

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ସୋମବାର ଦୁଇ ନାବାଳିକାଙ୍କୁ ଅପହରଣ କରିନେବା ପରେ ପଟିଆ ରେଳ ଷ୍ଟେଶନରେ ହାତଗୋଡ଼ ବାନ୍ଧି ରାତିସାରା ଗଣବଳାତ୍କାର କରାଯାଇଛି। ବଳାତ୍କାରର ଶିକାର ହୋଇଥିବା ପୀଡ଼ିତାଦ୍ୱୟ ସମ୍ପର୍କୀୟ ଭଉଣୀ ହୋଇଥିବାବେଳେ ଜଣଙ୍କର ବୟସ ୧୨ ବର୍ଷ ଓ ଅନ୍ୟଜଣେ ୧୪ ବର୍ଷର। ପଟିଆ କଲେଜ ନିକଟରେ ଥିବା ବଡ଼ପନିକି ଆମିଷ ଦୋକାନରେ କାମ କରୁଥିବା ୨ ଯୁବକ ଏଭଳି ଅମାନୁଷିକ କାଣ୍ଡ ଘଟାଇଛନ୍ତି। ମଙ୍ଗଳବାର ସକାଳେ ଅଭିଯୁକ୍ତଙ୍କ କବଳରୁ ଖସି ଆସି ପୀଡ଼ିତାଦ୍ୱୟ ପରିବାର ଲୋକଙ୍କୁ ଜଣାଇଥିଲେ। ଖବର ପାଇ ଚାଇଲ୍ଡଲାଇନ କର୍ମକର୍ତ୍ତା ପହଞ୍ଚି ଇନ୍‌ଫୋସିଟି ଥାନା ପୋଲିସ ସହାୟତାରେ ୨ ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ପରେ ଏନେଇ ଜିଆର୍‌ପି ଥାନାରେ ଘଟଣା ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି। ପୋଲିସ ☞ପୃଷ୍ଠା-୪



### ହକି ବିଶ୍ୱକପ୍

**ମଙ୍ଗଳବାର ମ୍ୟାଚ୍ ଫଳାଫଳ**

- ଦକ୍ଷିଣ କୋରିଆ-୨: ଜାପାନ-୧
- ଜର୍ମାନୀ-୨ : ବେଲଜିୟମ-୨



### ମକ୍କି ଗ୍ଲୋବାଲ ଟେରରିଷ୍ଟ

କଳାତାଲିକାରେ ୧୫୦ ପାକ୍ ଆତଙ୍କବାଦୀ

ପୃଷ୍ଠା-୨

### ଆଜିର ସମ୍ପାଦକୀୟ

**ଧର୍ମ ତା' ବାଟରେ ଥାଉ**

# ତେଜସ୍ୱୀ ସୂର୍ଯ୍ୟା ବିମାନ ଏମର୍ଜେନ୍ସି ଡୋର୍ ଖୋଲିଥିବା ଅଭିଯୋଗ

## ତଦନ୍ତ ନିର୍ଦ୍ଦେଶ ଦେଲା ଡିଜିସିଏ

ନୂଆଦିଲ୍ଲୀ,୧୭।୧

ଭାଜପା ନେତା ତେଜସ୍ୱୀ ସୂର୍ଯ୍ୟା ଚେନ୍ନାଇ ବିମାନବନ୍ଦରରେ ଇଣ୍ଡିଗୋ ବିମାନର ଜରୁରୀ ପ୍ରସ୍ଥାନ ଦ୍ୱାର ଖୋଲିଦେଇଥିବା ଅଭିଯୋଗ ହୋଇଛି। ଏଥିପାଇଁ ବିମାନ ଉଡ଼ାଣ ଦୁଇଘଣ୍ଟା ବିଳମ୍ବ ହେବା ସହ ଯାତ୍ରୀମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଗତ ଡିସେମ୍ବର ୧୦ ତାରିଖରେ ଚେନ୍ନାଇରୁ ତିରୁଚିରାପଲ୍ଲୀ ଯାଉଥିବା ଇଣ୍ଡିଗୋ ବିମାନର ଜରୁରୀ ଦ୍ୱାରକୁ ଖୋଲିଦିଆଯିବାରୁ ଅନ୍ୟ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ। ଏହା ଜଣାପଡ଼ିବା ପରେ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଡୋର ଖୋଲିଥିବା ଯାତ୍ରୀ ଜଣକ ବେଙ୍ଗାଲୁରୁ ଦକ୍ଷିଣ ନିର୍ବାଚନ ମଣ୍ଡଳୀର ଏମ୍‌ପି ତେଜସ୍ୱୀ କି ନୁହନ୍ତି, ତାହା ଡିଜିସିଏ ଅଧିକାରୀମାନେ ସ୍ପଷ୍ଟ କରିନାହାନ୍ତି।


ଭାଜପା ଏମ୍‌ପି ତେଜସ୍ୱୀ ସୂର୍ଯ୍ୟା

ତେବେ ତେଜସ୍ୱୀ ଡୋର ଖୋଲିଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏହା ପୂର୍ବରୁ ବିମାନର କ୍ରିଉ ସଦସ୍ୟ ବିମାନ ଭିତରେ ସୁରକ୍ଷା ପ୍ରୋଟୋକଲ ସମ୍ପର୍କରେ ଯାତ୍ରୀମାନଙ୍କୁ ବୁଝାଇଥିଲେ।

# କମ୍ବଳ ସହ ବାହାଘର

## ଏକୁଟିଆପଣ ଦୂର ହେବ

ଲଣ୍ଡନ, ୧୭।୧

ବାହାଘରକୁ ନେଇ ଅନେକଙ୍କ ଚିନ୍ତାଧାରା ବଦଳିଯାଇଛି। କ୍ୟାରିୟର୍‌ରେ ଆଶାନୁରୂପ ସଫଳତା ମିଳିବା ପରେ ମଧ୍ୟ ଯୁବବର୍ଗ ବିବାହକୁ ମୁହଁ ମୋଡ଼ିବାରେ ଲାଗିଛନ୍ତି। ଆଉ କେତେଜଣ ନିଜ ମନପସନ୍ଦର ବସ୍ତୁକୁ ଚିର ଦିନ ପାଇଁ ନିଜ ସାଥିରେ ରଖିବା ଲାଗି ତା' ସହ ବିବାହ କରୁଛନ୍ତି। ଏପରି ଘଟଣା ଇଂଲଣ୍ଡର ଏକ୍ସଟରରେ ଦେଖିବାକୁ ମିଳିଛି। ପାସ୍କେଲ ସେଲିକ୍ ନାମ୍ନୀ ମହିଳା ନିଜ ବ୍ଲାଙ୍କେଟ ବା କମ୍ବଳ ସହ ବିବାହ କରିଛନ୍ତି। ବ୍ଲାଙ୍କେଟ ସହ ବାହାଘର ବିଷୟରେ ପାସ୍କେଲ କୁହନ୍ତି, ନିଃସଙ୍ଗ ☞ପୃଷ୍ଠା-୪





## ପ୍ରବଞ୍ଚକ ମାନଙ୍କ ଠାରୁ ସାବଧାନ




## ସାବଧାନ

- ଅପରୀକ୍ଷିତ ଉତ୍ସରୁ ଆସୁଥିବା ଫୋନ କଲ୍, ମେସେଜ୍ ବା ଇମେଲ୍ ଆଦିକୁ **ଦୁର୍ଲକ୍ଷ କରନ୍ତୁ**।
- କୌଣସି ଆର୍ଥିକ ଲାଭର ଅତିରଞ୍ଜିତ ପଣର ଲୋଭରେ ପଡ଼ି ନିଜ ପଲିସୀ ଓ କେଓ୍ୱାଇସି ବିବରଣୀ ବତାନ୍ତୁ ନାହିଁ କି କେହି ବ୍ୟକ୍ତିର ନାମରେ ବା ଏକାଉଣ୍ଟରେ କୌଣସି ପେମେଣ୍ଟ **କରନ୍ତୁ ନାହିଁ**।
- ଭାରତୀୟ ଜୀବନ ବୀମା ନିଗମ କେବେହେଲେ କେଓ୍ୱାଇସି ଯାଞ୍ଚ କରିବା ପାଇଁ ଫୋନ କରିବ ନାହିଁ/ଏସ୍‌ଏମ୍‌ଏସ୍ /ହ୍ୱାଟ୍‌ସଆପ୍/ଇମେଲ୍ ପଠାଇବ ନାହିଁ। ନିଜର ବ୍ୟକ୍ତିଗତ/ବ୍ୟାଙ୍କ ବିବରଣୀ ପ୍ରବଞ୍ଚକଙ୍କୁ ଦିଅନ୍ତୁ **ନାହିଁ** ତଥା, ସନ୍ଦେହାସ୍ପଦ/ଫିଶିଙ୍ଗ ଲିଙ୍କ୍‌ସ କୁ କ୍ଲିକ୍ **କରନ୍ତୁ ନାହିଁ**।

ଏଭଳି ମିଛ ଫୋନ କଲ୍, ହ୍ୱାଟ୍‌ସଆପ୍ ମେସେଜ୍ ବା ଇମେଲ୍ ପାଇଲେ, ପୁଲିସ ପାଖରେ ଫୋନ ନମ୍ବର/ଫୋନ କଲ୍/ମେସେଜ୍/ଇମେଲ୍ ପାଇଥିବା ଇମେଲ୍ ଆଇଡି ବିବରଣୀ ସହିତ ଏଫ୍‌ଆଇଆର୍ ଦାୟର କରନ୍ତୁ ଆଉ ପୁଲିସ କମ୍ପ୍ଲେଣ୍ଟ'ର ପ୍ରତିଲିପି (ଏଫ୍‌ଆଇଆର୍ ଦାୟର ହୋଇସାରିଥିଲେ) ସହିତ ଆମକୁ spuriouscalls@licindia.com ରେ ସୂଚିତ କରନ୍ତୁ।

LIC/P1/2022-23/25/Ori

ଆମର ହ୍ୱାଟ୍‌ସଆପ୍ ନ.: 8976862090 'Hi' କୁହନ୍ତୁ

ଡାଉନ୍‌ଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ "LIC Customer"

LICHELP<ପଲିସୀ ନ.> ଏସ୍‌ଏମ୍‌ଏସ୍ କରନ୍ତୁ 92224 92224 କୁ

ଦେଖନ୍ତୁ: licindia.in

କଲ୍ ସେଣ୍ଟର ସର୍ଭିସ : (022) 6827 6827

LIC ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ LIFE INSURANCE CORPORATION OF INDIA

ଆମକୁ ଦେଖନ୍ତୁ ଏଠାରେ: LIC India Forever | www.licindia.in | IRDAI Regn No.: 512

ପ୍ରତି କ୍ଷଣ ଆପଣଙ୍କ ସାଥିରେ

**ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ**

ଜମ୍ମୁ-କଶ୍ମୀରର ବଡ଼ଗାମ ଜିଲାର କୋର୍ଟ କମ୍ପ୍ଲେକ୍ସ ନିକଟରେ ମଙ୍ଗଳବାର ସୁରକ୍ଷା କର୍ମୀଙ୍କ ଏନ୍‌କାଉଣ୍ଟରରେ ୨ ଜଣ ଲସ୍କର-ଇ-ତୋଇବା ଆତଙ୍କବାଦୀ ନିହତ ହୋଇଛନ୍ତି। ବଡ଼ଗାମରେ ଆତଙ୍କବାଦୀଙ୍କ ଗତିବିଧି ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ପାଇ ସୈନ୍ୟବାହିନୀ ଓ ପୋଲିସର ମିଳିତ ଟିମ୍ ସେମାନଙ୍କ ଗାଡ଼ିକୁ ଅଟକାଇବାକୁ ଉଦ୍ୟମ କରିଥିଲେ। ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ସୁରକ୍ଷା ବଳ ଏହାର ଜବାବ ଦେଇଥିଲା ବୋଲି ପୋଲିସ ମୁଖପାତ୍ର କହିଛନ୍ତି। ନିହତ ଆତଙ୍କବାଦୀ ଅରବାଜ ମୀର୍ ଏବଂ ଶହିଦ ଶେଖ୍ ପୁଲୱାମା ଜିଲାର ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ଜାତି ଜନଗଣନା ବିରୋଧରେ ସୁପ୍ରିମକୋର୍ଟରେ ସାନି ପିଟିଶନ

**ନୂଆଦିଲ୍ଲୀ,୧୭।୧:** ବିହାର ସରକାରଙ୍କ ଜାତି ଜନଗଣନା ନିଷ୍ପତ୍ତି ବିରୋଧରେ ମଙ୍ଗଳବାର ସୁପ୍ରିମକୋର୍ଟରେ ସାନି ପିଟିଶନ ଦାଏର ହୋଇଛି। ରାଜ୍ୟ ସରକାରଙ୍କ କାର୍ଯ୍ୟ ସମ୍ବିଧାନର ମୌଳିକ ଢାଞ୍ଚାର ଉଲ୍ଲଂଘନ କରୁଥିବା ଏଥିରେ ଅଭିଯୋଗ କରାଯାଇଛି। ଜାତି ଜନଗଣନା ବିଜ୍ଞପ୍ତି ଭେଦଭାବପୂର୍ଣ୍ଣ ଏବଂ ଅସାମ୍ବିଧାନିକ ବୋଲି ଆବେଦନକାରୀ ହିନ୍ଦୁ ସେନା ଅଧକ୍ଷ ବିଷ୍ଣୁ ଗୁପ୍ତା ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି। ଆସନ୍ତା ୨୦ରେ ଅନ୍ୟ ପିଟିଶନଗୁଡ଼ିକ ସହ ଏହାର ଶୁଣାଣି ହୋଇପାରେ।

### ଅନୁପ ଗୁପ୍ତା ଚଣ୍ଡିଗଡ଼ ମେୟର ନିର୍ବାଚିତ



#### ଏଏପିକୁ ଗୋଟିଏ ଭୋଟରେ ହରାଇଲା ଭାଜପା

**ଚଣ୍ଡିଗଡ଼,୧୭।୧:** ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପ୍ରାର୍ଥୀ ଯଶବୀର ସିଂଙ୍କୁ ମାତ୍ର ଗୋଟିଏ ଭୋଟରେ ପରାସ୍ତ କରି ଭାଜପାର ଅନୁପ ଗୁପ୍ତା ମଙ୍ଗଳବାର ଚଣ୍ଡିଗଡ଼ର ନୂଆ ମେୟର ନିର୍ବାଚିତ ହୋଇଛନ୍ତି। ଗୁପ୍ତାଙ୍କୁ ୧୫ ଭୋଟ ମିଳିଥିବାବେଳେ ଏଏପି ପ୍ରାର୍ଥୀ ୧୪ଟି ଭୋଟ ପାଇଥିଲେ। କଂଗ୍ରେସର ୬ ସଦସ୍ୟ ଏବଂ ଶିରୋମଣି ଅକାଳୀ ଦଳର ଜଣେ ସଦସ୍ୟ ଭୋଟଦାନରୁ ବିରତ ରହିଥିଲେ। ଚଣ୍ଡିଗଡ଼ ପୌର ନିଗମରେ ଭାଜପା ଏବଂ ଏଏପିର ୧୪ ଜଣ ଲେଖାଏ କାଉନସିଲର ଥିବାବେଳେ ସ୍ଥାନୀୟ ଭାଜପା ଏମ୍‌ପି କିରୋନ ଖେର୍ ମ୍ୟୁନିସିପାଲ କର୍ପୋରେଶନ ହାଉସ୍‌ର ଏକ୍ସ-ଅଫିସିଓ ସଦସ୍ୟ ଭାବେ ଭୋଟ ଦେଇଥିଲେ।

### ପ୍ରଚଣ୍ଡଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

**କାଠମାଣ୍ଡୁ,୧୭।୧(ପି.ଟି.):** ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ' ମଙ୍ଗଳବାର ତାଙ୍କ କ୍ୟାବିନେଟର ପ୍ରଥମ ସମ୍ପ୍ରସାରଣ କରିଛନ୍ତି। ଏଥିରେ ୧୨ ଜଣଙ୍କୁ ମନ୍ତ୍ରୀ ଏବଂ ୩ ଜଣଙ୍କୁ କନିଷ୍ଠ ମନ୍ତ୍ରୀ କରାଯାଇଛି। ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାର ୩ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ପରେ କ୍ଷମତା ବଣ୍ଟନ ଚୁକ୍ତିନାମା ଚୂଡ଼ାନ୍ତ ହୋଇଛି। ଗତ ଡିସେମ୍ବର ୨୫ରେ ସିପିଏନ୍-ମାଓଇଷ୍ଟ ସେଣ୍ଟର ନେତା ପ୍ରଚଣ୍ଡ ନେପାଳ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। ସୋମବାର ତାଙ୍କ ବାସଭବନରେ ସିପିଏନ୍ ମାଓଇଷ୍ଟ ସେଣ୍ଟର, ସିପିଏନ୍-ୟୁଏମ୍‌ଏଲ୍, ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆର୍‌ଏସ୍‌ପି), ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି (ଆର୍‌ପିପି) ଏବଂ ଜନତା ସମାଜବାଦୀ ପାର୍ଟି (ଜେଏସ୍‌ବି)ର ନେତାମାନେ ଏକାଠି ହୋଇ କ୍ଷମତା ବଣ୍ଟନ ଡିଲ୍‌କୁ ଚୂଡ଼ାନ୍ତ କରିଥିଲେ। ସିପିଏନ୍-ୟୁଏମ୍‌ଏଲ୍‌ର ବିମଳ ରାୟ ପୌଡେଲଙ୍କୁ ବହିର୍ବ୍ୟାପାର ମନ୍ତ୍ରୀ ହୋଇଥିବାବେଳେ ସେହି ଦଳର ହରି ଉପ୍ରେତିଙ୍କୁ ପ୍ରତିରକ୍ଷା ମନ୍ତ୍ରୀ କରାଯାଇଛି। ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀ ନୂଆ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ।

### ୨୩ ଲକ୍ଷ ଟଙ୍କା ବିଲ୍ ନ ଦେଇ ଗ୍ରାହକ ଚମ୍ପଟ

#### ୟୁଏଇ ରାଜ ପରିବାର କର୍ମଚାରୀ କହି ପଞ୍ଚତାରକା ହୋଟେଲରେ ରହିଥିଲେ

**ନୂଆଦିଲ୍ଲୀ,୧୭।୧:** ଜଣେ ବ୍ୟକ୍ତି ନିଜକୁ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ବାସିନ୍ଦା ଏବଂ ଆବୁଧାବୀ ରାଜପରିବାରର କର୍ମଚାରୀ ପରିଚୟ ଦେଇ ଦିଲ୍ଲୀର ଲୀଲା ପ୍ୟାଲେସ୍ ହୋଟେଲରେ ପ୍ରାୟ ୪ ମାସ ରହିଥିଲେ। ସେ ହୋଟେଲର ୨୩ ଲକ୍ଷ ଟଙ୍କା ବିଲ୍ ପୈଠ ନ କରି ଚମ୍ପଟ ମାରିଛନ୍ତି। ମହମ୍ମଦ ଶରିଫ୍ ନାମକ ଏହି ବ୍ୟକ୍ତିଙ୍କୁ ଦିଲ୍ଲୀ ପୋଲିସ ଚିହ୍ନଟ କରିବା ସହ ତାଙ୍କ ବିରୋଧରେ ଚୋରି ଓ ଭୁଲ୍ ପରିଚୟ ଦେବା ଅଭିଯୋଗରେ ମାମଲା ରୁଜୁ କରିଛି। ପୋଲିସ କହିବା ଅନୁଯାୟୀ ଶରିଫ ଉକ୍ତ ପଞ୍ଚତାରକା ହୋଟେଲର ୪୨୭ ନମ୍ବର ରୁମ୍‌ରେ ଗତବର୍ଷ ଅଗଷ୍ଟ ୧ରୁ ନଭେମ୍ବର ୨୦ ଯାଏ ରହିଥିଲେ। ପରେ ସେ କାହାକୁ ନ ଜଣାଇ ହୋଟେଲ ଛାଡ଼ି ପଳାଇଯାଇଥିଲେ। ତାଙ୍କ ଉପରେ ୨୩ ଲକ୍ଷ ଟଙ୍କାର ହୋଟେଲ ବିଲ୍ ରହିଛି। ଯାଞ୍ଚ କରାଯିବାରୁ ତାଙ୍କ ପରିଚୟ ପତ୍ର ଓ ବିଜ୍‌ନେସ୍ କାର୍ଡ ଜାଲ୍ ବୋଲି ଜଣାପଡ଼ିଥିଲା।




ବାରାଣସୀରେ ଚାଲିଥିବା ୪ ଦିନିଆ 'କାଶୀ ବେଲୁନ୍ ଓ ବୋଟ୍ ଉତ୍ସବ' ଅବସରରେ ମଙ୍ଗଳବାର ଆକାଶକୁ ଛଡ଼ାଯାଉଥିବା ହଟ୍ ଏୟାର ବେଲୁନ୍।

## ବୃଦ୍ଧଙ୍କୁ ସ୍କୁଟରରେ ଘୋଷାଡ଼ିଲେ

### ଚାଳକ ଗିରଫ



**ବେଙ୍ଗାଲୁରୁ, ୧୭।୧**

ମଙ୍ଗଳବାର ବେଙ୍ଗାଲୁରୁର ଜନଗହଳି ସଡ଼କରେ ଜଣେ ବୃଦ୍ଧଙ୍କୁ ସ୍କୁଟର ଚାଳକ ଘୋଷାଡ଼ି ନେଇ ଗିରଫ ହୋଇଛନ୍ତି। ସ୍କୁଟର ଚଳାଉଥିବା ସାହିଲ ଏକ କାର୍ ସହ ପିଟି ହୋଇଥିଲେ। ଏହାପରେ ୭୧ ବର୍ଷୀୟ ମୁଚ୍ଚାପା କାର୍‌ରୁ ବାହାରି ସ୍କୁଟର ପାଖକୁ ଯାଉଥିବାବେଳେ ସାହିଲ ଖୁବ୍ ଜୋରରେ ସେଠାରୁ ଚାଲିଯିବାକୁ ଉଦ୍ୟମ କରିଥିଲେ। ଫଳରେ ମୁଚ୍ଚାପା ଶାହିଲଙ୍କ ସ୍କୁଟର ପଛରେ ଫସିଯାଇଥିଲେ। ସାହିଲ ସ୍କୁଟର ନ ଅଟକାଇ ଜୋର୍‌ରେ ଚାଲିଯାଇଥିବାବେଳେ ମୁଚ୍ଚାପା ମଧ୍ୟ ସ୍କୁଟର ସହ କିଛିଦୂର ଘୋଷାଡ଼ି ହୋଇ ଚାଲିଯାଇଥିଲେ। ଘଟଣା ନେଇ ସାହିଲଙ୍କୁ ପୋଲିସ ଗିରଫ କରିଥିବାବେଳେ ମୁଚ୍ଚାପା ସାମାନ୍ୟ ଭାବେ କ୍ଷତାକ୍ତ ହୋଇଥିବା ଜଣାପଡ଼ିଛି।

# କଳାତାଲିକାରେ ୧୫୦ ପାକ୍ ଆତଙ୍କବାଦୀ

## ଚାଇନା ବାଟ ଛାଡ଼ିବା ପରେ ଜାତିସଂଘର ଘୋଷଣା

**ନୂଆଦିଲ୍ଲୀ/ବେଜିଂ,୧୭।୧**



ଅବ୍‌ଦୁଲ ରେହମାନ ମକ୍କି

ଜାତିସଂଘସୁରକ୍ଷାପରିଷଦ(ୟୁଏନ୍‌ଏସ୍‌ସି)ର ୧୨୬୭ ଆଇଏସ୍‌ଆଇଏଲ୍ ଏବଂ ଅଲ୍-କାଏଦା ସାଙ୍କଶନ୍ସ କମିଟି ପାକିସ୍ତାନର ପ୍ରାୟ ୧୫୦ ଆତଙ୍କବାଦୀ ଓ ସେମାନଙ୍କ ସଙ୍ଗଠନକୁ କଳାତାଲିକାଭୁକ୍ତ କରିଛି। ଆତଙ୍କବାଦ ପାଇଁ ପାଣ୍ଠି ସଂଗ୍ରହକାରୀ ତଥା ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଅବ୍‌ଦୁଲ ରେହମାନ ମକ୍କିଙ୍କୁ ବୈଶ୍ୱିକ ଆତଙ୍କବାଦୀ ରୂପେ ଘୋଷଣା କରିବା ପାଇଁ ଭାରତ ଓ ଆମେରିକା ପକ୍ଷରୁ ଅନେକ ଥର ମିଳିତ ଉଦ୍ୟମ ହୋଇଥିଲା। କିନ୍ତୁ ଚାଇନା ନିଜ ଭିଟୋ କ୍ଷମତା ବ୍ୟବହାର କରି ଏହି ଉଦ୍ୟମକୁ ଭଣ୍ଡୁର କରିଆସିଥିଲା। ୨୦୨୨ ଜୁନ୍ ୧ରେ ମଧ୍ୟ ଭାରତ-ଆମେରିକାର ପ୍ରସ୍ତାବ ଉପରେ ଚାଇନା ବୈଷୟିକ ତ୍ରୁଟି ଥିବା ଦର୍ଶାଇ ଏଥିରେ କଣ୍ଟା ସାଜିଥିଲା। କିନ୍ତୁ ଏଥର ଚାଇନା ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣି ଏଭଳି ଉଦ୍ୟମରୁ ଓହରିଯାଇଛି। କଳାତାଲିକାଭୁକ୍ତ ହୋଇଥିବା ଅନ୍ୟମାନଙ୍କ ମଧ୍ୟରେ ଲଶ୍କର ମୁଖ୍ୟ ତଥା ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସୟିଦ, କମାଣ୍ଡର ଜାକିଉର ରେହମାନ ଲଖଭି, ଜୈଶ୍-ଇ-ମହମ୍ମଦ (ଜେଇଏମ୍) ପ୍ରତିଷ୍ଠାତା ମାସୁଦ ଆଝାର ଏବଂ ଅଣ୍ଡରଓ୍ୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍ ଅନ୍ତର୍ଭୁକ୍ତ। ଉକ୍ତ ଘୋଷଣା ଫଳରେ ଏଣିକି ଏହି ଆତଙ୍କବାଦୀମାନଙ୍କ ବିଦେଶ ଯାତ୍ରା ଉପରେ କଟକଣା ଲାଗିବା ସହ ପାକିସ୍ତାନ ବାହାରେ ଥିବା ସମ୍ପତ୍ତି ବାଜ୍ୟାପ୍ତ କରାଯାଇପାରିବ। ୬୮ ବର୍ଷୀୟ ଅବ୍‌ଦୁଲ ରେହମାନ ମକ୍କି ହେଉଛନ୍ତି ଜମାଦ୍-ଉଦ୍ ଦାଓ୍ୱା (ଜେୟୁଡି) ମୁଖ୍ୟ ହାଫିଜ୍ ସୟିଦଙ୍କ ଭିଣୋଇ। ଜେୟୁଡି ଉପମୁଖ୍ୟ ମକ୍କିଙ୍କ ସମେତ ଏଲ୍‌ଇଟି/ଜେୟୁଡିର ଅନ୍ୟ ଅପରେଟିଭ୍‌ମାନେ ଆତଙ୍କବାଦ ପାଇଁ ପାଣ୍ଠି ସଂଗ୍ରହ, ଯୁବକମାନଙ୍କୁ କଠୋରପନ୍ଥୀ କାର୍ଯ୍ୟ ଲାଗି ତାଲିମ ଓ ନିଯୁକ୍ତି ପ୍ରଦାନ ଏବଂ ଭାରତ ବିଶେଷକରି ଜମ୍ମୁ-କଶ୍ମୀରରେ ଆକ୍ରମଣ ଯୋଜନା କରୁଥିଲେ ବୋଲି ଜାତିସଂଘର କଟକଣା କମିଟି ସ୍ପଷ୍ଟ କରିଛି। ୨୦୦୦ ମସିହାରେ ଲାଲକିଲ୍ଲା ଆକ୍ରମଣ, ୨୦୦୮ରେ ମୁମ୍ବାଇ ଓ ରାମପୁର ଆକ୍ରମଣ, ୨୦୧୮ରେ ଗୁରେଜ ସେକ୍ଟରରେ ଭାରତୀୟ ସେନାର ୪ ଯବାନଙ୍କୁ ହତ୍ୟା କରିବା ଭଳି ସଙ୍ଗିନ ଅଭିଯୋଗ ମକ୍କିଙ୍କ ବିରୋଧରେ ରହିଛି। ଏହି କାର୍ଯ୍ୟାନୁଷ୍ଠାନକୁ ନୂଆଦିଲ୍ଲୀ ସ୍ୱାଗତ କରିଥିବାବେଳେ ଚାଇନା ମଧ୍ୟ ଯଥାର୍ଥ ବୋଲି ଦର୍ଶାଇଛି।

> “ଆତଙ୍କବାଦ ବିରୋଧରେ ବିଶ୍ୱସନୀୟ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନ୍ତର୍ଜାତୀୟ ସମୁଦାୟ ଉପରେ ଭାରତ ଚାପ ବଜାୟ ରଖିବ। ସମ୍ପୃକ୍ତ ଅଞ୍ଚଳରେ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ପକ୍ଷରୁ ଅନେକ ବିପଦ ରହିଥିବାବେଳେ ଏହାକୁ ପ୍ରତିହତ କରିବା ପାଇଁ ୟୁଏନ୍‌ଏସ୍‌ସିର କଟକଣା ଏକ ପ୍ରଭାବଶାଳୀ ଅସ୍ତ୍ର। ଅବ୍‌ଦୁଲ ରେହମାନ ମକ୍କିଙ୍କୁ ଜାତିସଂଘ ପକ୍ଷରୁ ବୈଶ୍ୱିକ ଆତଙ୍କବାଦୀ ଘୋଷଣା କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।
> —ଅରିନ୍ଦମ ବାଗ୍‌ଚୀ,
> ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର

> “ଆତଙ୍କବାଦ ହେଉଛି ମଣିଷ ଜାତିର ଶତ୍ରୁ। ୟୁଏନ୍‌ଏସ୍‌ସି ଆତଙ୍କବାଦୀ ଓ ସେମାନଙ୍କ ସଙ୍ଗଠନଗୁଡ଼ିକୁ କଳାତାଲିକାଭୁକ୍ତ କରିବା ହେଉଛି ଅନ୍ତର୍ଜାତୀୟ ଆତଙ୍କବାଦ ନିରୋଧୀ ସହଯୋଗ କ୍ଷେତ୍ରରେ ଏକ ଅନୁକୂଳ ଉଦ୍ୟମ। ଏହି ବ୍ୟକ୍ତି ପାକିସ୍ତାନରେ ଦୋଷୀ ସାବ୍ୟସ୍ତ ହୋଇସାରିଛନ୍ତି। ଏହା ଆତଙ୍କବାଦ ବିରୋଧରେ ପାକିସ୍ତାନର ଦୃଢ଼ତାକୁ ଦର୍ଶାଉଛି।
> —ଓ୍ୱାଙ୍ଗ୍ ଓ୍ୱେବିନ୍,
> ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର

## ପଙ୍କଜ ସିଂ ଡେପୁଟି ଏନ୍‌ଏସ୍‌ଏ



**ନୂଆଦିଲ୍ଲୀ,୧୭।୧(ପି.ଟି.)**

ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଅବସରପ୍ରାପ୍ତ ମହାନିର୍ଦ୍ଦେଶକ ପଙ୍କଜ କୁମାର ସିଂଙ୍କୁ ଜାତୀୟ ସୁରକ୍ଷା ଉପପରାମର୍ଶଦାତା (ଡେପୁଟି ଏନ୍‌ଏସ୍‌ଏ) ନିଯୁକ୍ତ କରାଯାଇଛି। ୧୯୮୮ ବ୍ୟାଚ୍‌ର ରାଜସ୍ଥାନ କ୍ୟାଡରର ଏହି ଆଇପିଏସ୍ ଅଫିସର ଏହି ପଦବୀରେ ୨ ବର୍ଷ ରହିବେ। ସେ ଗତ ଡିସେମ୍ବର ୩୧ରେ ବିଏସ୍‌ଏଫ୍ ମୁଖ୍ୟ ପଦରୁ ଅବସର ନେଇଥିଲେ। ତାଙ୍କ ବାପା ପ୍ରକାଶ ସିଂ ମଧ୍ୟ ୧୯୯୩ ଜୁନ୍‌ରୁ ୧୯୯୪ ଜାନୁୟାରୀ ପର୍ଯ୍ୟନ୍ତ ବିଏସ୍‌ଏଫ୍ ଡିଜି ରହିଥିଲେ। ଦେଶର ପୋଲିସ ସଂସ୍କାରରେ ତାଙ୍କର ମୁଖ୍ୟ ଭୂମିକା ରହିଥିଲା।

## ଭିଏତ୍‌ନାମ ରାଷ୍ଟ୍ରପତିଙ୍କ ଇସ୍ତଫା



ଗୁଏନ୍ ଜୁଆନ୍ ଫୁକ୍

**ବ୍ୟାଙ୍କକ୍,୧୭।୧**

ଭିଏତ୍‌ନାମ ରାଷ୍ଟ୍ରପତି ଗୁଏନ୍ ଜୁଆନ୍ ଫୁକ୍ ମଙ୍ଗଳବାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଦେଶରେ ଅନେକ ଦୁର୍ନୀତି ମାମଲା ଲାଗି ତାଙ୍କୁ ଦାୟୀ କରାଯାଉଥିଲା। ଶାସକ କମ୍ୟୁନିଷ୍ଟ ପାର୍ଟିର କେନ୍ଦ୍ରୀୟ କମିଟି ବୈଠକରେ ଗୁଏନ୍ କହିଥିଲେ, ସେ ରାଷ୍ଟ୍ରପତି ପଦରେ ରହିବାକୁ ଚାହାନ୍ତି ନାହିଁ। ତେବେ ତାଙ୍କୁ ପଦ ଛାଡ଼ିବା ପାଇଁ ବାଧ୍ୟ କରାଯାଇଥିବା କୁହାଯାଉଛି। କାରଣ ସେ ଇସ୍ତଫା ଘୋଷଣା କଲାବେଳେ ଅତି କଠୋର ଶବ୍ଦ ବ୍ୟବହାର କରିଥିଲେ। ୧୯୭୯ରୁ ଗୁଏନ୍ ପ୍ରାଦେଶିକ ସରକାରରେ କାର୍ଯ୍ୟ କରିଥିବାବେଳେ ୨୦୦୬ରେ ଜାତୀୟ ସରକାରରେ ସ୍ଥାନ ପାଇଥିଲେ। ୨୦୧୧ରେ ପଲିଟ୍‌ବ୍ୟୁରୋରେ ଯୋଗଦେବା ପରେ ୨୦୧୬ରୁ ୨୦୨୧ ଦେଶର ପ୍ରଧାନମନ୍ତ୍ରୀ ଏବଂ ପରେ ରାଷ୍ଟ୍ରପତି ହୋଇଥିଲେ।

## ରାଜସ୍ଥାନ ହାଇକୋର୍ଟରେ ୨ ଜଜ୍ ଦମ୍ପତି



ଜଷ୍ଟିସ୍ ମହେନ୍ଦ୍ର କୁମାର ଗୋୟଲ



ଶୋଭା ମେହେଟ୍ଟା



ପୁଷ୍ପେନ୍ଦ୍ର ଭଟି



ନୂପୁର ଭଟି

**ଜୟପୁର,୧୭।୧**

ରାଜସ୍ଥାନ ହାଇକୋର୍ଟରେ ସୋମବାର ୯ ନୂଆ ବିଚାରପତି ଦାୟିତ୍ୱ ଗ୍ରହଣ କରିବା ପରେ ଏବେ ୨ ଜଜ୍ ଦମ୍ପତି କୋର୍ଟରେ କାର୍ଯ୍ୟରତ ଅଛନ୍ତି। ସେମାନେ ହେଲେ, ଡା. ନୂପୁର ଭଟି ଓ ତାଙ୍କ ସ୍ୱାମୀ ପୁଷ୍ପେନ୍ଦ୍ର ଭଟି ଏବଂ ମହେନ୍ଦ୍ର କୁମାର ଗୋୟଲ ଓ ଶୋଭା ମେହେଟ୍ଟା। ପୁଷ୍ପେନ୍ଦ୍ର ୨୦୧୬ରୁ ହାଇକୋର୍ଟରେ ଜଜ୍ ଭାବେ କାର୍ଯ୍ୟ କରିଆସୁଥିବାବେଳେ ସ୍ତ୍ରୀ ନୁପୂର ନୂଆ କରି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଗତବର୍ଷ ଜୁନ୍‌ରେ ଜଷ୍ଟିସ୍ ଶୋଭା ମେହେଟ୍ଟା ଜଜ୍ ଭାବେ ଶପଥ ଗ୍ରହଣ କରିଥିଲେ। ତାଙ୍କ ସ୍ୱାମୀ ଜଷ୍ଟିସ୍ ମହେନ୍ଦ୍ର କୁମାର ଗୋୟଲ ୨୦୧୯ରେ ହାଇକୋର୍ଟ ଜଜ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ରାଜସ୍ଥାନ ହାଇକୋର୍ଟରେ ମୋଟ ୫୦ ଜଜ୍ ପଦବୀ ଥିବାବେଳେ ସେଥିମଧ୍ୟରୁ ୩୮ଟି ସ୍ଥାୟୀ ଏବଂ ୧୨ ଅତିରିକ୍ତ । ସେହିପରି ୨୦୨୦ ଡିସେମ୍ବରରେ ମାଡ୍ରାସ ହାଇକୋର୍ଟରେ ଏକ ଜଜ୍ ଦମ୍ପତି ଶପଥ ନେଇଥିବାବେଳେ ୨୦୧୯ରେ ଜଷ୍ଟିସ୍ ବିବେକ ପୁରୀ ଏବଂ ଅର୍ଚ୍ଚନା ପୁରୀ ଗୋଟିଏ ଦିନରେ ପଞ୍ଜାବ-ହରିୟାଣା ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ୨୦୦୯ରେ ଦିଲ୍ଲୀ ହାଇକୋର୍ଟରେ ଜଜ୍ ଦମ୍ପତି ଏ.କେ. ପାଠକ ଏବଂ ଇନ୍ଦରମିତ କୌର ଏକାଠି କାର୍ଯ୍ୟ କରିଥିଲେ।

## 'ପାକ୍‌ରେ ଦ୍ୱିତୀୟ ବିବାହ କରିଛନ୍ତି ଦାଉଦ୍'

**ମୁମ୍ବାଇ,୧୭।୧**



ଅଣ୍ଡରଓ୍ୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍ କସ୍କର ପାକିସ୍ତାନରେ ଦ୍ୱିତୀୟ ବିବାହ କରିଛନ୍ତି। ତାଙ୍କ ଦ୍ୱିତୀୟ ସ୍ତ୍ରୀ ଜଣେ ପାକିସ୍ତାନୀ ପଠାନ୍ ବୋଲି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଆଗରେ ଦାଉଦ୍‌ଙ୍କ ଭଣଜା ଅଲିଶାହ ପାର୍କର ପ୍ରଘଟ କରିଛନ୍ତି। ଆତଙ୍କବାଦ ପାଇଁ ପାଣ୍ଠି ସଂଗ୍ରହ ମାମଲାରେ ଏନ୍‌ଆଇଏ ପକ୍ଷରୁ ଦାଉଦ୍ ଇବ୍ରାହିମ୍ ଓ ତାଙ୍କ ସହଯୋଗୀମାନଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରାଯାଇଛି। ଦାଉଦ୍‌ଙ୍କ ଭଉଣୀ ହାସିନା ପାର୍କରଙ୍କ ପୁଅ ଆଲିଶାହ ଗ୍ୟାଙ୍ଗ୍‌ଷ୍ଟରଙ୍କ ପରିବାର ସମ୍ପର୍କରେ ନିଜ ବୟାନରେ ବିସ୍ତୃତ ତଥ୍ୟ ଦେଇଥିବା ଏଥିରେ କୁହାଯାଇଛି। ଚାର୍ଜଶିଟ୍ ତଥ୍ୟ ଅନୁଯାୟୀ, ଦାଉଦ୍ ପାକିସ୍ତାନସ୍ଥିତ କରାଚୀର ଅବ୍‌ଦୁଲ ଗାଜିବାବା ଦରଘା ପଛପଟ ଡିଫେନ୍ସ ଏରିଆରେ ରହୁଛନ୍ତି। ପ୍ରଥମ ସ୍ତ୍ରୀ ମଇଜାବିନ୍ ନିଜ ସମ୍ପର୍କୀୟମାନଙ୍କ ସହ ହ୍ୱାଟ୍ସଆପ୍ କଲ୍ ଜରିଆରେ ଯୋଗସୂତ୍ରରେ ରହିଛନ୍ତି। ଦାଉଦ୍ ପ୍ରଥମ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇଥିବା କହିଆଅନ୍ତି। ଏହା ମିଛ କଥା। ଦାଉଦ୍ ଆଉ ଜଣେ ପାକିସ୍ତାନୀ ପଠାନ୍ ମହିଳାଙ୍କୁ ବିବାହ କରିଛନ୍ତି। ଦାଉଦ୍‌ଙ୍କ ଅନ୍ୟ ୪ ଭାଇ ଓ ୪ ଜଣ ଭଉଣୀ ଥିବା ଆଲିଶାହ କହିଛନ୍ତି। ୨୦୨୨ ଜୁଲାଇରେ ଦୁବାଇରେ ମଇଜବିନ୍‌ଙ୍କୁ ଆଲିଶାହ ଭେଟିଥିବା ଏନ୍‌ଆଇଏକୁ କହିଛନ୍ତି।

## ନାବାଳିକାଙ୍କ ଜବରଦସ୍ତ ବିବାହ ବନ୍ଦ କର




ପାକିସ୍ତାନର ଲାହୋରରେ ଧର୍ମ ପରିବର୍ତ୍ତନକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ।

**ଇସ୍‌ଲାମାବାଦ,୧୭।୧(ଆଇଏଏନ୍‌ଏସ୍)**

### ପାକିସ୍ତାନକୁ ଜାତିସଂଘର ପରାମର୍ଶ

ଧର୍ମୀୟ ସଂଖ୍ୟାଲଘୁଙ୍କୁ ନ୍ୟାୟ ପ୍ରଦାନରେ ପାକିସ୍ତାନ କ୍ରମାଗତ ଭାବେ ବିଫଳ ହୋଇଆସିଛି। ସେଠାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ନାବାଳିକାମାନଙ୍କୁ ବଳପୂର୍ବକ ଧର୍ମ ପରିବର୍ତ୍ତନ କରାଯିବା ସହ ସେମାନଙ୍କୁ ଦୁଇଗୁଣ ବୟସର ପୁରୁଷଙ୍କ ସହ ବିବାହ କରିଦିଆଯାଉଛି। ପାକିସ୍ତାନରେ ନାବାଳିକା ଅପହରଣ ଓ ବାଲ୍ୟ ବିବାହ ସାଧାରଣ ଘଟଣା ହୋଇଛି। ବଳପୂର୍ବକ ଧର୍ମାନ୍ତରୀକରଣ ଏବଂ ନାବାଳିକା ବିବାହ ତୁରନ୍ତ ବନ୍ଦ କରିବା ଲାଗି ଜାତିସଂଘ ପାକିସ୍ତାନକୁ ପରାମର୍ଶ ଦେଇଛି। ଏହିସବୁ କାର୍ଯ୍ୟରେ ମୌଳବାଦୀ ଧର୍ମୀୟ ସଂଗଠନ ସମ୍ପୃକ୍ତିର ସ୍ପଷ୍ଟ ସୂଚନା ମିଳୁଥିବା ଅଧିକାର ବିଶେଷଜ୍ଞମାନେ ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି)ରେ ଦାଖଲ କରିଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଅପହରଣ, ବଳପୂର୍ବକ ଧର୍ମ ପରିବର୍ତ୍ତନ ଓ ବାଲ୍ୟ ବିବାହରେ ସେମାନଙ୍କ ସହ ଦେଶର ସୁରକ୍ଷା ବଳ ଏବଂ ନ୍ୟାୟିକ ବ୍ୟବସ୍ଥା ମଧ୍ୟ ସମାନ ଭାବେ ଦୋଷୀ ବୋଲି ରିପୋର୍ଟରେ କୁହାଯାଇଛି।

# ଚାଇନା ଜନସଂଖ୍ୟାରେ ହ୍ରାସ

## ୬୦ ବର୍ଷରେ ପ୍ରଥମ

**ହଂକଂ,୧୭।୧**



୧୯୬୧ ମସିହା ପରଠାରୁ ପ୍ରଥମ ଥର ପାଇଁ ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ର ଚାଇନାର ଲୋକସଂଖ୍ୟା କମିଛି। ଚାଇନାର ଜନସଂଖ୍ୟା ୧.୪୧୨୬୦ ବିଲିୟନ୍‌ରୁ ଗତବର୍ଷ ୧.୪୧୧୭୫ ବିଲିୟନକୁ ଖସିଥିବା ଜାତୀୟ ପରିସଂଖ୍ୟାନ ବ୍ୟୁରୋ ପକ୍ଷରୁ ମଙ୍ଗଳବାର କୁହାଯାଇଛି। ରିପୋର୍ଟ ଅନୁସାରେ, ଦେଶରୁ ପାଖାପାଖି ୮,୫୦,୦୦୦ ଜନସଂଖ୍ୟା କମିଛି। ୬୦ ବର୍ଷରେ ପ୍ରଥମ ଥର ଲାଗି ଚାଇନା ଜନସଂଖ୍ୟା ହ୍ରାସ ପାଇଛି। ନ୍ୟାଶନାଲ ପିପୁଲ୍ସ କଂଗ୍ରେସ କୃଷି ଓ ସହରୀବ୍ୟାପାର କମିଟିର ଉପସଭାପତି କାଇ ଫାଙ୍ଗ କହିଛନ୍ତି, ଜନସଂଖ୍ୟା ଗଣନା ବିଶେଷଜ୍ଞ ଏବଂ ଅର୍ଥନୀତିଜ୍ଞଙ୍କ ପକ୍ଷରୁ ପୂର୍ବରୁ ଏ ନେଇ ଅବଗତ କରାଯାଇଥିଲା। ଦେଶରେ ବୟସ୍କଙ୍କ ସଂଖ୍ୟା ବଢ଼ିବା ଯୋଗୁ ସରକାର ଜନସଂଖ୍ୟା ବୃଦ୍ଧି ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରୁଥିଲେ। ଯେଉଁ ଅଭିଭାବକମାନେ ସେମାନଙ୍କର ଦ୍ୱିତୀୟ ଓ ତୃତୀୟ ଶିଶୁ ଜନ୍ମ କରିବେ, ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି କିଛି ପ୍ରଦେଶ ଓ ସହରରେ ନୂଆ ନୀତି ସରକାର ଲାଗୁ କରିଥିଲେ। ଗତ ଡିସେମ୍ବରରେ ଶେନଝେନ ସହରରେ ତିନି ସନ୍ତାନ ଥିବା ପରିବାରକୁ ୫,୫୫୦ ଡଲାର ଦିଆଯିବାର ଘୋଷଣା କରାଯାଇଥିଲା। ନିତ୍ୟବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟ ବୃଦ୍ଧି ସାଙ୍ଗକୁ ଘରଭଡ଼ା, ସ୍କୁଲ ଫି' ଆଦି ଦର ବଢ଼ିବା ଯୋଗୁ ଲୋକମାନେ ଏକାଧିକ ବଦଳରେ ଗୋଟିଏ ଶିଶୁ ଜନ୍ମ କରିବା ପସନ୍ଦ କରୁଛନ୍ତି। ଜାତୀୟ ପରିସଂଖ୍ୟାନ ବ୍ୟୁରୋର ମୁଖ୍ୟ କାଙ୍ଗ ୟି କହିଛନ୍ତି, ଦେଶରେ ଚାହିଦାଠାରୁ ଅଧିକ ଶ୍ରମିକ ଥିବାଯୋଗୁ ଲୋକସଂଖ୍ୟା ହ୍ରାସକୁ ନେଇ ଚାଇନା ଲୋକେ ବ୍ୟସ୍ତ ହେବା ଅନାବଶ୍ୟକ। ଗତବର୍ଷ ଚାଇନାରେ ଜନସଂଖ୍ୟା ହାର ପ୍ରତି ୧୦୦୦ରେ ୬.୭୭ ଥିବାବେଳେ ତା'ପୂର୍ବବର୍ଷ ଅର୍ଥାତ୍ ୨୦୨୧ରେ ଏହା ୭.୫୨ ଥିଲା। ଅନ୍ୟପକ୍ଷେ ଦେଶରେ ମୃତ୍ୟୁହାର ବୃଦ୍ଧି ପାଇଛି। ୨୦୨୨ରେ ଚାଇନାର ମୃତ୍ୟୁହାର ପ୍ରତି ୧୦୦୦ରେ ୭.୬୭ ହୋଇଛି, ଯାହା ୨୦୨୧ରେ ୭.୧୮ ଥିଲା। ଗତବର୍ଷ ଦେଶରେ ଜିଡିପି ୩% ବୃଦ୍ଧି ପାଇଥିବାବେଳେ ୧୦ ବର୍ଷରେ ଏହା ସବୁଠାରୁ କମ୍ ଅଭିବୃଦ୍ଧି ବୋଲି ସରକାର କହିଛନ୍ତି। କିନ୍ତୁ ଜିଡିପି ଗ୍ରୋଥ୍‌କୁ ନେଇ ସରକାରଙ୍କ ପକ୍ଷରୁ ଯେଉଁ ପୂର୍ବାନୁମାନ କରାଯାଇଥିଲା, ତା'ଠାରୁ ଅଭିବୃଦ୍ଧି ଅଧିକ ହୋଇଛି। ଚାଇନାରେ ଉଭୟ ଅର୍ଥନୀତି ଏବଂ ଜନସଂଖ୍ୟା କ୍ଷେତ୍ରରେ ହ୍ରାସ ଘଟିଛି।

# ଲକରରୁ ମିଳିଲା ୧୭ କେଜି ସୁନା, ୧.୫୭ କୋଟି ଟଙ୍କା

## ସିବିଆଇ ଜାଲରେ ଅବସରପ୍ରାପ୍ତ ରେଳ ଅଧିକାରୀ

- ଠାବ ହେଲାଣି ୨୦ କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତି
- ଖୋଲାହେଲାଣି ୭ ଲକର୍, ସ୍ତ୍ରୀଙ୍କ ନାଁରେ ୩
- ପୂର୍ବରୁ ମିଳିଥିଲା ୧.୯୨ କୋଟିର ଆୟ ବହିର୍ଭୂତ ସମ୍ପତ୍ତି

**ଭୁବନେଶ୍ୱର, ୧୭।୧ (ବ୍ୟୁରୋ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପୂର୍ବତଟ ରେଳପଥର ଅବସରପ୍ରାପ୍ତ ପ୍ରିନ୍ସିପାଲ ଚିଫ୍ ଅପରେଶନ୍ ମ୍ୟାନେଜର ପ୍ରମୋଦ କୁମାର ଜେନାଙ୍କ ଘର ସମେତ ବିଭିନ୍ନ ସ୍ଥାନରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ଚଢ଼ାଉ କରି ବିପୁଳ ସମ୍ପତ୍ତି ଠାବ କରିଛି। ୧୩ରୁ ଅଧିକ ଦିନ ଧରି ଚାଲିଥିବା ଚଢ଼ାଉ ଓ ଯାଞ୍ଚ ନେଇ ମଙ୍ଗଳବାର ସିବିଆଇ ପକ୍ଷରୁ ଚମକାଇ ଦେବାଭଳି ତଥ୍ୟ ଦିଆଯାଇଛି। ଏକାଧିକ ଲକରରୁ ୧୭ କେଜି ସୁନା, ୧.୫୭ କୋଟି ଟଙ୍କା ମିଳିବା ପରେ ସିବିଆଇ ତଦନ୍ତକୁ ଜୋର୍‌ଦାର କରିଛି। ଠାବ ସୁନା ମଧ୍ୟରେ ଅଳଙ୍କାର, ସୁନା ବିସ୍କୁଟ, କଏନ୍, ସୁନା ବାର୍ ରହିଛି।

ଓଡ଼ିଶାର ଭୁବନେଶ୍ୱର ଓ ଜଗତ୍‌ସିଂପୁର ଏବଂ କୋଲକାତାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ବିଭିନ୍ନ ବ୍ୟାଙ୍କରେ ପ୍ରମୋଦ ଓ ତାଙ୍କ ପରିବାର ତଥା ସମ୍ପର୍କୀୟଙ୍କ ନାଁରେ ଥିବା ୮ରୁ ଅଧିକ ଲକର୍ ଠାବ ହୋଇଥିଲା। ସେଥି ମଧ୍ୟରୁ ୩ଟି ଲକର ସ୍ତ୍ରୀଙ୍କ ନାମରେ ଥିବାବେଳେ ଅନ୍ୟ ୫ଟିର ପ୍ରକୃତ ମାଲିକ ଜାଣିବାକୁ ସିବିଆଇକୁ ବହୁ କଷ୍ଟ କରିବାକୁ ପଡ଼ିଥିଲା। ପରେ ସେଗୁଡ଼ିକର ମାଲିକ ଚିହ୍ନଟ କରିଛି ସିବିଆଇ। ଏଥିସହ ଏଯାବତ୍ ୭ଟି ଲକର୍ ଖୋଲାଯାଇଛି। ସେଥିରୁ ବିପୁଳ ପରିମାଣର ସୁନା, ନଗଦ ଟଙ୍କା ଓ ଆର୍ଥିକ କାରବାର ସମ୍ବନ୍ଧିତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମିଳିଛି। ରିପୋର୍ଟ ଅନୁଯାୟୀ, ଲକର୍‌ରୁ ନଗଦ ୧.୫୭ କୋଟି ଟଙ୍କା, ୯.୫ କୋଟି ଟଙ୍କାର ୧୭ କେଜି ସୁନା ଠାବ ହୋଇଛି। ସେହିପରି ପୋଷ୍ଟାଲ ସେଭିଂସ ଓ ବ୍ୟାଙ୍କ ଫିକ୍ସ ଡିପୋଜିଟ୍ ୩.୩୩ କୋଟି, ବ୍ୟାଙ୍କ ଜମା ୧.୫୧ କୋଟି, ମ୍ୟୁଚୁଆଲ୍ ଫଣ୍ଡ ୪୭.୭୫ ଲକ୍ଷ ଟଙ୍କା ମଧ୍ୟ ଠାବ କରାଯାଇଛି। ଅନ୍ୟପକ୍ଷରେ ପୂର୍ବରୁ ମଧ୍ୟ ସିବିଆଇ ପ୍ରମୋଦ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ୪କୋଟି ୨୮ଲକ୍ଷ ୮୭ହଜାର ୫୫୩ ଟଙ୍କା ମୂଲ୍ୟର ସମ୍ପତ୍ତି ଠାବ କରିଥିଲା। ଏଥିରୁ ୧ କୋଟି ୯୨ ଲକ୍ଷ ୨୧ ହଜାର ୪୦୫ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ବୋଲି ଜଣାପଡିଥିଲା, ଯାହା ତାଙ୍କ ପ୍ରକୃତ ଆୟର ୫୯.୦୯ ପ୍ରତିଶତ ଅଧିକ ବୋଲି ସିବିଆଇ ଏଫ୍‌ଆଇଆର୍‌ରେ ଉଲ୍ଲେଖ କରିଥିଲା। ଏ ସଂକ୍ରାନ୍ତରେ ଗତ ଜାନୁୟାରୀ ୩ରୁ ପ୍ରିଭେନ୍‌ଶନ୍ ଅଫ୍ କରପ୍‌ଶନ ଆକ୍ଟର ଦଫା ୧୩ (୧) (ବି)ରେ ଏକ ମାମଲା ରୁଜୁ କରି ସିବିଆଇ ଅଧିକ ତଦନ୍ତ ଆରମ୍ଭ କରିଛି। ତଦନ୍ତ ଜାରି ରହିଥିବାରୁ ସିବିଆଇ ମୋଟ ସମ୍ପତ୍ତି କେତେ ତାହା ଆକଳନ କରିନାହିଁ। ତେବେ ଏଯାଏ ଠାବ ହୋଇଥିବା ସମ୍ପତ୍ତିର ପରିମାଣ ୨୦ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ହିସାବ କହୁଛି। ପ୍ରମୋଦଙ୍କଠାରୁ ଆହୁରି ଅଧିକ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ପାଇବାକୁ ସିବିଆଇ ଆଶା ରଖିଛି। ପରବର୍ତ୍ତୀ ସମୟରେ ପ୍ରମୋଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଗିରଫଦାରି ନେଇ ବିସ୍ତୃତ ବିବରଣୀ ଦିଆଯିବ ବୋଲି ସୂଚନା ମିଳିଛି।


ପ୍ରମୋଦ କୁମାର ଜେନା

ସୂଚନା ଅନୁଯାୟୀ, ପ୍ରମୋଦ ହେଉଛନ୍ତି ୧୯୮୭ ମସିହା ବ୍ୟାଚର ରେଳ ଅଧିକାରୀ। ସେ ୧୯୮୯ ମାର୍ଚ୍ଚ ୬ରେ ଚାକିରିରେ ଯୋଗ ଦେଇ ବିଭିନ୍ନ ପଦ ପଦବୀରେ କାର୍ଯ୍ୟ କରିଥିଲେ। ୨୦୨୨ ନଭେମ୍ବର ୩୦ରେ ଚିଫ୍ ଅପରେଶନ ମ୍ୟାନେଜର ଭାବେ ପଦୋନ୍ନତି ପାଇଥିଲେ। ଏହାପରେ ସେ ଚାକିରିରୁ ଅବସର ନେଇଥିଲେ। ପ୍ରମୋଦଙ୍କ ୨ଝିଅ ଥିବାବେଳେ ବଡ଼ ଏକ ଘରୋଇ ବ୍ୟାଙ୍କରେ ଚାକିରି କରୁଥିବାବେଳେ ସାନ ଝିଅ ଏମ୍‌ବିବିଏସ୍ ପରେ ଏମ୍‌ଏସ୍ ପଢ଼ୁଛନ୍ତି। ୨୦୦୫ ଏପ୍ରିଲ ୧ରୁ ୨୦୨୦ ମାର୍ଚ୍ଚ ୩୧ ମଧ୍ୟରେ ପ୍ରମୋଦ ବ୍ୟାପକ ଦୁର୍ନୀତି କରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ସିବିଆଇ ନିକଟରେ ଡିସେମ୍ବର ୨୬ରେ ଅଭିଯୋଗ ହୋଇଥିଲା।

# ରାୟଗଡ଼ା, ଭଦ୍ରକରେ ଆଦାନୀ କରିବ ମେଡିକାଲ କଲେଜ

**ଭୁବନେଶ୍ୱର(ବ୍ୟୁରୋ)/ ରାୟଗଡ଼ା(ସ୍ୱ.ପ୍ର.),୧୭।୧**

ଓଡ଼ିଶାର ରାୟଗଡ଼ା ଏବଂ ଭଦ୍ରକ ଜିଲାରେ ଦୁଇଟି ମେଡିକାଲ କଲେଜ ସ୍ଥାପନ ହେବ । ଆଦାନୀ ଫାଉଣ୍ଡେଶନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଏହି ପ୍ରସ୍ତାବ ଦିଆଯାଇଛି। ପବ୍ଲିକ୍ ପ୍ରାଇଭେଟ ପାର୍ଟନରଶିପ୍ (ପିପିପି) ମୋଡ୍‌ରେ ଉକ୍ତ ମେଡିକାଲ କଲେଜ ସ୍ଥାପନ କରାଯିବ। ଏହା ଜିଲାରେ ସ୍ୱାସ୍ଥ୍ୟ ସୁବିଧାରେ ଉନ୍ନତି ଆଣିବା ସହ ରାଜ୍ୟରେ ଅଧିକ ମେଡିକାଲ ସିଟ୍ ବୃଦ୍ଧି କରିବାରେ ସହାୟକ ହୋଇପାରିବ ବୋଲି ଆଦାନୀ ଫାଉଣ୍ଡେଶନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ପ୍ରସ୍ତାବରେ ଏହା କୁହାଯାଇଛି। ଏଥିସହିତ ଆଦାନୀ ଫାଉଣ୍ଡେଶନ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାପନ କରିବା ପାଇଁ ଉଭୟ ଜିଲାରେ ପ୍ରାଥମିକ ସର୍ଭେ କାର୍ଯ୍ୟ ମଧ୍ୟ ଆରମ୍ଭ କରିଛି।

ଆଦାନୀ ଗ୍ରୁପ୍ ରାଜ୍ୟ ସରକାରଙ୍କ ସହିତ ପୂର୍ବରୁ କରିଥିବା ବୁଝାମଣାପତ୍ର (ଏମ୍‌ଓୟୁ) ଅନୁଯାୟୀ ନିଜର ସିଏସ୍‌ଆର ଅଧୀନରେ ମେଡିକାଲ କଲେଜର ସମସ୍ତ ବିକାଶ କାର୍ଯ୍ୟ କରିବ ବୋଲି ଆଦାନୀ ବନ୍ଦର ଓ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ସିଇଓ ସୁବ୍ରତ ତ୍ରିପାଠୀ ରାଜ୍ୟ ସରକାରଙ୍କୁ ଏ ନେଇ ଅବଗତ କରାଇଛନ୍ତି। ପୂର୍ବରୁ କମ୍ପାନୀ ପକ୍ଷରୁ ଗୁଜରାଟରେ ସ୍ୱତନ୍ତ୍ର ମେଡିକାଲ କଲେଜ ସ୍ଥାପନ ସହ ଏହାର ପରିଚାଳନା ଅଭିଜ୍ଞତା ରହିଛି। ଆଦାନୀ ଫାଉଣ୍ଡେଶନ ୨୦୦୮ରେ ଗୁଜରାଟର ଭୁଜ ଜିଲାର ହସ୍ପିଟାଲଗୁଡ଼ିକର ବିକାଶ ପାଇଁ ଦାୟିତ୍ୱ ନେଇଥିଲା। ଭୁଜଠାରେ ୩୦୦ ବେଡ୍ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ ପାଇଁ ଗୁଜରାଟ ସରକାର ୯୯ ବର୍ଷ ଲାଗି ୨୫ ଏକର ଜମି ଯୋଗାଇ ଦେଇଛନ୍ତି। ଓଡ଼ିଶାରେ ଅନୁମତି ମିଳିଲେ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ କରାଯିବ ବୋଲି ଆଦାନୀ ଫାଉଣ୍ଡେଶନ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବରେ କୁହାଯାଇଛି।






# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଓସିପିଏଲ୍‌ର ୨୦ କୋଟି ଟଙ୍କା ପ୍ରଦାନ

**ଭୁବନେଶ୍ୱର,୧୭।୧(ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ଏକମାତ୍ର ସରକାରୀ କୋଇଲା ଉଦ୍ୟୋଗ ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍) ତା'ର ଲାଭାଂଶରୁ ୨୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି (ସିଏମ୍‌ଆର୍‌ଏଫ୍)କୁ ପ୍ରଦାନ କରିଛି। ସୋମବାର ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦାନ କରିଥିଲେ। ଓସିପିଏଲ୍‌ର ସିଇଓ ସାରିପୁତ୍ତ ମିଶ୍ର ବିଭାଗୀୟ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏବଂ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ଧଳଙ୍କ ଉପସ୍ଥିତିରେ ୨୦ କୋଟି ଟଙ୍କାର ଚେକ୍‌କୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି। ଓସିପିଏଲ୍ ବହୁତ କମ୍ ସମୟ ମଧ୍ୟରେ ରାଜ୍ୟର ଏକ ପ୍ରମୁଖ ଲାଭଦାୟକ ସରକାରୀ ସଂସ୍ଥା ଭାବେ ପରିଗଣିତ ହୋଇଛି। ଦେଶରେ ଉତ୍କଟ କୋଇଲା ସଙ୍କଟ ସମୟରେ ଓସିପିଏଲ୍ ରାଜ୍ୟ ଏବଂ ରାଜ୍ୟ ବାହାରରେ ବିଭିନ୍ନ ତାପଜ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କେନ୍ଦ୍ର (ପାୱାର ପ୍ଲାଣ୍ଟ)କୁ ଉଚ୍ଚମାନର କୋଇଲା ଯୋଗାଇ ଦେଇଛି। ସ୍ୱଳ୍ପ ସମୟ ମଧ୍ୟରେ ଭାରତ ସରକାରଙ୍କ ଦ୍ୱାରା ପଞ୍ଚତାରକାପ୍ରାପ୍ତ ମନୋହରପୁର କୋଇଲା ଖଣି ଦେଶର ସର୍ବୋତ୍କୃଷ୍ଟ କୋଇଲା ଖଣିଗୁଡ଼ିକ ମଧ୍ୟରେ ନିଜକୁ ପ୍ରତିଷ୍ଠିତ କରିପାରିଛି। ମୁଖ୍ୟମନ୍ତ୍ରୀ ଓସିପିଏଲ୍‌ର ସଫଳତା ପାଇଁ ସନ୍ତୋଷ ପ୍ରକାଶ କରିଛନ୍ତି।

# କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର

- ଭୟରେ ଚୁପ୍ ରହିଥିଲେ ପୀଡ଼ିତା
- ମାସକ ପରେ ଅଭିଯୋଗ, ୨ ଅଟକ

**ଚାନ୍ଦବାଲି (ଡି.ଏନ୍.ଏ.)/ ଭଦ୍ରକ ଅଫିସ, ୧୭।୧**

ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ଖଦାଳପୋଖରୀ ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିବା ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତା ନାବାଳିକାଙ୍କ ବାପା ବାଂଶଡ଼ା ଥାନାରେ ଅଭିଯୋଗ କରିଛନ୍ତି ଯେ, ଗତ ଡିସେମ୍ବର ୧୨ ସନ୍ଧ୍ୟାରେ ତାଙ୍କ ଝିଅ ଘର ନିକଟରେ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ୩ ଜଣ ଯୁବକ ତାଙ୍କ ପାଟିକୁ ହାତରେ ବନ୍ଦ କରି ନିକଟସ୍ଥ ଚିଙ୍ଗୁଡ଼ି ଘେରିକୁ ନେଇଯାଇ ସେଠାରେ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାରିକୁ କହିଲେ ଫଟୋ, ଭିଡିଓ ଭାଇରାଲ କରିବା ସହ ବାପାଙ୍କୁ ଜୀବନରୁ ମାରିଦେବେ ବୋଲି ଅଭିଯୁକ୍ତମାନେ ଧମକ ଦେଇଥିବାରୁ ତାଙ୍କ ଝିଅ ଚୁପ୍ ରହିଥିଲେ। ପରେ ସେ କଲେଜରେ ସାଙ୍ଗମାନଙ୍କୁ ଜଣାଇବାରୁ ସେମାନଙ୍କ ପରାମର୍ଶକ୍ରମେ ଘଟଣା ସମ୍ପର୍କରେ ଘରେ କହିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏନେଇ ଏକ ମାମଲା (ନଂ.୨୨/୨୩) ରୁଜୁ କରିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ବେଳେ ଅନ୍ୟ ଜଣେ ଫେରାର ଅଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ବାଂଶଡ଼ା ଥାନାଧିକାରୀ ମହମ୍ମଦ ହାଫିଜ୍ କହିଛନ୍ତି।

# ବିଶାଖାପାଟଣା-କିରାଣ୍ଡୁଲ ଯାତ୍ରୀବାହୀ ଟ୍ରେନ ଲାଇନ୍‌ଚ୍ୟୁତ



**କୋରାପୁଟ,୧୭।୧(ସ୍ୱ.ପ୍ର)**

ବିଶାଖାପାଟଣାରୁ ବାହାରିଥିବା ବିଶାଖାପାଟଣାରୁ-କିରାଣ୍ଡୁଲ ଯାତ୍ରୀବାହୀ ଟ୍ରେନ ଆନ୍ଧ୍ରର ସିଭାଲିଙ୍ଗାପୁରମଠାରେ ମଙ୍ଗଳବାର ସକାଳେ ଲାଇନ୍‌ଚ୍ୟୁତ ହୋଇଥିବା ୱାଲଟିୟର ଡିଆରଏମ୍ ଅନୁପ ଶତପଥୀ କହିଛନ୍ତି। ଆନ୍ଧ୍ରର କୋତାବାଲସା-ଆରକୁ ରୁଟର ସିଭାଲିଙ୍ଗାପୁରମ ଷ୍ଟେସନଠାରେ ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚର ଗୋଟିଏ ଚକସେଟ୍ ଲାଇନଚ୍ୟୁତ ହୋଇଛି। ସେହି ବଗିରେ ଥିବା ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇ ଅନ୍ୟ ଏକ କୋଚକୁ ସ୍ଥାନାନ୍ତର କରାଯାଇଥିଲା । ରେଳଲାଇନର ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଘଟଣା ସ୍ଥଳରେ ବିଶାଖାପାଟଣା ୱାଲଟିୟର ଡିଭିଜନର ଡିଆରଏମ୍ ଶତପଥୀ ପହଞ୍ଚିଛନ୍ତି।

# ରାଜ୍ୟରେ ହେବ 'ଶାଶୁ-ବୋହୂ' ସମ୍ମିଳନୀ

## ପରିବାର ନିୟୋଜନ ଲକ୍ଷ୍ୟ ହାସଲ ପାଇଁ ନୂଆ ପଦକ୍ଷେପ

**ଭୁବନେଶ୍ୱର, ୧୭।୧(ବ୍ୟୁରୋ)**

ଜନସଂଖ୍ୟା ନିୟନ୍ତ୍ରଣ ଓ ପରିବାର ନିୟୋଜନ ଲକ୍ଷ୍ୟ ହାସଲ ପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର 'ଶାଶୁ-ବୋହୂ' ସମ୍ମିଳନୀ ଆୟୋଜନ କରିବେ। ଏହା ବର୍ଷକୁ ଦୁଇଥର ହେବ। ଏହି ସମ୍ମିଳନୀ ଆୟୋଜନ ଦାୟିତ୍ୱ ଆଶାକର୍ମୀଙ୍କ ଉପରେ ନ୍ୟସ୍ତ କରାଯାଇଛି। ସମ୍ମିଳନୀରେ ଶାଶୁ ଓ ବୋହୂମାନଙ୍କୁ ପରିବାର ନିୟୋଜନ ସଂକ୍ରାନ୍ତରେ ସଚେତନ କରାଯିବ। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି।

ସୂଚନାନୁସାରେ, ପ୍ରଥମ ପର୍ଯ୍ୟାୟରେ ଚଳିତମାସ ଶେଷ ଆଡ଼କୁ ଏହି 'ଶାଶୁ-ବୋହୂ ସମ୍ମିଳନୀ' ଅନୁଷ୍ଠିତ ହେବ। କେନ୍ଦ୍ର ସରକାରଙ୍କ ୨୦୧୭ ମସିହା ସମ୍ମିଳନୀ ଢାଞ୍ଚାରେ ଏହାର ଆୟୋଜନ କରାଯିବ। ଏଥିରେ ନବ ବିବାହିତା, ଗର୍ଭବତୀ ମହିଳା ଓ ପରିବାର ନିୟୋଜନ ଶୈଳୀ ଆପଣାଇ ପିଲା ଜନ୍ମ କରୁଥିବା ମହିଳାମାନେ ଯୋଗଦେବେ। ନବ ବିବାହିତାଙ୍କୁ ବିବାହ ଉପହାର ଭାବେ କଣ୍ଡୋମ ଓ ଗର୍ଭନିରୋଧକ ବଟିକା ଦିଆଯିବ। ଜନସଂଖ୍ୟାରେ ସ୍ଥିରତା ଆଣିବା ପାଇଁ ଦୁଇଟି ପିଲା ଜନ୍ମର ଅବଧି ସଂକ୍ରାନ୍ତରେ ସଚେତନତା ସୃଷ୍ଟି ପାଇଁ ମହିଳାଙ୍କୁ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ପରାମର୍ଶ ଦିଆଯିବ। କେନ୍ଦ୍ର ସରକାର ୨୦୧୭ରେ ଦେଶର ୧୪୬ଟି ଜିଲାରେ ଜନ୍ମହାରକୁ ନିୟନ୍ତ୍ରଣ କରିବା ନିମନ୍ତେ 'ମିଶନ ପରିବାର ବିକାଶ' କାର୍ଯ୍ୟକ୍ରମ କରିଥିଲେ। ଓଡ଼ିଶାରେ ଜନ୍ମହାର ଜାତୀୟ ହାରରୁ କମ୍ ରହିଥିଲେ ମଧ୍ୟ ଆଧୁନିକ ଗର୍ଭନିରୋଧକ ଶୈଳୀର ଉପଯୋଗ, ଅବାଞ୍ଛିତ ମାତୃତ୍ୱ ଓ ଗର୍ଭପାତ ଆଦିରେ ସୁଧାର ଆସିପାରି ନ ଥିବାରୁ ଏଭଳି ସମ୍ମିଳନୀ ଏକ୍ଷେତ୍ରରେ ବେଶ୍ ସହାୟକ ହେବ। ଏ ନେଇ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି, 'ଶାଶୁ-ବୋହୂ' ସମ୍ମିଳନୀ ଦ୍ୱାରା ଶାଶୁ ଓ ବୋହୂଙ୍କ ମଧ୍ୟରେ ଭାବଗତ ଆଦାନ ପ୍ରଦାନରେ ସୁଧାର ଆସିବା ସହ ପରିବାର ନିୟୋଜନ ପାଇଁ ବାଟ ଫିଟିବ। ମହିଳାଙ୍କ ଏହି ସମାବେଶ ଦ୍ୱାରା ଶାଶୁ ଓ ବୋହୂଙ୍କୁ ଗୋଟିଏ ପ୍ଲାଟ୍‌ଫର୍ମ ମିଳିବ, ଯେଉଁଠି ମହିଳା ସଦସ୍ୟମାନେ ନିଜ ନିଜର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଉପରେ ଆଲୋଚନା କରିବାର ସୁଯୋଗ ପାଇପାରିବେ। ଏହି କାର୍ଯ୍ୟକ୍ରମକୁ ଅଧିକ ରୁଚିପୂର୍ଣ୍ଣ ଢଙ୍ଗରେ କରିବା ନିମନ୍ତେ ପ୍ରୟାସ କରାଯାଉଛି ବୋଲି ନିର୍ଦ୍ଦେଶକ ଡା. ପାଣିଗ୍ରାହୀ କହିଛନ୍ତି। ସୂଚନାଯୋଗ୍ୟ, ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ(ଏନ୍‌ଏଫ୍‌ଏଚ୍‌ଏସ୍-୫) ଅନୁସାରେ ଓଡ଼ିଶାରେ ଗର୍ଭନିରୋଧକ ଶୈଳୀ ଭାବେ ବଟିକା ଉପଯୋଗ ୧୨%ରୁ ୧୦.୮ ପ୍ରତିଶତକୁ ହ୍ରାସ ପାଇଛି। ତେବେ କଣ୍ଡୋମ ଉପଯୋଗ ୩.୪%ରୁ ୫.୫%କୁ ବୃଦ୍ଧି ପାଇଛି। ହେଲେ ରାଜ୍ୟରେ ୨୦୧୧ରୁ ୨୦୨୦ ମସିହା ମଧ୍ୟରେ ସରକାରୀ ଭାବେ କଣ୍ଡୋମ ଯୋଗାଣ ହାର ହ୍ରାସ ପାଇଛି।

# ସୀମାନ୍ତରେ ୫ ମାଓବାଦୀ ଗିରଫ

**ମାଲକାନଗିରି,୧୭।୧ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଧମତରି ପୋଲିସ ମଙ୍ଗଳବାର ୫ଜଣ ମାଓବାଦୀଙ୍କୁ ଗିରଫ କରିଛି। ଛତିଶଗଡ଼ର ରାୟପୁର ପୋଲିସ ଆଇଜି ଆରିଫ୍ ହୁସେନ ଶେଖ୍ ଧମତରି ଅଞ୍ଚଳରେ କେତେଜଣ ମାଓବାଦୀ ଏକ ଗାଡ଼ିରେ ଯାଉଥିବା ସୂଚନା ପାଇ ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ଟିମ୍ ଚଢ଼ାଉକରି ସମ୍ପୃକ୍ତ ଗାଡ଼ିରେ ଥିବା ୫ଜଣ ମାଓବାଦୀଙ୍କୁ ଧରିଥିଲେ। ସେମାନଙ୍କୁ ପଚରାଉଚୁରା କରିବା ପରେ ସେମାନେ ମାଓବାଦୀ ବୋଲି ସ୍ପଷ୍ଟ ହୋଇଥିଲା। ଗିରଫ ମାଓବାଦୀଙ୍କ ମଧ୍ୟରେ ଜଣେ ମାଓବାଦୀ ସଙ୍ଗଠନର ଡିଭିଜନ କମିଟି ସଦସ୍ୟ ଓ ୪ ଜଣ ସାଧାରଣ ମାଓବାଦୀ ଥିବା ଜଣାପଡିଛି। ଏହି ମାଓବାଦୀମାନେ ଅସ୍ତ୍ରଶସ୍ତ୍ର, ଖାଦ୍ୟ ସାମଗ୍ରୀ ଆଦି କ୍ରୟ କରିବା ପାଇଁ ଆସିଥିବା ବେଳେ ପୋଲିସ ହାତରେ ଧରା ପଡ଼ିଥିବା ଜଣାପଡ଼ିଛି। ଗିରଫ ମାଓବଦୀଙ୍କ ନିକଟରୁ ଲିଫ୍‌ଲେଟ, ମାଓବାଦୀ ସାହିତ୍ୟ ପତ୍ରିକା, ବ୍ୟାନର, ମୋବାଇଲ ଫୋନ୍, ନକଲି ଆଧାର କାର୍ଡ ଓ ଗୋଟିଏ ଗାଡ଼ି ଜବତ ହୋଇଛି।






# ଅଟୋ ଓଲଟି ମହିଳା ମୃତ,୧୧ ଆହତ

**ଠାକୁରମୁଣ୍ଡା,୧୭।୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ମାଛଗଡ଼- ଅସନବଣି ରାସ୍ତାର ସାରୁବିଲ ନିକଟରେ ସୋମବାର ରାତିରେ ଏକ ଅଟୋ ଓଲଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭରଙ୍କ ସମେତ ୧୧ଜଣ ଆହତ ହୋଇଛନ୍ତି। ମୃତ ମହିଳା ଜଣକ ହେଲେ ଶରତ ଥାନା ଅନ୍ତର୍ଗତ ନୋଟ ଗ୍ରାମର ଅହଲ୍ୟା ମହାନ୍ତ(୨୩)। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ଠାକୁରମୁଣ୍ଡା ଥାନା ପୋଲିସ ଦୁର୍ଘଟଣା ଗ୍ରସ୍ତ ଅଟୋକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ସମସ୍ତ ଯାତ୍ରୀ ମାଛଗଡ଼ ନିକଟ ପଇତାମଜାଠାରେ ଟୁସୁ ମେଳା ଦେଖିବାକୁ ଯାଇ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

# ହାତୀ ଆକ୍ରମଣରେ ୨ ମୃତ

**ବାରିପଦା ଅଫିସ,୧୭।୧**

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଦେଉଳି ରେଞ୍ଜ ଅନ୍ତର୍ଗତ ସାଲସାହି ଗ୍ରାମରେ ସୋମବାର ରାତିରେ ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ରାମ ଭକ୍ତା ଓ ତାଙ୍କ ସମ୍ମୁଦୁଣୀ ପାର ଭକ୍ତା। ସୂଚନାଯୋଗ୍ୟ, ସୋମବାର ରାତିରେ ଘର ବାରଣ୍ଡାରେ ବସି ଖାଉଥିବା ସମୟରେ ୩ ଟିକିଆ ହାତୀ ପଲ ହଠାତ୍ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ବନ କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀ ରାମଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧିନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ସକାଳୁ ତାଙ୍କ ସମ୍ମୁଦୁଣି ପାରଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ପାରଙ୍କୁ ହାତୀପଲ ପାଦରେ ଦଳି ମାରି ଦେଇଥିବା ଜଣାପଡ଼ିଛି। ଏନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଧାୟକ ରମେଶ ଜେନା କୋର୍ଟରେ ହାଜର

**ବ୍ରହ୍ମପୁର ଅଫିସ,୧୭।୧**

ବିଧାୟକ ଓ ଏମ୍‌ପିଙ୍କ ମାମଲା ପରିଚାଳନା ପାଇଁ ରହିଥିବା ସ୍ୱତନ୍ତ୍ର କୋର୍ଟ (ଏଡିଜେ-୩)ରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମଙ୍ଗଳବାର ହାଜର ହୋଇଛନ୍ତି। ତାଙ୍କ ବିରୋଧରେ ପୃଥକ ଭାବେ ହୋଇଥିବା ଜମି ଠକେଇ ଓ ହତ୍ୟା ଉଦ୍ୟମ ମାମଲାର ଶୁଣାଣି ପାଇଁ ସେ ହାଜର ହୋଇଥିବା ଜଣାପଡ଼ିଛି। ଜମି ଠକେଇ ମାମଲାର ବିଚାର ସରିଥିବା ବେଳେ ଅଭିଯୁକ୍ତଙ୍କ ବୟାନ ରେକର୍ଡ ପାଇଁ ଆସନ୍ତା ଫେବୃୟାରୀ ୪ରେ ଦିନ ଧାର୍ଯ୍ୟ ହୋଇଛି। ସେହିପରି ହତ୍ୟା ଉଦ୍ୟମ ମାମଲାରେ ସାକ୍ଷୀ ଉପସ୍ଥିତ ନଥିବା ଯୋଗୁ ତାହା ମଧ୍ୟ ଆସନ୍ତା ଫେବୃୟାରୀ ୪ ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି।




**ଆଜିର ମନ୍ତବ୍ୟ**

"ବୈଶ୍ୱିକ ଅର୍ଥନୀତିରେ ଅଭିବୃଦ୍ଧିକୁ ପ୍ରଭାବିତ କରିବା କ୍ଷେତ୍ରରେ ଚାଇନାକୁ ଭାରତ ପଛରେ ପକାଇଦେବ ବୋଲି ଏବେଠୁ ମନେକରିବା ଠିକ୍ ନୁହେଁ।"
– ଡ. ରଘୁରାମ ରାଜନ, ଆର୍‌ବିଆଇର ପୂର୍ବତନ ଗଭର୍ନର

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଟିକା ଯୋଡ଼ିକ ଧୋଇ ଥୋଇଲି**
**ନିଗିଡ଼ି ପଡ଼ିଲା ମହୁ**
**ଲୋକେ ପଚାରିଲେ କି ବୋଲି କହିବି**
**ମୁଁ ତ ସାଆନ୍ତ ବ୍ରାହ୍ମଣ ବୋହୂ।**

ଶାଶୁଘରେ ନିଜ ବାପଘର ଲୋକଙ୍କ ଠାଣି ମାଣି ନେଇ ତୁଚ୍ଛା ପ୍ରଶଂସା। ବାପ ଅଜା ଅମଳରେ ସେମାନେ କେତେ ଥିଲାବାଲା ବା ବଡ଼ଲୋକ ଥିଲେ ଦେଖେଇ ହୋଇ କଥା କହିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପଣା ପୁଅ ସୁନ୍ଦର**
**ପର ପୁଅ ବାନ୍ଦର।**

ଗୋରା ହେଉ କି କଳା, ସନ୍ତାନ ଯେମିତି ହେଲେ ବି ପିତାମାତା ପାଇଁ ସୁନ୍ଦର ଲାଗିଥାଏ। ପିଲାର ସୌନ୍ଦର୍ଯ୍ୟ ତା'ର ଶରୀରରେ ନ ଥାଏ, ଥାଏ ପିତାମାତାଙ୍କ ଆଖିରେ। ପିଲା ଯେତେ ଅସୁନ୍ଦର ହେଲେବି ବାପମା'ଙ୍କୁ କେବେ ଅସୁନ୍ଦର ଦେଖାଯାଏ ନାହିଁ। ପର ପିଲା ଅପେକ୍ଷା ନିଜ ପିଲା ବେଶି ସୁନ୍ଦର ଜଣାପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଓପିଜିସି ଅଂଶଧନ ବିକ୍ରିକୁ ନେଇ ସରକାରଙ୍କୁ ବିରୋଧୀଙ୍କ ଟାର୍ଗେଟ

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ (ଓପିଜିସି)ର ୪୯ ପ୍ରତିଶତ ଅଂଶଧନକୁ ରାଜ୍ୟ ସରକାର ବିକ୍ରି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଶକ୍ତି ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଟେଣ୍ଡର ଆହ୍ୱାନ କରାଯାଇଛି। ଆସନ୍ତା ଫେବୃୟାରୀ ୨୮ ତାରିଖ ସୁଦ୍ଧା ଏ ନେଇ ବିଡ୍ ଦାଖଲ କରିବାକୁ କୁହାଯାଇଛି। ୨୦୨୦ରେ ଆମେରିକୀୟ କମ୍ପାନୀ ଏଇଏସ୍‌ର ୪୯% ଅଂଶଧନ କିଣିବା ପରେ ରାଜ୍ୟ ସରକାର ଓପିଜିସିର ୧୦୦% ମାଲିକ ଅଛନ୍ତି। ମାତ୍ର ୨ ବର୍ଷ ପରେ ରାଜ୍ୟ ସରକାର ଲାଭଜନକ ସଂସ୍ଥା ଓପିଜିସିର ୪୯ ପ୍ରତିଶତ ଅଂଶଧନ ବିକ୍ରି କରିବା ନିଷ୍ପତ୍ତିକୁ ବିରୋଧୀ କଂଗ୍ରେସ ଓ ଭାଜପା କଡ଼ା ସମାଲୋଚନା କରିଛନ୍ତି। ଭାଜପା ବିଧାୟକ ମୁକେଶ ମହାଲିଙ୍ଗ କହିଛନ୍ତି, ବିଜେଡି ସରକାର ନିର୍ବାଚନ ପାଇଁ ସମସ୍ତ ସରକାରୀ ଉଦ୍ୟୋଗକୁ ବିକ୍ରି କରି ଘରୋଇ କମ୍ପାନୀଗୁଡ଼ିକଠାରୁ ବହୁ ପରିମାଣର ଚାନ୍ଦା ଆଦାୟ କରିବାକୁ ମନସ୍ଥ କରିଛନ୍ତି। କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଛନ୍ତି ଯେ, ରାଜ୍ୟର ଅର୍ଥନୀତି ଭଲଥିବା ସରକାର ସବୁବେଳେ କହି ଆସୁଛନ୍ତି। ବହୁତ ବଡ଼ ବଜେଟ କରାଯାଉଛି ଓ ସୌନ୍ଦର୍ଯ୍ୟକରଣ ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ତେବେ କ'ଣ ପାଇଁ ଓପିଜିସି ଭଳି ଲାଭଜନକ ସଂସ୍ଥାକୁ ବିକ୍ରି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ବହୁ ବିଦ୍ୟୁତ୍ ସଂସ୍ଥାକୁ ଘରୋଇକରଣ କରିସାରିଲେଣି। ଓପିଜିସିକୁ ଘରୋଇକରଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ବିଜେଡି ନେତା ଧ୍ରୁବ ସାହୁ କହିଛନ୍ତି, କଂଗ୍ରେସ ସମୟରେ ଅର୍ଥାତ୍ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମୟରେ ଓପିଜିସିର ବିନିବେଶ ପ୍ରକ୍ରିୟା ଆରମ୍ଭ ହୋଇଛି। ଯେତେବେଳେ ଏଇଏସ୍ କମ୍ପାନୀ ନିଜର ଅଂଶଧନ ବିକ୍ରି କରିବାକୁ ଚାହିଁଥିଲା, ରାଜ୍ୟ ସରକାର ତାହାକୁ କିଣିଥିଲେ। ଓପିଜିସିର ବିକାଶ ଏବଂ ଅଧିକ ପୁଞ୍ଜିନିବେଶ ସକାଶେ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି ସେ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ରାଜ୍ୟରେ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ଓ ପରିଚାଳନା ପାଇଁ ୧୯୮୪ରେ ଓପିଜିସି ସ୍ଥାପନ କରାଯାଇଥିଲା। ୧୯୯୬-୯୭ରେ ଏହା କାର୍ଯ୍ୟକ୍ଷମ ହୋଇଥିଲା। ରାଜ୍ୟ ସରକାର ଏଇଏସ୍ କମ୍ପାନୀକୁ ଓପିଜିସିର ୪୯ ପ୍ରତିଶତ ଅଂଶଧନ ବିକ୍ରି କରିବା ସହିତ ନିଜ ପାଖରେ ୫୧% ଅଂଶଧନ ରଖିଥିଲେ। ୨୦୨୦ରେ ଉକ୍ତ ଆମେରିକୀୟ କମ୍ପାନୀ ୧ ହଜାର କୋଟି ବିନିମୟରେ ରାଜ୍ୟ ସରକାରଙ୍କୁ ତା'ର ୪୯ ପ୍ରତିଶତ ଅଂଶଧନ ବିକ୍ରିକରି ଦେଇଥିଲା।

## ଡ୍ରାଇଭିଂ ଲାଇସେନ୍ସ:...

ପ୍ରଥମ ପୃଷ୍ଠାରୁ...

ସିଧାସଳଖ ଡିଏଲ୍ ଏବଂ ଏଲ୍‌ଏଲ୍ ଆବେଦନକାରୀଙ୍କୁ ଡାକ୍ତରୀ ପ୍ରମାଣପତ୍ର ପ୍ରଦାନ କରିପାରିବେ। ଏହାଦ୍ୱାରା ଫର୍ମ ୧-ଏ'ର କୌଣସି ଅପ୍‌ଲୋଡ କରିବା ଆଉ ଆବଶ୍ୟକ ହେବ ନାହିଁ। ଡାକ୍ତରଙ୍କ ସମସ୍ତ ବିବରଣୀ ସାରଥୀ ୱେବ୍ ପୋର୍ଟାଲରେ ଉପଲବ୍ଧ ରହିଛି। ଏ ସମ୍ପର୍କରେ ଯୁଗ୍ମ ପରିବହନ କମିଶନର ଦୀପ୍ତି ରଞ୍ଜନ ପାତ୍ର (ଟେକ୍ନିକାଲ) କହିଛନ୍ତି, ଏ ପର୍ଯ୍ୟନ୍ତ ପୋର୍ଟାଲରେ ମୋଟ ୧୬୭ ଡାକ୍ତର ପଞ୍ଜୀକୃତ ହୋଇଛନ୍ତି। ଏମ୍‌ବିବିଏସ୍ ଡିଗ୍ରୀ କିମ୍ବା ତଦୂର୍ଦ୍ଧ୍ୱ ଯୋଗ୍ୟତା ଥିବା କୌଣସି ଡାକ୍ତର ପୋର୍ଟାଲରେ ପଞ୍ଜୀକରଣ କରିବାକୁ ଯୋଗ୍ୟ ହୋଇପାରିବେ। ମାଗଣାରେ ଡାକ୍ତରମାନେ ନିଜର ପଞ୍ଜୀକରଣ କରିପାରିବେ। ୪୦ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କ ଡାକ୍ତରୀ ସାର୍ଟିଫିକେଟ୍, ଲର୍ନର ଲାଇସେନ୍ସ / ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କିମ୍ବା ଏହାର ନବୀକରଣ ପାଇଁ ଆବେଦନ କରିବା ସମୟରେ ଏହାକୁ ମାନୁଆଲ କରିବା ପରିବର୍ତ୍ତେ ଫର୍ମ ୧(ଏ)ରେ ଉପସ୍ଥାପନ କରାଯାଇପାରିବ। ଏହାଦ୍ୱାରା ଡ୍ରାଇଭିଂ ଲାଇସେନ୍ସ ପାଇବାରେ ସହଜ ହେବା ସହିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ)ରେ ହେଉଥିବା ଭିଡ଼କୁ ବହୁ ପରିମାଣରେ କମାଯାଇପାରିବ। ଓଡ଼ିଶା ସରକାରଙ୍କ ୫-ଟି ନୀତି ଅନୁଯାୟୀ ପରିବହନ ବିଭାଗର ଇଲେକ୍ଟ୍ରୋନିକ୍ ଫର୍ମାଟରେ ଡାକ୍ତରୀ ପ୍ରମାଣପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏପରି କି କୌଣସି ଆବେଦନକାରୀ ନକଲି ଡାକ୍ତରୀ ପ୍ରମାଣପତ୍ର ଅପ୍‌ଲୋଡ୍ କରିପାରିବେ ନାହିଁ, ତାହା ନିଶ୍ଚିତ କରାଯାଇପାରିବ। ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ପୂର୍ବରୁ ୱେବ୍ ପୋର୍ଟାଲ ଉନ୍ମୋଚିତ ହୋଇଛି। ଆବେଦନକାରୀ ବିନା ଅସୁବିଧାରେ ସିଧାସଳଖ ଡାକ୍ତରୀ ପ୍ରମାଣପତ୍ର ପାଇପାରିବେ। ଡ୍ରାଇଭିଂ ଲାଇସେନ୍ସ ଏବଂ ଗାଡ଼ି କାଗଜପତ୍ର ପାଇଁ ଆର୍‌ଟିଓରେ ଘଣ୍ଟାଘଣ୍ଟା ଧରି ଲାଇନ୍‌ରେ ଛିଡ଼ା ହେବାକୁ ପଡୁଛି। ଏହାଦ୍ୱାରା ଜନସାଧାରଣଙ୍କ ସମୟ ଅପଚୟ ହେବା ସହ ଆର୍‌ଟିଓରେ ମଧ୍ୟ ଅସମ୍ଭବ ଭିଡ଼ ପରିଲକ୍ଷିତ ହେଉଛି। ଅନ୍‌ଲାଇନ ମାଧ୍ୟମରେ ସମସ୍ତ କାର୍ଯ୍ୟ କରାଗଲେ ଲୋକମାନଙ୍କୁ ତୁରନ୍ତ ସେବା ମିଳିପାରିବ ବୋଲି ଏସ୍‌ଟିଏ ପକ୍ଷରୁ କୁହାଯାଇଛି।

## କମ୍ବଳ ସହ...

ଲୋକଙ୍କ ମନୋବଳ ବଢ଼ାଇବା ପାଇଁ ସେ ଏପରି କରିଛନ୍ତି। ଅନେକ ଲୋକ ଅଛନ୍ତି, ଯାହାଙ୍କୁ ଭଲପାଉଥିବା ମଣିଷ ନ ଥାଆନ୍ତି। ଏପରିସ୍ଥଳେ ସେମାନେ ମନୋବଳକୁ ଦୁର୍ବଳ କରିବା ପରିବର୍ତ୍ତେ ନିଜର ଯତ୍ନ ନେବା ସହ ନିଜକୁ ସମୟ ଦେବା ଦରକାର ବୋଲି ପାସ୍କେଲ କହିଛନ୍ତି। ସେ ଯେମିତି ବ୍ଲାଙ୍କେଟକୁ ବିବାହ କରି ନିଜ ଏକୁଟିଆପଣକୁ ଦୂର କରିଛନ୍ତି, ସେହିପରି ଏକଲା ଅନୁଭବ କରୁଥିବା ଲୋକେ ନିଜ ପ୍ରିୟ ଜିନିଷ ସହ ଅଧିକ ସମୟ ବିତାଇବାକୁ ଚେଷ୍ଟା କରିବା ଦରକାର। ଏ ନେଇ ବୟଫ୍ରେଣ୍ଡ୍ ଜନୀ ପାସ୍କେଲଙ୍କୁ ସହଯୋଗ କରୁଥିବା ସେ କହିଛନ୍ତି। ୨୦୧୯ରୁ ପାସ୍କେଲ ବ୍ଲାଙ୍କେଟକୁ ବାହା ହୋଇଛନ୍ତି। ବିବାହ କାର୍ଯ୍ୟକ୍ରମରେ ୧୨୦ ଜଣ ଅତିଥି ସାମିଲ ହୋଇଥିଲେ। ଏହା କୌଣସି ସାଧାରଣ ବାହାଘର ନ ଥିଲା। ବିବାହରେ ସାମିଲ ହୋଇଥିବା ଅତିଥିମାନଙ୍କ ପାଇଁ ସ୍ୱତନ୍ତ୍ର ଡ୍ରେସ୍‌କୋଡ୍ ମଧ୍ୟ କରାଯାଇଥିଲା। ଲୋକେ ବାଥ୍‌ରୋବ୍, ପାଇଜାମା ସ୍ଲିପର ପିନ୍ଧିଥିବାର ଦେଖିବାକୁ ମିଳିଥିଲା। ପାସ୍କେଲ କନ୍ୟା ବେଶରେ ସଜେଇ ହୋଇଥିଲେ। ଗତବର୍ଷ ଆମେରିକାର ଜଣେ ମହିଳା ଗୋଲାପି ରଙ୍ଗକୁ ବହୁତ ପସନ୍ଦ କରୁଥିବା ଯୋଗୁ ସେ ଗୋଲାପି ରଙ୍ଗକୁ ବାହା ହୋଇଥିଲେ। ୨୦୧୯ରେ ବ୍ରିଟେନ କାଟେ କନିଙ୍ଗଘାମ ନାମ୍ନୀ ମହିଳା ଗଛକୁ ବାହା ହୋଇ ନିଜ ନାମ ପରିବର୍ତ୍ତନ କରିଥିଲେ। ଭାରତରେ ମଧ୍ୟ ଏମିତି କିଛି ନିଆରା ବାହାଘର ପୂର୍ବଦିନଗୁଡ଼ିକରେ ଦେଖାଯାଇଛି। ଗୁଜରାଟର ଶମା ବିନ୍ଦୁ ଗତବର୍ଷ ଜୁନ୍‌ରେ ସେଲ୍ଫ ମ୍ୟାରେଜ୍ କରିଥିଲେ।

## ଦୁଇ ନାବାଳିକାଙ୍କୁ...

ପୋକ୍‌ସୋ ଆକ୍ଟ ସହ ଆଇପିସିର ବିଭିନ୍ନ ଦଫାରେ ଏକ ମାମଲା (ନଂ.୧୦/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି। ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ରାଜଧାନୀରେ ଆଲୋଡ଼ନ ସୃଷ୍ଟି ହୋଇଛି। ପୋଲିସ ପକ୍ଷରୁ ୨ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଗୋଟିଏ ଟିମ୍ ଘଟଣାସ୍ଥଳକୁ ଯାଇ ପଚରାଉଚରା କରିବା ସହ ଅନ୍ୟଏକ ଟିମ୍ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ କରୁଛି। ସୂଚନା ଅନୁଯାୟୀ, ପୀଡ଼ିତାଦ୍ୱୟ ସୋମବାର ସନ୍ଧ୍ୟାରେ ପଟିଆ ରେଳ ଷ୍ଟେଶନକୁ ଯାଇଥିବାବେଳେ ସେମାନଙ୍କ ପାଟିକୁ ଗାମୁଛାରେ ବାନ୍ଧି ସ୍ଥାନୀୟ ଅଞ୍ଚଳର ଦୁଇ ଯୁବକ ଅପହରଣ କରି ରେଳ ଓଭରବ୍ରିଜ ନିକଟ ଏକ ଅନ୍ଧାରୁଆ ସ୍ଥାନକୁ ନେଇଯାଇଥିଲେ। ଏହାପରେ ସେମାନେ ନାବିଳାକଦ୍ୱୟଙ୍କୁ ଏକ ଦଉଡିରେ ବାନ୍ଧି ରାତିସାରା ବଳାତ୍କାର କରିଥିଲେ। ପୀଡ଼ିତାଦ୍ୱୟ ଯନ୍ତ୍ରଣାରେ କାନ୍ଦୁଥିଲେ ମଧ୍ୟ ଯୁବକଦ୍ୱୟ ଉଭୟଙ୍କୁ ଛାଡି ନ ଥିଲେ। ପାଟି ବନ୍ଧା ଯାଇଥିବାରୁ ସେମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ କେହି ଜାଣିପାରି ନ ଥିଲେ। ଏପରିକି ଜୀବନରୁ ମାରିଦେବାକୁ ଯୁବକଦ୍ୱୟ ଧମକ ଦେଇ ବାରମ୍ବାର ବଳାତ୍କାର କରିଥିଲେ। ଏପଟେ ପରିବାର ଲୋକେ ରାତିସାରା ବିଭିନ୍ନ ସ୍ଥାନରେ ଦୁଇ ଭଉଣୀଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ସକାଳେ ନାବାଳିକାଦ୍ୱୟ ଘରେ ପହଞ୍ଚି ଘଟଣା ବିଷୟରେ ଜଣାଇଥିଲେ। ପରିବାର ଲୋକେ ଏନେଇ ଅଭିଯୁକ୍ତଙ୍କ ପରିବାର ଲୋକଙ୍କୁ ପଚାରିବାରୁ ସେମାନେ ଘଟଣାକୁ ଚାପି ଦେବାକୁ ପ୍ରାୟ ୫ ହଜାର ଟଙ୍କା ଯାଚିଥିଲେ। ଏପରିକି ଉକ୍ତ ଦୋକାନ ମାଲିକ ମଧ୍ୟ ମାମଲାକୁ ଚାପିଦେବାକୁ ଉଦ୍ୟମ କରିବା ସହ ଆପୋଷ ବୁଝାମଣା ଦ୍ୱାରା ସମାଧାନ କରିବାକୁ ପ୍ରୟାସ କରିଥିଲେ। ଏନେଇ ଚାଇଲ୍ଡଲାଇନ୍ ଟିମ୍ ଖବର ପାଇବା ପରେ ଜୋନ-୬ ଏସିପି ଓ ଇନ୍‌ଫୋସିଟି ଥାନାକୁ ଜଣାଇଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲା। ଏହା ଭୁବନେଶ୍ୱର ଜିଆର୍‌ପି ଅଧୀନରେ ଆସୁଥିବାରୁ ସ୍ଥାନୀୟ ପୋଲିସରେ ଅଭିଯୋଗ କରିବାକୁ ପୀଡ଼ିତାଙ୍କ ପରିବାର ଲୋକଙ୍କୁ କୁହାଯାଇଥିଲା। ଏଥିସହ ଚାଇଲ୍ଡଲାଇନ୍ ପୀଡ଼ିତାଦ୍ୱୟଙ୍କୁ ଘଟଣାସ୍ଥଳରୁ ନେଇ ଜିଆର୍‌ପି ଥାନାରେ ପହଞ୍ଚିଥିଲା। ତେବେ ଜଣେ ପୀଡ଼ିତାଙ୍କ ମା'ଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି। ରାତି ପ୍ରାୟ ୧୧ଟାବେଳେ ଚାଇଲ୍ଡଲାଇନ ନାବାଳିକାଦ୍ୱୟଙ୍କୁ ହେପାଜତରେ ରଖିଛି। ନ୍ୟାୟିକ ପ୍ରକ୍ରିୟା ପର୍ଯ୍ୟନ୍ତ ପୀଡ଼ିତାଙ୍କ ସହ ରହି ସହାୟତା ଯୋଗାଇ ଦିଆଯିବ ବୋଲି ଚାଇଲ୍ଡଲାଇନ ଅଧ୍ୟକ୍ଷ ବେଣୁଧର ସେନାପତି କହିଛନ୍ତି।

## 'ଭାରତ ସହ ସୁସମ୍ପର୍କ...

ପ୍ରକାଶ ଯେ, କଶ୍ମୀର ପ୍ରସଙ୍ଗରେ କୌଣସି ତୃତୀୟ ପକ୍ଷର ହସ୍ତକ୍ଷେପକୁ ଭାରତ ମୂଳରୁ ପ୍ରତ୍ୟାଖ୍ୟାନ କରିଆସୁଛି। ୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଭାରତ ସରକାର ଉଚ୍ଛେଦ କରିଦେଇଥିଲେ। ଏହାର ପ୍ରତିବାଦରେ ପାକିସ୍ତାନ ଭାରତୀୟ ରାଷ୍ଟ୍ରଦୂତଙ୍କୁ ବହିଷ୍କାର କରିଥିଲା। ସେବେଠୁ ଦୁଇଦେଶ ମଧ୍ୟରେ ସମ୍ପର୍କ ଆହୁରି ଖରାପ ହେବାରେ ଲାଗିଛି। ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଭାରତ ପ୍ରତ୍ୟାହାର କଲେ ମୋଦିଙ୍କ ସହ ଶରିଫ ଆଲୋଚନା କରିବେ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

## ରାମଚରିତ ମାନସ ବିବାଦ

# ମନ୍ତବ୍ୟ ଫେରାଇନେବାକୁ ମନ୍ତ୍ରୀଙ୍କୁ କହିବି: ନୀତୀଶ

ନୂଆଦିଲ୍ଲୀ,୧୭।୧

ରାମଚରିତ ମାନସ ଉପରେ ବିହାର ଶିକ୍ଷାମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଥିବବେଳେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଙ୍ଗଳବାର ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି। ସେ ମନ୍ତ୍ରୀଙ୍କ ମନ୍ତବ୍ୟକୁ ନିନ୍ଦା କରିଛନ୍ତି। ଏଭଳି ମନ୍ତବ୍ୟ ସମାଜରେ ଘୃଣାର ପ୍ରସାର କରିବା ସହ ନିମ୍ନ ଜାତିଙ୍କ ପ୍ରତି ଭେଦଭାବର ପ୍ରଚାର କରୁଛି ବୋଲ ନୀତୀଶ କହିଛନ୍ତି। ରାମଚରିତ ମାନସ ଉପରେ ମନ୍ତ୍ରୀ ଚନ୍ଦ୍ରଶେଖର ଦେଇଥିବା ମନ୍ତବ୍ୟ ଫେରାଇନେବା ଲାଗି ମୁଖ୍ୟମନ୍ତ୍ରୀ ତାଙ୍କୁ କହିବେ ବୋଲି ଗଣମାଧ୍ୟମକୁ କହିଛନ୍ତି। କୌଣସି ଧର୍ମ ଉପରେ ହସ୍ତକ୍ଷେପ କରାଯିବା ଉଚିତ ନୁହେଁ। ସମସ୍ତ ଧର୍ମର ଲୋକଙ୍କୁ ସେମାନଙ୍କ ପୂଜାର୍ଚ୍ଚନା ପାଇଁ ସ୍ୱାଧୀନତା ମିଳିବା ଆବଶ୍ୟକ ବୋଲି ନୀତୀଶ କହିଛନ୍ତି। ସୂଚନାଯୋଗ୍ୟ, ରାମଚରିତ ମାନସ ସମାଜର ନୀଚ ଜାତିଙ୍କ ବିରୋଧରେ ଘୃଣାର ପ୍ରସାର କରୁଥିବାରୁ ଏହାକୁ ପୋଡ଼ିଦେବାକୁ ଆର୍‌ଜେଡି ନେତା ଚନ୍ଦ୍ରଶେଖର ଆହ୍ୱାନ ଦେଇ ବିବାଦ ଘେରକୁ ଆସିଥିଲେ। ତାଙ୍କ ମନ୍ତବ୍ୟକୁ ନେଇ ହିନ୍ଦୁ ସଂଗଠନ ଏବଂ ବିରୋଧୀ ଦଳଗୁଡ଼ିକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ବହିଷ୍କାର ଦାବି କରିଥିଲେ। ଚନ୍ଦ୍ରଶେଖର କ୍ଷମା ମାଗିବାକୁ ମନା କରିବା ପରେ ଭାଜପା ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା।

# ଆଜି ଭୁବନେଶ୍ୱର ପହଞ୍ଚିବ ଡାକୋଟା

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ବୁଧବାର ଭୁବନେଶ୍ୱରରେ ପହଞ୍ଚିବ ବିଜୁ ପଟ୍ଟନାୟକଙ୍କ ଡାକୋଟା ବିମାନ। କୋଲକାତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ତାହା ରହିଥିଲା। ଏରୋ ସ୍ପେସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ସଂସ୍ଥାର ଇଞ୍ଜିନିୟରମାନେ ଡାକୋଟାର ବିଭିନ୍ନ ଅଂଶକୁ ଦୁଇଟି ଲରିରେ ନେଇ ଆସୁଛନ୍ତି। ଏଆରର୍ଡିସିର ୧୦ ଜଣିଆ ଟିମ୍ ୧୨ଦିନ ଧରି ଖୋଲିବା କାମରେ ନିୟୋଜିତ ଥିଲେ। ମଙ୍ଗଳବାର ରାତି ସୁଦ୍ଧା ଓଡ଼ିଶା ସୀମା ଛୁଇଁଯାଇଥିବା ବେଳେ ବୁଧବାର ଭୋର ସୁଦ୍ଧା ଭୁବନେଶ୍ୱର ପହଞ୍ଚିବ। ବିମାନଟିକୁ ସୁରକ୍ଷାର ସହିତ ସୀମା ପାର କରିବା ପାଇଁ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ପୋଲିସ ମୁତୟନ କରାଯାଇଛି।

# 'ମୋ ସରକାର' ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ୩୧ଟି ବିଭାଗର ୨୬୩ଟି ସେବା 'ମୋ ସରକାର' ଅଧୀନକୁ ଆସିଛି। ଏ ପର୍ଯ୍ୟନ୍ତ ସମୁଦାୟ ୩.୭୭ କୋଟି ମତାମତ(ଫିଡ୍‌ବ୍ୟାକ୍ ) ସଂଗ୍ରହ କରାଯାଇଛି। ମୋ ସରକାରର ୧୧ଟି ପାରାମିଟରରୁ ୯ଟି ପାରାମିଟରରେ ଉନ୍ନତି ଆସିଛି। ସମସ୍ତ ବିଭାଗର ସାମଗ୍ରିକ ପ୍ରଦର୍ଶନ ଦୃଷ୍ଟିରୁ ୯୪.୯ ପ୍ରତିଶତ ଫିଡ୍‌ବ୍ୟାକ୍ ସର୍ବୋତ୍ତମ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ରାଜ୍ୟ ସରକାରଙ୍କ 'ମୋ ସରକାର' କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଜିଲାସ୍ତରରେ ଅଧିକ ଫିଡ୍‌ବ୍ୟାକ୍ ସଂଗ୍ରହ କରିବା ସହ ମୁଖ୍ୟ ଶାସନ ସଚିବ ଏ ସମ୍ପର୍କରେ ସମୀକ୍ଷା କରି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବିଭିନ୍ନ ବିଭାଗ ସେମାନଙ୍କ ଡାଟାବେସ୍‌କୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଛନ୍ତି।

ସମୀକ୍ଷାରୁ ଜଣାଯାଇଛି, ସ୍ୱାସ୍ଥ୍ୟ ବିଭାଗର ପ୍ରଦର୍ଶନ ସର୍ବୋତ୍ତମ ରହିଛି। ବିଶେଷକରି ସରକାରୀ ଡାକ୍ତରଖାନାଗୁଡ଼ିକରେ ମିଳୁଥିବା ସେବା ସମ୍ପର୍କରେ ଜନସାଧାରଣଙ୍କ ଫିଡ୍‌ବ୍ୟାକ୍ ବହୁତ ଭଲ ରହିଛି। ୯୯ ପ୍ରତିଶତରୁ ଅଧିକ ମତ ଉତ୍ତମ ବୋଲି ଜଣାଯାଇଛି। ସେହିପରି ବେସରକାରୀ ଡାକ୍ତରଖାନାଗୁଡ଼ିକରେ ୯୮ ପ୍ରତିଶତ ଫିଡ୍‌ବ୍ୟାକ୍ ଉତ୍ତମ ରହିଛି। ବିଶେଷକରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଏହି ଫିଡ୍‌ବ୍ୟାକ୍ ନିଆଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ କାମରେ ମଧ୍ୟ ଉନ୍ନତି ଆସିଛି ବୋଲି ଜଣାଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୯୬ ପ୍ରତିଶତ, ରାଜସ୍ୱ ବିଭାଗର ୯୮ ପ୍ରତିଶତ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୯୨ ପ୍ରତିଶତ ଫିଡ୍‌ବ୍ୟାକ୍ ଉତ୍ତମ ରହିଛି। ମିଶନ ଶକ୍ତି ବିଭାଗ ଅପେକ୍ଷାକୃତ ନୂତନ ବିଭାଗ ହୋଇଥିବାରୁ ଏହାର ଫିଡ୍‌ବ୍ୟାକ୍ ବ୍ୟବସ୍ଥା ପ୍ରସ୍ତୁତ କରାଯାଉଛି। ମାତ୍ର ସବ୍‌ରେଜିଷ୍ଟ୍ରାର ଅଫିସ, ବିଲ୍ଡିଂ ପ୍ଲାନ୍ ଅନୁମୋଦନ, ବିଲ୍ ପ୍ରଦାନ, ଜାତିଗତ ପ୍ରମାଣପତ୍ର ଆଦି ପ୍ରଦାନ କ୍ଷେତ୍ରରେ ସମସ୍ୟା ରହୁଛି। ଏସବୁ କ୍ଷେତ୍ରରେ ଅଧିକ ପାରଦର୍ଶିତାର ସହ କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସମସ୍ତ ବିଭାଗ ନିଜ ନିଜର ସେବା ପ୍ରଦାନ କାର୍ଯ୍ୟକ୍ରମଗୁଡ଼ିକୁ ଅତ୍ୟନ୍ତ ଦକ୍ଷତାର ସହ ତୁଲାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।




**■ ୩.୭୭ କୋଟି ଫିଡ୍‌ବ୍ୟାକ୍ ମିଳିଛି**
**■ ଅଧିକ ମତାମତ ସଂଗ୍ରହ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ**
**■ ସବ୍‌ରେଜିଷ୍ଟ୍ରାର ଅଫିସ, ବିଲ୍ଡିଂ ପ୍ଲାନ୍ ଅନୁମୋଦନ, ବିଲ୍ ପ୍ରଦାନ, ଜାତିଗତ ପ୍ରମାଣପତ୍ର କ୍ଷେତ୍ରରେ ରହିଛି ସମସ୍ୟା**

ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କହିଛନ୍ତି, ଗତ ସମୀକ୍ଷାଠାରୁ ଏ ପର୍ଯ୍ୟନ୍ତ ଫିଡ୍‌ବ୍ୟାକ୍ ବ୍ୟବସ୍ଥାରେ ଯଥେଷ୍ଟ ଉନ୍ନତି ଆସିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶାନୁଯାୟୀ ଜିଲାସ୍ତରରେ ଉତ୍ତମ ଫିଡ୍‌ବ୍ୟାକ୍ ସଂଗ୍ରହ ପାଇଁ ପଦକ୍ଷେପ ନିଆଯିବ। ଉନ୍ନୟନ କମିଶନର ପି.କେ. ଜେନା କହିଛନ୍ତି, ମୋ ସରକାର କାର୍ଯ୍ୟକ୍ରମ ଯୋଗୁ ବିଭିନ୍ନ ବିଭାଗର କ୍ଷେତ୍ରସ୍ତରୀୟ ପ୍ରଦର୍ଶନରେ ଯଥେଷ୍ଟ ଉନ୍ନତି ଆସିଛି। ସେଥିପାଇଁ ଅଭିଯୋଗର ପରିମାଣ ମଧ୍ୟ କମିଛି।

ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କହିଛନ୍ତି, ସରକାରୀ ସେବା ପାଉଥିବା ବିଭିନ୍ନ ଲୋକଙ୍କଠାରୁ ମତାମତ ଗ୍ରହଣ କରି ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତା ଓ ପ୍ରଶାସନିକ ବ୍ୟବସ୍ଥା ସମ୍ପର୍କରେ ଜାଣିବା ଏବଂ ତଦନୁଯାୟୀ ପଦକ୍ଷେପ ନେବା ହେଉଛି ମୋ ସରକାରର ଲକ୍ଷ୍ୟ। ଏଥିରେ ଫିଡ୍‌ବ୍ୟାକ୍ ବ୍ୟବସ୍ଥାକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ଅବସର ଗ୍ରହଣ କରୁଥିବା କର୍ମଚାରୀମାନଙ୍କ ପେନ୍‌ସନ କ୍ଷେତ୍ରରେ ବ୍ୟବସ୍ଥାଗତ ସମସ୍ୟା ରହିଛି। ଏହାର ନିରାକରଣ ପାଇଁ ବ୍ୟବସ୍ଥାରେ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ବୈଠକରେ ନିଷ୍ପତ୍ତି ଅନୁଯାୟୀ ଆଗକୁ ଏ ସମ୍ପର୍କରେ ଅଧିକ ଆଲୋଚନା କରାଯାଇ ବ୍ୟବସ୍ଥାଗତ ପରିବର୍ତ୍ତନ ପାଇଁ ପଦକ୍ଷେପ ନିଆଯିବ।

ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ସଚିବ, ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗର ପ୍ରମୁଖ ସଚିବ, ମିଶନ ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ନିଜ ନିଜ ବିଭାଗର ମୋ ସରକାର ତଥ୍ୟ ଉପସ୍ଥାପନ କରିଥିଲେ। ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ପ୍ରମୁଖ ସଚିବ ମୋ ସରକାର କାର୍ଯ୍ୟକ୍ରମର ସାମଗ୍ରିକ ତଥ୍ୟ ଉପସ୍ଥାପନ କରିଥିଲେ।

# ଶିଶୁକନ୍ୟା ସହ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

## ମଧୁପାଟଣା ଓଭର ବ୍ରିଜରୁ ଉଦ୍ଧାର କଲେ ଟ୍ରାଫିକ କନଷ୍ଟେବଳ

କଟକ ଅଫିସ,୧୭।୧

କଟକ ମଧୁପାଟଣା ଓଭରବ୍ରିଜ୍ ଉପରୁ ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ ଜଣେ ମହିଳା ୪ ବର୍ଷର ଶିଶୁକନ୍ୟାଙ୍କୁ ଧରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହାକୁ ଦେଖି ଉପସ୍ଥିତ ଲୋକେ ଚକିତ ହୋଇଯାଇଥିଲେ। ଲୋକଙ୍କ ବାରଣ ସତ୍ତ୍ୱେ ମହିଳା ଜଣକ କଥା ମାନିବାକୁ ପ୍ରସ୍ତୁତ ନ ଥିଲେ। ଏହି ସମୟରେ ସେଠାରେ କାର୍ଯ୍ୟରତ ଟ୍ରାଫିକ କନଷ୍ଟେବଳ ତପନ କୁମାର ଦାସ ଓଭରବ୍ରିଜ ଉପରକୁ ଯାଇ କୌଶଳକ୍ରମେ ମହିଳାଙ୍କୁ ସୁରକ୍ଷିତ ଭାବେ ପଛକୁ ଟାଣି ଆଣି ମରଣ ମୁହଁରୁ ରକ୍ଷା କରିବାରେ ସକ୍ଷମ ହୋଇଥିଲେ। ପରେ ସେ ମହିଳାଙ୍କୁ ଶିଶୁକନ୍ୟା ସହ ସାଙ୍ଗରେ ନେଇ ମଧୁପାଟଣା ପୋଲିସ ଜିମା ଦେଇଥିଲେ। ତପନଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ପୋଲିସ ପଚରାଉଚରା କରିବା ପରେ ମହିଳା ଜଣକ ତିଗିରିଆ ଥାନା ଅଞ୍ଚଳର ପ୍ରଣତି ସାହାଣୀ ବୋଲି ଜାଣିବାକୁ ପାଇଥିଲା। ପାରିବାରିକ କଳହ କାରଣରୁ ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ସେ ତାଙ୍କ ଶାଶୁଘରେ ଥିବାବେଳେ ସ୍ୱାମୀ ଅନ୍ୟତ୍ର ରହୁଥିଲେ। ମଧୁପାଟଣା ପୋଲିସ ଏ ନେଇ ତିଗିରିଆ ପୋଲିସକୁ ଖବର ଦେଇଥିଲା। ତିଗିରିଆ ପୋଲିସ ସେଠାରେ ପହଞ୍ଚି ମହିଳା ଓ ଶିଶୁକନ୍ୟାଙ୍କ ଜିମା ନେଇଥିଲା। ତିଗିରିଆ ପୋଲିସ ନିଜ ଅଞ୍ଚଳରେ ପହଞ୍ଚିବା ପରେ ମହିଳାଙ୍କ ଘରଲୋକଙ୍କୁ ଡକାଇ ଘଟଣା ଅନୁଧ୍ୟାନ କରିବ ବୋଲି ମଧୁପାଟଣା ଆଇଆଇସି ତୁଷାରକାନ୍ତ ସେଠୀ କହିଛନ୍ତି।

# ରାତିରେ ୧୭ କି.ମି. ଚାଲିଲେ ୬୦ ଛାତ୍ରୀ

ଚାଇବାସା (ଝାଡ଼ଖଣ୍ଡ),୧୭।୧

## ୱାର୍ଡେନଙ୍କ ବିରୋଧରେ କଲେ ଅଭିଯୋଗ



ଆବାସିକ ବିଦ୍ୟାଳୟର ହଷ୍ଟେଲ ୱାର୍ଡେନଙ୍କ ଅତ୍ୟାଚାର ବିରୋଧରେ ଅଭିଯୋଗ କରିବା ଲାଗି ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀ ରାତିରେ ୧୭ କିଲୋମିଟର ଚାଲି ପଶ୍ଚିମ ସିଂହଭୂମ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ଖୁଣ୍ଟପାଣିଠାରେ ଥିବା କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟର ଏକାଦଶ ଶ୍ରେଣୀରେ ପଢୁଥିବା ଏହି ଛାତ୍ରୀମାନେ ସୋମବାର ସକାଳ ୭ଟାରେ ଚାଇବାସାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଡେପୁଟି କମିଶନର ଅନନ୍ୟା ମିତ୍ତଲଙ୍କ ନିକଟରେ ଅଭିଯୋଗ କରିଥିଲେ। ଛାତ୍ରୀମାନଙ୍କ ଏଭଳି କାର୍ଯ୍ୟ ଜିଲା ଶିକ୍ଷା ବିଭାଗରେ ହଇଚଇ ସୃଷ୍ଟି କରିଛି। ଡେପୁଟି କମିଶନରଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷା ଅଧିକ୍ଷକ ଅଭୟ କୁମାର ଶିଲ୍ ଘଟଣାସ୍ଥଳରେ ପହଞ୍ଚି ପିଲାଙ୍କ ଅଭିଯୋଗ ଶୁଣିବା ପରେ ସେମାନଙ୍କୁ ଗାଡ଼ିରେ ସ୍କୁଲ୍‌କୁ ପଠାଇଥିଲେ। ତଦନ୍ତ ପରେ ୱାର୍ଡେନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆପଣଙ୍କ ଉପରେ ବୋଝଭଳି ରହିଥିବା ସମସ୍ୟା ଆଜି ହଠାତ୍ ସମାଧାନ ହୋଇଯିବା ହେତୁ ନିଜକୁ ହାଲୁକା ମନେକରିବେ। କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ଆର୍ଥିକ, ସାମାଜିକ ଓ ବୈଷୟିକ କ୍ଷେତ୍ରରେ ଉପକୃତ ହେବେ। ଦ୍ୱିଜା ସାଧାରଣ କଥାରେ ବେଶି ବିବ୍ରତ ଅନୁଭବ କରିବେ।

**ବୃଷ** – ଆଜିର ଯାତ୍ରା ସମୟରେ ଅଜଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ। ବ୍ୟବସାୟ, ବାଣିଜ୍ୟରେ କିଛି ଅସୁବିଧା ନ ଥିଲେ ମଧ୍ୟ ବେପାର ସନ୍ତୋଷଜନକ ହେବନାହିଁ। କୃତ୍ତିକାର ଅନ୍ୟମନସ୍କ କିମ୍ବା ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ।

**ମିଥୁନ** – ପୁନର୍ବସୁ ନକ୍ଷତ୍ର ସମସ୍ୟାର ସମାଧାନ କରିବାକୁ ଯାଇ ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପୂର୍ବରୁଥିବା ମାଲିମକଦ୍ଦମା, ଆଗାମୀ ପ୍ରମୋସନ ଓ ଅଯଥା ଟେନ୍ସନ ସୃଷ୍ଟି ହୋଇ ମନକୁ ଭାରାକ୍ରାନ୍ତ କରିପାରେ। କିନ୍ତୁ ଅର୍ଥ ଓ ସହଯୋଗ, ସୁଖ ସମ୍ମାନ ଊଣା ହେବ ନାହିଁ।

**କର୍କଟ** – ଅପୂରଣୀୟ ଆଶା ଆଜି ହିଁ ପୂରଣ ହୋଇଯିବାରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଅଶ୍ଳେଷା ନକ୍ଷତ୍ର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ, କିନ୍ତୁ କିଛି ଅସୁବିଧା ହେବନି। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମକୁ ତ୍ୱରାନ୍ୱିତ କରିପାରିବେ। ଦୂର ଯାତ୍ରା, ବନ୍ଧୁ ମିଳନ, ଆନୁଷ୍ଠାନିକ କାମ ଓ ମନୋରଞ୍ଜନରୁ ପ୍ରଶଂସିତ ହେବେ।

**ସିଂହ** – ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତି ସୃଷ୍ଟି ହୋଇପାରେ। ଅଭାବ ଓ କେତେକ ପାରିବାରିକ ଅସୁବିଧା ଓ ଅସାମ୍ୟତା କର୍ମକ୍ଷେତ୍ରକୁ ବିଳମ୍ବିତ କରିବ। ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। ପୂର୍ବାଫାଲଗୁନୀ ନକ୍ଷତ୍ର ମନୋରଞ୍ଜନରେ ଅଂଶ ଗ୍ରହଣ କରି ପ୍ରଶଂସିତ ହେବେ।

**କନ୍ୟା** – ପ୍ରତ୍ୟେକ କାମ ମନ ମୁତାବକ ନ ହେବା ଯୋଗୁ କ୍ଷୁବ୍ଧ ହୋଇପାରନ୍ତି। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ନେଇ କଳ୍ପନାପ୍ରବଣ ହୋଇପାରନ୍ତି। ଚିତ୍ରା ନକ୍ଷତ୍ରର ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ତୁଳା** – ପ୍ରତିବନ୍ଧକ ଲାଗି ରହିବା କାରଣରୁ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ। କଳା, ସାହିତ୍ୟ, ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। ବିଶାଖା ନକ୍ଷତ୍ର ଅଭାବ ନ ଥିଲେ ମଧ୍ୟ ଅସନ୍ତୁଷ୍ଟ ରହିପାରନ୍ତି। ନିର୍ମାଣ, ପ୍ରଶାସନ, ଜମିଜମା, ମାଲିମକଦ୍ଦମା କ୍ଷେତ୍ରରେ ଟେନ୍ସନ ଲାଗି ରହିବ।

**ବିଛା** – ସହକର୍ମୀଙ୍କ ଅସହଯୋଗ କାରଣରୁ କର୍ମକ୍ଷେତ୍ରରେ ଅଭିଯୋଗ ଆସିପାରେ। କଳା, ସାହିତ୍ୟ, କ୍ରୀଡ଼ା କ୍ଷେତ୍ରର ସମସ୍ୟା ସମାଧାନ ପାଇଁ ଅନ୍ୟର ସାହାଯ୍ୟ ନେବେ। ଗୁରୁଜନଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ଜ୍ୟେଷ୍ଠା ନକ୍ଷତ୍ର ପ୍ରତିଦ୍ୱନ୍ଦ୍ୱିତା କାରଣରୁ ଶିଳ୍ପ ଓ ବାଣିଜ୍ୟରେ ଉନ୍ନତିର ପଥରୋଧ ଘଟିପାରେ।

**ଧନୁ** – ଶତ୍ରୁ ଆପଣଙ୍କ ପଛରେ ଛାଇଭଳି ରହି ସମସ୍ୟା ସୃଷ୍ଟି କରିପାରନ୍ତି। ଶିଳ୍ପ, ବାଣିଜ୍ୟରେ ଲାଭାଂଶ ବଢ଼ିପାରେ ମାତ୍ର ସନ୍ତୁଷ୍ଟ ହୋଇପାରିବେ ନାହିଁ। କର୍ମକ୍ଷେତ୍ରରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ପଡ଼ୋଶୀଙ୍କ କଥାରେ ପ୍ରଭାବିତ ହୋଇ ଭୁଲ୍ କରିପାରନ୍ତି।

**ମକର** – ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ ସମସ୍ୟା ଲାଗି ରହିବ। ଧନିଷ୍ଠା ନକ୍ଷତ୍ର ପରିବହନରେ ଆଖିଦୃଷ୍ଟିଆ ସଫଳତା ହାସଲ କରିପାରିବେ ନାହିଁ। ପୂଜା ସାମଗ୍ରୀ, ଷ୍ଟେସନେରି, ଜିନିଷର ବ୍ୟବସାୟ, ହୋଟେଲ ବ୍ୟବସାୟରେ ସଫଳତା ହାସଲ କରିବେ। ପରିସ୍ଥିତିକୁ ଅନୁଭବ କରି ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କୁମ୍ଭ** – ଯେଉଁଥିରେ ହାତ ଦେଇଛନ୍ତି ତାହା ନିଶ୍ଚିତ ହେବ କିନ୍ତୁ ବହୁତ ଝମେଲା ମଧ୍ୟରେ ହିଁ ହେବ। ପୂର୍ବଭାଦ୍ରପଦ ନକ୍ଷତ୍ର କଠିନ ପରିଶ୍ରମଜନିତ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି। ଅସମର୍ଥିତ ସୂତ୍ରରୁ ହଠାତ୍ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ ଓ ଅର୍ଥଲାଭ ହେବ।

**ମୀନ** – ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ ମିଳିବ। ରେବତୀ ନକ୍ଷତ୍ର ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସାବଧାନ ରୁହନ୍ତୁ। ଅଫିସ୍‌ରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

ଆଜି ମାଘ କୃଷ୍ଣପକ୍ଷର ସର୍ବସମ୍ମତ ଷଟ୍‌ତିଳା ଏକାଦଶୀ ବୁଧବାର, ଜାନୁୟାରୀ ୧୮ ତାରିଖ, ଓଳାଶୁଣୀ ଯାତ୍ରା, ରାଶି ନକ୍ଷତ୍ର- ଅନୁରାଧା/ବିଛା, ଏକାଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୭ମି. ଗତେ ଘ.୦୭.୫୫ମି. ମଧ୍ୟେ, ଘ.୧୦.୩୪ମି. ଗତେ ଘ.୧୧.୩୫ମି. ମଧ୍ୟେ ଶୁଦ୍ଧଶୁଭ ବେଳା। ଦିବା ଘ.୧୧.୫୬ମି. ଗତେ ଘ.୦୧.୧୯ମି. ମଧ୍ୟେ ରାହୁ କାଳ।

# ଶିକ୍ଷା ମାଧ୍ୟମରେ ସାମଗ୍ରିକ ଓଡ଼ିଶା ଗଠନକୁ ଗୁରୁତ୍ୱ



ଡିଇଓ, ବିଇଓଙ୍କ ପ୍ରଶିକ୍ଷଣ ଶିବିରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ବୋଧନ ଦେଉଛନ୍ତି।

## ଡିଇଓ, ବିଇଓଙ୍କ ପ୍ରଶିକ୍ଷଣ ଶିବିର ଆରମ୍ଭ

■ ପ୍ରତ୍ୟକ୍ଷ ଭାବେ ସ୍କୁଲ ପରିଦର୍ଶନ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୭।୧(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ବ୍ରହ୍ମପୁର ଜୋନ୍‌ରେ ଥିବା ୮ ଜିଲାର ଜିଲା ଶିକ୍ଷାଧିକାରୀ(ଡିଇଓ) ଓ ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଆରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ କୃଷିଭବନ ଅଡିଟୋରିଅମରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଶିକ୍ଷା ମାଧ୍ୟମରେ ସାମଗ୍ରିକ ଓଡ଼ିଶା ଗଠନକୁ ଗୁରୁତ୍ୱ ଦେଇଛନ୍ତି। ଏହାସହ ଚିରାଚରିତ କାର୍ଯ୍ୟପନ୍ଥାରୁ ବାହାରି କାର୍ଯ୍ୟ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ବିଭାଗର ଶାସନ ସଚିବ ଆଶ୍ୱଥୀ ଏସ୍ ଶିକ୍ଷା ହିଁ ଆମ ବିଶ୍ୱାସକୁ ବୃଦ୍ଧି କରିଥାଏ ବୋଲି କହିଛନ୍ତି। ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଦୁର୍ଗାପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣରେ ବିଭାଗର ସମସ୍ତ ଯୋଜନାର ସଫଳ ରୂପାୟନ ନିମନ୍ତେ ଯଥାସାଧ୍ୟ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର, ଟିଇ ଆଣ୍ଡ ଏସ୍‌ସିଆର୍‌ଟି ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ଡିଇଓ ଏବଂ ବିଇଓମାନଙ୍କୁ ପ୍ରତ୍ୟକ୍ଷ ଭାବରେ ସ୍କୁଲ୍ ପରିଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ନକଲି/ଜାଲି ଶିକ୍ଷକଙ୍କ ବିରୋଧରେ ଥିବା ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ପାଳନ କରିବା ନିମନ୍ତେ କୁହାଯାଇଛି। ମୋ ସରକାର ପ୍ରକୋଷ୍ଠ, ପିଏମ୍ ପୋଷଣ, ଏମ୍‌ଡିଏମ୍, ଆର୍‌ଟିଇ ଆଦି ଅନେକ ବିଷୟରେ ଆଲୋଚନା କରାଯାଇଛି। ଏହାବ୍ୟତୀତ ନାରୀଶିକ୍ଷାକୁ ଅଗ୍ରାଧିକାର ଦେଇ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଅଧୀନରେ ଥିବା ସ୍କୁଲଗୁଡ଼ିକରେ ନାମଲେଖା ବୃଦ୍ଧିର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି ଶିବିରରେ ୮ଟି ଜିଲାର ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ସମେତ ଗଣଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶ୍ରଦ୍ଧାଞ୍ଜଳିଙ୍କ ଆଗୁଆ ଜାମିନ ଆବେଦନ ଖାରଜ

## ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ମାମଲା

■ ୨୪ରେ ଭୁବନେଶ୍ୱର କୋର୍ଟରେ ହାଜର ହେବେ

କଟକ ଅଫିସ/ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)

ବହୁଚର୍ଚ୍ଚିତ ବ୍ଲାକମେଲର ଅର୍ଚ୍ଚନା ନାଗଙ୍କ ମୁଖ୍ୟ ସହଯୋଗୀ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ଦ୍ୱାରା କରାଯାଇଥିବା ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ତେଣୁ ଏହି ବେଆଇନ ଅର୍ଥ କାରବାର ମାମଲାରେ ଅର୍ଚ୍ଚନାଙ୍କ ସମେତ ଶ୍ରଦ୍ଧାଞ୍ଜଳି ଚତୁର୍ଥ ଅଭିଯୁକ୍ତ ଭାବେ ସମ୍ପୃକ୍ତ ଥିବାରୁ ତାଙ୍କ ପାଇଁ ଏବେ ଅଡୁଆ ବଢ଼ିଯାଇଛି। କୋର୍ଟ ସମନ ଅନୁଯାୟୀ, ଶ୍ରଦ୍ଧାଞ୍ଜଳି ଆସନ୍ତା ୨୪ ତାରିଖରେ ଭୁବନେଶ୍ୱର ପିଏମ୍‌ଏଲ୍‌ଏ କୋର୍ଟରେ ହାଜର ହେବେ ବୋଲି ସ୍ପଷ୍ଟ ହୋଇଛି। ହାଇକୋର୍ଟ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଜାମିନ ଆବେଦନକୁ ଖାରଜ କରିଥିଲେ। ଶୁଣାଣିବେଳେ ବେଆଇନ ଅର୍ଥ କାରବାର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଶ୍ରଦ୍ଧାଞ୍ଜଳିଙ୍କୁ ଅନ୍ୟତମ ଅଭିଯୁକ୍ତ ଦର୍ଶାଇ ଚାର୍ଜଶିଟ୍‌ରେ ତାଙ୍କ ନାମ ଅନ୍ତର୍ଭୁକ୍ତ କରିଥିବା ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ଏଥିସହ ଶ୍ରଦ୍ଧାଞ୍ଜଳିଙ୍କ ଆଗୁଆ ଜାମିନ ଆବେଦନକୁ ଇଡି ପକ୍ଷରୁ ମଧ୍ୟ ବିରୋଧ କରାଯାଇଥିଲା। ଏହି କାରଣରୁ ହାଇକୋର୍ଟରେ ତାଙ୍କର ଆଗୁଆ ଜାମିନ ଆବେଦନ ନାମଞ୍ଜୁର ହୋଇଥିବା ଜଣାପଡ଼ିଛି। ପୂର୍ବରୁ ଶ୍ରଦ୍ଧାଞ୍ଜଳିଙ୍କୁ ଅନ୍ତରୀଣ ସୁରକ୍ଷା ଦେବାକୁ ମଧ୍ୟ ହାଇକୋର୍ଟ ମନା କରିଥିଲେ। ଆସନ୍ତା ୨୪ ତାରିଖରେ ଶ୍ରଦ୍ଧାଞ୍ଜଳିଙ୍କ ସହ ଅର୍ଚ୍ଚନା, ଜଗବନ୍ଧୁ ଚାନ୍ଦ, ଖଗେଶ୍ୱର ପାତ୍ର ମଧ୍ୟ କୋର୍ଟରେ ହାଜର ହେବେ। ସୂଚନାଯୋଗ୍ୟ, ଇଡି ଅର୍ଚ୍ଚନା ଓ ଜଗବନ୍ଧୁଙ୍କଠାରୁ ଜବତ ହୋଇଥିବା ଡିଜିଟାଲ ପ୍ରମାଣପତ୍ରକୁ ସେଣ୍ଟ୍ରାଲ ଫୋରେନ୍‌ସିକ୍ ସାଇନ୍ସ ଲାବ୍ (ସିଏଫ୍‌ଏସ୍‌ଏଲ୍)କୁ ପଠାଇ ଯାଞ୍ଚ କରିବାକୁ କୋର୍ଟଙ୍କ ନିକଟରେ ଆବେଦନ କରିଛି। ଇଡି ଅର୍ଚ୍ଚନାଙ୍କ ଏକ ଦାମୀ କାର୍ ଓ ସତ୍ୟବିହାରସ୍ଥିତ ୩.୬୪ କୋଟିର ଆଲିଶାନ ଘରକୁ ଆଟାଚ୍ କରିଥିବା ବେଳେ ଅନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ବାଜ୍ୟାପ୍ତି ପ୍ରକ୍ରିୟା ଜାରି ରଖିଛି।



ଶ୍ରଦ୍ଧାଞ୍ଜଳି ବେହେରା

# ଗୋଷ୍ଠୀ ସଂଘର୍ଷରେ ଜଣେ ମୃତ

ପାରଳାଖେମୁଣ୍ଡି, ୧୭।୧(ଡି.ଏନ୍.ଏ.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଗୋଲାସାହିରେ ମଙ୍ଗଳବାର ସନ୍ଧ୍ୟାରେ ସାମାନ୍ୟ ବଚସାରୁ ହାତାହାତି ହେବା ପରେ ଗୋଷ୍ଠୀ ସଂଘର୍ଷ ଘଟି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଏସ. ଶ୍ରୀନିବାସ ରାଓ। ଗୋଲାସାହିରେ ସନ୍ଧ୍ୟାରେ କାର ପାର୍କିଂକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ପରେ ବଚସାକୁ ନେଇ ହାତାହାତି ହୋଇଥିଲେ। ଅଟୋରେ ଆସିଥିବା ଏକ ଗୋଷ୍ଠୀ ହଠାତ ଗାଡ଼ି ଭଙ୍ଗାରୁଜା କରିବା ସହ ଆକ୍ରମଣ କରିଥିଲେ। ଆକ୍ରମଣକାରୀଙ୍କଠାରୁ ପୁଅକୁ ବଞ୍ଚାଇବାକୁ ଯାଇ ଶ୍ରୀନିବାସ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଭିଜିଲାନ୍ସ ଜାଲରେ ଖଡ଼ିଆଳ ବିଡିଓ

ନୂଆପଡ଼ା ଅଫିସ/ଖଡିଆଳ, ୧୭।୧(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବିଡିଓ ନାରାୟଣ ସାହୁଙ୍କ ସରକାରୀ ବାସଭବନରେ ଭିଜିଲାନ୍ସ ଚଢ଼ାଉ କରିଛି। ବିଡିଓ ସାହୁଙ୍କ ନାମରେ ପୂର୍ବରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଆସୁଥିଲା। ଏହି ସୂଚନା ଆଧାରରେ ସମ୍ବଲପୁର ଭିଜିଲାନ୍ସ ବିଭାଗ ଏସ୍‌ପି ସାରା ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଏକକାଳୀନ ୫ଟି ସ୍ଥାନରେ ଚଢାଉ କରାଯାଇଛି। ସୂଚନା ମୁତାବକ ବରଗଡ ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ଖଡିଆଳ ସରକାରୀ ବାସଭବନ ଓ କାର୍ଯ୍ୟାଳୟ ସମେତ ବଲାଙ୍ଗୀର ଶଶୁରଘର, ବଲାଙ୍ଗୀର ବାସଭବନ, ଲୋଇସିଂହା ବ୍ଲକ କୁସମେଲ ଗ୍ରାମ ପେତୃକ ଘରେ ଏକକାଳୀନ ଚଢାଉ କରାଯାଇଛି। ବଲାଙ୍ଗୀର ଜିଲା ବିଡିଘାଟସ୍ଥିତ ଶଶୁରଘର, ଲୋଇସିଂହା ବ୍ଲକ କୁସମେଲ ଗ୍ରାମ ପେତୃକ ଘର ସମେତ ବଲାଙ୍ଗୀର ସହର ବାଟିକା ହୋଟେଲ ପାଖ ଦୁଇ ମହଲା ଘରୁ ୩ ଲକ୍ଷ ୬୮ ହଜାର ଟଙ୍କା ନଗଦ ସହ ୪ଶହ ଗ୍ରାମ ସୁନାଗହଣା ଜବତ କରିଛି। ବଲାଙ୍ଗୀର ସହରରେ କୋଟିଏ ଟଙ୍କାର ଦୁଇଟି ପ୍ଲଟ ଥିବା ଭିଜିଲାନ୍ସ ଜାଣି ପାରିଛି। ଏ ସଂକ୍ରାନ୍ତୀୟ କାଗଜାତ ଭିଜିଲାନ୍ସ ହାତରେ ଲାଗିଛି। ଖବର ଲେଖା ହେବା ଯାଏ ଭିଜିଲାନ୍ସ ଚଢ଼ାଉ ଜାରି ରଖିଛି। ଚଢ଼ାଉରେ ୩ଜଣ ଡିଏସ୍‌ପି, ୧୦ଜଣ ଇନସ୍ପେକ୍ଟର ଓ ୪ଜଣ ଏଏସ୍‌ଆଇ ସାମିଲ ହୋଇଛନ୍ତି। ବିଡିଓ ସାହୁ ୧୯୯୦ରେ ଜିପିଓ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଓଆଇଏସ୍ ଉତ୍ତୀର୍ଣ୍ଣ ହୋଇ ସେ ତହସିଲଦାର ଓ ପରେ ବିଡିଓ ଭାବେ ଖଡିଆଳଠାରେ କାର୍ଯ୍ୟରତ ଥିଲେ।

# ଫର୍ମ ପୂରଣ ପାଇଁ ବୋର୍ଡ ଅଫିସରେ ଭିଡ଼

## ୩୧ରେ ପୁଣି ସ୍ୱତନ୍ତ୍ର ଓଟିଇଟି

■ ଆନ୍ଦୋଳନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ

କଟକ ଅଫିସ, ୧୭।୧

କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଆସନ୍ତା ୩୧ରେ ପୁଣି ସ୍ୱତନ୍ତ୍ର ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ(ଓଟିଇଟି) ହେବ। ଏଥିପାଇଁ ଫର୍ମପୂରଣ କରିବାକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ବୋର୍ଡ କାର୍ଯ୍ୟାଳୟରେ ଭିଡ଼ ଜମାଇଥିଲେ।

ଗତ ସପ୍ତାହରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାଫଳ ପ୍ରକାଶ ପାଇଥିଲା। ଏହାକୁ ନେଇ ଅନେକ ବିଭ୍ରାଟ ହୋଇଥିବା ଅଭିଯୋଗ ହେଲା। ପ୍ରାୟ ୧୬,୦୦୦ ଶିକ୍ଷୟିତ୍ରୀଶିକ୍ଷକ ଫେଲ୍ ହୋଇଥିଲେ। ମୂଲ୍ୟାୟନରେ ତ୍ରୁଟି ଅଭିଯୋଗ ଆଣି ସେମାନେ ବୋର୍ଡ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ସେମାନଙ୍କ ପାଇଁ ସାନି ପରୀକ୍ଷା କରାଯିବା ଲାଗି ବିଜ୍ଞପ୍ତି ପ୍ରକାଶ ପାଇଛି। ବୁଧବାର ସୁଦ୍ଧା ଅଫ୍‌ଲାଇନ୍‌ରେ ଫର୍ମପୂରଣ କରିବାକୁ ବୋର୍ଡ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ବୋର୍ଡ କାର୍ଯ୍ୟାଳୟରେ ଭିଡ଼ ଲାଗିଛି। ଏହାବ୍ୟତୀତ ଆନ୍ଦୋଳନରତ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ବୋର୍ଡ ପକ୍ଷରୁ ଚିଠି ଲେଖାଯାଇଛି।



କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ହୋଇଥିବା ଭିଡ।

# ବାପା, ପୁଅଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ

ଭଞ୍ଜନଗର, ୧୭।୧(ଡି.ଏନ.ଏ)

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ଗାଲେରିରେ ୨୦୧୪ ସେପ୍ଟେମ୍ବର ୨୪ ତାରିଖରେ ଘଟିଥିବା ଏକ ହତ୍ୟା ଉଦ୍ୟମ ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି । ଭଞ୍ଜନଗର ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ସୋମାଲିନା ମିଶ୍ର ୧୨ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତ ବାପା, ପୁଅଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ଏକ ମାସ କାରାଦଣ୍ଡ ଭୋଗିବା ପାଇଁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ଅର୍ଜୁନ କଟାରୀ ଓ ତାଙ୍କ ପୁଅ ହରି କଟାରୀ। ପ୍ରକାଶ ଯେ, ଗାଲେରିର ହରି କଟାରୀ ଏବଂ ଅର୍ଜୁନଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ଥିଲା। ଘଟଣାଦିନ ଅର୍ଜୁନ ଏବଂ ତାଙ୍କ ପୁଅ ସନ୍ତୋଷ ମିଶି ହରିଙ୍କୁ ଟାଙ୍ଗିଆ ଓ କାତିରେ ଆକ୍ରମଣ କରିଥିଲେ। ହରି ଗୁରୁତର ଆହତ ହୋଇଥିଲେ । ଏ ନେଇ ସେ ସମୟରେ ତାରସିଂ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାପ ପୁଅଙ୍କୁ ପୋଲିସ ଗିରଫ କରିଥିଲା। ପରେ ସେମାନେ ଜାମିନରେ ଆସିଥିଲେ। ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଉଷାକାନ୍ତ ପଟ୍ଟନାୟକ ଏବଂ ମୁଦାଲାଙ୍କ ପକ୍ଷରୁ ବିଜୟ ଗୌଡ଼ ମାମଲା ପରିଚାଳନା କରୁଥିଲେ ।

## ଶିଶୁପୁତ୍ର ସହ ସାବତମା’ ମୃତ୍ୟୁ ମାମଲା

# ଅଭିଯୁକ୍ତ ସ୍ୱାମୀ ଜେଲ ଗଲେ

କଟକ ଅଫିସ, ୧୭।୧

କଟକ ମଧୁପାଟଣା ଥାନା ଅଧୀନ ଶ୍ରୀରାମ ନଗର ଅଞ୍ଚଳରେ ସୋମବାର ଘଟିଥିବା ମାଆ-ପୁଅ ମୃତ୍ୟୁ ଘଟଣାରେ ପୋଲିସ ମୃତା ମହିଳାଙ୍କ ସ୍ୱାମୀ ସନ୍ତୋଷ ଖୁଣ୍ଟିଆଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ମୃତା ମହିଳା ଶିଳ୍ପୀ ଖୁଣ୍ଟିଆଙ୍କ ପରିବାର ପକ୍ଷରୁ ଦାଏର ଏତଲାକୁ ଭିତ୍ତି କରି ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ମୁତାବକ, ସନ୍ତୋଷ ତାଙ୍କ ସ୍ତ୍ରୀ ଶିଳ୍ପୀଙ୍କୁ ବିଭିନ୍ନ ସମୟରେ ମାନସିକ ନିର୍ଯାତନା ଦେଇଆସୁଥିଲେ, ଯେଉଁଥିପାଇଁ ସେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥିବା ଦିଗକୁ ପୋଲିସ ଗୁରୁତର ସହ ଗ୍ରହଣ କରିଛି। ଏ ନେଇ ପୋଲିସ ପ୍ରାଥମିକ ଅବସ୍ଥାରେ ସନ୍ତୋଷଙ୍କୁ ଗିରଫ କରିଛି। ତାଙ୍କୁ କୋର୍ଟ ଚାଲାଣ ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଡିସିପି ପିନାକ ମିଶ୍ର କହିଛନ୍ତି।

ଶ୍ରୀରାମ ନଗର ଅଞ୍ଚଳର ଏକ ଭଡ଼ାଘରେ ଶିଳ୍ପୀ ୨ ବର୍ଷର ଶିଶୁପୁତ୍ର ସହ ରହୁଥିଲେ। ଶିଶୁପୁତ୍ରର ସାବତମା’ ହେଉଛନ୍ତି ଶିଳ୍ପୀ। ପାରିବାରିକ କଳହର କରୁଣ ପରିଣତି ସ୍ୱରୂପ ୨ବର୍ଷର ପୁତ୍ରକୁ ହତ୍ୟାକରି ସେ ଆତ୍ମହତ୍ୟା କରିଥିଲେ। ନେତାଜୀ ନଗର ଅଞ୍ଚଳର ବାସିନ୍ଦା ଶିଳ୍ପୀ ୨୦୨୧ ନଭେମ୍ବର ୨୬ରେ ସାଲେପୁର ଥାନା ମୁର୍କୁଣ୍ଡି ଗ୍ରାମର ସନ୍ତୋଷଙ୍କୁ ବିବାହ କରିଥିଲେ। ଉଭୟେ ପୂର୍ବରୁ ଅନ୍ୟତ୍ର ବିବାହ କରିଥିଲେ। ସନ୍ତୋଷଙ୍କ ପ୍ରଥମ ସ୍ତ୍ରୀ ଶିଶୁପୁତ୍ରଟିକୁ ଜନ୍ମ ଦେଇ ମେଡିକାଲ ବେଡ୍‌ରେ ମୃତ୍ୟୁବରଣ କରିଥିଲେ। ସେହିପରି ଶିଳ୍ପୀ ପ୍ରଥମ ସ୍ୱାମୀଙ୍କଠାରୁ ବିବାହ ବିଚ୍ଛେଦ ହୋଇ ଏକାକୀ ରହୁଥିଲେ। ଉଭୟଙ୍କ ମଧ୍ୟରେ ସୋସିଆଲ ମିଡ଼ିଆରେ ପରିଚୟ ହେବା ପରେ ପରିବାରର ସହମତିରେ ବିବାହ ହୋଇଥିଲା। ଉଭୟ ପେସାରେ ଇଞ୍ଜିନିୟର। ହେଲେ ପରବର୍ତ୍ତୀ ସମୟରେ ବିଭିନ୍ନ କାରଣରୁ ଉଭୟଙ୍କ ମଧ୍ୟରେ ପାରିବାରିକ ବିବାଦ ଲାଗି ରହିଥିଲା। ଶିଳ୍ପୀ କଟକରେ ରହିବାକୁ ଚାହୁଁଥିବାବେଳେ ସେ ମୁର୍କୁଣ୍ଡି ଗାଁରେ ରହନ୍ତୁ ବୋଲି ସନ୍ତୋଷ ଚାହୁଁଥିଲେ। ସନ୍ତୋଷଙ୍କ ପ୍ରଥମ ସ୍ତ୍ରୀଙ୍କ ପୁତ୍ରକୁ ଶିଳ୍ପୀ ନିଜ ପାଖରେ ରଖି ଲାଳନପାଳନ କରୁଥିବାବେଳେ ସେହି ପୁଅକୁ ନେଇ ଉଭୟଙ୍କ ମଧ୍ୟରେ ମତାନ୍ତର ସୃଷ୍ଟି ହୋଇଥିଲା। ସନ୍ତୋଷଙ୍କ କଥାରେ ଶିଳ୍ପୀ ରାଜି ନ ହେବାରୁ ସେ ତାଙ୍କଠାରୁ ପୁଅକୁ ଅଲଗା କରି ନେଇଯିବାକୁ ଉଦ୍ୟମ କରିଥିଲେ। ଶିଳ୍ପୀ ପୁଅକୁ ଛାଡ଼ିବାକୁ ଚାହୁଁ ନ ଥିଲେ। ସେ ଯେଉଁଠି ରହିବେ ପୁଅ ସେଇଠି ରହିବ ବୋଲି ସେ ବାରମ୍ବାର ପୂର୍ବରୁ କହିଥିଲେ, ଯାହାର ପରିଣତି ସ୍ୱରୂପ ଏଭଳି ବର୍ବରକାଣ୍ଡ ସେ କରିବସିଥିଲେ। ସେ ଶିଶୁପୁତ୍ରକୁ ବ୍ଲେଡ୍‌ରେ କାଟି ହତ୍ୟା କରିବା ପରେ ନିଜେ ଫ୍ୟାନ୍‌ରେ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଭଡ଼ାଘର ଭିତରକୁ ଯିବାର ଏକମାତ୍ର ପଥ ମୁଖ୍ୟ ଦରଜା ବନ୍ଦ ଥିବାରୁ ଏହି କାଣ୍ଡ ଶିଳ୍ପୀଙ୍କ ବ୍ୟତୀତ ଅନ୍ୟ କେହି କରିବାର ସୁଯୋଗ ନାହିଁ ବୋଲି ପୋଲିସ ତଦନ୍ତରୁ ଜାଣିଛି।



ସନ୍ତୋଷ ଖୁଣ୍ଟିଆ

### ଶାଶୁଘର ଲୋକଙ୍କୁ ପଚରାଉଚରା କରାଯିବ

ଶିଳ୍ପୀଙ୍କ ଶାଶୁଘର ପକ୍ଷର ଏତଲାକୁ ଭିତ୍ତି କରି ଏକ ମାମଲା(ନଂ.୧୭/୨୩) ରୁଜୁ ହୋଇଥିବାବେଳେ ତାଙ୍କ ବାପଘର ପକ୍ଷର ଏତଲାକୁ ଭିତ୍ତି କରି ଆଉ ଏକ ମାମଲା(ନଂ.୧୮/୨୩) ରୁଜୁ ହୋଇଛି। କେଉଁ ପରିସ୍ଥିତିରେ ମହିଳା ଜଣକ ସାବତ ପୁଅକୁ ମାରି ନିଜେ ଆତ୍ମହତ୍ୟା କଲେ ପୋଲିସ ତାହାର ତଦନ୍ତ କରୁଛି। ଶିଳ୍ପୀଙ୍କ ବାପଘର ଲୋକ ଝିଅର ମୃତ୍ୟୁ ପାଇଁ ସ୍ୱାମୀ ଏବଂ ତାଙ୍କ ଶାଶୁଘର ଲୋକଙ୍କୁ ଦାୟୀ କରିଥିଲେ। ତେଣୁ ପୋଲିସ ସନ୍ତୋଷଙ୍କୁ ଗିରଫ କରିଥିବାବେଳେ ପରବର୍ତ୍ତୀ ସମୟରେ ତାଙ୍କ ପରିବାରର ଅନ୍ୟମାନଙ୍କୁ ପଚରାଉଚରା କରିବ ବୋଲି ସୂଚନା ମିଳିଛି। ତେଣୁ ଆଗାମୀ ଦିନରେ ଗିରଫଦାରି ବଢ଼ିବା ସମ୍ଭାବନା ରହିଛି। ଅପରପକ୍ଷରେ ଘଟଣାସ୍ଥଳରେ ଉପସ୍ଥିତ ଥିବା ଅନ୍ୟ ଥାନାର ଏଏସ୍‌ଆଇଙ୍କୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ସମ୍ପୃକ୍ତ ଏଏସ୍‌ଆଇଙ୍କୁ ଏନେଇ ପଚରାଉଚରା କରାଯିବ। ତାଙ୍କର କିଛି ମନ୍ଦ ଉଦ୍ଦେଶ୍ୟ ଥିବା ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ମିଶ୍ର କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Accountant 2 person required with tally expert Experience holder
Contact:
Rajrani Trading, Jaydurga Nagar, Bomikhal, Bhubaneswar
Mob.: 9437210342/7008671875

REQUIRED
GALAXY CONSULTANCY SERVICES & Job providing, consultancy services srsgalaxycs.com https// srsgalaxycs.com/ Need to job registrar now.
ନୟାଗଡ କୋର୍ଟ ପାଇଁ ଆବଶ୍ୟକ ଅଛି +୨ ପାସ୍ କିମ୍ବା +୩ ପାସ୍ କରିଥିବା ପୁଅ ଝିଅ ଦରକାର। ପିଜିଡିସିଏ କରିଥିବା ଜରୁରୀ।

SPARSHA SPA
WANTED
1- Receptionist (1 No)
2- ମହିଳା ଥେରାପିଷ୍ଟ
Plot No-99, Jharapada Jail Road, Bhubaneswar
Contact : 9777220450
Email : sparshaluxuryspa@gmail.com

See Career Appointment on every Wednesday & Saturday

LIC
भारतीय जीवन बीमा निगम
LIFE INSURANCE CORPORATION OF INDIA
“ସହାୟକ ପ୍ରଶାସନିକ ଅଧିକାରୀଙ୍କ ନିଯୁକ୍ତି” ସମ୍ପର୍କରେ ଘୋଷଣା କରୁଅଛୁ।



ଯୋଗ୍ୟ ପ୍ରାର୍ଥୀ ନିଜର ଆବେଦନ ଅନ୍‌ଲାଇନ୍‌ରେ 15.01.2023 ରୁ 31.01.2023 ପର୍ଯ୍ୟନ୍ତ ଦାଖଲ କରିପାରିବେ।
ବିସ୍ତୃତ ଅଧିସୂଚନା ଏବଂ ଆବେଦନ ନିମ୍ନପ୍ରଦତ୍ତ ଲିଙ୍କ୍‌ରେ ଉପଲବ୍ଧ ଅଟେ:
www.licindia.in/bottomlinks/careers/Recruitment of AAO(Generalist)2023.
15.01.2023 କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (କାର୍ମିକ)
କେନ୍ଦ୍ରୀୟ କାର୍ଯ୍ୟାଳୟ, ଯୋଗକ୍ଷେମ, ଜୀବନ ବୀମା ମାର୍ଗ, ମୁମ୍ବାଇ – 400021.

WANTED
ଧରିତ୍ରୀ DHARITRI Oriya daily
is looking for
BACK OFFICE EXECUTIVES
- Graduates with 1-3 yrs experience in back office work.
- Responsibility will include maintaining data, billing and schedule of advertisements.
- Candidates should be well equipped with Excel, MS Office & should have basic knowledge of Tally.
Apply immediately to :
recruitment@dharitri.com
Attractive salary commensurate with experience

Estd.-1979
Ph:7682032632
THE KOSALA SCHOOL
An English Medium Residential Public School
(CBSE Affiliation No.1530003)
NUA-KHAIRPALI, PO.-LARASARA, DIST.-BARGARH-768027 (ODISHA)
Email: thekosalaschool1979@gmail.com
Mob- 6370708544/ 7682032632
REQUIRES THE FOLLOWING TEACHING & NON TEACHING STAFF

| Sl. No. | Post Name | Subject | Minimum Educational Qualification | Salary |
|---|---|---|---|---|
| 1 | TGT | English/ Physics/ Chemistry / Biology/ Mathematics/ Odia/ Hindi/ Social Science | B.A or B.Sc. & B.Ed./ B.H.Ed with OTET/ CTET/OSSTET | (Salary is not a constraint for deserving candidates) |
| 2 | PRT | English/ Mathematics/ Science/ Social Science/ Hindi/ Odia | B.A. or B.Sc. & D.El. Ed/ B.Ed./ B.H.Ed with OTET/ CTET | |
| 3 | PET | | B.A or B.Sc & C.P.Ed./ B.P. Ed with OSSTET | |
| 4 | Special Educator | | B.A. or B.Sc with B.Ed (Special Education) | |
| 5 | Data Entry Operator | | B.A. or B.Sc with PGDCA | |
| 6 | Hostel Warden (Male) Age- 35 to 40 years | | +3 | |

➢ Candidates having teaching experience in English Medium Schools, good Spoken English, computer knowledge and not crossed 45 years of age will be preferred.
➢ Couples will be given preference and provided with rent free accommodation.
➢ Selected candidates shall have to stay inside the Hostel campus on free of rent. Selected temporary teachers will get free boarding and lodging.
➢ Interested candidates can send their filled up bio-data to the email address:- thekosalaschool1979@gmail.com on or before 05/02/2023.
➢ Original Certificates to be produced at the time of interview for verification.
➢ No TA/DA will be given for attending the interview.
➢ For any clarification candidates may call to the phone No. (Given above) from 10.00 A.M. to 2.00 P.M.
Sd./- (Principal)

“ଯିଶୁଖ୍ରୀଷ୍ଟଙ୍କର କ୍ରୁସ ଚିହ୍ନ ହେଲା– ଯୋଗ ସାଧନାରେ ପୁରୁଷ ଓ ପ୍ରକୃତିର ଦୃଢ ଓ ପୂର୍ଣ୍ଣ ମିଳନର ପ୍ରତୀକ। କିନ୍ତୁ ଅଜ୍ଞାନର ସର୍ବବିଧ ଆବର୍ଜନା ମଧ୍ୟରେ ଆମର ପତନ ହେବା ହେତୁ– ସେହି ଚିହ୍ନଟି ହେଲା ଦୁଃଖକଷ୍ଟ ଓ ଚିତ୍ତଶୁଦ୍ଧିର ପ୍ରତୀକ। –ଶ୍ରୀଅରବିନ୍ଦ



# ଧର୍ମ ତା’ ବାଟରେ ଥାଉ

ତାମିଲନାଡୁର କନ୍ୟାକୁମାରୀରୁ ୭ ସେପ୍ଟେମ୍ବର ୨୦୨୨ରୁ ଆରମ୍ଭ ହୋଇଥିବା କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଆସନ୍ତା ୩୦ ତାରିଖରେ ଜମ୍ମୁ ଓ କଶ୍ମୀରର ଶ୍ରୀନଗରରେ ଶେଷ ହେବ ବୋଲି ପାର୍ଟି ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ବିରୋଧୀ ଶିବିରରେ ଥିବା କେତେକ ରାଜନୈତିକ ଦଳକୁ ନିମନ୍ତ୍ରଣ କରାଯାଇ ନ ଥିବା ବିଷୟ କଂଗ୍ରେସର ବରିଷ୍ଠ ନେତା ଏବେ ଉଲ୍ଲେଖ କରିଛନ୍ତି। ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି), ଆସାଦୁଦ୍ଦିନ୍ ଓ୍ୱାଇସିଙ୍କ ଏଆଇଏମ୍‌ଆଇଏମ୍, କେ. ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଭଳି ଦଳଗୁଡ଼ିକର କାର୍ଯ୍ୟକଳାପ ଦେଖିଲେ ସେଗୁଡ଼ିକ ଧର୍ମନିରପେକ୍ଷତାକୁ ଆଘାତ ପହଞ୍ଚାଉଥିବା ବେଳେ ଭାରତୀୟ ଜନତା ପାର୍ଟି (ଭାଜପା) ସହ ଭିତିରିଆ ସମ୍ପର୍କ ରଖିଛନ୍ତି। ଗୋଆ ଓ ଗୁଜରାଟରେ ଭୋଟ ହାତେଇବା ପାଇଁ ଭାଜପା ଏଭଳି ଦଳଗୁଡ଼ିକୁ ସଖୀକଣ୍ଢେଇ ଭାବେ ବ୍ୟବହାର କରିଛି ବୋଲି କଂଗ୍ରେସର ଯୋଗାଯୋଗ ମୁଖ୍ୟ ଜୟରାମ ରମେଶ କହିଛନ୍ତି। ଏଥିସହିତ ଓଡ଼ିଶାର ବିଜେଡି, ତାମିଲନାଡୁର ଏଆଇଏଡିଏମ୍‌କେ ଓ ପଞ୍ଜାବର ଅକାଳୀ ଦଳ ଭାଜପା ସହ ସୁସମ୍ପର୍କ ରକ୍ଷା କରିଚାଲିଛନ୍ତି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

ଆଜିର ଭାରତରେ କେଉଁ ରାଜନୈତିକ ଦଳର କେତେ ଦମ୍ ଲୋକେ ଜାଣିଛନ୍ତି। ଭୋଟରଙ୍କୁ କେବେହେଲେ ବୋକା ଭାବିବା ଠିକ୍ ନୁହେଁ। କଂଗ୍ରେସ ଏକ ବିରାଟ ଲଢ଼େଇକୁ ସାମ୍ନା କରିବା ପୂର୍ବରୁ ଏଭଳି ବାଡ଼ ବାନ୍ଧି ଅଣ–ଭାଜପା ଦଳଗୁଡ଼ିକୁ ସାର୍ଟିଫିକେଟ ଦେବା ବିଜ୍ଞତାର ପରିଚୟ ନୁହେଁ। ଧର୍ମ ନାମରେ ସମାଜରେ ବିଭାଜନ ସୃଷ୍ଟିକରି ଭାଜପା ଯେଉଁ ସ୍ତରକୁ ଯାଇପାରିଛି, ତାହା ସମକକ୍ଷ ହେବା ପାଇଁ ଅନ୍ୟ ପାର୍ଟି ଚେଷ୍ଟା କଲେ ମଧ୍ୟ ସଫଳ ହେବେ ବୋଲି ଚିନ୍ତା କରାଯାଇପାରୁ ନାହିଁ। ଏପରି ସ୍ଥଳେ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ହେଲେ ଧର୍ମକୁ ଛାଡ଼ି ଆଲୋଚନାକୁ ଭିନ୍ନ ଦିଗକୁ ନେବାକୁ ହେବ। ଏବେ ଭାରତରେ ସବୁଠାରୁ ବଡ଼ ସମସ୍ୟା ଭାବେ ଉଭା ହୋଇଛି ଆର୍ଥିକ ଦୁଃସ୍ଥିତି ଓ ସେଥିରୁ ଜନ୍ମିତ ଦରଦାମ ବୃଦ୍ଧି। ପେଟରେ ଦାନା ନ ଥିଲେ ମଣିଷ ଧର୍ମକୁ ନେଇ ବଞ୍ଚିପାରିବ ନାହିଁ। ଧର୍ମ ତା’ ବାଟରେ ଥାଉ। କିନ୍ତୁ ମାନବର ମୌଳିକ ଆବଶ୍ୟକତା ଯେତେବେଳେ ପୂରଣ ନ ହେବ, ସେତେବେଳେ ସେ ହତାଶ ହୋଇଯିବ। ପଡ଼ୋଶୀ ଶ୍ରୀଲଙ୍କା, ପାକିସ୍ତାନ, ନେପାଳ ଭଳି ରାଷ୍ଟ୍ର ଏବେ କେଉଁ ଦୟନୀୟ ସ୍ଥିତି ଦେଇ ଗତି କରୁଛନ୍ତି ତାହା ସମଗ୍ର ଜଗତ ଦେଖୁଛି। ଏଭଳି ପରିପ୍ରେକ୍ଷୀରେ ଭାରତ ବାହାବା ନେଉଛି ଯେ ଏହାର ଅର୍ଥନୀତି ବିଶ୍ୱ ସ୍ତରରେ ୫ମ ସ୍ଥାନ ଅଧିକାର କରିଛି। ଚଳିତବର୍ଷ ପ୍ରାରମ୍ଭରୁ ଜି–୨୦ର ଅଧ୍ୟକ୍ଷ ଦାୟିତ୍ୱ ନେଇଥିବାରୁ ଭାରତୀୟ ନେତୃତ୍ୱ ତାହାକୁ ଉତ୍ସବ ଭାବେ ପାଳନ କରିବାରେ ବ୍ୟସ୍ତ। ଏଭଳି ସନ୍ଧିକ୍ଷଣରେ ୧୬ ଜାନୁୟାରୀରେ ସୁଇଜରଲାଣ୍ଡର ଡାଭୋସଠାରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍)ର ବାର୍ଷିକ ବୈଠକରେ ଅକ୍ସଫାମ୍ ଇଣ୍ଟରନ୍ୟାଶନାଲ ପକ୍ଷରୁ ଭାରତ ସମ୍ପର୍କିତ ପ୍ରକାଶିତ ରିପୋର୍ଟକୁ ଦେଖିଲେ ଯେକେହି ବ୍ୟଥିତ ହେବେ। ଦେଶର ୧ ପ୍ରତିଶତ ବ୍ୟକ୍ତିଙ୍କ ପାଖରେ ୪୦ ପ୍ରତିଶତ ସମ୍ପତ୍ତି ରହିଥିବା ବେଳେ ତଳଆଡୁ ୫୦ ପ୍ରତିଶତ ଗରିବ ମାତ୍ର ୩ ପ୍ରତିଶତ ସମ୍ପତ୍ତିରେ ଚଳୁଛନ୍ତି ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ଅକ୍ସଫାମ୍‌ର ଆକଳନକୁ ତର୍ଜମା କଲେ ଏବର ସରକାର ଓ ପ୍ରଶାସନିକ ବ୍ୟବସ୍ଥା ସହିତ ଜଡ଼ିତ ବ୍ୟକ୍ତି ଧନୀମାନଙ୍କ ପାଇଁ ଯେତେ ସମର୍ପିତ ରହୁଛନ୍ତି, ଗରିବ ଓ ଅସହାୟଙ୍କ ଦୁଃଖଦୁର୍ଦ୍ଦଶା ସେମାନଙ୍କୁ ଆନ୍ଦୋଳିତ କରୁନାହିଁ। କୃଷିର ବିକାଶ ପାଇଁ ଉପଯୁକ୍ତ ଯୋଜନା ନ ଥିବାରୁ କୃଷକର ଉନ୍ନତି ହୋଇପାରୁ ନାହିଁ। ଏଭଳି ମୌଳିକ ପ୍ରସଙ୍ଗ ସବୁ ବିରୋଧୀ ବିଶେଷକରି କଂଗ୍ରେସ ଉଠାଇବା ଦରକାର। ଭାଜପା ସହ ଧର୍ମ ଲଢ଼େଇରେ କଂଗ୍ରେସର ବିଜୟ ଅସମ୍ଭବ।

ଚଳିତବର୍ଷ ଭାରତରେ ଆର୍ଥିକ ଅବସ୍ଥା ଆହୁରି ମାନ୍ଦା ହେବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କଲେଣି। ଏଭଳି ସ୍ଥଳେ ଭାରତର ଶାସକ ୫ ଟ୍ରିଲିୟନ ଡଲାର ଅର୍ଥନୀତିର ସ୍ୱପ୍ନ ଲୋକଙ୍କୁ ଦେଖାଇବା ହାସ୍ୟାସ୍ପଦ ମନେହେଉଛି। ତେଣୁ ଏବେ ପ୍ରତ୍ୟେକ ରାଜନୈତିକ ଦଳ ଅର୍ଥନୀତି ଓ ଜନସାଧାରଣଙ୍କ ଆର୍ଥିକ ସ୍ଥିତି ସହିତ ଜୀବନଧାରଣ ମାନରେ କିଭଳି ଉନ୍ନତି ଅଣାଯାଇପାରିବ, ତାହା ଉପରେ ପ୍ରାଧାନ୍ୟ ଦେବା ଦରକାର। ଭୋଟ ପାଇବା ପାଇଁ ଧର୍ମ, ସଂଖ୍ୟାଲଘୁ, ସଂଖ୍ୟାଗରିଷ୍ଠ ଭଳି ବିଷୟକୁ ନେଇ ଯେତେ କସରତ କରାଯାଉଛି ତାହା ଦେଶର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ନାହିଁ। ବରଂ ତାହା ପ୍ରଗତିକୁ କ୍ଷତି ପହଞ୍ଚାଇ ଚାଲୁଥିବ।

# ସଂଶୋଧନର ସମୟ

ମକର ସଂକ୍ରାନ୍ତି ଆସିଲେ ସାରା ଭାରତର ବିଭିନ୍ନ ଅଞ୍ଚଳରେ କୃଷିଭିତ୍ତିକ ପରମ୍ପରାଗୁଡ଼ିକୁ ନେଇ ପରିବେଶ ଚଳଚଞ୍ଚଳ ହୋଇଉଠେ। ବିଶେଷକରି ତାମିଲନାଡୁରେ ପାଳିତ ପୋଙ୍ଗଲରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜାଲ୍ଲିକାଟ୍ଟୁ ଖେଳର ଆଦର ଅଧିକ। ଏହି ପାରମ୍ପରିକ ଖେଳରେ ଷଣ୍ଢକୁ ସାମିଲ କରାଯାଏ। ଆବଦ୍ଧ ସ୍ଥାନରେ ଷଣ୍ଢକୁ ଛାଡ଼ିଦିଆଯାଏ ଓ ପ୍ରତିଯୋଗୀମାନେ ତାକୁ ଆୟତ୍ତ କରିବାକୁ ଚେଷ୍ଟା କରନ୍ତି। ଏଥିରେ ଅନେକେ ଆହତ ହୁଅନ୍ତି ଓ ବହୁ ସମୟରେ ପ୍ରତିଯୋଗୀଙ୍କ ମୃତ୍ୟୁ ହେବା ଦେଖାଯାଏ। ଚଳିତ ବର୍ଷ ମଦୁରାଇର ଅବନ୍ୟାପୁରମ୍, ପାଲାମେଡୁ ଏବଂ ଆଲାଙ୍ଗାନାଲ୍ଲୁରରେ ମାଲିକମାନଙ୍କ ପାଖାପାଖି ୯,୭୦୦ ଷଣ୍ଢ ପଞ୍ଜୀକୃତ ହୋଇଥିବାବେଳେ ସେଗୁଡ଼ିକୁ କାବୁ କରିବା ପାଇଁ ୫,୪୦୦ ପ୍ରତିଯୋଗୀ ଚୁକ୍ତିବଦ୍ଧ ହୋଇଛନ୍ତି। କିନ୍ତୁ ୧୬ ଜାନୁୟାରୀରେ ପାଲାମେଡୁରେ ଆୟୋଜିତ ଜାଲ୍ଲିକାଟ୍ଟୁ ଖେଳରେ ୨ ଜଣଙ୍କର ମୃତ୍ୟୁ ହେବା ସହ ୬୦ ଜଣ ଆହତ ହୋଇଛନ୍ତି। ଏହାର ଦିନକ ପରେ ଅର୍ଥାତ୍ ୧୭ ଜାନୁୟାରୀରେ ଆଲାଙ୍ଗାନାଲ୍ଲୁର ଜାଲ୍ଲିକାଟ୍ଟୁରେ ୫୩ ଜଣ ଆହତ ହୋଇଛନ୍ତି। ଅତୀତରେ ଏହା ଉପରେ ଅନେକଥର କଟକଣା ଲଗାଯାଇଥିଲେ ବି ଲୋକଙ୍କ ଦାବି ଯୋଗୁ ଏହାକୁ ପୁନର୍ବାର ଅନୁମତି ଦିଆଯାଇଛି। ତାମିଲନାଡୁ ସରକାରଙ୍କ ଦ୍ୱାରା ଜାଲ୍ଲିକାଟ୍ଟୁକୁ ଅନୁମତି ଦେବାକୁ ଚ୍ୟାଲେଞ୍ଜ କରି ନିକଟରେ ଦାୟର ପିଟିଶନ ଉପରେ ଡିସେମ୍ବର ୮ରେ ସୁପ୍ରିମକୋର୍ଟର ୫ଜଣ ସଦସ୍ୟବିଶିଷ୍ଟ ଖଣ୍ଡପୀଠ ତାଙ୍କ ରାୟକୁ ସଂରକ୍ଷିତ ରଖିଛନ୍ତି। ଆଶା କରାଯାଉଥିଲା କି ଚଳିତ ବର୍ଷ ଜାଲ୍ଲିକାଟ୍ଟୁ ଆୟୋଜନ ଆରମ୍ଭ ହେବା ପୂର୍ବରୁ ଅଦାଲତ ପ୍ରାଣୀ ନିର୍ଯାତନା ବିରୋଧୀ ଅଧିନିୟମ(ତାମିଲନାଡୁ ସଂଶୋଧନ), ୨୦୧୭ର ବୈଧତା ଉପରେ ରାୟ ଶୁଣାଇବେ। ହେଲେ ତାହା ହୋଇପାରିନାହିଁ। ଉଲ୍ଲେଖଯୋଗ୍ୟ ଯେ, ୨୦୧୪ରେ ସୁପ୍ରିମକୋର୍ଟଙ୍କ ରାୟ ପରେ ଏହି ପାରମ୍ପରିକ ଖେଳକୁ କିଛି ବର୍ଷ ଅନୁମତି ଦିଆଯାଇ ନ ଥିଲା। ସେତେବେଳେ ଅଦାଲତ ତାମିଲନାଡୁ ଜାଲ୍ଲିକାଟ୍ଟୁ ଅଧିନିୟମ ୨୦୦୯କୁ ରଦ୍ଦ କରିଦେଇଥିଲେ, କାରଣ ଏଥିରେ ଷଣ୍ଢଙ୍କୁ କାବୁ କରିବା କଥା ରହିଥିଲା ; ଯାହା ପ୍ରାଣୀ ନିର୍ଯାତନାକୁ ସୂଚାଏ। ଉଲ୍ଲେଖଯୋଗ୍ୟ ଯେ, ପିପୁଲ୍ସ ଫର୍ ଦି ଏଥିକାଲ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲ (ପେଟା) ଅନୁଯାୟୀ ୨୦୧୭ ପରଠାରୁ ଜାଲ୍ଲିକାଟ୍ଟୁରେ ଅତିକମ୍‌ରେ ୮୬ ଜଣ ଲୋକ ଓ ୨୩ ଷଣ୍ଢଙ୍କର ମୃତ୍ୟୁ ଘଟିଛି। ଡିସେମ୍ବର ୨୦୧୬ରେ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ଦେହାନ୍ତ ପରେ ଏହି ଖେଳ ପାଇଁ ଦାବି ଜୋରଦାର ହୋଇଥିଲା। ୬ ବର୍ଷ ପୂର୍ବେ ମରିନା ବିଚ୍‌ରେ ଦୀର୍ଘ ସମୟ ଧରି ଆନ୍ଦୋଳନକୁ ଲକ୍ଷ୍ୟ କରି ପ୍ରାଣୀ ବିରୋଧୀ ନିର୍ଯାତନା ନିବାରଣ ଅଧିନିୟମ–୧୯୬୦, କେନ୍ଦ୍ର ଆଇନରେ ରାଜ୍ୟସ୍ତରୀୟ ବିଶେଷ ସଂଶୋଧନ, ୨୦୧୭ ଅଣାଯାଇଥିଲା। ପରମ୍ପରା ଓ ସଂସ୍କୃତିକୁ ଦୃଷ୍ଟିରେ ରଖି ଖେଳରେ ଷଣ୍ଢକୁ ସାମିଲ କରାଯାଇଥିବା ଏଥିରେ ଦର୍ଶାଯାଇଥିଲା। ସଂଶୋଧନ କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଏହା କେବଳ ପଶୁ ନିର୍ଯାତନା ବିଷୟରେ ଅଟକିଗଲା, ହେଲେ କେମିତି ଲୋକଙ୍କ ଜୀବନ ନ ଯିବ ସେ ସମ୍ପର୍କରେ ଏଥିରେ କିଛି ସୁନିଶ୍ଚିତ କରାଗଲା ନାହିଁ। ବାସ୍ତବରେ ନିୟମ କଡ଼ା ଭାବେ ଲାଗୁ କରିବା ଜରୁରୀ।

ଆଜିର ସମୟରେ ଜାଲ୍ଲିକାଟ୍ଟୁର ସୁରକ୍ଷିତ ସୁପରିଚାଳନା ଆବଶ୍ୟକ। ପ୍ରତ୍ୟେକ ପ୍ରଥା ସମୟ ଅନୁଯାୟୀ ପରିବର୍ତ୍ତନ ହେଉଛି ଓ ହେବାରେ ଲାଗିଛି । ପଶୁବଳିଠାରୁ ଆରମ୍ଭକରି କୁକୁଡ଼ା ଲଢ଼େଇ, ଗ୍ରାମୀଣ ମହାରାଷ୍ଟ୍ରର ବଳଦ ଦୌଡ଼, ରାଜସ୍ଥାନର ଓଟ ଦୌଡ଼, କୁକୁର ଲଢ଼େଇ ଆଦି ଉପରେ କଟକଣା ଲଗାଯାଇଥିବାବେଳେ ତାମିଲନାଡୁର ଜାଲ୍ଲିକାଟ୍ଟୁ ଏହି ନିୟମ ବାହାରେ ଅଛି। ଏଥିରେ ମଧ୍ୟ ସଂଶୋଧନର ସମୟ ଆସିଗଲାଣି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଜାନୁୟାରୀ ୧୯୯୮

- ଦକ୍ଷିଣ ସାଇବେରିଆ ଅଞ୍ଚଳରେ ଥିବା ଏକ କୋଇଲା ଖଣିରେ ବିସ୍ଫୋରଣ ଘଟି ୨୯ ଖଣି କର୍ମଚାରୀଙ୍କ ପ୍ରାଣହାନୀ।
- କର୍ଣ୍ଣାଟକ ବିଧାନସଭାର ସଭ୍ୟ ତଥା ଜନତା ଦଳର ନେତା ପି. କୋଦଣ୍ଡରାମାୟାଙ୍କ ‘ଲୋକଶକ୍ତି’ ଦଳରେ ଯୋଗଦାନ।

# ସତ୍ୟ ହିଁ ସାହିତ୍ୟର କଷ୍ଠୀଘର



ମାୟାଧର ନାୟକ

ସାହିତ୍ୟ ଏବେ ମନର କଥା ଆଉ ମୁହଁର କଥା ମଧ୍ୟରେ ତାଳମେଳ ନ ରଖି କେବଳ ମଖମଲି ମୁଖାର କଥା ପାଲଟିଯାଇଛି। ଛାତିରେ ହାତ ଦେଇ ଆଜି କେତେଜଣ କହିବେ– ଆମେ ଲେଖୁଛୁ ଟୁକୁରା ଟୁକୁରା ଭଙ୍ଗା ସ୍ୱପ୍ନର ମା’ମାନଙ୍କ ପାଇଁ? ମା’ବାପାଙ୍କ ରାଣଖାଇ କେତେଜଣ ଲେଖିକା କହିବେ– ଆମେ ଲେଖୁଛୁ ଅମର୍ଯ୍ୟାଦାରେ ଭୂଲୁଣ୍ଠିତା ସେଇ ଭାଷାହୀନା ନ୍ୟାୟପ୍ରତୀକ୍ଷିତା ମହିଳାମାନଙ୍କ ପାଇଁ? ଦେଶର ନାରୀ ପାଇଁ ସାହିତ୍ୟରେ ଯଦି ସମ୍ମାନଜନକ ନାରା ନ ଶୁଭେ, ସେସବୁ ସାହିତ୍ୟ ନାଆଁରେ ଲେଖାଲେଖିଟା ତେବେ କାହାପାଇଁ ଆଉ କେତେଦିନ?

ଆମର ସାହିତ୍ୟ ଏବେ ନୂଆ ପରିଭାଷାରେ ନାମିତ। ଆମେ ଆଉ ସାହିତ୍ୟ ନ କହି ସବୁଠି କହିଲୁଣି ଲେଖାଲେଖି। ଦୁଇଟାଯାକ ଏକାକଥା ନୁହେଁ ବୋଲି ମୋର ବିନମ୍ର ମତ। ସାହିତ୍ୟ କହିଲେ ଗୋଟିଏ ଯୋଗ, ଗୋଟିଏ ଜୀବନମାର୍ଗ, ଗୋଟିଏ ଏକାନ୍ତଭୋଜୀ ଅଭିବାଞ୍ଛନାଶ୍ରିତ ଅଭିବ୍ୟକ୍ତି– ଯାହା ବ୍ୟକ୍ତିକୁ ଲେଖକରେ ପରିଣତ କରୁକରୁ ପରିଶେଷରେ କରାଏ ସମୂହର ସମ୍ବେଦନଶୀଳ ଅଂଶ– ବିଚ୍ଛିନ୍ନ ଏକକ ନୁହେଁ ମୋଟେ। ଯିଏ ଅସଲ ଲେଖକ ସେ କେବେ ଲେଖେନାହିଁ କାହାପାଇଁ– କାରଣ ସେ ଯାହା ଲେଖେ ସେଥିରେ ସ୍ୱୟଂ ସମୟ ହିଁ ଲେଖିଚାଲୁଥାଏ ନିଜସ୍ୱ କଥନ, ଅସମାପ୍ତ ଆତ୍ମଚରିତର ସୂକ୍ଷ୍ମ ଶ୍ରୁତଲିଖନ।

ଲେଖାଲେଖି କଥାଟା ସାହିତ୍ୟର ସଚ୍ଚା ନାମାନ୍ତର ନୁହେଁ। ଏଥିରେ ସାହିତ୍ୟଗତ ଦାୟିତ୍ୱ ଯେତେ ନାହିଁ, ସେତେ ଅଛି ଏକ ବ୍ୟକ୍ତିଗତ ସ୍ପୃହାର ଶାବ୍ଦିକ ସମରାଭ୍ୟାସ ମାତ୍ର। ଯୁଦ୍ଧ ନାହିଁ, ଶିବିର ନାହିଁ, ସାମ୍ମୁଖ୍ୟ ନାହିଁ, ଆହ୍ୱାନ ନାହିଁ– ଅଥଚ ଅଙ୍ଗୀକାରହୀନ ଏକ ଅଭ୍ୟାସର ଅଙ୍ଗଚାଳନା– ଆକାଶକୁ ଅସ୍ତ୍ର ଉତ୍ତୋଳନ– ଶୂନ୍ୟତାକୁ ବଦ୍ଧମୁଷ୍ଟି ପ୍ରଦର୍ଶନ। ସାହିତ୍ୟବୋଧ ଅପେକ୍ଷା ଏ ଧାରାରେ ଏବେ ଅନୁପ୍ରବେଶ କରିଛି ଅରୁଚିକର ଅନେକ ପ୍ରକାର ଆଭିମୁଖ୍ୟ– ଯେମିତି ମଞ୍ଚଦଖଲ, ପୁରସ୍କାର ହାସଲ, ପ୍ରଶଂସାପତ୍ର/ ମାନପତ୍ର ଆଦାୟର ନୟାନ୍ତ ନକଲ। ଆମର ଆଉ ଗୋପବନ୍ଧୁ, ଫକୀରମୋହନ, ପ୍ରେମଚନ୍ଦ, ଶରତ ଚନ୍ଦ୍ର, ନଜରୁଲ, ସଚ୍ଚି ରାଉତରା ଦରକାର ନାହିଁ– ଦରକାର ନିର୍ଦ୍ଧୂମ୍ ହାସ୍ୟରସର ଧୁମ୍‌ଧାମ୍ ସାହିତ୍ୟକାର। ହସର ସାହିତ୍ୟ ବଜାର, ହସର ହାଟ ବସାଅ ଗ୍ରାହକ ପାଠକବର୍ଗ ପାଇଁ। ହସ ହିଁ ଅସଲ ରସ। ହସିବାକୁ ଇଚ୍ଛାହୁଏ ଖୁବ୍। ହେଲେ ହସିପାରେନା ମୋଟେ।

ରୁଷିଆର ମହାନ୍ କଥାକାର ଗର୍କୀଙ୍କ ବିଶ୍ୱବିଖ୍ୟାତ ଉପନ୍ୟାସ ‘ମଦର୍’। ଏ ଉପନ୍ୟାସର ମହାନାୟିକା ବାଟ ଚାଲିବାରେ ବିଶ୍ୱାସ କରୁଥିବା ସେଇ ମା’, ଯିଏ ମୁଣ୍ଡେଇଥିବା ପସରା ଭିତରେ ସେଦିନ ଥିଲା ବିପ୍ଳବକୁ ଦୀର୍ଘଜୀବୀ କରିବା ପାଇଁ ପ୍ରେରଣାଦାୟକ ପ୍ରଚାରପତ୍ରସବୁ। ପୁଅ ସାମିଲ ହୋଇଥିବା ଦୂରାନ୍ତରର ବିପ୍ଳବୀ ସଙ୍ଗଠନକୁ ହସ୍ତାନ୍ତର କରିଦେବା ଉଦ୍ଦେଶ୍ୟରେ ନିଜ ପସରାର ଗୁଡ଼ିଏ ଜିନିଷପତ୍ର ତଳେ ମାଆଟି ଛପାଇ ରଖୁଥିଲା ସେସବୁ ଗୁପ୍ତ ପ୍ରଚାରପତ୍ର। ଗୋଇନ୍ଦା ପୋଲିସର ଆଖି ଆଉ ପ୍ରତିକ୍ରିୟାଶୀଳ ଶାସକ ଦଳର ଚର–ଅନୁଚରମାନଙ୍କ ନଜରକୁ ଫାଙ୍କିଦେଇ ନିୟମିତ ସେସବୁ ବୈପ୍ଳବିକ କାର୍ଯ୍ୟକ୍ରମର ନିର୍ଦ୍ଦେଶନାମା ମାଆ ମାର୍ଫତ୍‌ରେ ପହଞ୍ଚାଉଥିଲା ଠିକଣା ଜାଗାରେ। ମୁଣ୍ଡ ଉପରର ପସରା ଭିତରେ ଲୁଚାଇ ରଖିଥିବା ସେ ଅଗ୍ନିଗର୍ଭ ପ୍ରଚାରପତ୍ରକୁ କ’ଣ ମାଆ ପଢୁଥିଲା କେବେ? ସମକାଳର ଲେଖକ/ଲେଖିକା ବିରାଦରମାନଙ୍କୁ ଗର୍କୀଙ୍କର ସେଇ ‘ମଦର୍’ର ମୁହଁକୁ ଏତେବର୍ଷ ପରେ ଆଉଥରେ ଫେରିଚାହାନ୍ତୁ।



ଆଗ ପରି ଏବେ ଆଉ ଉପନ୍ୟାସ ଲେଖା ହେଉନାହିଁ। ଚରିତ୍ରଗୁଡ଼ିକ କ’ଣ କୁଆଡ଼େ ଛୁଟିଦିନ କଟାଇବାରେ ବ୍ୟସ୍ତ ନା ଘଟଣାସବୁ ଗରହାଜିର୍? ହଁ, ପରିବେଶରେ ଅବଶ୍ୟ ଅନେକଟା ଅଦଳବଦଳ। ମେଶିନ୍ ବିସ୍ଥାପିତ କରିଛି ମଣିଷକୁ– ତା’ ନିଜ ମନ–ପ୍ରାଣ–ଆତ୍ମାର ଏକଦା–ଅନ୍ତରଙ୍ଗ ଇଲାକାରୁ। ଶିଳ୍ପ ପ୍ରସାଧିତ ସଭ୍ୟତା ଆଜି କଳାକନା ବୁଲାଇ ସାରିଛି କୃଷିଭିତ୍ତିକ ସଂସ୍କୃତି ଓ ମୂଲ୍ୟବୋଧର ଯୌଥ ଜୀବନ କ୍ଷେତ୍ରରେ। ବହିଃ ପ୍ରକୃତିର ବିକୃତୀକରଣ ପାଛୋଟି ଆଣିଛି ପ୍ରଦୂଷଣ, ଯାହାର ପ୍ରତୀକ କଳାଧୂଆଁ– ଅନ୍ତଃ ପ୍ରକୃତିର ଉଚ୍ଛେଦୀକରଣ ଡାକିଆଣିଚି ବିସ୍ଫୋରିତ ସାମାଜିକ ବ୍ୟବଧାନ, ଯାହାର ସଙ୍କେତ କଳାଧନ। ବ୍ୟବସ୍ଥାକୁ ବଦଳାଇବାର ଆସ୍ଥା ଯେଉଁମାନଙ୍କ ଉପରେ, ସେଇ ଯୁବପିଢ଼ି ଆଜି ଚକ୍ରବ୍ୟୂହସ୍ଥ ଅଭିମନ୍ୟୁର ଦଳ– ମତଲବୀ ମହାରଥୀମାନଙ୍କ ମଇଦାନ ମଝିରେ! ଯେତେବେଳେ କୁରୁକ୍ଷେତ୍ର ପାଲଟି ଯାଇଥିଲା ଯୁଦ୍ଧକ୍ଷେତ୍ର, ସେତେବେଳେ ମହାଭାରତ ଲେଖାଯାଇ ପାରିଥିଲା। ଏହି ଯୁଦ୍ଧକ୍ଷେତ୍ରକୁ ଧର୍ମକ୍ଷେତ୍ରରେ ପରିଣତ କରିବାର ପ୍ରେରଣା ଦେଇଥିଲା ଏ ମହାକାବ୍ୟ। ଅଥଚ ତା’ଠାରୁ ଆହୁରି ଭୟାବହ ଏକ ପରିବେଶ ସମ୍ପ୍ରତି ସୃଷ୍ଟି ହୋଇ ସାରିଥିଲେ ହେଁ ଉପନ୍ୟାସର ଯୁଗାନ୍ତର କାହିଁକି ଏବେ ମଧ୍ୟ ଏକ ପ୍ରଶ୍ନବାଚୀ?

ସମସ୍ତେ ଟଲଷ୍ଟୟ ହୋଇପାରନ୍ତି ନାହିଁ କି ଗର୍କୀ। ସମସ୍ତେ ପ୍ରେମଚନ୍ଦ୍ ହୋଇପାରନ୍ତି ନାହିଁ କି ଫକୀରମୋହନ। ସମସ୍ତେ ଶରତ ଚନ୍ଦ୍ର ହୋଇପାରନ୍ତି ନାହିଁ କି କାହ୍ନୁଚରଣ। ସେମିତି ସମସ୍ତେ କ’ଣ ଲେଖିପାରନ୍ତି ଅଙ୍କଲ୍ ଟମ୍‌ସ କ୍ୟାବିନ୍ ନା କ୍ରାଇମ୍ ଏଣ୍ଡ ପନିଶ୍‌ମେଣ୍ଟ? ମହାନ୍ ଲେଖକମାନେ ଯେମିତି ସବୁ ଦେଶର, ମହତ୍ତର କୃତିଗୁଡ଼ିକ ବି ସେମିତି ସବୁକାଳର। ସମସ୍ତେ ବରଣୀୟ। ସେମାନଙ୍କ କାଳଜୟୀ କୃତିସବୁ ମଧ୍ୟ ସ୍ମରଣୀୟ। ସେମାନେ ବଜାରର ହଜାର ଜଣଙ୍କ ପାଇଁ ଲେଖିବା ଅପେକ୍ଷା ନିଜ ଅନ୍ତରାତ୍ମାର ଆଜ୍ଞା ପାଳନ କରିବାକୁ ହିଁ ଲେଖୁଥିଲେ। ଆମେ ଆଜି ଉପନ୍ୟାସର ଯୁଗାନ୍ତର ପାଇଁ କାମନା କରୁଥିବା ବେଳେ ଏଇ ସରଳ ସତ୍ୟଠାରୁ ଯେପରି ଦୂରେଇ ନ ଯାଉ– ଅନ୍ତତଃ ଏତିକି ମନେ ରହିପାରିଲେ ଭଲ।

ଭାରତର ଔପନ୍ୟାସିକ ସମ୍ରାଟ୍ ଶରତ ଚନ୍ଦ୍ର କହିଥିଲେ, ‘ପାଦ ଥିଲେ ଚାଲିହୁଏ, କିନ୍ତୁ ହାତ ଥିଲେ ଲେଖିହୁଏନା।’ କେଡ଼େ ବଡ଼ କଥାଟାଏ! ଏଇ ଦୃଷ୍ଟିରୁ କୁହାଯାଇପାରେ, ବୁନ୍ଦାଏ ରକ୍ତରେ ମନର ମଣିଷ ପାଖକୁ ହୁଏତ ଦସ୍ତଖତଟିଏ ପଠାଇ ଦେଇହୁଏ, କିନ୍ତୁ ବୋତଲେ କାଳିରେ ପାଠକ ପାଠିକାଙ୍କ ହାତପାହାନ୍ତାକୁ ଉପନ୍ୟାସଟିଏ ବଢ଼େଇ ଦେଇହୁଏନା। ଶରତ ଚନ୍ଦ୍ରଙ୍କ ସମ୍ପର୍କରେ ଶୁଣା କଥାଟିଏ ଭାରି ଲୋକପ୍ରିୟ। କରଜଭାରରୁ କିଛିଟା ନିସ୍ତାର ପାଇବା ପାଇଁ ଟଙ୍କା ଦରକାର ଥିଲା ତାଙ୍କର। ପ୍ରକାଶକ ତାଙ୍କୁ ପ୍ରତିଶ୍ରୁତି ଦେଲେ, ଲୋଡୁଥିବା ଟଙ୍କା ତାଙ୍କ ହାତକୁ ଯିବା ପାଇଁ ଅପେକ୍ଷା କରି ରହିଛି– ହେଲେ ତାଙ୍କଠୁ ଗୋଟିଏ ଉପନ୍ୟାସ ପ୍ରକାଶକ ହାତେଇସାରିଲା ପରେ। ଶରତ ଚନ୍ଦ୍ର ରାଜି ହେଲେ। ସକାଳୁ ସେ ଗୋଟିଏ ବଖରା ଭିତରେ ରହି ପ୍ରକାଶକଙ୍କ ପାଖରୁ କାଗଜକଲମ, ଖାଦ୍ୟପାନୀୟ ମଗାଇ ସାରିବା ପରେ ବାହାରୁ ତାଲା ପକାଇ ଦେବାକୁ କହିଲେ। ତା’ପରେ କହିଲେ, କାଲି ସକାଳୁ ଆସି କବାଟ ଫିଟାଇବ– ନଭେଲ୍‌ଟା ନେଇଯିବ!

ଏହି ବିଚିତ୍ରମନା ଲେଖକଙ୍କୁ ପ୍ରକାଶକ କେମିତି ଟିକିଏ ସନ୍ଦିଗ୍ଧ ଦୃଷ୍ଟିରେ ଚାହିଁ ପଛେଇ ପଛେଇ ବଖରା ଭିତରୁ ବାହାରି ଆସିଲେ। ମନେମନେ ଭାବୁଥିଲେ, ରାତାରାତି ନଭେଲ୍! କ’ଣ ଲେଖକ ନା ଲେଖା କଳ? ହଉ, ଥରେ ପରୀକ୍ଷା କରିନେଲେ କ୍ଷତି କ’ଣ? ଭୋର୍ ବେଳକୁ କବାଟରେ କରାଘାତ। ସାରାରାତି ଉଜାଗର ଶରତ ଚନ୍ଦ୍ର ଅନ୍ତିମ ଅନୁଚ୍ଛେଦ ଲେଖି ସାରିଥିଲେ କି ନାହିଁ ଆମକୁ ଜଣା ନାହିଁ, କିନ୍ତୁ ସେଇ କରାଘାତ ଶୁଣିବାମାତ୍ରେ ସେ ପୂର୍ଣ୍ଣଚ୍ଛେଦ ପକାଇଦେଲେ ସେଯାବତ୍ ଲେଖାସରିଥିବା ସବାତଳ ବାକ୍ୟଟି ଉପରେ। ଆଖିରୁ ଖସିପଡ଼ିଲା ଦି’ଟୋପା ଲୁହ– ଯାହା ଟିକିଏ ଝାପ୍‌ସା କରିଦେଲା ତଥାକଥିତ ଶେଷବାକ୍ୟଟିକୁ– ଆଉ ସେଇ ଲୁହବତୁରା ବାକ୍ୟ ଉପରେ କଲମଟାକୁ ଦାବିଦେଇ ତା’ ମୁନଟାକୁ ଭାଙ୍ଗିଦେଲେ ମହାନ୍ ଲେଖକ। ବାସ୍, ସେଇଠି ଉପନ୍ୟାସ ଶେଷ। ନାଁ ଥିଲା ‘ଦେବଦାସ’। କେବଳ ସେଦିନର ପାଠକ ପିଢ଼ି କାହିଁକି ଆଜିର ଉପନ୍ୟାସପ୍ରିୟ ବିଭିନ୍ନ ଭାଷାର ପାଠକଶ୍ରେଣୀ ପାଖରେ ବି ‘ଦେବଦାସ’ର ଅନୁବାଦ ଏକାନ୍ତ ଆଦରଣୀୟ। କେତେଥର କେତେ ଭାଷାରେ ଖାଲି କ’ଣ ଅନୂଦିତ ହୋଇସାରିଛି ଏ ଉପନ୍ୟାସ, ଅତୀତରୁ ଏଯାବତ୍ ତା’ର ଚଳଚ୍ଚିତ୍ରିତ ଚେହେରା ପିଢ଼ି ପରେ ପିଢ଼ିକୁ ଭିଡ଼ି ଧରିଛି ଏକ ଚୁମ୍ବକୀୟ ଆକର୍ଷଣରେ!

ସେ ଦିନ ସବୁ ଥିଲା କଥା ସାହିତ୍ୟର ଉଜ୍ଜ୍ୱଳ ଫାଲ୍‌ଗୁନ। ସେଇଭଳି ମହାନ୍ ଲେଖକ ଏବେ ଆଉ ନାହାନ୍ତି କି ସେ ଧରଣର ସ୍ମରଣୀୟ କଥାକୃତି ସାରସ୍ୱତ ସଂସାରରେ ସୃଷ୍ଟି ହେଉଥିବାର ସୁସମ୍ବାଦ ସେତେବେଶୀ ଶ୍ରୁତିଗୋଚର ହେଉନାହିଁ। ତଥାପି ଭବିଷ୍ୟତର ସାହିତ୍ୟ ନିଜର ମହାନ୍ ଲେଖକ/ଲେଖିକାମାନଙ୍କୁ ଅପେକ୍ଷା କରିବାର ଆନନ୍ଦରେ ଯେ ନିତ୍ୟ ନିମଜ୍ଜମାନ ରହିଥିବ– ଏହା ନିଃସନ୍ଦେହ।

ଯାଜପୁର ରୋଡ଼, ଯାଜପୁର
ମୋ: ୯୮୬୧୦୩୪୧୬୩

# ବରିଷ୍ଠଙ୍କ ସମସ୍ୟା ଓ ପ୍ରତିକାର



ଡ.ମୌସୁମୀ ପରିଡ଼ା

ମଣିଷ ଜୀବନ ବିଭିନ୍ନ ପର୍ଯ୍ୟାୟ ଦେଇ ଗତିକରେ। ପ୍ରତ୍ୟେକ ପର୍ଯ୍ୟାୟରେ ଜୀବନ ପରିବର୍ତ୍ତିତ ହୁଏ। ଶାରୀରିକ ପରିବର୍ତ୍ତନ ସହ ମାନସିକ ଓ ପାରିପାର୍ଶ୍ୱିକ ସ୍ଥିତି ମଧ୍ୟ ବଦଳିଯାଏ। ୬୦ ବା ତଦୂର୍ଦ୍ଧ୍ୱ ବୟସର ବ୍ୟକ୍ତିମାନଙ୍କୁ ବରିଷ୍ଠ କୁହାଯାଏ। ଚାକିରି କ୍ଷେତ୍ରରେ ଅବସରର ସମୟ ସୀମା ୬୦ ରହିଥିଲେ ମଧ୍ୟ କିଛି କିଛି ବିଭାଗରେ ଏହି ବୟସ ବୃଦ୍ଧି ପାଇ ୬୦ରୁ ୬୨ ଓ ୬୫ ରେ ପହଞ୍ଚିଛି। ୭୦, ୭୫ବର୍ଷ ବୟସ ପରେ ବ୍ୟକ୍ତି ଏକରକମ ମୁମୂର୍ଷୁ ହୋଇଯାଏ। ସେ ଅବସ୍ଥାରେ ବହୁବିଧ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ଶାରୀରିକ, ମାନସିକ, ସାମାଜିକ, ଭାବନାତ୍ମକ ଏବଂ ଆର୍ଥିକ ସ୍ତରରେ ଅସହାୟ ହୋଇଯାଏ। କେବେକେବେ ମନ ସାଥ୍ ଦିଏ ନାହିଁ ତ କେବେକେବେ ଶରୀର ପୁଣି କେବେ ପରିବାର। ବୟସ ବୃଦ୍ଧି ହୁଏ ସିନା ଶାରୀରିକ ଶକ୍ତି ସାମର୍ଥ୍ୟ କିନ୍ତୁ କମି କମି ଆସେ। ସ୍ମୃତିଶକ୍ତି ହ୍ରାସ ପାଏ।

ଆଜିକାଲିର ଏକାନ୍ନବର୍ତ୍ତୀ ପରିବାରରେ ବୟସ୍କମାନେ ଅବାଞ୍ଛିତ। ସାମାଜିକ ସମ୍ପର୍କ ବଜାୟ ରଖିବା ଦୂରର କଥା ପାରିବାରିକ ସମ୍ପର୍କର ରଜ୍ଜୁ ମଧ୍ୟ କ୍ଷୀଣ ହୋଇଆସେ। ସେମାନେ ଅବହେଳିତ ହୁଅନ୍ତି । ବୟସାଧିକ୍ୟ ହେତୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହୁଅନ୍ତି । ପିଲାମାନେ ବାହାରେ ଥାଇ ଖାଲି ଟଙ୍କା ପଠେଇଦେଲେ ସମସ୍ୟା ସରିଯାଏ ନାହିଁ। କାରଣ ଟଙ୍କା ଆଣିବାକୁ ସ୍ଥାନୀୟ ଏଟିଏମ୍ କିମ୍ବା ବ୍ୟାଙ୍କ୍, ଭତ୍ତା କିମ୍ବା ସରକାରୀ ସାହାଯ୍ୟ ଆଣିବାକୁ ଅନ୍ୟ ଉପରେ ନିର୍ଭର କରିବାକୁ ହୁଏ। ଆଖପାଖରେ ରହୁଥିବା ବିଭିନ୍ନ ମାନସିକତାର ଲୋକ ଏଭଳି ଅସହାୟ ଅବସ୍ଥାର ଫାଇଦା ଉଠାନ୍ତି।

ଦରିଦ୍ର, ନିମ୍ନ ମଧ୍ୟବିତ୍ତଙ୍କ ପାଇଁ କେବଳ ଜରାଶ୍ରମ ଖୋଲିଦେଲେ ସମସ୍ୟାର ଅନ୍ତ ହୁଏ ନାହିଁ, ସେଠାରେ ସବୁ ପ୍ରକାର ସୁବିଧା ରହିଥିବା ଦରକାର। ମଧ୍ୟବିତ୍ତ ଓ ଧନୀ ଲୋକମାନେ ବି ସମାନ ଅସୁବିଧା ଭୋଗ କରନ୍ତି, କେବଳ ଚିତ୍ରପଟ ବଦଳିଯାଏ। ଏକାକୀ ରହୁଥିବା ଅବସରପ୍ରାପ୍ତ ବରିଷ୍ଠ ନାଗରିକଙ୍କ ଜୀବନ ପ୍ରତି ବିପଦ ରହୁଥିବାର କାରଣ ସେମାନଙ୍କ ଅର୍ଥ, ଜମିବାଡ଼ି ଓ ସମ୍ପତ୍ତି। ଖଳପ୍ରକୃତିର ଲୋକେ ସେସବୁକୁ ହଡ଼ପ କରିବାକୁ ଯୋଜନା କରି ହଇରାଣ ହରକତ କରନ୍ତି। ବାରମ୍ବାର ଥାନା, କୋର୍ଟ କଚେରି ଧାଇଁ ଧାଇଁ ବରିଷ୍ଠ କ୍ଳାନ୍ତ ହୋଇପଡ଼ନ୍ତି। ନା ପ୍ରଶାସନ ସେମାନଙ୍କ ଗୁହାରି ଶୁଣନ୍ତି ନା ଅନ୍ୟ କେହି। ଏ ଅଫିସ୍‌ରୁ ସେ ଅଫିସକୁ ଯାଇ, ଜିଲା ମୁଖ୍ୟ, ସ୍ଥାନୀୟ ମୁଖ୍ୟଙ୍କୁ ଦୁଃଖ ଜଣାଇ ଲାଭ ତ ପାଆନ୍ତି ନାହିଁ ଓଲଟା ଜୁଲମର ଶିକାର ହୁଅନ୍ତି। ସେଥିପାଇଁ ପ୍ରଶାସନର ତତ୍ପରତା ଆବଶ୍ୟକ।

ପରିସଂଖ୍ୟାନ ଅନୁଯାୟୀ ବରିଷ୍ଠଙ୍କ ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି। ୨୦୧୬ରେ ଜନସଂଖ୍ୟାର ପାଖାପାଖି ୧୦ ପ୍ରତିଶତ (୧୧କୋଟି ୬୦ ଲକ୍ଷ)ରେ ବରିଷ୍ଠଙ୍କ ସଂଖ୍ୟା ସୀମିତ ଥିବାବେଳେ ୨୦୫୦ ସୁଦ୍ଧା ୧୯ ପ୍ରତିଶତ (୩୨.୪ କୋଟି)ରେ ପହଞ୍ଚିବାର ଆଶା କରାଯାଉଛି ଯେତେବେଳେ ପ୍ରତି ୫ଜଣରେ ଜଣେ ବରିଷ୍ଠ ରହିଥିବେ। ୨୦୧୧–୨୧ ଭିତରେ ଜନସଂଖ୍ୟା ବୃଦ୍ଧିଠାରୁ ବୟସ୍କଙ୍କ ସଂଖ୍ୟା ପ୍ରାୟ ୩ ଗୁଣା ବୃଦ୍ଧି ପାଇ ୩୬ ପ୍ରତିଶତରେ ପହଞ୍ଚିଥିଲା। ହାର୍ଭାର୍ଡ ଟିଏଚ୍ ସ୍କୁଲ ଅଫ୍ ପବ୍ଲିକ୍ ହେଲ୍‌ଥ ଓ ମୁମ୍ବାଇ–ବେସ୍‌ଡ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପପୁଲେଶନ ସାଇନ୍ସ ଦ୍ୱାରା ୨୦୧୬ ରେ ସନ୍ଦର୍ଭ ପ୍ରସ୍ତୁତ କରାଯାଇଥିଲା ଯାହାର ଶୀର୍ଷକ ଥିଲା– ଏଜିଂ ଇନ୍ ଇଣ୍ଡିଆ: ଫ୍ୟାକ୍ଟସ୍, ଇସୁଜ୍ ଆଣ୍ଡ ଅପ୍ସନ୍ସ। ଯେଉଁଥିରେ ଲେଖାଯାଇଥିଲା–ପୁଷ୍ଟିକର ଖାଦ୍ୟଗ୍ରହଣ, ଉପଯୁକ୍ତ ଔଷଧ, ବିବାହ ବୟସରେ ବୃଦ୍ଧି ଇତ୍ୟାଦି ବୟସ୍କମାନଙ୍କ ସଂଖ୍ୟାବୃଦ୍ଧିରେ ସାହାଯ୍ୟ କରିଛି।



ବିଶ୍ୱବ୍ୟାଙ୍କ ଅନୁସାରେ ୨୦୨୦ ସୁଦ୍ଧା ଭାରତୀୟଙ୍କ ବୟସ ସୀମା ହାରାହାରି ୭୦.୧୫ ବର୍ଷ ଥିଲା। ଏହାକୁ ଲକ୍ଷ୍ୟକରି ବରିଷ୍ଠ ନାଗରିକମାନଙ୍କ ସୁଖସୁବିଧା ପାଇଁ ଚିନ୍ତା କରିବା ଉଚିତ। ହେଲ୍ପଏଜ୍ ଇଣ୍ଡିଆ ମତରେ ଯେଉଁଠି ଶହେ ବର୍ଷ ପରେ ଫ୍ରାନ୍ସରେ ବୟସ୍କଙ୍କ ସଂଖ୍ୟା ୨ଗୁଣ ବଢ଼ିଥିଲା, ସେ କ୍ଷେତ୍ରରେ ଭାରତକୁ ମାତ୍ର ୨୦ ବର୍ଷ ସମୟ ଲାଗିଥିଲା । ଏପ୍ରିଲ ୧୯୭୮ ରୁ ହେଲ୍ପ ଏଜ୍ ଇଣ୍ଡିଆ ଦିଲ୍ଲୀରେ ପଞ୍ଜୀକୃତ ହୋଇ ବରିଷ୍ଠ ନାଗରିକ ସଂଘଗୁଡ଼ିକ ସହ କାମ କରି ସେମାନଙ୍କୁ ଉତ୍ସାହିତ କରିଆସୁଛି। ଏହାର ଉଦ୍ଦେଶ୍ୟ ଲୋକମାନଙ୍କ ଜୀବନର ପୁନର୍ନିର୍ମାଣ, ନିଜ ଭବିଷ୍ୟତ କାର୍ଯ୍ୟଭାର ସମ୍ଭାଳିବାରେ ସାହାଯ୍ୟ, ସେମାନଙ୍କ ଭିତରେ ଥିବା ଆତ୍ମମୂଲ୍ୟ ଓ ଆତ୍ମବିଶ୍ୱାସ ସୃଷ୍ଟି କରିବା।

ଭାରତ ସରକାର ବରିଷ୍ଠ ନାଗରିକମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ୫ଟିକିଆ ହେଲ୍ପ ଲାଇନ ନମ୍ବର ଜାରିକରିଛନ୍ତି। କିନ୍ତୁ ଏହାଦ୍ୱାରା ସମସ୍ୟାର ବାସ୍ତବ ସମାଧାନ ହେଲା ପରି ମନେହୁଏ ନାହିଁ। ସୂଚନା ମିଳିଯାଏ, କିନ୍ତୁ ନିଜ କାମ ନିଜକୁ ହିଁ କରିବାକୁ ପଡ଼େ। ଜମିଜମା ବିବାଦ ହେଉ କି ରୋଗ ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ସେମାନେ କେବଳ ସମ୍ପୃକ୍ତ ଅଧିକାରୀମାନଙ୍କ ଠିକଣା ଦେଇପାରନ୍ତି। ଖର୍ଚ୍ଚ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଉତ୍ତରଦାୟିତ୍ୱ ସମ୍ପୃକ୍ତ ବରିଷ୍ଠଙ୍କର। ଅଭ୍ୟର୍ଥନାକାରୀଙ୍କ ଆଶ୍ୱାସନାରେ ବାସ୍ତବ ସମସ୍ୟାର ସମାଧାନ ହୁଏ ନାହିଁ। ସେଥିପାଇଁ ସମସ୍ତଙ୍କର ଆନ୍ତରିକତା ଲୋଡ଼ା।

ବରିଷ୍ଠମାନଙ୍କ ସହ ସାମାଜିକ ସମ୍ପର୍କ ସ୍ଥାପନ କରିବାର ପ୍ରୟାସ କରାଯାଉ। ସେମାନଙ୍କ ସେବା କରିବାରେ କିଛି ପାରିଶ୍ରମିକ ମିଳୁ। ଫଳରେ ଯୁବକଯୁବତୀମାନେ ବୟସ୍କମାନଙ୍କ ସହ ସମ୍ପର୍କିତ ହୋଇ ସେମାନଙ୍କ ଜୀବନାନୁଭୂତି ଓ ଅଭିଜ୍ଞତା ସମ୍ପର୍କରେ ସୂଚନା ହାସଲ କରିପାରିବେ। ସମାଜ ମଧ୍ୟ ବରିଷ୍ଠଙ୍କ ପ୍ରତି ସଚେତନ ରହିବା ଆବଶ୍ୟକ। ବରିଷ୍ଠମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରାଯାଉ। ସେ ଜରିଆରେ ସେବା ଯାଚିଦିଆଯାଉ।

ମୋ: ୯୪୩୭୩୧୭୦୨୬

## ଏଇ ଭାରତରେ

ଦୃଢ଼ ଇଚ୍ଛାଶକ୍ତି ସଫଳତାର ବାଟ କଢ଼ାଇନିଏ, ଯାହା ଘଟିଛି ରାଶି ଅଗ୍ରୱାଲଙ୍କ ଜୀବନରେ। ସେ ବର୍ଜ୍ୟର ପୁନଃ ଉପଯୋଗ କରି ପରିବେଶ ସୁରକ୍ଷାର ବାଟ ଦେଖାଇଛନ୍ତି। ରାଶି ରହୁଛନ୍ତି ସୁରଟରେ। ସେ ପ୍ରଥମେ ଆଇଆଇଟି ପାଇଁ ଲକ୍ଷ୍ୟ ରଖିଥିଲେ। ହେଲେ ସେଥିରେ ସଫଳ ନ ହେବାରୁ ଉଚ୍ଚଶିକ୍ଷା ଲାଭ କରି ସାମାଜିକ ସଶକ୍ତୀକରଣ କ୍ଷେତ୍ରରେ କିଛି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ଆର୍କିଟେକ୍‌ରେ ଡିଗ୍ରୀ ହାସଲ କରି କଟନ୍ ବର୍ଜ୍ୟରୁ ବିଭିନ୍ନ କଳାକୃତି ପ୍ରସ୍ତୁତ କରୁଛନ୍ତି। ଏହି କଳାକୃତି ବଜାରରେ ବହୁ ଆଦୃତି ଲାଭ କରିପାରିଛି ଓ ଉକ୍ତ କାର୍ଯ୍ୟରେ ସେ ୧୫୦ ଗ୍ରାମୀଣ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ତାଙ୍କ ଦ୍ୱାରା ଉତ୍ପାଦିତ ସମସ୍ତ ଦ୍ରବ୍ୟ ପରିବେଶ ଉପଯୋଗୀ। ଏଗୁଡ଼ିକୁ ବିକ୍ରି କରିବା ଲାଗି ରାଶି ଏକ ଷ୍ଟେଶନେରି ବିଜ୍‌ନେସ ମଧ୍ୟ ଚଳାଉଛନ୍ତି। ଏହାର ନାମ ରଖିଛନ୍ତି ‘ରୋହାନି ରଙ୍ଗ’। ଏହିସବୁ ଉତ୍ପାଦକୁ ନେଇ ଏବେ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ୩୦,୦୦୦ରୁ ଊର୍ଦ୍ଧ୍ୱ ଫଲୋଅର ରହିଛନ୍ତି।

## ଚିରନ୍ତନୀ

ଫଟାଇ ସେ ଧରଣୀର ବୁକୁ
ଡାକି ଉଠେ ପୁଣି ତୁଆ ତୁଆ
ପଞ୍ଚମୀ ଜୋଛନାକୁ ଠେଲି
ସେ ବାଣୀ ଗଗନେ ଯାଏ ମେଲି
କ୍ରନ୍ଦନ କୁଆଁ କୁଆଁ କୁଆଁ
ଡାକି ଉଠେ ପୁଣି ତୁଆ ତୁଆ।
–(ପୌଷ–ମଳୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | 6 | | | | | |
| | 1 | | | 9 | | | | |
| | 4 | | | | 8 | 5 | 3 | |
| 1 | 2 | | | | 9 | 6 | 8 | |
| | | | | | | | 1 | |
| | | | | 7 | | 4 | | 5 |
| | 5 | 1 | | | | | | 9 |
| 3 | | 7 | | | | 1 | 2 | |
| | 8 | | | 4 | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 7 | 5 | 4 | 6 | 8 | 2 | 9 |
| 9 | 8 | 6 | 7 | 2 | 1 | 3 | 5 | 4 |
| 5 | 4 | 2 | 3 | 9 | 8 | 6 | 1 | 7 |
| 3 | 2 | 1 | 6 | 8 | 4 | 7 | 9 | 5 |
| 8 | 9 | 4 | 1 | 5 | 7 | 2 | 3 | 6 |
| 7 | 6 | 5 | 9 | 3 | 2 | 4 | 8 | 1 |
| 4 | 7 | 9 | 2 | 1 | 3 | 5 | 6 | 8 |
| 2 | 1 | 8 | 4 | 6 | 5 | 9 | 7 | 3 |
| 6 | 5 | 3 | 8 | 7 | 9 | 1 | 4 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଯୋଜନାରେ ବିଫଳତା

ମହାଶୟ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ସମଗ୍ର ରାଜ୍ୟରେ ମୋଟ ୧୮,୦୦୦ ପ୍ରକଳ୍ପ ୨୦୦୫–୦୬ ବର୍ଷଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଏହିସବୁ ପ୍ରକଳ୍ପ ୩୦ଟି ଜିଲା ମଧ୍ୟରୁ କେବଳ ପୁରୀ ଜିଲାକୁ ଛାଡ଼ିଦେଲେ ଅବଶିଷ୍ଟ ୨୯ଟି ଜିଲାରେ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ୨୯ଟି ଜିଲା ମଧ୍ୟରୁ ୨୫ଟି ଜିଲାରେ ୨୦୦ରୁ ଅଧିକ ଲେଖାଏ ପ୍ରକଳ୍ପ ଏପରି ଅଧାପନ୍ତରିଆ ରହିଛି। ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ କରିବାକୁ ତତ୍ପରତା ପ୍ରକାଶ ପାଇବା ଉଚିତ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସୁଲବତୀଙ୍କ ମୃତ୍ୟୁ ଲାଗି ସରକାର ଦାୟୀ: ଭାଜପା**

ଭୁବନେଶ୍ୱର,(ବ୍ୟୁରୋ): ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଗମ୍ଭୀର ହୋଇପଡ଼ିଛି। ଦଳିତ, ଆଦିବାସୀ ମହିଳାଙ୍କ ଉପରେ ଅତ୍ୟାଚାର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏହାକୁ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇପଡିଛନ୍ତି। ଗତ ୧୧ ତାରିଖରେ ରାୟଗଡ଼ା ଡାକ୍ତରଖାନାରେ ଗର୍ଭବତୀ ଥିବା ସୁଲବତୀ ନାଏକଙ୍କ ମୃତ୍ୟୁ ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ଏବଂ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ବୋଲି ଭାଜପା ବିଧାୟକ ମୁକେଶ ମହାଲିଙ୍ଗ ଅଭିଯୋଗ କରିଛନ୍ତି।



ଭାରତ ଯୋଡ଼ୋ ଯାତ୍ରା ଅବସରରେ ପଞ୍ଜାବର ହୋସିଆରପୁରଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, କେ.ସି. ବେଣୁଗୋପାଳ ଓ ଅନ୍ୟମାନେ।

# ସବୁ ବର୍ଗର ଲୋକଙ୍କ ପାଖକୁ ଯାଅ

## ଭାଜପା ନେତାଙ୍କୁ ମୋଦିଙ୍କ ପରାମର୍ଶ



ନୂଆଦିଲ୍ଲୀ,୧୭।୧

୨୦୨୪ ସାଧାରଣ ନିର୍ବାଚନ ଲାଗି ପ୍ରସ୍ତୁତ ରହିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପା ଜାତୀୟ କାର୍ଯ୍ୟକାରିଣୀ ବୈଠକର ଦ୍ୱିତୀୟ ଦିନରେ ଆହ୍ୱାନ ଦେଇଛନ୍ତି। ଭୋଟରମାନଙ୍କ ସହ ଯୋଡ଼ିହୋଇ ରହିବା ଲାଗି ସେ ଦଳୀୟ ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ଲୋକ ସଭା ନିର୍ବାଚନକୁ ଆଉ ୪୦୦ ଦିନ ବାକି ରହିଛି। ଲୋକଙ୍କ ସେବା ପାଇଁ ଆମକୁ ସବୁ କିଛି କରିବାକୁ ହେବ। ଆମକୁ ଇତିହାସ ସୃଷ୍ଟି କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ ଦୁଇଦିନିଆ କାର୍ଯ୍ୟକାରିଣୀରେ କହିଥିବା ବରିଷ୍ଠ ଭାଜପା ନେତା ଦେବେନ୍ଦ୍ର ଫଡ୍‌ନବିସ୍ ସୂଚନା ଦେଇଛନ୍ତି। ବିଶେଷ କରି ୧୮ରୁ ୨୫ ବର୍ଷ ବୟସ ବର୍ଗର ଭୋଟରଙ୍କ ଉପରେ ଧ୍ୟାନଦେବାକୁ ହେବ। ସେମାନଙ୍କୁ ପୂର୍ବ ସରକାରଗୁଡ଼ିକର କୁଶାସନ ସମ୍ପର୍କରେ ଜଣାଇବା ସହ ଆମେ କିପରି ସୁଶାସନ ଅଭିମୁଖେ ଅଗ୍ରସର ହେଉଛେ ତାହା ଅବଗତ କରାଇବାକୁ ହେବ। ସେମାନଙ୍କୁ ଗଣତାନ୍ତ୍ରିକ ବ୍ୟବସ୍ଥା ସହ ଜଡ଼ିତ କରିବା ସହିତ ସୁଶାସନରେ ସାମିଲ କରିବାକୁ ହେବ ବୋଲି ମୋଦି କହିଥିଲେ। ସୀମାନ୍ତ ଅଞ୍ଚଳ ସମେତ ଗ୍ରାମାଞ୍ଚଳରେ ଭାଜପା ସଂଗଠନକୁ ମଜଭୁତ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିବା ସହ ଦଳୀୟ ନେତାମାନେ ସବୁ ବର୍ଗର ଲୋକଙ୍କୁ ନିଶ୍ଚୟ ଭେଟିବାକୁ ପରାମର୍ଶ ଦେଇଥିଲେ। ଭାଜପା କେବଳ ରାଜନୈତିକ ଆନ୍ଦୋଳନ ହୋଇ ରହିନାହିଁ, ଏହା ସାମାଜିକ-ଅର୍ଥନୈତିକ ସ୍ଥିତି ବଦଳାଇବା ଦିଗରେ କାର୍ଯ୍ୟ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଜାତୀୟ କାର୍ଯ୍ୟକାରିଣୀରେ ୩୫୦ ଜଣ ମନ୍ତ୍ରୀ, ନେତା ଓ କର୍ମୀ ଯୋଗଦେଇଥିଲେ।

# ବରୁଣଙ୍କ ନୀତିକୁ ଗ୍ରହଣ କରିପାରିବି ନାହିଁ: ରାହୁଲ

ହୋଶିଆରପୁର,୧୭।୧

ଭାଇ ବରୁଣ ଗାନ୍ଧୀଙ୍କୁ ଭେଟିବା ଏବଂ କୋଳାଗ୍ରତ କରିବାକୁ ପ୍ରସ୍ତୁତ ଅଛି, ହେଲେ ତାଙ୍କ ନୀତି ଆଦର୍ଶକୁ ଗ୍ରହଣ କରିପାରିବି ନାହିଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର କହିଛନ୍ତି। ଭାରତ ଯୋଡ଼ୋ ଯାତ୍ରାରେ ଭାଜପା ଏମ୍‌ପି ବରୁଣ ଯୋଗ ଦେଇପାରିବେ କି ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ରାହୁଲ କହିଥିଲେ, ସେମାନଙ୍କ ନୀତି ଆଦର୍ଶ ଭିନ୍ନ ହୋଇଥିବାରୁ ସମସ୍ୟା ସୃଷ୍ଟି ହୋଇପାରେ। ବରୁଣ ଭାଜପାରେ ଅଛନ୍ତି। ସେ ଏଠାକୁ ଆସିଲେ ତାଙ୍କ ପାଇଁ ସମସ୍ୟା ହେବ। ତେବେ ସେ ବରୁଣଙ୍କୁ ଭେଟି ପାରିବେ ଏବଂ କୋଳାଗ୍ରତ କରିପାରିବେ ବୋଲି ହୋଶିଆରପୁରରେ ଖବରଦାତା ସମ୍ମିଳନୀକୁ ରାହୁଲ କହିଛନ୍ତି। ତାଙ୍କ ପରିବାରର ଏକ ନୀତି ଆଦର୍ଶ ରହିଛି କିନ୍ତୁ ବରୁଣ ଅଲଗା ନୀତି ଗ୍ରହଣ କରିଛନ୍ତି, ଯାହାକୁ ସେ ଗ୍ରହଣ କରିପାରିବେ ନାହିଁ ବୋଲି ରାହୁଲ କହିଥିଲେ। ସେ କଦାପି ଆର୍‌ଏସ୍ଏସ୍ ଅଫିସ୍‌କୁ ଯାଇପାରିବେ ନାହିଁ। ତୁମେ ମୋ ତଣ୍ଟି କାଟିଦେଇପାର, ତଥାପି ମୁଁ ସେଠାକୁ ଯିବି ନାହିଁ ବୋଲି କଂଗ୍ରେସ ନେତା କହିଥିଲେ।

ଆର୍‌ଏସ୍ଏସ୍ ଏବଂ ଭାଜପା ସରକାରୀ ସଂସ୍ଥାଗୁଡ଼ିକୁ ନିୟନ୍ତ୍ରଣ କରୁଥିବା ରାହୁଲ ଅଭିଯୋଗ କରିଛନ୍ତି। ଗଣମାଧ୍ୟମ, ଅମଲାତନ୍ତ୍ର, ନିର୍ବାଚନ କମିଶନ ଏବଂ ନ୍ୟାୟପାଳିକା ଉପରେ ମଧ୍ୟ ଚାପ ପକାଯାଉଛି। ସେଥିପାଇଁ ଦେଶରେ ସ୍ୱାଭାବିକ ଗଣତାନ୍ତ୍ରିକ ପ୍ରକ୍ରିୟା ଏବେ ଉଭାନ ହୋଇଯାଇଥିବା କଂଗ୍ରେସ ନେତା କହିଛନ୍ତି। ଏହା ଗୋଟିଏ ରାଜନୈତିକ ଦଳର ଅନ୍ୟ ଦଳ ସହ ଲଢ଼େଇ ନୁହେଁ। ଏହା ଶାସକ ଦଳ ଏବଂ ଆର୍‌ଏସ୍ଏସ୍ ନିୟନ୍ତ୍ରଣରେ ଥିବା ଅନୁଷ୍ଠାନ ଏବଂ ବିରୋଧୀଙ୍କ ମଧ୍ୟରେ ଲଢ଼େଇ। ସେଥିରୁ ଗୋଟିଏ ହେଲା ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ ବୋଲି ରାହୁଲ କହିଥିଲେ। ସେ ପଞ୍ଜାବରେ ଏଏପି ସରକାରକୁ ମଧ୍ୟ ସମାଲୋଚନା କରିଛନ୍ତି। ପଞ୍ଜାବର ଶାସନ କେବଳ ପଞ୍ଜାବରୁ ହେବା ଉଚିତ, ଦିଲ୍ଲୀରୁ ନୁହେଁ। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ରିମୋଟ କଣ୍ଟ୍ରୋଲ ହେବା ଉଚିତ ନୁହେଁ ବୋଲି କଂଗ୍ରେସ ନେତା ସୋମବାର କହିଥିଲେ।

# କଂଗ୍ରେସ ଛାଡ଼ିଲେ ସତ୍ୟପ୍ରକାଶ

**ଭୁବନେଶ୍ୱର,୧୭।୧(ବ୍ୟୁରୋ):** ସତ୍ୟପ୍ରକାଶ ନାୟକ ମଙ୍ଗଳବାର କଂଗ୍ରେସ ଛାଡ଼ିଛନ୍ତି। ବାରମ୍ବାର ଦଳରେ କୋଣଠେସାର ଶିକାର ହେବା ପରେ ଶେଷରେ ସେ କଂଗ୍ରେସ ଛାଡ଼ିଥିବା କଥା ସୂଚାଇ ଦେଇଛନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ପାଖକୁ ସେ ତାଙ୍କ ଇସ୍ତଫାପତ୍ର ପଠାଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ରରେ ଦଳୀୟ ନେତୃବୃନ୍ଦଙ୍କୁ ଟାର୍ଗେଟ କରିଛନ୍ତି। ଏହାସହ ଦଳରେ କନ୍ଦଳ ଭରି ରହିଥିବା ସେ ଉଲ୍ଲେଖ କରିଛନ୍ତି। ଅପରପକ୍ଷେ ପିସିସି ମେମ୍ବର ଲିଷ୍ଟରୁ କାଢ଼ିବା ପରେ ତାଙ୍କର ଦଳରେ କେତେ ଆବଶ୍ୟକତା ଅଛି ଏବଂ ଦଳ ତାଙ୍କୁ କେଉଁ ଦୃଷ୍ଟିରେ ଦେଖୁଛି ସେକଥା ସେ ବୁଝିସାରିଥିବା ଉଲ୍ଲେଖ କରିଛନ୍ତି। ସେ ୨୦୧୯ ସାଧାରଣ ନିର୍ବାଚନରେ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଏମ୍‌ପି ପ୍ରାର୍ଥୀ ହୋଇଥିଲେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELGSUT-02E, ତା.12.01.2023ରିଖ

**କାର୍ଯ୍ୟର ନାମ:** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ତାଳଚେର ଠାରେ MCL ସାଇଡ଼ିଙ୍ଗଗୁଡ଼ିକର (ସ୍ୱର1-2 ଠାରୁ ସ୍ୱର 7-8 ପର୍ଯ୍ୟନ୍ତ) (ସ୍ୱର 3-4 ଠାରୁ ସ୍ୱର 7-8 ପର୍ଯ୍ୟନ୍ତ) ଏବଂ (ସ୍ୱର 7-8 ଠାରୁ ସ୍ୱର 9-10 ପର୍ଯ୍ୟନ୍ତ) ଗୁଡ଼ିକର ଦୋହରୀକରଣ ସହିତ ସ୍ୱର 1-2 ଏବଂ TLSB ବାଇପାସ କରି ତାଳଚେର ଠାରୁ ସ୍ୱର 7-8 ପର୍ଯ୍ୟନ୍ତ ନୂଆ ଲାଇନ୍ ସମ୍ବନ୍ଧୀୟ 25kV OHE ର ଡିଜାଇନ୍, ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ପ୍ରଚଳନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 860.25 ଲକ୍ଷ, EMD(ଟଙ୍କାରେ): 5,80,100/-, କାର୍ଯ୍ୟ ଶେଷ ହେବା ଅବଧି : 12(ବାର)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.06.02.2023 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିକ୍ରେତାମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିକ୍ରେତାମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଇଟର୍ଡ଼ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1 ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଗପ୍ତର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/GSU ଅନୁଗୁଳ
PR-160/CF/22-23

**ଭିଏଲ୍‌ସିସି ମାଲିକାନା ପରିବର୍ତ୍ତନ**

ଭିଏଲ୍‌ସିସି, ବର୍ତ୍ତମାନ ୧୧୮ଟି ସହର ଏବଂ ୧୧ଟି ଦେଶରେ ବିଉଟି ସ୍କିନ୍‌କେୟାର ତଥା ୱେଲ୍‌ନେସ୍ ବଜାରରେ ପରିଚାଳିତ ଭାରତର ସ୍ୱଦେଶୀ ଅଗ୍ରଗଣ୍ୟ କମ୍ପାନୀକୁ ପ୍ରାଇଭେଟ୍ ଇକ୍ୱିଟି ଗ୍ରୁପ୍ କାର୍ଲାଇଲ୍ ଏସିଆ ପାର୍ଟନର୍ସ ଅପ୍ରକାଶିତ ମୂଲ୍ୟରେ କ୍ରୟ କରିଛି।
ଏଭଳି ନିବେଶ ଭାରତୀୟ ବଜାରର ଅଭିବୃଦ୍ଧିଶୀଳ ସୁଯୋଗ ଉପରେ କାର୍ଲାଇଲ୍‌ର ଆତ୍ମବିଶ୍ୱାସକୁ ସୂଚାଉଥିବା ବେଳେ, ଭିଏଲ୍‌ସିସି ତାହା ପରିଚାଳିତ ହେଉଥିବା ବଜାର ଓ ଦେଶରେ ନିଜର ବଜାର ଭାଗକୁ ବୃଦ୍ଧି କରିବା ଏବଂ କାର୍ଲାଇଲ୍‌ର ବିଶ୍ୱବ୍ୟାପୀ ଅଭିଜ୍ଞତାକୁ କାମରେ ଲଗାଇ ନିଜର ବଜାରକୁ ସମ୍ପ୍ରସାରିତ କରିବା ପାଇଁ ଅତ୍ୟନ୍ତ ଆଶାବାଦୀ ଅଟେ।
ସହବନ୍ଧନର ଏହି ରଣନୀତି ଉଭୟ କମ୍ପାନୀକୁ ଲାଭାନ୍ୱିତ କରିବା ସହିତ ବ୍ରାଣ୍ଡ ଭିଏଲ୍‌ସିସିକୁ ସଫଳତାର ପରବର୍ତ୍ତୀ ଶିଖର ପର୍ଯ୍ୟନ୍ତ ନେଇଯିବ ବୋଲି ଆଶା କରାଯାଉଛି।

# ସରକାର ଆର୍ଥିକ ଅସମାନତା ବଢ଼ାଉଛନ୍ତି: କଂଗ୍ରେସ

ନୂଆଦିଲ୍ଲୀ,୧୭।୧(ପି.ଟି.)

ଭାଜପା ନେତୃତ୍ୱାଧୀନ ସରକାର ଦେଶରେ ଆର୍ଥିକ ଅସମାନତା ବଢ଼ାଉଥିବା କଂଗ୍ରେସ ମଙ୍ଗଳବାର ଅଭିଯୋଗ କରିଛି। ଦେଶର ୧ ପ୍ରତିଶତ ଅତି ଧନୀଙ୍କ ପାଖରେ ଦେଶ ସମ୍ପତ୍ତିର ୪୦ ପ୍ରତିଶତ ରହିଥିବାବେଳେ ତଳସ୍ତରରେ ଥିବା ୫୦ ପ୍ରତିଶତଙ୍କ ପାଖରେ ମାତ୍ର ୩ ପ୍ରତିଶତ ସମ୍ପତ୍ତି ରହିଥିବା ସୋମବାର ଡାଭୋସରେ ଅନୁଷ୍ଠିତ ବିଶ୍ୱ ଅର୍ଥନୀତି ଫୋରମ୍‌ର ବାର୍ଷିକ ସମ୍ମିଳନୀରେ ଅକ୍ସଫାମ୍ ଇଣ୍ଟରନ୍ୟାଶନାଲ ଦାଖଲ କରିଥିବା ରିପୋର୍ଟରେ କୁହାଯାଇଥିଲା। ଭାରତରେ ଭାଜପା ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ତାରତମ୍ୟ ଏତେ ବଢ଼ାଇ ଦେଇଛି ଯେ ସାଧାରଣ ଲୋକେ ରସାତଳଗାମୀ ହୋଇଗଲେଣି ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଆର୍ଥିକ ଅସମାନତାର ତାରତମ୍ୟ ପୂରଣ କରିବା ଲାଗି ଭାରତ ଯୋଡ଼ୋ ଯାତ୍ରା କରାଯାଉଥିବା ଖାର୍ଗେ ଟୁଇଟ୍ କରିଛନ୍ତି। ଦେଶରେ ଦାରିଦ୍ର୍ୟ ବଢ଼ାଉଥିବା ସରକାରଙ୍କ ନୀତି ବିରୋଧରେ ଭାରତ ଯୋଡ଼ୋ ଯାତ୍ରା ଲୋକଙ୍କ ସ୍ୱର ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ୨୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିଥିଲା। ପ୍ରଧାନମନ୍ତ୍ରୀଙ୍କ ଦାରିଦ୍ର୍ୟ ବୃଦ୍ଧି ନୀତି ଯୋଗୁ ଦେଶରେ ଗରିବୀ ବଢ଼ୁଛି। ମୋଦି ସରକାର ଅଳ୍ପ କେତେଜଣ ଧନୀଙ୍କ ପାଇଁ କାର୍ଯ୍ୟ କରୁଛି। ୨୧ ଜଣ ଧନୀ ଭାରତୀୟଙ୍କ ପାଖରେ ଥିବା ସମ୍ପତ୍ତି ୭୦ କୋଟି ଲୋକଙ୍କ ସମ୍ପତ୍ତିଠାରୁ ଅଧିକ ବୋଲି କଂଗ୍ରେସ କହିଛି।

# ନଡ୍ଡାଙ୍କ କାର୍ଯ୍ୟକାଳ ବଢ଼ିଲା

**ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦରେ ୨୦୨୪ ଜୁନ୍ ଯାଏ ରହିବେ**



ଜଗତ ପ୍ରକାଶ ନଡ୍ଡା

ନୂଆଦିଲ୍ଲୀ,୧୭।୧

ଭାଜପା ଜାତୀୟ କାର୍ଯ୍ୟକାରିଣୀରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କ କାର୍ଯ୍ୟକାଳ ବଢ଼ାଇ ଦିଆଯାଇଛି। ସେ ଆସନ୍ତା ବର୍ଷ ଜୁନ୍ ପର୍ଯ୍ୟନ୍ତ ଦଳର ମୁଖ୍ୟ ରହିବେ। ମଙ୍ଗଳବାର ଜାତୀୟ କାର୍ଯ୍ୟକାରିଣୀର ଦ୍ୱିତୀୟ ଦିନରେ ଅମିତ୍ ଶାହା ଏହା ଘୋଷଣା କରିଛନ୍ତି। ୨୦୨୦ରେ ନଡ୍ଡା ଶାହାଙ୍କଠାରୁ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ଜାନୁୟାରୀରେ ତାଙ୍କର ୩ ବର୍ଷୀୟା କାର୍ଯ୍ୟକାଳ ପୂରଣ ହେଉଥିଲା। ତେବେ ଚଳିତ ବର୍ଷ ୯ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଏବଂ ୨୦୨୪ରେ ସାଧାରଣ ନିର୍ବାଚନ ଥିବାରୁ ଏହାକୁ ଦୃଷ୍ଟିରେ ରଖି ତାଙ୍କ କାର୍ଯ୍ୟକାଳକୁ ବଢ଼ାଇବା ଲାଗି ଜାତୀୟ କାର୍ଯ୍ୟକାରିଣୀ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନେତୃତ୍ୱରେ ଭାଜପା ୨୦୨୪ ଲୋକ ସଭା ନିର୍ବାଚନରେ ୨୦୧୯ଠାରୁ ଅଧିକ ଆସନରେ ବିଜୟୀ ହେବା ନେଇ ଦଳ ନିଶ୍ଚିତ ରହିଥିବା ଶାହା କହିଛନ୍ତି। ମହାମାରୀ ବେଳେ ନଡ୍ଡାଙ୍କ ନେତୃତ୍ୱକୁ ଶାହା ପ୍ରଶଂସା କରିଛନ୍ତି। ଲୋକଙ୍କ ସେବା ସହ ସେ ଦଳୀୟ ସଂଗଠନକୁ ଯୋଡ଼ିଥିଲେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା କହିଛନ୍ତି।

# ୨୦୨୪ ପର୍ଯ୍ୟନ୍ତ ସମୀର ରାଜ୍ୟ ଭାଜପା ସଭାପତି ରହିବେ: ପୃଥ୍ୱୀରାଜ

**ଭୁବନେଶ୍ୱର,୧୭।୧(ବ୍ୟୁରୋ):** ୨୦୨୪ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଭାଜପା ରାଜ୍ୟ ସଭାପତି ଭାବେ ସମୀର ମହାନ୍ତି କାର୍ଯ୍ୟ ଜାରି ରଖିବେ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ବଢ଼ିଲେ ସେହି ଅନୁସାରେ ସବୁ ରାଜ୍ୟ ସଭାପତିଙ୍କ କାର୍ଯ୍ୟକାଳ ମଧ୍ୟ ବଢ଼ିଥାଏ। ସମୀରଙ୍କ ନେତୃତ୍ୱରେ ଦଳ ଏଠାରେ ଭଲ ପ୍ରଦର୍ଶନ କରୁଛି। ସେ ୨୦୨୪ ବିଧାନସଭା ନିର୍ବାଚନ ଶେଷ ପର୍ଯ୍ୟନ୍ତ ସଭାପତି ଭାବେ କାର୍ଯ୍ୟ କରିବା ନେଇ ଖୁବଶୀଘ୍ର ଘୋଷଣା ହୋଇଯିବ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ୨୦୨୪ ଜୁନ୍ ପର୍ଯ୍ୟନ୍ତ ନିଜର ପଦ ବଜାୟ ରଖିବେ ବୋଲି ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ହୋଇଛି। ମୁଖ୍ୟତଃ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ନିଜର ସାଙ୍ଗଠନିକ ପରିବର୍ତ୍ତନ କରିବାକୁ ଚାହିଁ ନାହିଁ ବୋଲି ପୃଥ୍ୱୀରାଜ କହିଛନ୍ତି।

# 'ଯୋଗ୍ୟ ହିତାଧିକାରୀ ବାଛିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ'

**ରାଜ୍ୟପାଳଙ୍କୁ ଭାଜପା ପ୍ରତିନିଧି ମଣ୍ଡଳୀର ଅନୁରୋଧ**

- ଆବାସ ଘର: ଭାଜପା-ବିଜେଡି ଭିତରେ ତୁଟୁନି କଳି
- ଏକାଧିକ ଥର ଅଯୋଗ୍ୟଙ୍କୁ ଘର ମିଳିବା ନେଇ ଅଭିଯୋଗ କରିଛୁ: କଂଗ୍ରେସ

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ ସଦ୍ୟତମ ମିଳିଥିବା ଅତିରିକ୍ତ ୯.୫୯ ଲକ୍ଷ ଘର ସ୍ୱଚ୍ଛ ଓ ନିରପେକ୍ଷଭାବେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯାଉ। ଏଥିଲାଗି ଯେପରି ଉଚିତ ପଦକ୍ଷେପ ନିଆଯିବ ସେନେଇ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ମଙ୍ଗଳବାର ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଭେଟି ଭାଜପା ପ୍ରତିନିଧି ମଣ୍ଡଳୀ ଅନୁରୋଧ କରିଛି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝିଙ୍କ ନେତୃତ୍ୱରେ ଭାଜପା ବିଧାୟକ ଏବଂ ଦଳୀୟ ନେତାମାନେ ରାଜ୍ୟପାଳଙ୍କୁ ଭେଟି ଅନୁରୋଧ କରିବା ସହିତ କହିଛନ୍ତି, ଆବାସ ଯୋଜନାର ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଓଡ଼ିଶା ସରକାର ନିମନ୍ତ୍ରଣ କରନ୍ତୁ। ଓଡ଼ିଶାର ଆଶା ଆକାଂକ୍ଷାକୁ ପ୍ରାଥମିକତା ଦେବା ଭିତ୍ତିରେ ପୂର୍ବରୁ ୨୦୧୮ରେ ଆବାସ ପ୍ଲସ୍ ୱେବ୍‌ସାଇଟ୍‌ରେ ୪ ଥର ସମୟ ସୀମା ବୃଦ୍ଧି କରିଥିଲେ। ତଥାପି ହିତାଧିକାରୀଙ୍କ ତାଲିକା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ଫନୀ ବାତ୍ୟା ଯୋଗୁ ଆବାସ ପ୍ଲସ୍ ପ୍ଲାଟଫର୍ମରେ ଓଡ଼ିଶାକୁ ୨ଟି ସ୍ପେଶାଲ ୱିଣ୍ଡୋରେ ଅଧିକ ଯୋଗ୍ୟ ପରିବାର ବର୍ଗଙ୍କୁ ସାମିଲ କରିବା ପାଇଁ ଅନୁମତି ଦିଆଯିବା ପରେ ମଧ୍ୟ ରାଜ୍ୟ ସରକାର ହିତାଧିକାରୀଙ୍କୁ ସାମିଲ କରିପାରି ନ ଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାରମ୍ବାର ହସ୍ତକ୍ଷେପ ଓ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହଙ୍କ ଯୋଗୁ ପୁଣିଥରେ ଆବାସ ପ୍ଲସ୍ ପୋର୍ଟାଲ ଖୋଲିଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବର୍ତ୍ତମାନ ଥିବା ୧୮ ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ଲକ୍ଷେଙ୍କୁ ଘର ଆବଣ୍ଟନ, କାର୍ଯ୍ୟାଦେଶ ଓ ବ୍ୟାଙ୍କ ପେମେଣ୍ଟ ଆଦିରେ ଅନିୟମିତତା ପରିଲକ୍ଷିତ ହୋଇଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଏ ପ୍ରସଙ୍ଗରେ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ବିଭିନ୍ନ ସମୟରେ ବିଧାନସଭାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଯୋଗ୍ୟ ତଥା ବିଜେଡି କର୍ମୀଙ୍କୁ ଘର ବଣ୍ଟାଯାଉଥିବା ନେଇ ବହୁବାର ଅଭିଯୋଗ କରିଆସିଛୁ। ଏବେ ଯଦି ଅଯୋଗ୍ୟ ହିତାଧିକାରୀଙ୍କୁ ଘର ମିଳିବ ତେବେ କଂଗ୍ରେସ ଜୋରଦାର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

**FOREST, ENVIRONMENT AND CLIMATE CHANGE DEPARTMENT, ODISHA**
**OFFICE OF THE DIVISIONAL FOREST OFFICER, JHARSUGUDA FOREST DIVISION**
Email: dfo.jharsuguda@odisha.gov.in, Ph.: 06645-295040
**BID IDENTIFICATION No. DFO-JSG-02/2023(1F)/Dated**
**No. 06/1F (Accts.), Dated, Jharsuguda the 16th January, 2023**

**e-Procurement Notice**

| | | |
|---|---|---|
| 1. | Name of work | : Construction of Entrance Gate Plaza & Temple Ghat with Graffiti work at Koilighughar in Belpahar Forest Range under Jharsuguda Forest Division during the FY 2022-23. |
| 2. | Total No. of works | : 01 No. |
| 3. | Estimated Cost | : Rs.58,73,190.00 |
| 4. | Period of Completion | : 04 (Four) Calendar Months |
| 5. | Date of availability of bid documents in portal | : 16.01.2023 to 03.02.2023 |
| 6. | Last date/time for receipt of bids in the portal | : Upto 05.00 P.M. of 03.02.2023 |
| 7. | Date & Time of Technical Bid Opening | : At 11.00 A.M. of 04.02.2023 |
| 8. | Date & Time of Financial Bid Opening | : At 11.00 A.M. of 07.02.2023 |
| 9. | Class of Contractor | : "A" & "B" Contractor |
| 10. | Name and address of Officer Inviting Bid | : Divisional Forest Officer, Jharsuguda Forest Division, Jharsuguda |

(a) Further, details can be seen from the e-procurement portal **www.tenderodisha.gov.in / www.dfojharsuguda.org / www.jharsuguda.nic.in**.
(b) The addendum/corrigendum if any will be hoisted in the website only.

**Sd./- Divisional Forest Officer**
**Jharsuguda Forest Division**

**ଏସ୍ଏଲ୍ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୩-୦୪/୦୫ ତାରିଖ: ୧୭।୦୧।୨୦୨୩**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୨ (ଦୁଇ) ବର୍ଷ ଅବଧି ଲାଗି ଏସ୍ଏଲ୍ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି; ଯାହା https://www.ireps.gov.in ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୨୩-୦୪ | ୨୭।୦୧।୨୦୨୩ | ୧୦.୦୦ ଘଟିକା | ୧୬.୨୦ ଘଟିକା |
| ପାର୍ସଲ | ଲିଜ୍-କେଜିପି-୨୩-୦୫ | ୦୧।୦୨।୨୦୨୩ | ୧୨.୦୦ ଘଟିକା | ୧୩.୦୦ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-1018) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ

**झारखण्ड सरकार**
**ग्रामीण कार्य विभाग, मुख्य अभियंता का कार्यालय**
**102, द्वितीय तल्ला, अभियंत्रण भवन, कचहरी रोड, राँची**

पत्रांक– दिनांक–

**शुद्धि पत्र**

एतद् द्वारा सूचित किया जाता है कि ग्रामीण कार्य विभाग, कार्य प्रमण्डल, **चतरा** के ई–निविदा आमंत्रण संख्या– **194/2022-23/RWD/CHATRA**, दिनांक– **21.12.2022**, PR NO.- **285723** के द्वारा प्रकाशित निविदा की तिथि में अपरिहार्य कारणवश निम्नरूपेण परिवर्तन किया जाता है।

1. वेबसाईट में निविदा प्रकाशन की तिथि:– **19.01.2023**
2. ई–निविदा प्राप्ति की अंतिम तिथि एवं समय:– **30.01.2023** अपराह्न 5.00 बजे तक।
3. **(क)** मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा **(ख)** जिला नियंत्रण कक्ष, **राँची** अथवा **(ग)** जिला नियंत्रण कक्ष, **चतरा** में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:– **31.01.2023** पूर्वाह्न 10.00 बजे से अपराह्न 3.30 बजे तक।
4. निविदा खोलने की तिथि एवं समय:– **01.02.2023** पूर्वाह्न 11.30 बजे।

विस्तृत जानकारी के लिए वेबसाईट jharkhandtenders. gov. in में देखा जा सकता है। अन्य शर्तें यथावत रहेंगें।

नोडल पदाधिकारी
ई–प्रोक्युर्मन्ट सेल
PR 287725 (Rural Work Department) 22-23 (D)

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, KESHARI NAGAR, UNIT - V, BHUBANESWAR - 751 001**
File No. PIM-Misc.-10/2008 (Pt.) No. B-1132 No. WBP-CDMP 169 / Dtd.13.01.2023

**1st Corrigendum to RFP Identification No. CE-WBP (O) - 29/2022-23**

1. The following changes are made to the RFP for the package vide RFP Identification No. CE-WBP (O) - 29/2022-23 issued vide Letter No. 49205 Dtd.21.12.2022 for inclusion of EMD/Bid Security amount as follows:

| Sl. No. | Name of the Project | Indicative Length of Bridge Proper (In meter) | Indicative Length of Bridge Approach (In meter) | Indicative Total Project Cost (Rs. in Crores) | E.M.D./ Bid Security (Rs. in Lakh) | Period of Completion | Name of the (R&B) Division |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | Construction of H.L. Bridge with approach road over river Brahmani on Silling to Talapada in the district of Angul under State Plan on EPC Mode | 511.00m | 1082.00m | 50.88 | 50.88 | 30 (Thirty) Calendar Months | Angul (R&B) Division, Angul |

The bidder shall either deposit online the Earnest Money Deposit (E.M.D.)/Bid Security of the amount specified for the projects in Column 6 of above table as a part of its bid through a process as mentioned in RFP on the online application must be accompanied with scanned copy of Earnest Money Deposit (E.M.D.)/Bid Security of **Amount as mentioned in Column 6 of above Table** in the form of Bank Guarantee (B.G.) as per format mentioned in Appendix - II of RFP, issued from any Nationalized Bank, counter guaranteed in the Branch at Bhubaneswar. If the Earnest Money Deposit (E.M.D.)/Bid Security is furnished in shape of Bank Guarantee (B.G.), the same should be submitted to the undersigned on or before **7 (Seven) Days technical proposal of the bidder shall be non response**.

2. Modification for Critical Dates.
- The request for proposal documents will be available in the website **www.tendersodisha.gov.in** from **10.00 A.M. of 12.01.2023 to 5.00 P.M. of 03.02.2023** for online bidding.
- Interested bidders may download the documents from the State Government website **www.tendersodisha.gov.in** from **10.00 A.M. of 12.01.2023 to 5.00 P.M. of 03.02.2023** for participation in the online bidding.
- A Pre-BID conference of the interested bidders shall be held at the following address of authority on **17.01.2023 at 12.30 P.M.**
- The application received online shall be opened at **3.00 P.M. on 04.02.2023**.

All other terms and conditions remain unchanged.

**Sd./- Chief Engineer**
**World Bank Projects, Odisha**
OIPR-34003/11/0066/2223

Annexure - 'A'

**OFFICE OF THE DIVISIONAL FOREST OFFICER, PARALAKHEMUNDI DIVISION**
E-mail: dfo.parlakhemundi@odisha.gov.in

**Tender Sale Notice for Disposal of Confiscated Vehicles of Paralakhemundi Forest Division during the Year 2022-23**

No. MM-421: Sealed tenders are invited from intending purchasers for sale of confiscated vehicles of the following description on "as is where basis is". The vehicles are presently available at the place noted against each. The sealed tenders in prescribed proforma should be submitted in office of the Divisional Forest Officer, Paralakhemundi Division on or before **13th February - 2023 upto 12.00 P.M.** and will be opened on the same day **at 3.30 P.M.**
The tender papers along with the term and condition can be obtained from the Office of the Divisional Forest Officer, Paralakhemundi Division on payment of **Rs.100/- (Rupees one hundred)** only per tender paper in shape of non-refundable Demand Draft in favour of the Divisional Forest Officer, Paralakhemundi Division or cash against which money receipt will be issued on any working day during the office hours **(11.00 A.M. to 05.00 P.M.)** from the date of publication of the tender notice upto **10th February - 2023**.
The undersigned reserves all the rights to accept or to reject any or all tender papers without assigning reason thereof.

**LIST OF VEHICLES**

| Sl. No. | Name & Make of the Confiscated Vehicles | Registration Number of the Vehicle | Place of Available of the Vehicle with Range |
|---|---|---|---|
| 1 | TATA - 207 | OR 10 E - 1788 | Mohana Range |
| 2 | 407 - Mini Truck | OAG - 9414 | Mohana Range |
| 3 | TATA - 407 | OR-02 E - 0177 | Mohana Range |
| 4 | TATA - 608 | OR-12 - 1261 | Mohana Range |
| 5 | TATA Spacio | OR 05 S - 8504 | Mohana Range |
| 6 | Mahindra Commander Jeep | OR-07 D - 5027 | Mohana Range |
| 7 | TATA Sumo | OR-07 B - 7954 | Mohana Range |
| 8 | Max Pick Up | OR-07 Q - 8636 | Mohana Range |
| 9 | Truck | ORL - 2117 | Chandragiri Range |
| 10 | APE Truck Pickup Van | OR-07 Q - 8120 | Chandragiri Range |
| 11 | Max Pickup | OR 07 H - 4714 | Chandragiri Range |
| 12 | Dala Tempo | OR-07 J - 4787 | Chandragiri |
| 13 | Max Pickup | OR-07 M - 0559 | Chandragiri |
| 14 | TATA ACE | OR 05 AB - 4073 | Chandragiri Range |
| 15 | TATA 407 | OR 07 V - 3515 | Chandragiri Range |
| 16 | Tractor with Trailer | OR 20 - 4352 / 4353 | Ramagiri Range |
| 17 | Hero Splendor Pro Motor Cycle | OD 07 B - 0546 | Mohendra Range |
| 18 | Tractor with Trailer | OR 20 - 8419 / 8420 | Devagiri Range |

**Sd./- Divisional Forest Officer**
**Paralakhemundi Division**
OIPR-08050/11/0014/2223

FEST BHUBANESWAR
FOOD • ENTERTAINMENT • STORIES • TRAILS
15-29 JANUARY



ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା 'ଡଟ୍ ଫେଷ୍ଟ'ରେ ବଲିଉଡ୍ ଏବଂ ଓଲିଉଡ୍ ଷ୍ଟାରଙ୍କ ଗୀତରେ ଉଲ୍ଲସିତ ଦର୍ଶକ।



ବଲିଉଡ୍ ଗାୟିକା ନୀତି ମୋହନ

# ଗୀତରେ ଝୁମାଇଲେ ଷ୍ଟାର୍

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ଡଟ୍‌ଫେଷ୍ଟର ମଜା ନେବା ପାଇଁ ଲୋକଙ୍କ ଗହଳି ଦିନକୁ ଦିନ ବଢ଼ି ଚାଲିଛି। ଭୁବନେଶ୍ୱର ଲାଇଭ୍ କାର୍ଯ୍ୟକ୍ରମକୁ ମନ ଭରି ଉପଭୋଗ କରୁଛନ୍ତି ଦର୍ଶକ। ସନ୍ଧ୍ୟାକୁ ରୋମାଞ୍ଚିତ କରିବା ପାଇଁ ଓଡ଼ିଶା ତଥା ବାହାରୁ ଆସୁଥିବା କଳାକାରମାନେ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ପ୍ରଦର୍ଶନ ମଧ୍ୟ କରୁଛନ୍ତି। ନାଚ, ଗୀତରେ ରାଜଧାନୀର ସନ୍ଧ୍ୟା ପୂରି ଉଠୁଛି। ତୃତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲେ ବଲିଉଡ୍ ଗାୟିକା ନୀତି ମୋହନ। ତାଙ୍କ ସହ ବଲିଉଡ୍ ଗାୟକ ଦିବ୍ୟ କୁମାର ଏବଂ ଓଲିଉଡ୍ ଗାୟିକା ପ୍ରଜ୍ଞା ହୋତାଙ୍କ ଗୀତରେ ଦର୍ଶକ ଝୁମିଥିଲେ।

## ଓଡ଼ିଶାର ଲୋକସଙ୍ଗୀତ ଶିଖିବାକୁ ଇଚ୍ଛା

ମଞ୍ଚରେ ପ୍ରଦର୍ଶନ ସମୟରେ ନୀତି କହିଥିଲେ, ଓଡ଼ିଶାର ଗୀତ, କଳା, ସଂସ୍କୃତି ବିରଳ। ଏଠାରୁ ବହୁତ କିଛି ଶିଖିବାକୁ ମିଳେ। ମୁଁ ଯେତେଥର ଆସିବି କିଛି ନା କିଛି ଶିଖିଥାଏ। ଓଡ଼ିଶାର ଲୋକ ସଙ୍ଗୀତ ଶିଖିବାକୁ ମୋର ବହୁତ ଇଚ୍ଛା।

## ଓଡ଼ିଆ କହି ମନ ଜିଣିଲେ ଗାୟିକା ନୀତି ମୋହନ

ବଲିଉଡ୍ ଗାୟିକା ନୀତି ମୋହନ ଆରମ୍ଭରୁ ଓଡ଼ିଆ ଦର୍ଶକଙ୍କ ମନ ଜିଣିବାକୁ ଚେଷ୍ଟା କରିଥିଲେ। ଓଡ଼ିଆ କହି କହି ସେ ଦର୍ଶକଙ୍କ ପାଖରେ ପହଞ୍ଚିବାର ଏକ ସୁନ୍ଦର ଚେଷ୍ଟା କରିଥିଲେ। ଗୋଟିଏ କି ଦୁଇଟି ବାକ୍ୟ ନୁହେଁ, ୫ରୁ ଅଧିକ ବାକ୍ୟ ସେ ଓଡ଼ିଆରେ କହିଥିଲେ। ମୋ ତରଫରୁ ଆପଣମାନଙ୍କୁ ନମସ୍କାର.. ଆପଣମାନେ ଭଲ ଅଛନ୍ତି ତ..ଖାଇ ପି ଆସିଛନ୍ତି ତ... ଆପଣ ମାନେ ଖୁସି ତ...ଓଡ଼ିଶା ଆସି ମୁଁ ବି ବହୁତ ଖୁସି ବୋଲି କହିଥିଲେ ନୀତି। ତାଙ୍କର ଏହି କେହିପଦ କଥାରେ ଦର୍ଶକମାନେ ତାଳି ମାରିବା ସହ ହୁଇସିଲ ମାରି ଛିଡ଼ା ହୋଇଥିଲେ।

## ବନ୍ଦେ ଉତ୍କଳ ଜନନୀରୁ ରଙ୍ଗବତୀ

ଓଡ଼ିଶାର ସ୍ୱାଭିମାନ ଓ ପରିଚୟର ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଏବଂ ଚର୍ଚ୍ଚିତ ଓଡ଼ିଆ ଗୀତ 'ରଙ୍ଗବତୀ'କୁ ଅତି ସୁନ୍ଦର ଭାବେ ଗାଇ ଓଡ଼ିଶା ଏବଂ ଓଡ଼ିଆକୁ ଭଲ ପାଇବାର ଇସାରା ଦେଇଥିଲେ ଗାୟିକା ନୀତି। ବନ୍ଦେ ଉତ୍କଳ ଜନନୀର ଗୋଟିଏ ପାରାକୁ ସେ ବେଶ୍ ସୁନ୍ଦର ଭାବେ ପରିବେଷଣ କରିଥିଲେ। ସଙ୍ଗୀତକୁ ସମ୍ମାନ ଜଣାଇ ଦର୍ଶକମାନେ ମଧ୍ୟ ସିଟ୍‌ରୁ ଉଠି ପଡ଼ିଥିଲେ। ପରେ ରଙ୍ଗବତୀର ତାଳେତାଳେ ନିଜେ ନାଚିବା ସହ ଦର୍ଶକଙ୍କୁ ନଚାଇଥିଲେ। ନୀତି କହିଥିଲେ, ରଙ୍ଗବତୀ ଗୀତ ବହୁ ଲୋକପ୍ରିୟ। ମୁଁ ଅନେକଥର ଶୁଣିଛି। ଏହା ମୋତେ ବହୁତ ଭଲ ଲାଗେ। ସେଥିପାଇଁ ମୁଁ ଶିଖିବାକୁ ଚେଷ୍ଟା କରିଥିଲି।

## ହଙ୍ଗାମା ଗୀତରେ ହଙ୍ଗାମା କରି ବିଦାୟ ନେଲେ

ଭୁବନେଶ୍ୱର ଲାଇଭ୍‌ର ୩ୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିବା ଗାୟିକା ନୀତି ମୋହନ ଆସମାନ ଗୀତରୁ ପ୍ରଦର୍ଶନ ଆରମ୍ଭ କରିଥିଲେ। ମେରେ ୟାରା..., ନେନୋ ୱାଲେନେ..., ଇସ୍କ ୱାଲା ଲଭ୍.., ବ୍ୟାଙ୍ଗ୍ ବ୍ୟାଙ୍ଗ୍.., ଘୁଙ୍ଗୁରୁ ଟୁଟ୍ ଗେୟେ.., ଜିୟା ଜିୟାରେ ଜିୟା.., ମେରି ଜାନ୍..., ଲଣ୍ଡନ ଠୁମକ୍‌ଦା.., ତାରେ ଗିନ୍.., ଦମ୍ ମାରୋ ଦମ୍.., ଲୈଲା ମେ ଲୈଲା... ଓ ଶେଷରେ ହଙ୍ଗାମା ହୋଗେୟା... ଗୀତରେ ହଙ୍ଗମା ମଚାଇଥିଲେ ନୀତି ମୋହନ।

## ଦର୍ଶକଙ୍କ ପାଖକୁ ଗଲେ, ମଞ୍ଚରେ ନଚାଇଲେ

ନୀତିମୋହନ ଗୀତ ଗାଇ ଗାଇ କେତେବେଳେ ଦର୍ଶକଙ୍କ ପାଖେ ପହଞ୍ଚି ଯାଉଥିଲେ ତ ଆଉ କେତେବେଳେ କୁନି କୁନି ପିଲାଙ୍କୁ ମଞ୍ଚ ଉପରେ ଆଣି ନଚାଇଥିଲେ। ଦୂରରେ ରହି ପ୍ରଦର୍ଶନ କରିବାଠାରୁ ଲୋକଙ୍କ ପାଖକୁ ଯାଇ ଗୀତ ଗାଇ ଝୁମିଥିଲେ, ଆଉ ସମସ୍ତଙ୍କୁ ଝୁମାଇଥିଲେ। ନିଜର ଚୁଲବୁଲି ଅନ୍ଦାଜରେ ସମସ୍ତଙ୍କୁ ନିଜର କଳାପରି ପ୍ରଦର୍ଶନ ରଖିଥିବା ନୀତିଙ୍କୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ।

## ପ୍ରଜ୍ଞାଙ୍କ ସୁରିଲା କଣ୍ଠରେ ଗୁଆ ଘିଅ...



ପ୍ରଜ୍ଞା ହୋତା

ଓଲିଉଡ୍‌ର ସୁରିଲା କଣ୍ଠସ୍ୱରରେ ଶ୍ରୋତାଙ୍କୁ ଝୁମାଉଥିବା ଗାୟିକା ପ୍ରଜ୍ଞା ହୋତା 'ଓ ସୁନୟନା...' ଗୀତରୁ ସଙ୍ଗୀତ ପରିବେଷଣ କରିଥିଲେ। ଏହା ପରେ ସେ ଓଲିଉଡ୍‌ର ଲୋକପ୍ରିୟ ଗୀତଗୁଡ଼ିକୁ ଗାଇଥିଲେ। ବେବି ଓ ବେବି.., ଲଚକ ମଣି ଚୋରା ବେଣୀ.., ପ୍ୟାର୍ ୱାଲା ହିଚ୍‌କି...ଗାଇବା ପରେ ନିକଟରେ ଭାଇରାଲ ହୋଇଥିବା ଗୀତ 'ଗୁଆଘିଅ...'କୁ ମଞ୍ଚରେ ପରଷିଥିଲେ। ଗୁଆ ଘିଅ ଗୀତରେ ଦର୍ଶକ ସିଟ୍‌ରୁ ଉଠି ନାଚିବା ଆରମ୍ଭ କରିଥିଲେ। ସନ୍ଧ୍ୟାର କାର୍ଯ୍ୟକ୍ରମ ତାଙ୍କଠାରୁ ଆରମ୍ଭ ହୋଇଥିବାବେଳେ ଗୁଆ ଘିଅ ଗୀତରେ ଧମାଲ ମଚାଇ ବିଦାୟ ନେଇଥିଲେ।

## ରୋମାଣ୍ଟିକ୍ ଗୀତ ଗାଇଲେ ଦିବ୍ୟ କୁମାର



ଦିବ୍ୟ କୁମାର

ବଲିଉଡ୍‌ର ଲୋକପ୍ରିୟ ସ୍ଲୋ ମୋଶନ ଗୀତରୁ ଆରମ୍ଭ ହୋଇଥିଲା ବଲିଉଡ୍ କଣ୍ଠଶିଳ୍ପୀ ଦିବ୍ୟ କୁମାରଙ୍କ ପରିବେଷଣ। ରବା ରବା ଶୁକର ତେରା.., ତେରେ ବିନ୍ ନେହିଁ ଲଗଦ୍ ଦିଲ୍ ମେରା.., ମସ୍ତ ମଗନ୍.., କେଶରିୟା.., ମସ୍କ କଲନ୍ଦର.., ତୁ ମେରା ଦିଲ୍.. ଭଳି ଗୀତରେ ପ୍ରେମ ଓ ରୋମାଣ୍ଟିକ ଭରିଥିଲେ ଦିବ୍ୟ। ଏହାପରେ ଟିକେ ଦର୍ଶକଙ୍କୁ ନଚାଇବା ପାଇଁ ହବନ କରେଙ୍ଗେ.., ଶୁନୋ କାଲ ରାତ କି କାହାମନି ଗୀତ ଗାଇ ଜୋସ୍ ଭରି ଦେଇଥିଲେ।

## ଆଜି ଓଡ଼ିଆ କଳାକାରଙ୍କ ସହ ନାଚିବେ, ଗାଇବେ ଦର୍ଶକ

ଡଟ୍ ଫେଷ୍ଟର ଚତୁର୍ଥ ଦିବସ ବୁଧବାର ସନ୍ଧ୍ୟାର ଥିମ୍ ରହିଛି 'ଚକ୍ ଦେ ଓଡିଶା'। ଏଥିରେ ଦର୍ଶକମାନେ ନିଜ ପସନ୍ଦର ଓଡିଆ କଳାକାରଙ୍କ ପ୍ରଦର୍ଶନକୁ ଉପଭୋଗ କରିପାରିବେ। ଗାୟିକା ଲିସା ମିଶ୍ର, ସ୍ମିତି ମିଶ୍ର, ଋତୁରାଜ ମହାନ୍ତି ଏବଂ ଓଡିଆ ରାପର୍ ବିଗ୍‌ଡିଲ୍ ସମୀର ରିଶୁ ମହାନ୍ତି ନିଜର ପ୍ରଦର୍ଶନ ସହିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିବେ।

## ମିଡିଆ ଗ୍ୟାଲେରିରେ ପଶିଗଲେ

ମିଡିଆ ଗ୍ୟାଲେରିରେ ପଶି ଯାଇଥିଲେ କିଛି ଯୁବତୀ। ପାଖରେ ଅଲଗା ଶ୍ରେଣୀର ପାସ୍ ଥାଇ ବି ମିଡିଆ ଗ୍ୟାଲେରିକୁ ପଶି ଯାଇଥିଲେ। ପୋଲିସର ନଜର ପଡ଼ିବା ପରେ ସେମାନଙ୍କ କାର୍ଡ ନ ଦେଖିବାକୁ ପାଇ ସେମାନଙ୍କୁ ସେଠାରୁ ଚାଲି ଯିବାକୁ କହିଥିଲେ। କିନ୍ତୁ ସେମାନେ ନ ଶୁଣି ମିଡିଆ ଗ୍ୟାଲେରିରେ ବସିଥିଲେ। ଯାହା ଫଳରେ ବିଶୃଙ୍ଖଳା ଦେଖିବାକୁ ମିଳିଥିଲା। ଯୁକ୍ତିତର୍କ ହେବା ପରେ ପୋଲିସ ସେମାନଙ୍କୁ ସେଠାରୁ ଉଠାଇ ଗ୍ୟାଲେରି ବାହାରକୁ ବାହାର କରିବା ସହ ଜଣେ ଅଧିକାରୀଙ୍କୁ ସେଠାରେ ଜଗାଇଥିଲେ।

## ୨ ଦିନ ଫ୍ରି

ବୁଧବାର ଓ ଗୁରୁବାର ଦୁଇଦିନ ଡଟ୍‌ଫେଷ୍ଟର ଭୁବନେଶ୍ୱର ଲାଇଭ୍‌କୁ ଫ୍ରି'ରେ ଦେଖି ପାରିବେ ଦର୍ଶକ। ବିନା ଟିକେଟରେ ଗୋଲ୍ଡ,ସିଲ୍‌ଭର ଓ ପ୍ଲାଟିନମ୍ କ୍ଲାସ୍‌ରେ ବସି କାର୍ଯ୍ୟକ୍ରମ ଉପଭୋଗ କରିବାର ସୁଯୋଗ ମିଳିବ। ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଏହି ସୂଚନା ମିଳିଛି। ବୁଧବାର ଆଞ୍ଚଳିକ କଳାକାର ଓ ଗୁରୁବାର ସୁଫି ସଂଗୀତ ପରିବେଷଣ କରିବେ।

# କାହାଣୀ, ନାଟକ, କମେଡିରେ ଭରିଲା ମଞ୍ଚ





ସରିଲା ଭୁଫେଷ୍ଟୋ

ବକୁଳ ଫାଉଣ୍ଡେଶନ ପ୍ରତିଷ୍ଠାତା ସୁଜିତ ମହାପାତ୍ରଙ୍କ ସହ ଅଭିନେତ୍ରୀ ନନ୍ଦିତା ଦାସ ଓ ସମ୍ବର୍ଦ୍ଧିତ ଷ୍ଟୋରି ଟେଲରମାନେ।

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ରାଜଧାନୀରେ ୪ଦିନ ଧରି ଚାଲିଥିବା କାହାଣୀ ଉତ୍ସବ ଭୁଫେଷ୍ଟୋ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବିଡିଏ ପକ୍ଷରୁ ବକୁଳ ଫାଉଣ୍ଡେଶନ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଶେଷଦିନ ଅଧିକ ଆକର୍ଷଣୀୟ ହୋଇପାରିଛି। ଚନ୍ଦ୍ରଶେଖରପୁରସ୍ଥିତ ବୁଦ୍ଧ ଜୟନ୍ତୀ ପାର୍କରେ ମୀରା ଦାସ କୁନି ପିଲାଙ୍କୁ ମନୋଜ ଦାସଙ୍କ ଲିଖିତ କାହାଣୀ ଶୁଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁଏସ୍‌ଏର ଆଣ୍ଟୋନିଓ ରୋଚା, ଶାଶ୍ୱତୀ ପଟ୍ଟନାୟକ ଓ ଅନୁଭା ଦଶପାଳଙ୍କ କାହାଣୀ ମନୋରଞ୍ଜନର ଖୋରାକ୍ ଯୋଗାଇଥିଲା। ସେହିପରି ପୋଖରୀପୁଟସ୍ଥିତ କଳାଭୂମିରେ ରାବଣଛାୟା ନାଟକ ବେଶ୍ ରୋମାଞ୍ଚକର ହୋଇଥିଲା। ଢେଙ୍କାନାଳର ଶ୍ରୀରାମ ଛାୟା ନାଟକ ଗବେଷଣା ପରିଷଦ ପକ୍ଷରୁ ଛାୟା ନାଟକ ପରିବେଷଣ କରାଯାଇଥିଲା। ଗୌରାଙ୍ଗ ଦାସ ଓ ତାଙ୍କ ଦଳ ଏଥିରେ ରାମାୟଣର କଥାବସ୍ତୁ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂପୁର ଅଗ୍ରୱାଲ, ଦକ୍ଷିଣ ଆଫ୍ରିକାର ବୋଙ୍ଗିସ୍ୱା, ଷ୍ଟାଣ୍ଡ ଅପ୍ କମେଡିଆନ୍ ହୃଦୟରଞ୍ଜନଙ୍କ କାହାଣୀ ଦର୍ଶକଙ୍କ ମନକୁ ଛୁଇଁଥିଲା। ତେବେ ଇନ୍ଦିରାଗାନ୍ଧୀ ପାର୍କରେ ମଧ୍ୟ ବିଶିଷ୍ଟ ଷ୍ଟୋରୀ ଟେଲର କାହାଣୀ ଶୁଣାଇଥିଲେ।

## ଆକର୍ଷଣରେ ନନ୍ଦିତା ଦାସ

ତେବେ ପ୍ରସିଦ୍ଧ ଅଭିନେତ୍ରୀ ତଥା ନିର୍ଦ୍ଦେଶିକା ନନ୍ଦିତା ଦାସ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ। ଓଡ଼ିଆ, ଗୁଜରାଟୀ ଓ ଇଂଲିଶ ଭାଷାରେ ସେ ଉପସ୍ଥିତ ଦର୍ଶକଙ୍କ ଭାବ ବିନିମୟ କରିଥିଲେ। କାହାଣୀ ଶୁଣାଇବାଠାରୁ ଆରମ୍ଭ କରି ନିଜର ବ୍ୟକ୍ତିଗତ ଅନୁଭୂତି ସହ ସାମାଜିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଚଳଚ୍ଚିତ୍ର ନିର୍ମାତା ନନ୍ଦିତା ଦାସ କହିଛନ୍ତି ଯେ, ଜଣେ କଥାକାର ହେବା ପାଇଁ ଜଣେ ବୃତ୍ତିଗତ ହେବା ଆବଶ୍ୟକ ନୁହେଁ। ଯେକେହି ଜଣେ କଥାକାର ହୋଇପାରନ୍ତି। ଆପଣଙ୍କୁ ଏଭଳି ଏକ କାହାଣୀ କହିବାକୁ ପଡ଼ିବ, ଯେଉଁଥିରେ ପିଲାମାନେ ନିଜକୁ ସଂଯୋଗ କରିପାରିବେ। ଦର୍ଶକଙ୍କ ବିନା କାହାଣୀ ମହୋତ୍ସବ ଅସମ୍ପୂର୍ଣ୍ଣ ବୋଲି ସେ କହିଥିଲେ। ବକୁଳ ଫାଉଣ୍ଡେଶନ ପ୍ରତିଷ୍ଠାତା ସୁଜିତ ମହାପାତ୍ର ଭୁଫେଷ୍ଟୋର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଇଣ୍ଡୋନେସିଆର ଆରିୟୋ, ସ୍କଟଲ୍ୟାଣ୍ଡର ମାରିୟନ୍ କେନି ଉପସ୍ଥିତ ରହି କାହାଣୀ ଶୁଣାଇଥିଲେ। ଅକ୍ଷୟ ଗାନ୍ଧୀଙ୍କ 'କବାଡ୍ କଥା'କୁ ପିଲାମାନେ ଖୁବ୍ ଉପଭୋଗ କରିଥିଲେ। ଲୋପାମୁଦ୍ରା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଷ୍ଟୋରୀ ଟେଲରଙ୍କୁ ନନ୍ଦିତା ଦାସଙ୍କ କରକମଳରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟପଟେ ଡ.ଏପିଜେ ଅବଦୁଲ କଲାମ ପାର୍କରେ ରୋହିଣୀ ବିଜ୍, ପ୍ରାଚୀ ତାରା, ସିଙ୍ଗାପୁରର ରୋଗର ଜେଙ୍କିନ୍ସ କାହାଣୀ ଶୁଣାଇଥିଲେ।

## ପୁରୁଣା ସ୍ମୃତିକୁ ମନେପକାଇଲା 'ସେବେ ଓ ଏବେ ଫଟୋ' ପ୍ରଦର୍ଶନୀ



ସେବେ...



ଏବେ...

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ହକି ବିଶ୍ୱକପ୍ ପାଇଁ ରାଜଧାନୀ ଏବେ ଚଳ ଚଞ୍ଚଳ। ନାଚ, ଗୀତ, ଖାଦ୍ୟ, ଖେଳ, ମନୋରଞ୍ଜନ ସହ ଆବାଳବୃଦ୍ଧ ଆଜି ଏକତ୍ରିତ। ରାଜଧାନୀ ଛାତିରେ ଲେଖା ହେଉଥିବା ଏହି ସଫଳ କାହାଣୀ ସହ ପୂର୍ବର ଭୁବନେଶ୍ୱର ପାଖକୁ ଫେରାଇ ନେଇଛି ଏବେ ଓ ସେବେ ଫଟୋ ପ୍ରଦର୍ଶନୀ। ମଙ୍ଗଳବାର ପ୍ରଦର୍ଶନୀ ପଡ଼ିଆଠାରେ ଏହି ପ୍ରଦର୍ଶନୀର ଶୁଭାରମ୍ଭ ହୋଇଛି। ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟକୁ ଜାବୁଡ଼ି ଧରିଥିବା ଭୁବନେଶ୍ୱରର ଛବିଗୁଡ଼ିକ ବେଶ୍ ଆକର୍ଷଣୀୟ ଥିଲା। ପୂର୍ବର ଭୁବନେଶ୍ୱରର କାହାଣୀ କହୁଥିଲା ଏହି ଛବି। ପ୍ରାୟ ୭୦ବର୍ଷ ପୂର୍ବର ଛବି ସବୁ ଏଠାରେ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଦର୍ଶନୀ ପ୍ରତ୍ୟେକ ଦିନ ସକାଳ ୧୦ଟା ୩୦ରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଖୋଲା ରହିବ।

## ସଂକ୍ଷେପରେ

### ଭୀମଟାଙ୍ଗୀ ଉନ୍ନୟନ ପରିଷଦର କର୍ମକର୍ତ୍ତା ନିର୍ବାଚିତ

ପୁରୁଣା ଭୁବନେଶ୍ୱର,୧୭।୧(ଡି.ଏନ୍.ଏ.) ଭୀମଟାଙ୍ଗୀ ଉନ୍ନୟନ ପରିଷଦର ବାର୍ଷିକ ଅଧିବେଶନ ପାଳନ ଅବସରରେ ମଙ୍ଗଳବାର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଛି। ଏଥିରେ ସଭାପତି ଭାବେ ପୁରୁଷୋତ୍ତମ ସାହୁ, କାର୍ଯ୍ୟକାରୀ ସଭାପତି ଭାବେ ମାନସ ରଞ୍ଜନ ପଟ୍ଟନାୟକ, ଉପ-ସଭାପତି ଭାବେ ପଦ୍ମନାଭ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ଭାବେ ଚିତ୍ରସେନ ବିଶୋଇ, ସଙ୍ଗଠନ ସମ୍ପାଦକ ଭାବେ ରବିନାରାୟଣ ଦାସ, ସାଂସ୍କୃତିକ ସମ୍ପାଦକ ଭାବେ ପ୍ରମୋଦ ଖୁଣ୍ଟିଆ, କୋଷାଧ୍ୟକ୍ଷ ଭାବେ ବିଶ୍ୱରଞ୍ଜନ ଚୌଧୁରୀ, ଯୁଗ୍ମ କୋଷାଧ୍ୟକ୍ଷ ଭାବେ କୃଷ୍ଣଚନ୍ଦ୍ର ସେଠୀ, ସମୀକ୍ଷକ ଭାବେ ସତ୍ୟପ୍ରିୟ ମହାନ୍ତି ନିର୍ବାଚିତ ହୋଇଥିଲେ। ଏତଦ୍ ବ୍ୟତୀତ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ସୁଧାଂଶୁ ଶେଖର ହରିଚନ୍ଦନ, ଗଣେଶ ପ୍ରଧାନ, ହରିହର ପଟ୍ଟନାୟକ, ନୀଳମାଧବ ନନ୍ଦଙ୍କୁ ନିର୍ବାଚିତ କରାଯାଇଥିଲା। ଏହି ନିର୍ବାଚନକୁ ପରିଷଦର ସଭାପତି ସୁରେଶ ଦାସ ପରିଚାଳନା କରିଥିଲେ।

### 'ଚେତନା ସଫାରୀ ଓ ଅନ୍ୟାନ୍ୟ ଗଳ୍ପ' ଉନ୍ମୋଚିତ

ଭୁବନେଶ୍ୱର,୧୭।୧(ବ୍ୟୁରୋ)- ଜିଜ୍ଞାସା ଓ ଗଭୀର ପର୍ଯ୍ୟବେକ୍ଷଣରୁ ଚେତନାର ଦିଗବଳୟ ସମ୍ପ୍ରସାରିତ ହୋଇଥାଏ। ଏହି ଚେତନା ହିଁ ଲେଖକଙ୍କୁ ଲେଖିବା ପାଇଁ ପ୍ରେରିତ କରେ। ସୁସାହିତ୍ୟ ମଣିଷର ଚେତନାକୁ ମାର୍ଜିତ କରେ ବୋଲି ଔପନ୍ୟାସିକ ତଥା ପୂର୍ବତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ସାତକଡ଼ି ହୋତା ଗାଳ୍ପିକ ଓ ପ୍ରାବନ୍ଧିକ ଚିନ୍ମୟ ହୋତାଙ୍କ ଗଳ୍ପ ସଙ୍କଳନ 'ଚେତନା ସଫାରୀ ଓ ଅନ୍ୟାନ୍ୟ ଗଳ୍ପ' ସଙ୍କଳନର ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଉତ୍ସବରେ ପ୍ରାବନ୍ଧିକ ଡ. ବସନ୍ତ କୁମାର ପଣ୍ଡା ଅଧକ୍ଷତା କରି କହିଛନ୍ତି, ସାମାଜିକ ବାସ୍ତବତା ସହିତ ମାୟା ବାସ୍ତବତାର ସଂଯୋଗ ଚେତନା ସଫାରୀକୁ ସ୍ୱତନ୍ତ୍ରତା ପ୍ରଦାନ କରିଛି। ପୁସ୍ତକର ସମୀକ୍ଷା କରି ଅନୁବାଦକ ଅଧାପକ ଜଗନ୍ନାଥ ଦାସ କହିଥିଲେ, ଅନେକ ଗଳ୍ପରେ ଚିନ୍ମୟଙ୍କ ବ୍ୟକ୍ତିଗତ ଅନୁଭୂତି ପ୍ରତିଫଳିତ ହୋଇଛି। କଥାକାର ଦେବପ୍ରସାଦ ଦାଶ ଏହିପରି ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଓ ଚେତନା ଉଦ୍ରେକ ଗଳ୍ପ ଓଡ଼ିଆ ସାହିତ୍ୟରେ ବିରଳ ବୋଲି କହିଥିଲେ। ପୂର୍ବତଟ ରେଳପଥର ଅଧିକାରୀ ତଥା ଲେଖକ ନିରାକାର ଦାସ ଚିନ୍ମୟଙ୍କ କଥା ସାହିତ୍ୟରେ ମାନବିକ ଚେତନା ଓ ବାସ୍ତବବାଦୀ ଧାରା ଉପରେ ଆଲୋକପାତ କରି କହିଲେ ଲେଖକଙ୍କ ସଙ୍କଳନ ଆଧୁନିକ କଥା ସାହିତ୍ୟକୁ ନୂଆ ମୋଡ଼ ଦେବ। ଗାଳ୍ପିକ ଚିନ୍ମୟ ହୋତା ଲେଖକୀୟ ବକ୍ତବ୍ୟରେ ପ୍ରତ୍ୟେକ ଗପ ଚେତନ, ଅଚେତନ, ଅବଚେତନ ଓ ମାନସିକ ବିକୃତିକୁ ନେଇ ରଚିତ ବୋଲି ପ୍ରକାଶ କରିଥିଲେ। ସ୍ନେହଲତା ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିବା ବେଳେ ନିରୂପମା କର ଧନ୍ୟବାଦ ଦେଇଥିଲେ। ରତ୍ନଚିରା ପବ୍ଲିକେଶନର ସ୍ୱତାଧିକାରୀ କରୁଣାକର ପୃଷ୍ଟି କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ।

# କାଠଫାଳିଆରେ ପିଟି ସାଙ୍ଗଙ୍କୁ ହତ୍ୟା

- ଯୁବକ ଗିରଫ, ସମ୍ପର୍କୀୟ ସାନ ଭାଇ ଫେରାର
- ମୈତ୍ରୀବିହାର ଥାନାର ପ୍ରଥମ ହତ୍ୟା ମାମଲା

ଭୁବନେଶ୍ୱର,୧୭।୧(ବ୍ୟୁରୋ):

ପୂର୍ବଶତ୍ରୁତା ଓ ଚିକେନ ଖାଇବାକୁ ନେଇ ହୋଇଥିବା ଗଣ୍ଡଗୋଳରୁ ୨ ସମ୍ପର୍କୀୟ ଭାଇ ଜଣେ ଯୁବକଙ୍କୁ କାଠଫାଳିଆରେ ପିଟି ହତ୍ୟା କରିଛନ୍ତି। ମୈତ୍ରୀବିହାର ଥାନା ଅନ୍ତର୍ଗତ ଇଡ୍‌କୋ ବସ୍ତିର ଆଦିବାସୀ ସାହିରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ ବଣକାଟି ଗ୍ରାମର ସୁଶୀଲ ହେମ୍ବ୍ରମ। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତ ତଥା ମୃତ ସୁଶୀଲଙ୍କ ସାଙ୍ଗ ବିଶ୍ୱନାଥ କିସ୍କୁ ଓରଫ ଲୁଚାଙ୍କୁ ପୋଲିସ ଗିରଫ କରିଥିବାବେଳେ ଅନ୍ୟତମ ଅଭିଯୁକ୍ତ ତଥା ତାଙ୍କ ସମ୍ପର୍କୀୟ ସାନଭାଇ ସୋନୁ ଫେରାର ଥିବାରୁ ତାଙ୍କୁ ଧରିବାକୁ ଚଢାଉ ଚାଲିଥିବା ଥାନାଧିକାରିଣୀ ପ୍ରିୟଦର୍ଶିନୀ ନନ୍ଦ କହିଛନ୍ତି। ଏନେଇ ଥାନାରେ ଦଫା ୩୦୨ରେ ହତ୍ୟା ମାମଲା (ନଂ.୧୧/୨୦୨୩) ରୁଜୁ କରାଯାଇଛି। ଘଟଣା ସମ୍ପର୍କରେ ମୃତ ସୁଶୀଲଙ୍କ ଘରକୁ ଖବର ଦିଆଯାଇଛି। ମୃତଦେହକୁ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ପରିବାର ଲୋକେ ଆସିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।


ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

ସ୍ଥାନୀୟ ଲୋକ ଓ ପୋଲିସ ସୂଚନାନୁଯାୟୀ, ମୃତକ ସୁଶୀଲ ଓ ଗିରଫ ଅଭିଯୁକ୍ତ ବିଶ୍ୱନାଥ ଦୁଇଜଣ ସାଙ୍ଗ। ଉଭୟଙ୍କ ଘର ମୟୂରଭଞ୍ଜରେ ହୋଇଥିବାବେଳେ ସେମାନେ ଭୁବନେଶ୍ୱର ଇଡ୍‌କୋ ବସ୍ତିର ଆଦିବାସୀ ସାହିରେ ପାଖାପାଖି ରହି ଶ୍ରମିକ କାମ କରନ୍ତି। କାମକୁ ନେଇ ସେମାନଙ୍କ ମଧ୍ୟରେ ବିବାଦ ଥିଲା। ରବିବାର ସୁଶୀଲ ଘରେ ଚିକେନ ରୋଷେଇ କରି କାମକୁ ଯାଇଥିଲେ। ବିଶ୍ୱନାଥଙ୍କ ପାଖରେ ରହୁଥିବା ସମ୍ପର୍କୀୟ ସାନଭାଇ ସୋନୁ ତାଙ୍କ ଘରେ ପଶି ସବୁ ଚିକେନ ତରକାରି ଖାଇ ଦେଇଥିଲେ। ସୁଶୀଲ ଘରକୁ ଫେରି ବିଶ୍ୱନାଥଙ୍କଠାରୁ ଜାଣିବା ପରେ ରାଗି ଯାଇଥିଲେ। ପୂର୍ବ ବିବାଦ ଓ ଚିକେନ ତରକାରି ଖାଇବାକୁ ନେଇ ସୁଶୀଲ ଓ ବିଶ୍ୱନାଥଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉକ୍ତ କଥାକୁ ନେଇ ସୋମବାର ବିଶ୍ୱନାଥ ଓ ତାଙ୍କ ସମ୍ପର୍କୀୟ ସାନଭାଇ ସୋନୁ ସ୍ଥାନୀୟ ପଡିଆକୁ ଡାକି ସୁଶୀଲଙ୍କ ସହ ପାଟିତୁଣ୍ଡ କରିଥିଲେ। ଏହାପରେ ବିଶ୍ୱନାଥ ଓ ସୋନୁ ଆହୁରି ଉତ୍ୟକ୍ତ ହୋଇପଡିବା ସହ ହତ୍ୟା ଯୋଜନା କରିଥିଲେ। ସୁଶୀଲ ଘରେ ଶୋଇଥିବାବେଳେ ମଙ୍ଗଳବାର ଭୋର ୩ଟାରୁ ୫ ଭିତରେ ବିଶ୍ୱନାଥ ଓ ସୋନୁ ପହଞ୍ଚି କାଠଫାଳିଆରେ ତାଙ୍କ ମୁଣ୍ଡକୁ ଏକାଧିକ ଥର ପିଟି ଫେରାର ହୋଇଯାଇଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହେବା ସହ ଚେତାଶୂନ୍ୟ ଅବସ୍ଥାରେ ବିଛଣାରେ ସେମିତି ପଡି ରହିଥିଲେ। ସୁଶୀଲଙ୍କ ସହଯୋଗୀ କାମକୁ ଯିବାକୁ ଡାକିବାକୁ ଆସି ଏହା ଦେଖି ଆଖପାଖ ଲୋକଙ୍କୁ ପାଟିକରି ଡାକିଥିଲେ। ସ୍ଥାନୀୟ ଲୋକେ ପ୍ରଥମେ ନୟାପଲ୍ଲୀ ଓ ପରେ ମୈତ୍ରୀ ବିହାର ଥାନାକୁ ଜଣାଇବା ସହ ଆମ୍ବୁଲାନ୍ସ ଯୋଗେ ସୁଶୀଲଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜୋନ-୫ ଏସିପି ସଞ୍ଜୀବ ଶତପଥୀ ଓ ଅନ୍ୟ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ସୁଶୀଲଙ୍କ ଘରକୁ ଯାଇ ତଦନ୍ତ କରିଥିଲେ। ସାଇଣ୍ଟିଫିକ ଟିମ୍ ଫିଙ୍ଗର ପ୍ରିଣ୍ଟ ସହ ବିଭିନ୍ନ ନମୁନା ସଂଗ୍ରହ କରିଥିଲା। ମୈତ୍ରୀବିହାର ଥାନାରେ ଏହା ପ୍ରଥମ ହତ୍ୟାକାଣ୍ଡ ମାମଲା ବୋଲି ଜଣାପଡିଛି।

# ୫୯ନଂ. ୱାର୍ଡକୁ ୧ନଂ. କରିବାକୁ ଶପଥ



କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

ପୁରୁଣା ଭୁବନେଶ୍ୱର,୧୭।୧(ଡି.ଏନ୍.ଏ.)

ବିଏମ୍‌ସି ଅଧୀନରେ ମୋଟ ୬୭ଟି ୱାର୍ଡ ରହିଛି। ତନ୍ମଧ୍ୟରେ ୫୯ନଂ. ୱାର୍ଡକୁ ଆଦର୍ଶ ୱାର୍ଡ ରୂପେ ପରିଣତ କରିବାକୁ ୱାର୍ଡର ପ୍ରତ୍ୟେକ ବାସିନ୍ଦା ସେମାନଙ୍କ ମତାମତ ଦେବା ପାଇଁ ଆଗେଇ ଆସିବା ଉଚିତ। ଏତଦ୍‌ବ୍ୟତୀତ ୱାର୍ଡର ପରିମଳ ବ୍ୟବସ୍ଥାକୁ କେବଳ ବିଏମ୍‌ସି ନୁହେଁ ଏହାର ବାସିନ୍ଦା ସଚେତନ ହେଲେ ଏହା ସମ୍ଭବ ହେବ। ଶାନ୍ତିସ୍ତୂପ ଧଉଳି ପାଦଦେଶର ବୈରଙ୍ଗେଶ୍ୱର ମନ୍ଦିର ନିକଟରେ ଆୟୋଜିତ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ମଙ୍ଗଳବାର ସ୍ଥାନୀୟ କର୍ପୋରେଟର ତଥା ଭୁବନେଶ୍ୱର ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ମହାସୁପକାର ଯୋଗଦେଇ ଏହା କହିଛନ୍ତି। ଏହି ଲକ୍ଷ୍ୟକୁ ସାଧନ କରିବାକୁ କର୍ମକର୍ତ୍ତା ଶପଥ ନେଇଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଶିଳ୍ପୀ ଗୁରୁ ପ୍ରଭାକର ମହାରଣା, ଜଟଣୀ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ, ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ଡ. ଶିବସୁନ୍ଦର ସ୍ୱାଇଁ, ପ୍ରଭାସ ପାଲ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିନ୍ମୟ ନନ୍ଦ ବଡ଼ଜେନା, ବସନ୍ତ ବରାଳ, ସଞ୍ଜୟ ଗିରି, ସଞ୍ଚିତା ଦାସ, ଜଲି ମହାନ୍ତିଙ୍କ ଭଳି ପ୍ରମୁଖ ଦଳୀୟ କର୍ମୀଙ୍କ ସହ ପ୍ରାୟ ୫୦୦ ଉର୍ଦ୍ଧ୍ୱ କର୍ମକର୍ତ୍ତା ସାମିଲ ହୋଇଥିଲେ।



ଜିକିତ୍ସା ହେଲ୍‌ଥକେୟାର ଲିଃ. ପକ୍ଷରୁ ରୁପାଲି ଛକରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ।

# ସୁରକ୍ଷିତ ଗାଡ଼ି ଚାଳନା ପାଇଁ ଶପଥ

**ଜାତୀୟ ସଡ଼କ ସୁରକ୍ଷା ସପ୍ତାହରେ ସଚେତନତା କାର୍ଯ୍ୟକ୍ରମ**

ଭୁବନେଶ୍ୱର, ୧୭।୧(ବ୍ୟୁରୋ)

ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ରାଜ୍ୟରେ ଜରୁରୀକାଳିନ ୧୦୮ ଆମ୍ବୁଲାନ୍ସ ସେବା ପ୍ରଦାନକାରୀ ସଂସ୍ଥା ଜିକିତ୍ସା ହେଲ୍‌ଥକେୟାର ଲିଃ. ପକ୍ଷରୁ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ଅବଗତ କରାଇବା ଲାଗି ମଙ୍ଗଳବାର ଏକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସମୟରେ ଘଟୁଥିବା ଆମ୍ବୁଲାନ୍ସ ଦୁର୍ଘଟଣାକୁ ହ୍ରାସ କରିବା ଏବଂ ସୁରକ୍ଷିତ ଗାଡ଼ି ଚାଳନାକୁ ପ୍ରାଥମିକତା ଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଜିକିତ୍ସା ହେଲ୍‌ଥକେୟାର କର୍ମଚାରୀଙ୍କ ଦ୍ୱାରା ରୁପାଲି ଛକରେ ଏକ ପଥନାଟକ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏହା ବ୍ୟତୀତ ସମସ୍ତ ଚାଳକମାନେ ସୁରକ୍ଷିତ ଗାଡ଼ି ଚାଳନା ପାଇଁ ଶପଥ ନେଇଥିଲେ। ଟ୍ରାଫିକ ଡିସିପି ଠାକୁର ପ୍ରସାଦ ପାତ୍ର କହିଛନ୍ତି, ଯେତେବେଳେ ଏକ ସଡ଼କ ଦୁର୍ଘଟଣା ଘଟିଥାଏ ସେତେବେଳେ ଏହା ସମଗ୍ର ପରିବାରକୁ ପ୍ରଭାବିତ କରିଥାଏ। ଆମେ ସଭିଙ୍କୁ ଗାଡ଼ି ଚଲାଇବା ସମୟରେ ବିଭିନ୍ନ ଟ୍ରାଫିକ ନିୟମର ପାଳନ କରିବା ଯଥା ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଯତ୍ନହୀନ ଭାବେ ଗାଡ଼ି ଚଲାଇବାଠାରୁ ଦୂରେଇ ରହିବା, ସିଟ୍ ବେଲ୍ଟ ପିନ୍ଧିବା, ମୋବାଇଲ ଫୋନର ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଉଛୁ। ସଡ଼କକୁ ଅଧିକ ସୁରକ୍ଷିତ କରିବା ପାଇଁ ଆମେ ସଭିଏଁ ଏକାଠି ହେବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ। ଜିକିତ୍ସା ହେଲ୍‌ଥକେୟାର ରାଜ୍ୟ ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ କହିଛନ୍ତି, ସୁରକ୍ଷିତ ଆମ୍ବୁଲାନ୍ସ ଚାଳନାର ବିଭିନ୍ନ ଦିଗ ଯେପରିକି - ଆକ୍ସିଡେଣ୍ଟାଲ ଟାଇମିଂ, ରେସପନ୍ସ ଟାଇମ୍ ଇତ୍ୟାଦି ଆଧାରରେ ଚାଳକଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି। ଉପରୋକ୍ତ ବିଭିନ୍ନ ପାରାମିଟର ପାଇଁ ଚାଳକଙ୍କୁ ପଏଣ୍ଟ ପ୍ରଦାନ କରାଯାଉଛି। ୧୨ଘଣ୍ଟା ଦୁର୍ଘଟଣାମୁକ୍ତ ଚାଳନା ପାଇଁ ସେମାନେ ପଏଣ୍ଟ ଜିତିପାରିବେ। ଏଥିରେ ବ୍ୟତିକ୍ରମ ହେଲେ ପଏଣ୍ଟରେ ହ୍ରାସ କରାଯିବାର ବ୍ୟବସ୍ଥା ରହିଛି। ସର୍ବାଧିକ ପଏଣ୍ଟ ପାଇଥିବା ଚାଳକଙ୍କୁ ନଗଦ ରାଶି ପୁରସ୍କାର ସହିତ ସାର୍ଟିଫିକେଟରେ ସମ୍ମାନିତ କରାଯିବ। ସୁରକ୍ଷିତ ଆମ୍ବୁଲାନ୍ସ ଚାଳନା ହେଉଛି ଉକ୍ତ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଶ୍ୱାଳ କହିଥିଲେ। ସୂଚନାଯୋଗ୍ୟ, ଜିକିତ୍ସା ପକ୍ଷରୁ ରାଜ୍ୟର ସମସ୍ତ ଜିଲାରେ ମୋଟ ୧,୧୨୪ଟି ୧୦୮ ଆମ୍ବୁଲାନ୍ସ କାର୍ଯ୍ୟକାରୀ କରାଯାଉଛି।

# ୭୦.୬୩ କୋଟିର ୟୁସି ଦାଖଲ ନ କଲେ ଅନୁଦାନ ବନ୍ଦ

**ଉତ୍କଳ ବିଶ୍ୱବିଦ୍ୟାଳୟକୁ ଉଚ୍ଚ ଶିକ୍ଷା ବିଭାଗର ଚିଠି**

ଭୁବନେଶ୍ୱର, ୧୭।୧(ବ୍ୟୁରୋ)

ଭିତ୍ତିଭୂମି ବିକାଶ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟକୁ କୋଟି କୋଟି ଟଙ୍କା ଅନୁଦାନ ଆସୁଛି। ହେଲେ ଏହାର ବିନିଯୋଗ ପ୍ରମାଣପତ୍ର(ୟୁସି) ଦାଖଲ କରାଯାଉନାହିଁ। ୨୦୧୪-୧୫ ଆର୍ଥିକ ବର୍ଷରୁ ୨୦୨୨-୨୩ ବର୍ଷର ଡିସେମ୍ବର ୩୧ ସୁଦ୍ଧା ଉତ୍କଳ ବିଶ୍ୱବିଦ୍ୟାଳୟ ଉପରେ ୭୦ କୋଟି ୬୩ ଲକ୍ଷ ଟଙ୍କାର ୟୁସି ବକେୟା ରହିଛି। ଏତେ ପରିମାଣର ୟୁସି ଦାଖଲ ନ ହେବା ନେଇ ଉଚ୍ଚଶିକ୍ଷା ବିଭାଗ ଅସନ୍ତୋଷ ପ୍ରକାଶ କରିଛି। ଏ ନେଇ ଆଗାମୀ ସମୀକ୍ଷା ବୈଠକରେ ଆଲୋଚନା ହେବ। ଆସନ୍ତା ୩୧ ତାରିଖ ସୁଦ୍ଧା ୟୁସି ଦାଖଲ କରା ନ ଗଲେ ଅନୁଦାନ ବନ୍ଦ ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ଚେତାଇ ଦେଇଛି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ସଚିବ ମନୋରଞ୍ଜନ ନାୟକ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଚିଠି ଲେଖି ଜଣାଇଛନ୍ତି।

ସୂଚନାନୁସାରେ, ୨୦୧୪-୧୫ରୁ ୨୦୨୨-୨୩ ଡିସେମ୍ବର ସୁଦ୍ଧା ଉତ୍କଳ ବିଶ୍ୱବିଦ୍ୟାଳୟ ଉପରେ ୭୦ କୋଟି ୬୩ ଲକ୍ଷ ୯ ହଜାର ୯୯୩ ଟଙ୍କାର ୟୁସି ବକେୟା ରହିଛି। ୨୦୨୨-୨୩ରେ ୧୪ କୋଟି ୩୦ ଲକ୍ଷ ୩୧ ହଜାର ୪୦୦ ଟଙ୍କା ମଞ୍ଜୁର କରାଯାଇଥିବାବେଳେ ଆଦୌ ୟୁସି ଦାଖଲ ହୋଇ ନାହିଁ। ୨୦୨୧-୨୨ରେ ୭ କୋଟି ୫୦ ଲକ୍ଷ ଟଙ୍କାରୁ ମାତ୍ର ୧ କୋଟି ୪୭ ଲକ୍ଷ ୭୩ ହଜାର ୮୦୩ ଟଙ୍କାର ୟୁସି ଦାଖଲ ହୋଇଥିଲା। ୬ କୋଟିରୁ ଅଧିକ ଟଙ୍କା ସେହିବର୍ଷ ୟୁସି ବକେୟା ପଡ଼ିଥିଲା। ଏହିପରି ଭାବେ ୨୦୧୪-୧୫ରୁ ୨୦୨୨-୨୩ ଡିସେମ୍ବର ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ଉପରେ ୭୦.୬୩ କୋଟିର ୟୁସି ବକେୟା ପଡ଼ିଛି।

## ଶ୍ରମିକ ନେତା ଦାମୋଦର ମହାପାତ୍ରଙ୍କ ସ୍ମୃତିସଭା

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ଶ୍ରମିକ ନେତା ତଥା ସିପିଆଇ ଭୁବନେଶ୍ୱର ଜୋନ୍ କମିଟି ସହସମ୍ପାଦକ ଦାମୋଦର ମହାପାତ୍ରଙ୍କ ବିୟୋଗରେ ସିପିଆଇ ପକ୍ଷରୁ ସ୍ମୃତିସଭା ସୋମବାର ଭଗବତୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ସିପିଆଇ ଜୋନ ସମ୍ପାଦକ ସୁର ଜେନା ସଭାପତିତ୍ୱ କରିଥିଲେ। ସିପିଆଇର ପୂର୍ବତନ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଏଆଇଟିୟୁସିର ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ, ଆଶାକର୍ମୀଙ୍କ ରାଜ୍ୟ ନେତ୍ରୀ ନମିତା ସାହୁ, ସିପିଆଇ ଖୋର୍ଦ୍ଧା ଜିଲା ସହସମ୍ପାଦକ ସତୀଶ ମିଶ୍ର ପ୍ରମୁଖ ଯୋଗଦେଇ ଦାମୋଦର ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ।

# ଭଡା ଘରେ ଛାତ୍ରଙ୍କ ଆତ୍ମହତ୍ୟା

ବାରଙ୍ଗ, ୧୭।୧ (ଡି.ଏନ୍.ଏ.)

ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ଷଣ୍ଢପୁର ଗ୍ରାମରେ ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳର ମନୋଜ କୁମାର ବେହେରା(୨୩)। ସ୍ଥାନୀୟ ଏକ ବିଶ୍ୱବିଦ୍ୟାଳୟରେ ସେ ଅଧ୍ୟୟନ କରୁଥିଲେ। ଷଣ୍ଢପୁର ଗାଁରେ ମନୋଜ ଏକ ଭଡ଼ାଘରେ ରହୁଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରୁ ବାହାରି ନ ଥିଲେ। ସନ୍ଦେହରେ ଘରମାଲିକ ଝରକା ପଟେ ଦେଖିବା ବେଳେ ଫ୍ୟାନରେ ଗାମୁଛା ଲଗାଇ ବେକରେ ବାନ୍ଧି ଝୁଲୁଥିଲେ। ମନୋଜଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଗୋଡ଼ିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ଡାକ୍ତରଖାନାରେ ପହଞ୍ଚିଥିଲେ। ହେଲେ ସେତେବେଳେ ଡାକ୍ତରଖାନାରୁ ମନୋଜଙ୍କ ପରିବାର ଲୋକ ମୃତଦେହକୁ ନେଇଯାଇଥିଲେ। ଫଳରେ ପୋଲିସ ସେଠାରୁ ଫେରିକି ଆସିଥିଲେ।

# ଗିରି ଲଙ୍ଘିଲେ ଦିବ୍ୟାଙ୍ଗ ତ୍ରିଲୋଚନ

ପୁରୁଣା ଭୁବନେଶ୍ୱର,୧୭।୧(ଡି.ଏନ୍.ଏ.)

ଦୃଢ଼ ମନୋବଳ ଓ ଆତ୍ମବିଶ୍ୱାସକୁ ପାଥେୟ କରି ୧୧୦୦ ଫୁଟ ଉଚ୍ଚତା ବିଶିଷ୍ଟ କନ୍ଦଳେଇ ପାହାଡ଼ ଶିଖରରେ ପହଞ୍ଚି ଜାତୀୟ ପତାକା ଉଡ଼ାଇ ନିଜ ସ୍ୱପ୍ନ ସାକାର କରିଛନ୍ତି ନୟାଗଡ଼ ଜିଲା ଶରଣକୂଳ ଭିକାରୀପଡ଼ାର ଦୃଷ୍ଟିବାଧିତ ବାପିନା ନାୟକ। ବାପିନା ଦୀର୍ଘଦିନରୁ ପର୍ବତାରୋହଣ ପାଇଁ ଦେଖିଥିଲେ ସ୍ୱପ୍ନ। ଏଥିପାଇଁ କୋଚ୍ ତ୍ରିଲୋଚନ ବେଉରା ଓ ସାମାଜିକ କର୍ମୀ ସୁଶାନ୍ତ ସାହୁ ତାଙ୍କୁ ଉତ୍ସାହିତ କରିଥିଲେ। କୋଚ୍ ଓ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ସେ ହ୍ୱାଇଟ୍ କେନ୍ (ଧଳାବାଡ଼ି) ସହାୟତାରେ ଚନ୍ଦକା-ଡମପଡ଼ା ହସ୍ତୀ ଅଭୟାରଣ୍ୟ ପରିସରରେ ଥିବା କନ୍ଦଳେଇ ପାହାଡ଼ର ଶିଖରରେ ପାଦ ଥାପିଛନ୍ତି। ଏଭଳି କରିବାରେ ସେ ହେଉଛନ୍ତି ରାଜ୍ୟର ପ୍ରଥମ ଦୃଷ୍ଟିବାଧିତ। ସେ ବିଶ୍ୱପାଇଁ ଏକ ସନ୍ଦେଶ ଦେଇ କହିଛନ୍ତି, ଦୃଷ୍ଟିଶକ୍ତି ନ ଥିଲେ ମଧ୍ୟ ଦୃଢ଼ ମନୋବଳ ଓ ଆତ୍ମବିଶ୍ୱାସ ଥିଲେ ଯେକୌଣସି କାର୍ଯ୍ୟ ସଫଳ ହୋଇପାରିବ। ଭବିଷ୍ୟତରେ ସେ ଏଭଳି ଆଉ କିଛି ପାହାଡ଼ ଚଢ଼ିବେ ବୋଲି ଆଶା ରଖିଛନ୍ତି।

# ୪୦ ପିସିଆର୍ ବାଇକ୍ ଫ୍ଲାଗ-ଅଫ୍

ଭୁବନେଶ୍ୱର,୧୭।୧(ବ୍ୟୁରୋ):

ଆଇନଶୃଙ୍ଖଳା ଓ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ହିରୋ ମୋଟର୍ସ ତରଫରୁ ଭୁବନେଶ୍ୱର କମିଶନରେଟ୍ ପୋଲିସକୁ ୪୦ଟି ହିରୋ ଗ୍ଲାମର ବାଇକ୍ ମଙ୍ଗଳବାର ପ୍ରଦାନ କରାଯାଇଛି। ଫଳରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯାଇପାରିବ। ପୋଲିସ କମିଶନରଙ୍କ କାର୍ଯ୍ୟାଳୟରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ପୋଲିସ କମିଶନର ଡ.ଉମାଶଙ୍କର ଦାଶ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ, କଟକ ଜେଏମ୍‌ଜିର ମ୍ୟାନେଜିଂ ପାର୍ଟନର ପ୍ରଦୀପ ଅଗ୍ରୱାଲ ଏବଂ ହିରୋ ମୋଟର୍ସର ଓଡ଼ିଶା ମୁଖ୍ୟ ଏରିଆ ମ୍ୟାନେଜର ହର୍ଷବର୍ଦ୍ଧନ ଯୋଗଦେଇ ପତାକା ଦେଖାଇ ଏହାର ଶୁଭାରମ୍ଭ କରି ଜନସାଧାରରଙ୍କ ସୁରକ୍ଷା ନିମନ୍ତେ ଲୋକାର୍ପିତ କରିଥିଲେ। ଏହି ପିସିଆର ବାଇକ୍‌ଗୁଡିକୁ ଭୁବନେଶ୍ୱର ସହରରେ ପୋଲିସ ପାଟ୍ରୋଲିଂ, ଅପରାଧ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ରକ୍ଷା ଦିଗରେ ନିୟୋଜିତ କରାଯିବ ବୋଲି ପୋଲିସ କମିଶନର ସୂଚନା ଦେଇଛନ୍ତି।



# ନୟାପଲ୍ଲୀରେ ଡ୍ରେନ୍ ନିର୍ମାଣ ପାଇଁ ଭୂମିପୂଜନ

- ଖର୍ଚ୍ଚ ହେବ ୧୪ଲକ୍ଷ ଟଙ୍କା
- ୨ ମାସରେ ସରିବ କାମ

ଭୁବନେଶ୍ୱର,୧୭।୧(ବ୍ୟୁରୋ):

ନୟାପଲ୍ଲୀ ୩୭ ନଂ. ୱାର୍ଡର ଶ୍ରୀରାମ ବିହାର ଆପାର୍ଟମେଣ୍ଟ ଭିତରେ ଡ୍ରେନ କାର୍ଯ୍ୟ ଭୂମିପୂଜନ କରିବା ସହ କାର୍ଯ୍ୟ ଆରମ୍ଭ ହୋଇଛି। ୟୁନିଟ-୮ ଓ ୩୯ ନଂ. ୱାର୍ଡର ବର୍ଷା ପାଣି ଏହି ଆପାର୍ଟମେଣ୍ଟ ମଧ୍ୟ ଭାଗରେ ପୁରୁଣା ଡ୍ରେନ ଦେଇ ପ୍ରବାହିତ ହୋଇଥାଏ। ଅନେକ ବର୍ଷ ଧରି ବର୍ଷାଦିନେ ଆପାର୍ଟମେଣ୍ଟ ପରିସର ଓ ପାର୍କିଂ ଅଞ୍ଚଳ ଜଳମଗ୍ନ ହେଉଥିଲା। ମେୟର ସୁଲୋଚନା ଦାସ ପୂର୍ବରୁ ସ୍ଥିତି ସମୀକ୍ଷା କରିଥିବାବେଳେ ମଙ୍ଗଳବାର ଏହାର ଭୂମିପୂଜନ କରିଛନ୍ତି। କର୍ପୋରେଟର ବନ୍ଦିତା ପାଲଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଡ୍ରେନ ନିର୍ମାଣ ପାଇଁ ୧୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। କଲ୍ୟାଣ ମଣ୍ଡପ ପାଖରୁ ୧୨୦ ବାଟାଲିୟନ ଦେଇ ନୂତନ ଡ୍ରେନ କାମ ପୂର୍ତ୍ତ ବିଭାଗ ଆରମ୍ଭ କରିବ, ଯାହା ଦ୍ୱାରା ସମସ୍ତ ପାଣି ନୂଆସାହି ଭିତରକୁ ପ୍ରବେଶ କରିବ ନାହିଁ। ଆସନ୍ତା ୨ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଅନ୍ୟ ଏକ ଡ୍ରେନ ଆଖଣ୍ଡଳମଣି ମନ୍ଦିର ପାଖରୁ ସୀତାପୁର ବସ୍ତି ଦେଇ ଡ୍ରେନ ନଂ.୧୦କୁ ଆଣିବାକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ଏସି) ପକ୍ଷରୁ ଯୋଜନା କରାଯାଉଥିବା ସୂଚନା ମିଳିଛି। ଏହାଦ୍ୱାରା ଆପାର୍ଟମେଣ୍ଟ ଭିତରକୁ ମାତ୍ରାଧିକ ଜଳ ପ୍ରବେଶ କରିବ ନାହିଁ ବୋଲି ଆଶା କରାଯାଉଛି। ନୟାପଲ୍ଲୀକୁ ପ୍ରବେଶ କରୁଥିବା ବାହ୍ୟଜଳକୁ ନିଷ୍କାସନ ନେଇ ମାଷ୍ଟରପ୍ଲାନ ପ୍ରସ୍ତୁତ କକରାଯାଉଛି।



# ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ

**ବିଭିନ୍ନ ସମସ୍ୟାର ଆଲୋଚନା ବେଳେ ହୋହଲ୍ଲା**

ବାରଙ୍ଗ,୧୭।୧(ଡି.ଏନ୍.ଏ.)

ବାରଙ୍ଗ ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକ ସମିତି ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଧାୟକ, ବିଡିଓ, ଅଧ୍ୟକ୍ଷା ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ହେଲେ ସମସ୍ୟାଗୁଡ଼ିକ ସମାଧାନ ହେବା ପୂର୍ବରୁ ସଭ୍ୟମାନଙ୍କ ମଧ୍ୟରେ ହୋହଲ୍ଲା ହୋଇ ବୈଠକ ଶେଷ ହୋଇଛି। ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ନେଇ ସନ୍ତୋଷଜନକ ଉତ୍ତର ନ ପାଇବାରୁ ସମିତି କକ୍ଷରେ ହଟ୍ଟଗୋଳ ହୋଇଥିଲା। ମୁଖ୍ୟ ସମସ୍ୟା ତ୍ରିଶୂଳିଆ ଛକରେ ହେଉଥିବା ବସ୍‌ଷ୍ଟାଣ୍ଡକୁ ନେଇ କୁହ୍ନେଇପଡା ସରପଞ୍ଚ ସଭାର ମୁଖ୍ୟ ବିଧାୟକଙ୍କୁ ପ୍ରଶ୍ନ କରିଥିଲେଟ୍, ଯାହାକୁ ନେଇ ହୋହଲ୍ଲା ଆରମ୍ଭ ହୋଇଥିଲା। ଏହାପରେ ପୂର୍ବ ବୈଠକର ବିବରଣୀ ପାଠ ପରେ ଦାଢାପାଟଣା ସମିତିସଭ୍ୟ ତାଙ୍କ ପଞ୍ଚାୟତର କଲ୍ୟାଣମଣ୍ଡପ ନିର୍ମାଣ ଅଗ୍ରଗତି ସମ୍ପର୍କରେ ପଚାରିଥିଲେ। ମାତ୍ର ସେହି କାର୍ଯ୍ୟ ପାଇଁ ଜାଗା ଠିକ୍ ହୋଇ ନ ଥିବା ବିଡିଓ କହିବାରୁ ସମିତିସଭ୍ୟ ବିରକ୍ତି ପ୍ରକାଶ କରିଥିଲେ। ସେହିପରି ଶ୍ରୀବନ୍ତପୁର ସରପଞ୍ଚଙ୍କ ପ୍ରସ୍ତାବରେ ଜୟପୁର ମୁଖ୍ୟରାସ୍ତାଠାରୁ ଦୁଃଶାସନ ଘର ପର୍ଯ୍ୟନ୍ତ ହେବାକୁ ଥିବା କଂକ୍ରିଟ ରାସ୍ତା କଥା ଉଠାଇବାରୁ ଜମିଜମା ସମସ୍ୟା ଥିବାରୁ ତାହା ହୋଇପାରି ନାହିଁ ବୋଲି ଉତ୍ତର ମିଳିଥିଲା। କିନ୍ତୁ ସେହି ପ୍ରକଳ୍ପଟିକୁ ନଦୀବନ୍ଧଠାରୁ ଜୟପୁର ମଶାଣି ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ପୂର୍ବ ସମିତି ବୈଠକରେ ଆଲୋଚନା କରି ନ ଥିଲେ ମଧ୍ୟ ତାହା କିପରି ସଭା ବିବରଣୀରେ ସ୍ଥାନ ପାଇଲା ବୋଲି ବେଲଗଛିଆ ସମିତି ସଭ୍ୟ ପ୍ରଶ୍ନ କରିଥିବା ବେଳେ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ପରେ ପୂର୍ବ ସମିତି ବୈଠକ ଏଜେଣ୍ଡା ନଂ.୭ ପ୍ରସ୍ତାବ ସଂଖ୍ୟା ୩ ଅନୁଯାୟୀ କୁହ୍ନେଇପଡା ସରପଞ୍ଚ ପଞ୍ଚାୟତରୁ ୩୦/୪୦ ଲକ୍ଷ ଟଙ୍କା ବ୍ୟୟକରି ତ୍ରିଶୂଳିଆଠାରୁ ପଞ୍ଚାୟତ ପର୍ଯ୍ୟନ୍ତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ହୋଇଥିଲା। ମାତ୍ର ସେଠାରେ ସରକାରୀ ବସଷ୍ଟାଣ୍ଡ ନିର୍ମାଣ ହେବାକୁ ଥିବାବେଳେ ପଞ୍ଚାୟତ ଖର୍ଚ୍ଚ କରିଥିବା ଟଙ୍କା କିପରି ଫେରିପାଇବ ବୋଲି ପ୍ରଶ୍ନ କରିଥିଲେ। ଯାହାର ଉତ୍ତର ବିଡିଓ ଅନ୍ୟ ବୈଠକରେ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହାକୁ ନେଇ ସରପଞ୍ଚ ଓ ତାଙ୍କ କିଛି ସଭ୍ୟାସଭ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାଦ୍ୱାରା ଗୃହରେ ହଟ୍ଟଗୋଳ ହୋଇଥିଲା। ସରପଞ୍ଚଙ୍କୁ ନୀରବ ରହିବା ପାଇଁ ବାଙ୍କୀ ବିଧାୟକ, ବିଡିଓ ଓ ଅଧ୍ୟକ୍ଷା କହିଥିଲେ ସୁଦ୍ଧା ମାନି ନ ଥିଲେ। ଏପରି କି ସଭ୍ୟମାନଙ୍କ ମଧ୍ୟରେ ଚେୟାର ଫିଙ୍ଗାଫୋପଡ଼ା ହୋଇଥିଲା। ପ୍ରବଳ ହଟ୍ଟଗୋଳ ଲାଗିରହିବାରୁ ସଭାକାର୍ଯ୍ୟ ହୋଇପାରି ନ ଥିଲା। ଫଳରେ ୮/୯ଜଣ ସଭ୍ୟସଭ୍ୟା ବିଧାୟକ, ବିଡିଓ, ଅଧ୍ୟକ୍ଷାଙ୍କ କଥାକୁ ବିରୋଧ କରି ଗୃହ ପରିତ୍ୟାଗ କରିଥିଲେ।

# ଆବାସ ଯୋଜନାରେ ଜିଲାରେ ୭୬୨୩ ଅନ୍ତର୍ଭୁକ୍ତ

ଖୋର୍ଦ୍ଧା ଅଫିସ,୧୭।୧

■ ୧୬ରୁ ୨୪ ଅଭିଯୋଗ ଦାଖଲ
■ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯିବ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭାରତ ସରକାରଙ୍କ ଏକ ଯୋଜନା। ଏହି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଂଶଧନ ୬୦:୪୦ ପ୍ରତିଶତ ଅଟେ। ପଞ୍ଚାୟତ ସ୍ତରରୁ ଆରମ୍ଭ କରି ବ୍ଲକ, ଜିଲା ସ୍ତରରେ ସର୍ଭେ ମାଧ୍ୟମରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ଏହାର ସହାୟତା ରାଶି ୧ଲକ୍ଷ ୨୦ହଜାର। ହିତାଧିକାରୀଙ୍କୁ ଶୀଘ୍ର ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ କରିବାକୁ ପ୍ରୋତ୍ସାହିତ କରି ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୪ମାସରେ ଗୃହ କାର୍ଯ୍ୟ ସମାପ୍ତ କରିପାରୁଥିବା ହିତାଧିକାରୀଙ୍କୁ ୨୦ହଜାର ଟଙ୍କା ଏବଂ ୬ମାସରେ କାର୍ଯ୍ୟ ସାରୁଥିବା ବ୍ୟକ୍ତିଙ୍କୁ ୧୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଉଛି। ଏ ନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ ସମ୍ଭାବ୍ୟ ହିତାଧିକାରୀଙ୍କ ତାଲିକା ଗତ ୧୬ ଜାନୁୟାରୀ ୨୦୨୩ରେ ପ୍ରକାଶ ପାଇଛି। ଏହା ପଞ୍ଚାୟତୱାରୀ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟାଳୟ, ସ୍କୁଲ, ଅଙ୍ଗନୱାଡ଼ି, ଗ୍ରାମର ପ୍ରମୁଖ ସ୍ଥାନରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶିତ କରାଯିବ। ଏହା ଆସନ୍ତା ୨୪ତାରିଖ ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ। ଖୋର୍ଦ୍ଧା ଜିଲାର ୧୦ଟି ବ୍ଲକରେ ୭୬୨୩ଜଣଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ସେଥିରୁ ବାଲିଅନ୍ତା ୨୧୬, ବାଲିପାଟଣା ୧୯୫, ବାଣପୁର ୧୧୯୬, ବେଗୁନିଆ ୧୪୧୨, ଭୁବନେଶ୍ୱର ୨୬୬, ବୋଲଗଡ ୧୧୩୮, ଚିଲିକା ୮୪୦, ଜଟଣୀ ୨୮୦, ଖୋର୍ଦ୍ଧା ୮୪୧ ଏବଂ ଟାଙ୍ଗୀ ବ୍ଲକରୁ ୧୨୩୯ଜଣ ରହିଛନ୍ତି।

ତେବେ ଜନସାଧାରଣ ଅଯୋଗ୍ୟଙ୍କ ନାମରେ ଅଭିଯୋଗ ଦାଖଲ କରିପାରିବେ। ପ୍ରାପ୍ତ ଅଭିଯୋଗଗୁଡ଼ିକର ଉପଯୁକ୍ତ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଅଭିଯୋଗ ଦାଖଲ ପାଇଁ ଉଦ୍ଦିଷ୍ଟ ଅଭିଯୋଗ ଦରଖାସ୍ତ ଫର୍ମକୁ ପୂରଣ କରି ନିଜ ପଞ୍ଚାୟତ ବା ବ୍ଲକ କାର୍ଯ୍ୟାଳୟରେ ରଖାଯାଇଥିବା ଅଭିଯୋଗ ବାକ୍ସରେ ଅଭିଯୋଗକାରୀ ନିଜ ଅଭିଯୋଗ ଦାଖଲ କରିବେ। ଅଥବା ଟୋଲ ଫ୍ରି ନମ୍ବର ୧୮୦୦୩୪୫୬୭୭୦ ବା ୧୫୫୩୩୫ରେ ନିଜ ପରିଚୟ ଦେଇ ଅଭିଯୋଗ କରିପାରିବେ। ଅନଲାଇନ ମାଧ୍ୟମରେ hhtps:/www.rhodisha.gov.in ପୋର୍ଟାଲରେ "ଅଭିଯୋଗ ଦାଖଲ"କୁ କ୍ଲିକ କରି ନିଜର ମୋବାଇଲ ନମ୍ବର ପଞ୍ଜିକୃତ କରି ନିଜ ନାମ, ବ୍ଲକ, ପଞ୍ଚାୟତ ଆଦି ଠିକଣା ଦେଇ ଅଯୋଗ୍ୟ ପରିବାରଙ୍କ ସମ୍ପର୍କରେ ଅଭିଯୋଗ କରିବେ। ଏହି ଅଭିଯୋଗ ଆସନ୍ତା ୨୪ତାରିଖ ପର୍ଯ୍ୟନ୍ତ କରିପାରିବେ। ପ୍ରାପ୍ତ ଅଭିଯୋଗଗୁଡ଼ିକର ସରଜମିନ ତଦନ୍ତ କରାଯାଇ ସମ୍ଭାବ୍ୟ ତାଲିକାରୁ ଅଯୋଗ୍ୟ ପରିବାରଙ୍କ ନାମ କାଟି ସମସ୍ତ ଯୋଗ୍ୟ ପରିବାରଙ୍କ ତାଲିକା ଗ୍ରାମ ସଭାର ଅନୁମୋଦନ ପାଇଁ ପଠାଯିବ। ଗ୍ରାମସଭା ଉକ୍ତ ତାଲିକାକୁ ଅନୁମୋଦନ ପରେ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସରକାରଙ୍କ ଦ୍ୱାରା ଗୃହ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଘରେ ପଶି ଚୋରି, ଯୁବକ ଗିରଫ

**ବାଲୁଗାଁ,୧୭।୧(ଡି.ଏନ୍.ଏ.):** ଘରେ ପଶି ଚୋରି କରିବା ଅଭିଯୋଗରେ ବାଲୁଗାଁ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଏ ନେଇ ପୋଲିସ ନଂ. ୧୧/୨୩ରେ ଏକ ମାମଲା ରୁଜୁ କରିଛି। ଏଥିସହ ଚୋରି ସାମଗ୍ରୀ ଅଭିଯୁକ୍ତଙ୍କଠାରୁ ଜବତ କରି ଲୋକଙ୍କୁ ଫେରାଇଛି। ସୋମବାର ବାଲୁଗାଁ ଅଞ୍ଚଳର ମେଘନାଦ ମହାରଣାଙ୍କ ପରିବାର ଲୋକ ଅନୁପସ୍ଥିତ ଥିଲେ। ଏହାର ସୁଯୋଗ ନେଇ ଜଣେ ଦୁର୍ବୃତ୍ତ ଘରେ ପଶି ଏକ ଲାପ୍‌ଟପ୍ ଏବଂ ପର୍ସ ସହ ୧ହଜାର ଟଙ୍କା ଚୋରି କରି ନେଇଥିଲା। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ବାଲୁଗାଁ ଥାନା ଆଇଆଇସି ରଶ୍ମିରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଗଠିତ ଏକ ଟିମ୍ ଅନୁସନ୍ଧାନ କରି ଚୋରିରେ ସମ୍ପୃକ୍ତ ବାଣପୁର ଅଞ୍ଚଳରୁ ଜଣେ ଯୁବକଙ୍କୁ ଗିରଫ କରିଥିଲେ। ତାଙ୍କଠାରୁ ଲୁଟ୍ ସାମଗ୍ରୀ ଲାପ୍‌ଟପ୍ ଓ ଟଙ୍କା ଉଦ୍ଧାର କରି ଅଭିଯୋଗକାରୀଙ୍କୁ ଫେରାଇ ଦିଆଯାଇଛି। ତେବେ ଏହି ଲୁଟ୍ ପଛରେ ଏକ ଗ୍ୟାଙ୍ଗ ସକ୍ରିୟ ଥିବାବେଳେ ସେମାନଙ୍କୁ ଠାବ କରିବା ପାଇଁ ପୋଲିସର ଉଦ୍ୟମ ଜାରି ରହିଛି ବୋଲି ଆଇଆଇସି ଦାଶ ଜଣାଇଛନ୍ତି।

### କୃଷି ଯନ୍ତ୍ରପାତି ବ୍ୟବହାର ତାଲିମ ଶିବିର

**ଗମ୍ଭାରୀମୁଣ୍ଡା,୧୭।୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ କୃଷି ବିଭାଗ ଅଫିସ 'ଆତ୍ମା' ସଭାଗୃହରେ ରାଜ୍ୟ ସରକାରଙ୍କ ସହଯୋଗରେ ଆରମ୍ଭ ହୋଇଥିବା କୃଷି ଯନ୍ତ୍ରପାତି ତାଲିମ ଶିବିର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆତ୍ମାର କୃଷି ବିଭାଗ, ଉଦ୍ୟାନ ବିଭାଗ, ପ୍ରାଣୀ ଚିକିତ୍ସା, ମତ୍ସ୍ୟଚାଷ ଓ ମୃତ୍ତିକା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କୃଷି ଅଧିକାରୀ ଅଜୟ କୁମାର କରଙ୍କ ସଭାପତିତ୍ୱରେ ଶିବିର ଆୟୋଜନ ହୋଇଥିଲା। ବାଣପୁର ଏନ୍ଏସି ଅଧ୍ୟକ୍ଷ ମିଟୁ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପସ୍ଥିତ ଚାଷୀଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଯନ୍ତ୍ରପାତି ବ୍ୟବହାର ପ୍ରକ୍ରିୟା କହିଥିଲେ। ଏଥିସହ ଚାଷୀଙ୍କୁ ଆବଶ୍ୟକ ପରିମାଣରେ ସମସ୍ତ ସହଯୋଗ କରିବା ଓ ସଚେତନ କରାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି ଓ ଫେବୃୟାରୀରେ ପ୍ରତି ଜିଲା ମୁଖ୍ୟାଳୟରେ ଚାଷୀମାନଙ୍କୁ ସବ୍‌ସିଡି ଯନ୍ତ୍ରପାତି ଦିଆଯିବ ଓ ସେଗୁଡ଼ିକର ତାଲିମ ପ୍ରୋତ୍ସାହନ କାର୍ଯ୍ୟକ୍ରମ କରାଯିବ। କାର୍ଯ୍ୟକ୍ରମରେ କୃଷି ବିଭାଗ ଯନ୍ତ୍ରୀ ଅକ୍ଷୟ ସାହୁ ଯନ୍ତ୍ରପାତି ତାଲିମ ପ୍ରଦାନ କରିଥିଲେ। ଓଏଲ୍ଏମ୍ ଅଧିକାରୀ ଶିବ ପ୍ରସାଦ ଜାଲି, ମିଶନଶକ୍ତି ଅଧିକାରିଣୀ ରଶ୍ମିତା ଇନ୍ଦ୍ରଜିତ, ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ, କୃଷିମିତ୍ର ଓ ଚାଷୀମାନେ ଉପସ୍ଥିତ ଥିଲେ।

### ତ୍ରିନାଥ ଦେବ ନାଟ୍ୟ ସଂସଦର ବାର୍ଷିକୋତ୍ସବ

**କୃଷ୍ଣପ୍ରସାଦ,୧୭।୧(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ରାମଲେଙ୍କା ପଞ୍ଚାୟତର ପାଟନାସୀ ତ୍ରିନାଥ ଦେବ ନାଟ୍ୟ ସଂସଦ ଆନୁକୂଲ୍ୟରେ ୧୫ତମ ବାର୍ଷିକ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସୀମାଞ୍ଚଳ ଜେନା ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଗାଁ ମୁଖିଆ ବାବୁଲା ବେହେରା, ମୁଖ୍ୟବକ୍ତା ପ୍ରକାଶ ବେହେରା, ସମ୍ମାନିତ ଅତିଥି କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକ, ରାମଲେଙ୍କା ସରପଞ୍ଚ ସବିତା ବିଶ୍ୱାଳ, ବିଶ୍ୱଜିତ ବିଶ୍ୱାଳଙ୍କ ସମେତ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ମାଷ୍ଟର ବିଜୟ କୁମାର ବିଶ୍ୱାଳଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ସାମାଜିକ ନାଟକ 'କହିଦେଲେ କଥା ସରିଯିବ' ମଞ୍ଚସ୍ଥ ହୋଇଥିଲା। ବାବୁଲା ବେହେରା ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ।



ଜଟଣୀରେ ଅନୁଷ୍ଠିତ ଆତ୍ମନିର୍ଭରଶୀଳ କର୍ମଶାଳା ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହ ପ୍ରଶିକ୍ଷାର୍ଥୀମାନେ।

# ଆତ୍ମନିର୍ଭରଶୀଳ କର୍ମଶାଳା ଉଦ୍‌ଯାପିତ

ଜଟଣୀ,୧୭।୧(ଡି.ଏନ୍.ଏ.)

**୬୦ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ**

ଦେଶର ବିକାଶ ଏବଂ ସମାଜରେ ସ୍ଥିରତା ସୃଷ୍ଟି ପାଇଁ ମହିଳାମାନେ ଶିକ୍ଷିତ ହେବା ସହିତ ସ୍ୱାବଲମ୍ବୀ ହେବା ଅତ୍ୟନ୍ତ ଜରୁରୀ। ତେଣୁ ପ୍ରତ୍ୟେକ ମହିଳା କିଛି ନା କିଛି ଆତ୍ମନିର୍ଭରଶୀଳ କୌଶଳ ଜାଣିବା ଆବଶ୍ୟକ। ଜଟଣୀ ବ୍ଲକ ଅନ୍ତର୍ଗତ ବେଣାପଞ୍ଜରୀ ପଞ୍ଚାୟତରେ ଦୀର୍ଘ ୬ ମାସବ୍ୟାପୀ ଅନୁଷ୍ଠିତ ଚାନ୍ଦୁଆ ପ୍ରଶିକ୍ଷଣ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବରିଷ୍ଠ ବିଜେଡି ନେତା ତଥା ପାଣ୍ଡ ଜେନା ଫାଉଣ୍ଡେଶନ ଅଧ୍ୟକ୍ଷ ସନ୍ତୋଷ ଜେନା ଏହା କହିଛନ୍ତି। ଉକ୍ତ ପଞ୍ଚାୟତର ଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ମହିଳା ଓ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଗତବର୍ଷ ଜୁଲାଇରୁ ଚଳିତବର୍ଷ ଜାନୁୟାରୀ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ହସ୍ତତନ୍ତ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ପ୍ରାୟୋଜିତ ଶିବିରକୁ ଏଡିଏଚ୍ ଖୋର୍ଦ୍ଧା ଆୟୋଜନ କରିଥିବାବେଳେ ଏମ୍‌ସିଏମ୍ ଏହାର ପରିଚାଳନା କରିଥିଲା। ଶିବିରରେ ୬୦ଜଣ ମହିଳା ପ୍ରଶିକ୍ଷାର୍ଥୀ ସଫଳତାର ସହିତ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଜୁମା ଖାଁ ଏହି ଉଦ୍‌ଯାପନୀ ଦିବସରେ ନେତୃତ୍ୱ ନେଇଥିଲେ। ମୁଖ୍ୟ ଅତିଥି ଜେନା କୃତୀ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ବେଣାପଞ୍ଜରୀ ପଞ୍ଚାୟତ ଗ୍ରାମ ସଭାପତି ସେକ ହୁସେନ ଯୋଗଦେଇଥିଲେ। ଗ୍ରାମ ସଭାପତି ହୁସେନ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ପୁଣି ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମା'ବାପା

ଖୋର୍ଦ୍ଧା ଅଫିସ,୧୭।୧

■ ଦେଢ଼ମାସ ବିତିଲାଣି ଘରକୁ ଫେରିନି ଝିଅ
■ ୨୬ରୁ ଆମରଣ ଅନଶନରେ ବସିବାକୁ ଚେତାବନୀ

ଟ୍ୟୁଶନ ଯାଇ ଆଉ ଘରକୁ ଫେରିଲାନି ଝିଅ। ତା'ର ଫେରିବା ବାଟକୁ ମା'ବାପା ଚାହିଁ ରହି ଦେଢ଼ ମାସ ବିତିଗଲାଣି। ଥାନାରେ ଅଭିଯୋଗ କରି ନିରାଶ ହେବା ପରେ ସମ୍ପୃକ୍ତ ମା'ବାପା ଏବେ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ଙ୍କ ନିକଟରେ ନିବେଦନ କରିଛନ୍ତି। ଝିଅକୁ ଖୋଜି ନ ପାଇଲେ ଆସନ୍ତା ୨୬ତାରିଖରେ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏଭଳି ଘଟଣା ଘଟିଛି ବୋଲଗଡ ଥାନା ଅଞ୍ଚଳରେ। ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ସ୍ଥାନୀୟ କଲେଜରେ ଯୁକ୍ତ୨ରେ ଅଧ୍ୟୟନ କରୁଛନ୍ତି। ଗତ ନଭେମ୍ବର ୨ରେ ଟ୍ୟୁଶନ ଯାଇଥିଲେ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ଫେରି ନ ଥିଲେ। ଏ ନେଇ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ଶେଷରେ ନିରାଶ ହୋଇ ତାଙ୍କ ମା'ବାପା ବାଙ୍କୋଇ ଫାଣ୍ଡିରେ ଝିଅକୁ ସେହି ଗ୍ରାମର ୩ଜଣ ଯୁବକ ଅପହରଣ କରି ନେଇଯାଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ୬ ତାରିଖରେ ବୋଲଗଡ ଥାନାରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ଘଟଣାର ୨ ସପ୍ତାହ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ନଭେମ୍ବର ୧୪ରେ ଉଭୟ ମା'ବାପା ଏସ୍‌ପିଙ୍କ ସମେତ ଜିଲା ଶିଶୁ ମଙ୍ଗଳ କମିଟି, ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସମେତ ରାଜ୍ୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ। ତେବେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏ ନେଇ ଦମ୍ପତି ଜାନୁୟାରୀ ୨ରେ ବୋଲଗଡ ଥାନା ଆଗରେ ଅନଶନରେ ବସିଥିଲେ। ଥାନାଧିକାରୀଙ୍କ ପ୍ରତିଶ୍ରୁତି ପରେ ଓହରିଥିଲେ। ତେବେ ପ୍ରତିଶ୍ରୁତି ପରେ ବି ବୋଲଗଡ ପୋଲିସ ନୀରବ ରହିଛି। ପ୍ରତିଶ୍ରୁତିକୁ ୨ ସପ୍ତାହ ବିତିଲାଣି ତଥାପି ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଝିଅର ମା'ବାପା ଅଭିଯୋଗ କରିଛନ୍ତି। ଫଳରେ ସୋମବାର ସେ ପୁଣି ଥରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଝିଅକୁ ଫେରାଇ ଆଣିବା ପାଇଁ ନିବେଦନ କରିଛନ୍ତି। ଆସନ୍ତା ୨୫ସୁଦ୍ଧା ଝିଅ ଘରକୁ ନ ଫେରିଲେ, ୨୬ତାରିଖଠାରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।


ହେଲ୍‌ମେଟ୍ ପିନ୍ଧିଥିବା ବାଇକ୍ ଆରୋହୀଙ୍କୁ ପୋଲିସ ଗୋଲାପ ଫୁଲ ଦେଉଛି।

# ଟ୍ରାଫିକ ନିୟମ ମାନ, ସତର୍କତା ଅବଲମ୍ବନ କର

ଖୋର୍ଦ୍ଧା ଅଫିସ,୧୭।୧

**ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧନା କଲା ପୋଲିସ**

ଖୋର୍ଦ୍ଧା ଜିଲା ପ୍ରଶାସନ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସପ୍ତାହ ବ୍ୟାପୀ ଚାଲିଥିବା ସଡ଼କ ସୁରକ୍ଷା ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଶେଷ ଦିବସରେ ଖୋର୍ଦ୍ଧା ପୋଲିସ ପକ୍ଷରୁ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ପୂର୍ବାହ୍ନରେ ନୂଆବସଷ୍ଟାଣ୍ଡରେ ପୋଲିସ ପକ୍ଷରୁ ହେଲମେଟ ପରିଧାନ କରି ବାଇକ୍ ଚଳାଉଥିବା ଚାଳକଙ୍କୁ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିନା ହେଲମେଟଧାରୀଙ୍କୁ ସଚେତନ କରାଇଥିଲେ। ଜାତୀୟ ରାଜପଥରେ ଦୈନିକ ଏକାଧିକ ସଡ଼କ ଦୁର୍ଘଟଣା ଘଟୁଛି। ଅଧିକାଂଶ ଦୁର୍ଘଟଣାରେ ବିନା ହେଲମେଟଧାରୀ ବାଇକ ଚାଳକଙ୍କ ପ୍ରାଣ ଯାଉଛି। ହେଲମେଟ ଆପଣଙ୍କ ଜୀବନର ସୁରକ୍ଷା କବଚ ଭାବେ କାର୍ଯ୍ୟ କରିଥାଏ। ଜଣେ ସଚେତନ ନାଗରିକ ଭାବେ ଟ୍ରାଫିକ ନିୟମ ମାନିବା, ବାଇକ୍ ଚଳାଇବା ବେଳେ ହେଲମେଟ ପରିଧାନ କରିବାକୁ ଲୋକଙ୍କୁ ସଚେତନ କରିଥିଲେ।

## ଆତ୍ମରକ୍ଷା ଶିବିରରେ ପ୍ରଶିକ୍ଷଣ ନେବେ ୧୨୦ ଛାତ୍ରୀ

ଜଟଣୀ,୧୭।୧(ଡି.ଏନ୍.ଏ.)

ଜଟଣୀ ମହାବିଦ୍ୟାଳୟରେ ମହିଳା ଆତ୍ମରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍, ଜାତୀୟ ସେବା ଯୋଜନା ଶାରୀରିକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ୨୦୨୨-୨୩ ଶିକ୍ଷାବର୍ଷର ମହିଳାଙ୍କ ଆତ୍ମସୁରକ୍ଷା ପାଇଁ ଏହି ତାଲିମ ଶିବିରର ଆୟୋଜନ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବଂଶୀଧର କର ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ପ୍ରଶିକ୍ଷିକା ଆସ୍‌ମା ବେଗମ ଯୋଗ ଦେଇ ୮ଟି କାର୍ଯ୍ୟଦିବସରେ ୪ଟି ବିଭାଗରେ ୧୨୦ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ। ଉଦ୍‌ଘାଟନୀ ଶିବିରରେ ନିର୍ଦ୍ଦେଶିକା ପ୍ରାଧ୍ୟାପିକା କଳ୍ପନା ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟକ୍ଷ ବଂଶୀଧର କର, ରାଜ୍ୟ ସଂଯୋଜିକା ଡ.ରଞ୍ଜିତା ନାୟକ ଥିଲେ। ସେହିପରି ବାଣିଜ୍ୟ ବିଭାଗ ମୁଖ୍ୟ ଡା. ସନ୍ତୋଷ ବିଶ୍ୱାଳ ମହିଳାଙ୍କ ସୁରକ୍ଷା ନେଇ କହିଥିଲେ। ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିତ୍ତୀୟ ସହାୟକ ଅନିଲ ଭୋଇ ଶିବିରର ପ୍ରାମାଣିକ ତଥ୍ୟ ନେଇଥିଲେ। ଶିବିରର ସହ ନିର୍ଦ୍ଦେଶିକା ଅଧ୍ୟାପିକା ପରିମିତା ପ୍ରହରାଜ ଧନ୍ୟବାଦ ଦେଇଥିଲେ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ଖୋର୍ଦ୍ଧା ଅଫିସ,୧୭।୧

ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସପ୍ତାହ ବ୍ୟାପୀ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେଇଥିଲେ। ଆସମା ବେଗମ୍, ଶୁଭସ୍ମିତା ମହାରଣା, ଲିପସା ପ୍ରଧାନ ପ୍ରମୁଖ ପ୍ରଶିକ୍ଷିକା ଭାବେ ଯୋଗଦେଇ ଛାତ୍ରୀଙ୍କୁ ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ। ସୁଧାଂଶୁବାଳା ରାଉତ, ଅନିତା ମହାପାତ୍ର ଶିବିର ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ କଲେଜ ଅଧ୍ୟକ୍ଷା ଅଜନ୍ତା ଶତପଥୀ, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଉପାଧ୍ୟକ୍ଷ ପ୍ରଫେସର ବିନୋଦିନୀ ମିଶ୍ର, ପ୍ରଫେସର ଡ.ରଞ୍ଜିତା ନାୟକ, ଅଧ୍ୟାପକ ଅନିଲ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀଧର ସାମନ୍ତସିଂହାର, ବିଶ୍ୱଜିତ ମହାନ୍ତି ପରିଚାଳନା କରିଥିଲେ।

# ସମିତି ବୈଠକ ସ୍ଥାନ ପରିବର୍ତ୍ତନ ନେଇ ଅସନ୍ତୋଷ

ବୋଲଗଡ଼,୧୭।୧(ଡି.ଏନ୍.ଏ.)

**ସମିତି ସଭା ଗୃହରେ କରିବାକୁ ଦାବି**

ଖୋର୍ଦ୍ଧା ଜିଲା ବୋଲଗଡ଼ ପଞ୍ଚାୟତ ସମିତିର ବୁଧବାର ହେବାକୁ ଥିବା ଦ୍ୱିତୀୟ ଅଧିବେଶନ ବୈଠକ ସ୍ଥାନୀୟ ଆରିକିମା ପଞ୍ଚାୟତରେ ଥିବା ମା' କୋଶଳାଶୁଣୀ ପୀଠରେ ଅନୁଷ୍ଠିତ ହେବ। ଏ ନେଇ ବୋଲଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ସମ୍ପୃକ୍ତ ସଭ୍ୟାସଭ୍ୟମାନେ ଯୋଗଦେବା ପାଇଁ ସରକାରୀ ଭାବେ ଚିଠି କରାଯାଇଛି। ହେଲେ ସମିତି ବୈଠକର ସ୍ଥାନ କାର୍ଯ୍ୟାଳୟ ପରିବର୍ତ୍ତେ ଅନ୍ୟତ୍ର କରାଯିବା ନେଇ କେତେଜଣ ସମିତିସଭ୍ୟା ସଭ୍ୟ ଓ ସରପଞ୍ଚ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେଣୁ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭା ଗୃହରେ ଉକ୍ତ ବୈଠକ କରାଯିବାକୁ ମଙ୍ଗଳବାର ୧୬ଜଣ ସମିତି ସଭ୍ୟା ସଭ୍ୟ ଏବଂ ସରପଞ୍ଚମାନେ ବିଡିଓଙ୍କୁ ଜଣାଇଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏଥିନେଇ ମଙ୍ଗଳବାର ୧୬ଜଣ ସରପଞ୍ଚ ଏବଂ ସମିତି ସଭ୍ୟା ସଭ୍ୟଙ୍କୁ ନେଇ ଏକ ଅଜ୍ଞାତବାସରେ ବୈଠକ କରାଯାଇ କୋଶଳାଶୁଣୀଙ୍କ ପୀଠରେ ପଞ୍ଚାୟତ ସମିତି ବୈଠକ ନ କରିବା ପାଇଁ ବିଡିଓଙ୍କୁ ଏବିଷୟରେ ଲିଖିତ ଭାବେ ଜଣାଇଥିବାର କୁହାଯାଇଛି। ପଞ୍ଚାୟତ ସମିତି ବୈଠକରେ ଆଲୋଚନା ପାଇଁ ରହିଥିବା ପ୍ରସ୍ତାବିତ ବିଷୟଗୁଡ଼ିକ ଅନ୍ୟତ୍ର କରା ନ ଯାଇ ସମିତିର ନିଜସ୍ୱ ସଭାଗୃହରେ କରାଯିବାକୁ ଲିଖିତ ଭାବେ ବୋଲଗଡ ପଞ୍ଚାୟତ ସମିତିର ସୋସିଆଲ ମିଡ଼ିଆ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଜଣାଯାଇଛି ବୋଲି ସୂଚନା ମିଳିଛି।

# ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ



ବାଳିକା ଆତ୍ମରକ୍ଷା କୌଶଳ ଶିବିରରେ ଯୋଗଦେଇଥିବା ଅତିଥିମାନେ।

ଗମ୍ଭାରୀମୁଣ୍ଡା,୧୭।୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ପର୍ଶୁରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ୮ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରେମରାଜ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଗୋଦାବରୀଶ ମହାବିଦ୍ୟାଳୟ ବରିଷ୍ଠ ପ୍ରାଧ୍ୟାପକ ଲକ୍ଷ୍ମୀପ୍ରସାଦ ମିଶ୍ର ଯୋଗଦେଇ ଶିବିରର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରର ଅଧ୍ୟାପିକା ଗୀତାଞ୍ଜଳି ବିଶ୍ୱାଳ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଉକ୍ତ ଶିବିରରେ ଅଧ୍ୟାପକ ନୀଳମଣି ଘଡ଼ାଇ, ପ୍ରହଲ୍ଲାଦ ଜେନା, ନିରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ଅନୁରୂପ ଭାବେ କାର୍ଯ୍ୟକ୍ରମକୁ ମଧୁସୂଦନ ଜେନା, ରାମକୃଷ୍ଣ ପାଲଟାସିଂହ, ତପନ କୁମାର ସାହୁ, ପ୍ରଶାନ୍ତ ହୋତା, ବସନ୍ତ ଛାଟୋଇ ପ୍ରମୁଖ ସହଯୋଗ କରିଥିଲେ ଏବଂ ମାଷ୍ଟର ଟ୍ରେନର ପ୍ରଶିକ୍ଷିକା ଭାବେ ଆସମା ବେଗମ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିଖାଇଥିବା ବେଳେ ୬୪ଜଣ ଛାତ୍ରୀଙ୍କୁ ତାଲିମ ଦିଆଯାଇଥିଲା। ଶେଷରେ ଅତିଥିଙ୍କ ଦ୍ୱାରା ଛାତ୍ରୀମାନଙ୍କୁ ପ୍ରଣାମପତ୍ର ଦିଆଯାଇଥିଲା।

# ଫାଇନାଲରେ କୋରାପୁଟ ଡିଷ୍ଟ୍ରିକ୍ଟ ଆସୋସିଏଶନ

ବୋଲଗଡ଼,୧୭।୧(ଡି.ଏନ୍.ଏ.)

**ଆଞ୍ଚଳିକ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ବୋଲଗଡ଼ ବ୍ଲକ ଦେଉଳି ଗ୍ରାମ ତୁଳଶୀବେରେଣା ଖେଳପଡ଼ିଆରେ ଆଞ୍ଚଳିକ ଫୁଟବଲ ଟୁର୍ଣ୍ଣାମେଣ୍ଟ କମିଟି ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟର ଡିଷ୍ଟ୍ରିକ୍ଟ ଫୁଟବଲ ଆସୋସିଏଶନ ଓ ଫୁଲବାଣୀର ସୁଜିତ ଏଫ୍‌ସି ପରସ୍ପରକୁ ଭେଟିଥିଲା ବେଳେ କୋରାପୁଟ ଦଳ ଫୁଲବାଣୀର ସୁଜିତ ଏଫ୍‌ସିକୁ ୧-୦ ଗୋଲ ବ୍ୟବଧାନରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧର ୧୭ତମ ମିନିଟରେ କୋରାପୁଟ ଦଳର ଷ୍ଟ୍ରାଇକର ରବୀନ୍ଦ୍ର ଗାଧବା ଏକମାତ୍ର ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇଥିଲେ। ଏହି ମ୍ୟାଚକୁ ରେଫରୀ ଭାବେ ଶିବଶଙ୍କର ପଣ୍ଡା ଥିବାବେଳେ ଲାଇନ୍ସରେ ଏମ୍.ଏସ୍. ବେଗ ଓ ଚନ୍ଦ୍ରକାନ୍ତ ବାରିକ ସହାୟତା କରିଥିଲେ। ସୁଶାନ୍ତ ମିଶ୍ର ୪ର୍ଥ ରେଫରୀ ଥିଲେ। ମ୍ୟାଚରେ ମୁଖ୍ୟ ଅତିଥିଭାବେ ବିଧାୟକ ରାଜେନ୍ଦ୍ର ସାହୁ ଓ ସମ୍ମାନିତ ଅତିଥି ଭାବେ ବିଡିଓ ଧୋବେଇ ନାୟକ ଓ ସହକାରୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟକୁ ଦେଉଳି ଜାମୁସାହି ନୂଆପଲ୍ଲୀ ତୁଳସୀବେରେଣା ଓ ପାରିଖେତା ଗ୍ରାମବାସୀ ମିଳିତ ଆୟୋଜନ କରିଥିଲେ।



# ଗାଁ ସାଥୀ ସଂଘର ୬ ଦଫା ଦାବିପତ୍ର ପ୍ରଦାନ

ଖୋର୍ଦ୍ଧା ଅଫିସ,୧୭।୧



ବିଭିନ୍ନ ଦାବି ନେଇ ଗାଁ ସାଥୀ ସଂଘର ସଭ୍ୟ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

ଗ୍ରାମାଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)କୁ ସଫଳତାର ସହିତ ଆଗକୁ ନେବା ପାଇଁ ୨୦୦୮ରୁ ଖୋର୍ଦ୍ଧା ବ୍ଲକର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଗାଁ ସାଥୀ(ମେଟ) ନିଯୁକ୍ତି କରାଯାଇଥିଲା। ହେଲେ ସେମାନଙ୍କ ନ୍ୟାଯ୍ୟ ଦାବି ପୂରଣ ନେଇ ସରକାର ଓ ଜିଲା ପ୍ରଶାସନ କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ତେବେ ଏ ନେଇ ରାଜ୍ୟ ଗାଁ ସାଥୀ ସଂଘ ବହୁବାର ଦାବି କରିବା ପରେ ରାଜ୍ୟ ପଞ୍ଚାୟତ ଓ ପାନୀୟ ଜଳ ବିଭାଗ ଗତ-୦୬।୧୨।୨୦୨୨ରେ ପତ୍ର ସଂଖ୍ୟା ୨୩୭୯୬ରେ ଗାଁ ସାଥୀ(ମେଟ୍) ଓ ଗ୍ରାମ ରୋଜଗାର ସେବକ(ଜିଆର୍‌ଏସ୍)ଙ୍କୁ ନେଇ ଓ ପ୍ରତି ବ୍ଲକରେ ଏକ ପ୍ରଶିକ୍ଷଣ ଶିବିର କରିବା ପାଇଁ ସବୁ ଜିଲାପାଳ ଓ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ନିର୍ଦ୍ଦେଶ ଦେଇଥିଲା। ହେଲେ ଏହି ନିର୍ଦ୍ଦେଶ ଖୋର୍ଦ୍ଧାରେ ଏପର୍ଯ୍ୟନ୍ତ ଏହା ଲାଗୁ ହୋଇନାହିଁ। ତେଣୁ ମଙ୍ଗଳବାର ଖୋର୍ଦ୍ଧା ବ୍ଲକର ଗାଁ ସାଥୀ ସଂଘର ସଭାପତି ପ୍ରମୋଦ କୁମାର ମାନସିଂହଙ୍କ ନେତୃତ୍ୱରେ ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟମାନେ ୬ ଦଫା ସମ୍ବଳିତ ଦାବିପତ୍ର ନେଇ ଜିଲାପାଳ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲା ପରିଷଦ ଅଧ୍ୟକ୍ଷା, ବିଡିଓ, ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀଙ୍କୁ ପ୍ରଦାନ କରିଛନ୍ତି। ସେମାନଙ୍କ ପ୍ରମୁଖ ଦାବି ମଧ୍ୟରେ ସମସ୍ତ ଗାଁ ସାଥୀ(ମେଟ୍)ଙ୍କୁ ପରିଚୟ ପତ୍ର ପ୍ରଦାନ, ପ୍ରଶିକ୍ଷଣ, ପଞ୍ଚାୟତରାଜ ବିଭାଗର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ସାମିଲ କରିବା, ପଞ୍ଚାୟତ ଓ ବ୍ଲକର ମନରେଗା ବୈଠକ ଓ ଜନଶୁଣାଣିରେ ସାମିଲ କରିବା, ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟକୁ ଗାଁ ସାଥୀଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ ଓ ଶିକ୍ଷାଗତ ଯୋଗ୍ୟତାଭିତ୍ତିରେ କ୍ୟାଡରଭୁକ୍ତ କରିବା ଆଦି ପ୍ରମୁଖ ଦାବି ରହିଛି। ତେବେ ସରକାରଙ୍କ ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଅଧିକାରୀମାନେ କହିଛନ୍ତି। ଏହି ଦାବିପତ୍ର ସମୟରେ ସଂଘର ସୁଧାକର ବେହେରା, ଦେବେନ୍ଦ୍ର ବରାଳ, ଇନ୍ଦୁମତି ହାତୀ, ବସନ୍ତ କୁମାର ବଡ଼ଜେନା, ପ୍ରଫୁଲ୍ଲ କୁମାର ମାନ୍ଧାତା, ସଞ୍ଜୟ କୁମାର ବରାଳ, ନମିତା ଶ୍ରୀଚନ୍ଦନ, ବିଭୂତି ଭୂଷଣ ଗୁମାନସିଂହ, ଗୋପାଳକୃଷ୍ଣ ପ୍ରଧାନ, ସତ୍ୟରଞ୍ଜନ ଜେନା, ଜୟନ୍ତୀ ସାହୁ, ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ଦାଦାବଟି ମାଗିବା ଅଭିଯୋଗରେ ଯୁବକ ଗିରଫ**

କଟକ ସଦର,(ଡି.ଏନ୍.ଏ.): ଦାଦାବଟି ମାଗିବା ଅଭିଯୋଗରେ ୪୨ ମୌଜା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ କୁଳଦ ସାହିର ବିକାଶ ବେହେରା। ଏ ନେଇ ଥାନାରେ ମାମଲା(ନଂ. ୨୩/୨୩)ରେ ମାମଲା ରୁଜୁ ହୋଇଛି। ୧୫ ତାରିଖରେ କୁଳଦ ସାହିରେ ପାନୀୟ ଜଳ ପ୍ରକଳ୍ପ ଠିକାଦାର ପାଇପ୍ ଲାଇନ୍ ପାଇଁ ମାଟି ଖୋଳୁଥିବାବେଳେ ବିକାଶ ଓ ଆଉ ଜଣେ ଯୁବକ ପହଞ୍ଚି କାମ ବନ୍ଦ କରି ଦେଇଥିଲେ। ଏହାସହ ଶ୍ରମିକମାନଙ୍କୁ ଗାଳିଗୁଲଜ କରିବା ସହ ଠିକାଦାରଙ୍କୁ ୧ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ଏପରି କି କ୍ରନ୍ଦପୁର ପଞ୍ଚାୟତ ସରପଞ୍ଚ ରବୀନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ଅଭିଯୁକ୍ତମାନେ ଗାଳିଗୁଲଜ କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୩/୨୩) ରୁଜୁ କରିଥିଲା।

## ସଂକ୍ଷେପରେ

### ପୂର୍ବତନ ସରପଞ୍ଚଙ୍କ ବାସଭବନ, ଗାଡ଼ି ଉପରେ ବୋମାମାଡ଼

ବାଙ୍କୀ,୧୭।୧(ସ୍ୱ.ପ୍ର.): ଡମପଡ଼ା ବ୍ଲକ ଅନ୍ତର୍ଗତ କୁଶପୁରଙ୍କ ପଞ୍ଚାୟତରେ ପୂର୍ବତନ ବିଜେଡି ସରପଞ୍ଚ ପୁଷ୍ପଲତା ପରିଡାଙ୍କ ବାସଭବନ ଓ ତାଙ୍କ ବୋଲେରୋ ଗାଡ଼ି ଉପରେ ସୋମବାର ରାତିରେ ଦୁର୍ବୃତ୍ତମାନେ ବୋମାମାଡ଼ କରିଛନ୍ତି। ଏନେଇ ତାଙ୍କ ସ୍ୱାମୀ ଅସିତ୍ ଜେନା ବାଙ୍କୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୪ ଅଫୁଟା ବୋମା ଜବତ କରିଛି। ଏନେଇ ଥାନାରେ ମାମଲା (ନଂ. ୩୦/୨୩)ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ଗଣ୍ଡଗୋଳ କରି ୨ ଗିରଫ

ନିଶ୍ଚିନ୍ତକୋଇଲି,୧୭।୧(ସ୍ୱ.ପ୍ର): ନିଶ୍ଚିନ୍ତକୋଇଲି ବଜାରରେ ଥିବା ଏକ ହୋଟେଲର ମାଲିକଙ୍କୁ ଗାଳି ଗୁଲଜ କରିବା ସହ ଗାଡ଼ି ଭଙ୍ଗାରୁଜା ଓ ମୋବାଇଲ ଛଡ଼ାଇବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମାହାଙ୍ଗା ଥାନା ଉମର ଗ୍ରାମର ପ୍ରିୟବ୍ରତ ମହାପାତ୍ର, ନନ୍ଦ କିଶୋର ମଲିକ। ସେମାନେ ସୋମବାର ହୋଟେଲରେ ଖାଇସାରି ଟଙ୍କା ଦେବା ସମୟରେ ହୋଟେଲ ମାଲିକଙ୍କ ସହ ବଚସା ହୋଇଥିଲା। ଯୁବକ ଦ୍ୱୟ ହୋଟେଲ ଭିତରେ ପଶି ଭଙ୍ଗାରୁଜା କରିଥିଲେ। ସେଠାରେ ଉପସ୍ଥିତ ଥିବା ନିଶ୍ଚିନ୍ତକୋଇଲି ଗ୍ରାମର ଅବିନାଶ ରାଉତ ହସ୍ତକ୍ଷେପ କରିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିବା ସହ ତାଙ୍କର ଗାଡ଼ିକୁ ଭାଙ୍ଗି ଦେବା ସହିତ ତାଙ୍କ ଠାରୁ ଏକ ମୋବାଇଲ ଛଡାଇ ନେଇଥିଲେ। ଏନେଇ ରାଉତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫/୨୩) ରୁଜୁ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଶିଶୁଆ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ପ୍ରକୃତ ହିତାଧିକାରୀଙ୍କ ନାମ ଯୋଡ଼ିବାକୁ ଦାବିପତ୍ର

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା**

ବାଙ୍କୀ,୧୭।୧(ସ୍ୱ.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ତାଲିକାରେ ପ୍ରକୃତ ଯାଞ୍ଚ କରାଯାଇ ଯୋଗ୍ୟ ହିତାଧିକାରୀ ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ମଙ୍ଗଳବାର ବାଙ୍କୀ ବ୍ଲକ କନ୍ତପହଁରା ଗ୍ରାମ ପଞ୍ଚାୟତର ହିତାଧିକାରୀମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ନିମନ୍ତେ କିଛି ଲୋକଙ୍କର ନାମ ଯୋଗ୍ୟ ହିତାଧିକାରୀ ତାଲିକାରେ ପ୍ରକାଶ ପାଇଥିଲା । କିନ୍ତୁ କେତେକ ରାଜନୈତିକ ବ୍ୟକ୍ତି ସରକାରୀ କର୍ମଚାରୀଙ୍କୁ ହାତବାରିସ କରି ତାଲିକାରୁ ବାଦ ଦେଇ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ଯୋଡ଼ାଯାଇଥିବା ତାଲିକାରେ ପ୍ରକାଶ ପାଇଛି। ପ୍ରକାଶିତ ତାଲିକାକୁ ରଦ୍ଦ କରି ପ୍ରକୃତ ହିତାଧିକାରୀଙ୍କ ନାମକୁ ଯାଞ୍ଚ କରି ତାଲିକାରେ ଅନ୍ତର୍ଭୁକ୍ତ କରାଯାଉ, ନଚେତ ଜନ ଆନ୍ଦୋଳନ କରାଯିବ ବୋଲି ହେମନ୍ତ ଜେନା, ରାମଚନ୍ଦ୍ର ଖଟୁଆ, ଶ୍ରୀନିବାସ ପ୍ରଧାନ, କାଙ୍ଗାଳି ଚରଣ ସାହୁ, ସଞ୍ଜୟ କୁମାର ବରାଳଙ୍କ ସମେତ ବହୁବ୍ୟକ୍ତି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

### ମରଣାନ୍ତକ ଆକ୍ରମଣ, ବିଜେଡି କର୍ମୀ ଗୁରୁତର

ମାହାଙ୍ଗା,୧୭।୧(ସ୍ୱ.ପ୍ର): ଗତ ତ୍ରିସ୍ତରୀୟ ନିର୍ବାଚନ ସମୟରେ ଶତ୍ରୁତାକୁ ନେଇ ମଙ୍ଗଳବାର ଭାଜପା କର୍ମୀଙ୍କ କଟୁରି ଆକ୍ରମଣରେ ଜଣେ ବିଜେଡି କର୍ମୀ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ମାହାଙ୍ଗା ଥାନା କୁମୁଡ଼ାଜୟପୁର ଫାଣ୍ଡିରେ ଏକ ଲିଖିତ ଅଭିଯୋଗ ହୋଇଛି। ଏହି ଫାଣ୍ଡି ଅଧିନ ଲାପଚୁଆଁ ଗ୍ରାମରେ ଗତ ପଞ୍ଚାୟତ ନିର୍ବାଚନ ସମୟର ଶତ୍ରୁତାକୁ ନେଇ ସେହି ଗ୍ରାମର ଭାଗ୍ୟଧର ରାଉତ ଓ ଶଙ୍କର୍ଷଣ ରାଉତ ରସାନନ୍ଦ ରାଉତ ନାମ ଧରି ଗାଳି ଗୁଲଜ କରିଥିଲେ । ଏଥିସହିତ ରାସାନନ୍ଦ ପୁତ୍ର ପ୍ରିୟବ୍ରତକୁ ମଧ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଘରୁ ଡାକିଥିଲେ। ପ୍ରିୟବ୍ରତ ଘରୁ ବାହାରି ଆସିବାରୁ ଉଭୟ ରଡ ଓ କଟୁରିରେ ପ୍ରିୟବ୍ରତ ମୁଣ୍ଡକୁ ଆକ୍ରମଣ କରିଥିଲେ । ପ୍ରିୟବ୍ରତ ଚେତାଶୂନ୍ୟ ଅବସ୍ଥାରେ ତଳେ ପଡି ଯିବା ପରେ ମା' ନର୍ମଦା ପଡ଼ୋଶୀଙ୍କୁ ଡାକିଥିଲେ ମଧ ସେ ଆକ୍ରମଣରୁ ବର୍ତ୍ତି ନଥିଲେ । ପଡ଼ୋଶୀମାନେ ପ୍ରିୟବ୍ରତଙ୍କୁ ଟାଙ୍ଗୀସ୍ଥିତ ଘରୋଇ ମେଡିକାଲରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭେଡା ସରପଞ୍ଚଙ୍କ ପ୍ରତିନିଧି ରୁଷିକୁମାର ରାଉତଙ୍କ ଇଙ୍ଗିତରେ ଭାଗ୍ୟଧର ଓ ଶଙ୍କର୍ଷଣ ତାଙ୍କ ପରିବାରକୁ ଜୀବନରୁ ମାରି ଦେବା ପାଇଁ ଆକ୍ରମଣ କରିଥିବା ନର୍ମଦା ରାଉତ ଥାନାରେ ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ଗୋପବନ୍ଧୁ ମଲିକ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଅଟକ ରଖିଥିବା କହିଛନ୍ତି।

# 'ରାଜ୍ୟ ବିକାଶରେ ବିଦ୍ୟୁତ୍ କର୍ମଚାରୀଙ୍କ ଭୂମିକା ରହିଛି'

କଟକ ଅଫିସ,୧୭।୧



ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ରାଜ୍ୟସ୍ତରୀୟ ସମାବେଶରେ ମଞ୍ଚାସୀନ ଅତିଥିବୃନ୍ଦ।

ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ରାଜ୍ୟସ୍ତରୀୟ ସମାବେଶ କଟକ ବାରବାଟୀ ଷ୍ଟାଡିୟମସ୍ଥିତ ସଚିନ ତେନ୍ଦୁଲକର ଇନ୍‌ଡୋର ହଲ୍‌ରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଅତିଥି ଭାବେ ଯୋଗଦେଇ କହିଥିଲେ, ରାଜ୍ୟର ବିକାଶରେ ବିଦ୍ୟୁତ୍ କର୍ମଚାରୀଙ୍କ ପ୍ରମୁଖ ଭୂମିକା ରହିଛି। ଶ୍ରମିକମାନଙ୍କ କଲ୍ୟାଣ ଓ ସ୍ଥାୟୀ ନିଯୁକ୍ତି ଏବଂ ପଦୋନ୍ନତି ଉପରେ ପ୍ରାଧାନ୍ୟ ଦେବାକୁ ସେ ଟାଟା ପାୱାରର ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ମହାସଂଘର ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ କହିଥିଲେ, ବହୁ ବର୍ଷ ଧରି ଏହି ସଙ୍ଗଠନ ସଂଘର୍ଷ କରି ଏହି

**ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ରାଜ୍ୟସ୍ତରୀୟ ସମାବେଶ**

ସ୍ତରରେ ପହଞ୍ଚିଛି। ଏହାକୁ ଯେତେ ଶକ୍ତିଶାଳୀ କରିପାରିବେ। ମୁଖ୍ୟମନ୍ତ୍ରୀଙ୍କ ସହାୟତାରେ ଆମେ ସେତେ ସୁରକ୍ଷା ଭିତରକୁ ଯାଇପାରିବା। ସେହିପରି ଶ୍ରମିକ କଲ୍ୟାଣ ବୋର୍ଡର ଅଧକ୍ଷା ଶ୍ରୀମୟୀ ମିଶ୍ର ଯୋଗଦେଇ କହିଥିଲେ, ବିଦ୍ୟୁତ୍ କର୍ମଚାରୀମାନଙ୍କ ବହୁ ମୂଲ୍ୟ ଅବଦାନ ଯୋଗୁ ଆମ ରାଜ୍ୟକ ଆଗକୁ ଯାଇପାରିଛି। ଶ୍ରମିକମାନଙ୍କ ସ୍ଥାୟିତ୍ୱ ଓ କଲ୍ୟାଣ ଉପରେ ଗୁରୁତ୍ୱ ଦେବାକୁ ସେ କହିଥିଲେ। ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ କହିଥିଲେ, ବିଦ୍ୟୁତ୍ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ଏହାର କର୍ମଚାରୀ କଲ୍ୟାଣକାରୀ ଯୋଜନାରେ ସାମିଲ ହେବା ଦରକାର। ବେତନ ସମସ୍ୟା, ପଦୋନ୍ନତି ଉପରେ ଗୁରୁତ୍ୱ ଦିଆଯିବା ଦରକାର। ଏହି ସମାବେଶରେ ବିଧାୟକ ସୌଭିକ୍ ବିଶ୍ୱାଳ, ହିନ୍ଦ୍ ମଜଦୁର ସଭାର ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ପାତ୍ର, କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତି, ସାଧାରଣ ସମ୍ପାଦକ ସୁବାସ ସିଂ, ଶ୍ରମିକ ନେତା ନବକିଶୋର ମହାନ୍ତି, ଯୁଗଳ ନାୟକ, ରଞ୍ଜନ ବିଶ୍ୱାଳ, ଅମର ପ୍ରତାପ ସିଂ, ପ୍ରିୟବ୍ରତ ନାୟକଙ୍କ ସମେତ ରାଜ୍ୟର ୫୦୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ।

# ଓଡ଼ିଆ ସାହିତ୍ୟକୁ ଜନମୁଖୀ କରିଛି ପାଲା

କଟକ ଅଫିସ,୧୭।୧

ଓଡ଼ିଆ ସାହିତ୍ୟକୁ ଜନମୁଖୀ କରିବାରେ ପାଲାର ଭୂମିକା ଅନନ୍ୟ। ସାହିତ୍ୟର ଧାରାକୁ ସାଧାରଣ ଜନତାଙ୍କ ନିକଟରେ ସରଳ ଭାବେ ଉପସ୍ଥାପନ କରି ଏହି ଲୋକକଳା ଏକ ସୁଦୃଢ଼ ପରମ୍ପରା ସୃଷ୍ଟି କରିଛି ବୋଲି ପାଲାଗାୟକ ଯୋଗେନ୍ଦ୍ର ନାଥ ମାର୍ଥା କହିଛନ୍ତି। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଦୁଇଦିନ ବ୍ୟାପୀ ପାଲା ମହୋତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମାର୍ଥା ଉଦ୍‌ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ। ଅନୁଷ୍ଠାନର ଉପସଭାପତି ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ


ମହୋତ୍ସବରେ ଉଲ୍ଲାସ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସାବିତ୍ରୀ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

**ପାଲା ମହୋତ୍ସବ ଉଦ୍‌ଘାଟିତ**

ସମ୍ମାନିତ ଅତିଥି ଭାବେ କବି ଦୁର୍ଗାଚରଣ ଷଡ଼ଙ୍ଗୀ, ସାହିତ୍ୟିକ ବରଦା ପ୍ରସନ୍ନ ପଟ୍ଟନାୟକ, ଅନୁଷ୍ଠାନର କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ରାଧାଶ୍ୟାମ ରାଉଳ ଓ ପାଲା ବ୍ୟକ୍ତିତ୍ୱ ସୁରେନ୍ଦ୍ର ନାଥ ଛୋଟରାୟ ଯୋଗ ଦେଇଥିଲେ। ଗାୟକ ଉଲ୍ଲାସ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସାବିତ୍ରୀ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସଙ୍ଗଠନ ସମ୍ପାଦକ ସୁନାମଣି ରାଉତ ପ୍ରାରମ୍ଭିକ ସୂଚନା, ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, ଶିବାଶିଷ କର ମାନପତ୍ର ପାଠ ଓ ତପନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ମାଡ଼ ମାରି ଯୁବକ ଗିରଫ

କଟକ ସଦର,୧୭।୧(ଡି.ଏନ୍.ଏ.)

ମାଡ଼ ମାରିବା ଅଭିଯୋଗରେ ୪୨ ମୌଜା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ କୁଳଦ ସାହିର ଆରତ ଭୋଇ। ଏ ନେଇ ଥାନାରେ ଏକ ମାମଲା(ନଂ.୨୬/୨୩) ରୁଜୁ ହୋଇଛି। କୌଣସି କାରଣକୁ ନେଇ ଅଭିଯୁକ୍ତ ଜଣକ ମଙ୍ଗଳବାର ସକାଳେ ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଆକ୍ରମଣ କରି ଖଣ୍ଡିଆଖାବରା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ମୃତକଙ୍କ ପରିବାରକୁ ଭେଟିଲେ ମେୟର, କମିଶନର

**ମୁକୁଳା ଡ୍ରେନ୍‌ରେ ପଡ଼ି ବାଳକ ମୃତ୍ୟୁ ଘଟଣା**

କଟକ ଅଫିସ,୧୭।୧

ମୁକୁଳା ଡ୍ରେନ୍‌ରେ ପଡ଼ି ମୃତ୍ୟୁ ଘଟିଥିବା ବାଳକ ଯୋଶେଫ ସାହାଣୀଙ୍କ ପରିବାର ଲୋକଙ୍କୁ ମଙ୍ଗଳବାର ସିଏମ୍‌ସି ମେୟର ସୁବାସ ସିଂ ଓ କମିଶନର ନିଖିଲ ପଓ୍ୱନ କଲ୍ୟାଣ ଭେଟି ସମବେଦନା ଜଣାଇଛନ୍ତି। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଯୋଗାଇ ଦିଆଯିବ ବୋଲି ମେୟର ଓ କମିଶନର କହିଛନ୍ତି। ଏଥିସହ ସିଏମ୍‌ସି ପକ୍ଷରୁ ୩୩ ହଜାର ଟଙ୍କାର ଦୁଇଟି ଚେକ୍ ପ୍ରଦାନ କରାଯାଇଛି। ଏହି ଅଘଟଣ ପାଇଁ ଯିଏ ଦାୟୀ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମେୟର କହିଛନ୍ତି। ଏହି ଅବସରରେ ଡେପୁଟି ମେୟର ଦମୟନ୍ତୀ ମାଝି , ୱାର୍କ୍ସ ଷ୍ଟାଣ୍ଡିଂ କମିଟି ଅଧକ୍ଷ ପ୍ରଦୀପ୍ତ ଖୁଣ୍ଟିଆ, କର୍ପୋରେଟର ଭାନୁ ସେନାପତି, ବିକାଶ ବେହେରା, ନମିତା ବାରିକ, ପୁଷ୍ପିତ ମହାନ୍ତି, ସିଟି ଇଞ୍ଜିନିୟର ଅତନୁ କୁମାର ସାମନ୍ତ ଓ ଡେପୁଟିକମିଶନର ଅଜୟ କୁମାର ମହାନ୍ତିଙ୍କ ସମେତ ସମସ୍ତ ଯନ୍ତ୍ରୀ ଉପସ୍ଥିତ ଥିଲେ।

# ସରକାରୀ ଜମିରୁ ବେଆଇନ ନିର୍ମାଣ ଭଙ୍ଗାଗଲା

କଟକ ଅଫିସ,୧୭।୧

କଟକ ଖାନ୍‌ନଗରଠାରେ ଥିବା ସାଉଥ ପଏଣ୍ଟ ହସ୍ପିଟାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଯାଇଛି। ହସ୍ପିଟାଲ ପକ୍ଷରୁ ଜବରଦଖଲ କରାଯାଇଥିବା ଜମିକୁ ମଙ୍ଗଳବାର କଟକ ମହାନଗର ନିଗମ(ସିଏମ୍‌ସି) ଉଚ୍ଛେଦ କରିଛି। ସରକାରୀ ଜମିରେ ବେଆଇନ ନିର୍ମାଣ କରାଯିବା ନେଇ ସିଏମ୍‌ସି ପକ୍ଷରୁ ହସ୍ପିଟାଲ ବିରୋଧରେ ଏକ ୟୁସି କେସ୍ ଲଗାଯାଇଛି। ଏଥିସହ ସରକାରୀ ଜମିରେ ହସ୍ପିଟାଲ ନିର୍ମାଣ କରିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଓ ଅକ୍ସିଜେନ୍ ପ୍ଲାଣ୍ଟକୁ ଉଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ୩୫ ଡିସିମିଲ ସରକାରୀ ଜମିରେ ହସ୍ପିଟାଲର ପାଚେରି ନିର୍ମାଣ ହୋଇଥିଲା। ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଉକ୍ତ ପାଚେରି ସମ୍ପୂର୍ଣ୍ଣ ଭଙ୍ଗାଯାଇଛି। ଏଥିସହିତ ହସ୍ପିଟାଲ

**ସାଉଥ ପଏଣ୍ଟ ହସ୍ପିଟାଲ ବିରୋଧରେ ଆଉ ଏକ କାର୍ଯ୍ୟାନୁଷ୍ଠାନ**

ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲକୁ ନେଇ ମଧ ପ୍ରଶ୍ନ ଉଠିଛି। ଏନେଇ ପ୍ଲାନିଂ ଡିପାର୍ଟମେଣ୍ଟକୁ ଏକ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଏହି ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡେପୁଟି କମିଶନର ମହାନ୍ତି କହିଛନ୍ତି। ଏହାଛଡ଼ା ବେଆଇନ ନିର୍ମାଣକୁ ନେଇ ହସ୍ପିଟାଲ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ଏ ନେଇ ଡେପୁଟି କମିଶନର କହିଛନ୍ତି, ହସ୍ପିଟାଲ ପକ୍ଷରୁ ସରକାରୀ ଜମି ଜବରଦଖଲ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୩୫ ଡିସିମିଲ ସରକାରୀ ଜମିରେ ବେଆଇନ ନିର୍ମାଣ ହୋଇଥିବା ନେଇ ଜଣାପଡିଥିଲା। ସେଥିପାଇଁ ୟୁସି କେସ୍ ଦିଆଯାଇଛି। ପାର୍କିଂସ୍ଥଳ ଓ ବିଲ୍ଡିଂ ମଧ ନିୟମ ବାହାରେ ନିର୍ମାଣ ହୋଇଥିବା ଅନୁମାନ କରାଯାଉଛି। ଯାଞ୍ଚ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଏତଦ୍ ବ୍ୟତୀତ ହସ୍ପିଟାଲ କର୍ତ୍ତୃପକ୍ଷଙ୍କର ଯଦି କୌଣସି ଅଭିଯୋଗ ଥାଏ ତେବେ ପକ୍ଷ ରଖିବା ପାଇଁ ଆସନ୍ତା ୨୪ ତାରିଖ ସୁଦ୍ଧା ହାଜର ହୋଇ ଦସ୍ତାବିଜ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ମହାନ୍ତି ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେଓ୍ୱାଇ) ସ୍ମାର୍ଟ କାର୍ଡ ଚଞ୍ଚକତା କରି ସରକାରୀ ଅର୍ଥ ହଡ଼ପ କରିବା ଘଟଣାରେ ଉକ୍ତ ହସ୍ପିଟାଲର ମାଲିକଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଥିଲା। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଫଳରେ ସ୍ୱାସ୍ଥ୍ୟ ସଚିବ ବିଏସ୍‌କେଓ୍ୱାଇ ସେବା ତାଲିକାରୁ ଉକ୍ତ ହସ୍ପିଟାଲକୁ ବାଦ୍ ଦେଇଥିଲେ।

# କଣ୍ଟ୍‌ନିଛଟ୍‌ନି ପ୍ରତିବାଦରେ ଭାଜପାର ବିକ୍ଷୋଭ

କଣ୍ଟାପଡା,୧୭।୧(ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ଅଞ୍ଚଳରେ ଥିବା ୭ଟି ସେବା ସମବାୟ ସମିତି ମାଧ୍ୟମରେ ସରକାରୀ ଧାନମଣ୍ଡି ଖୋଲାଯାଇ ଗତ ସପ୍ତାହରୁ ଚାଷୀଙ୍କଠାରୁ ଧାନକିଣା ଆରମ୍ଭ ହୋଇଛି। ତେବେ ଧାନ କିଣାବେଳେ ସମବାୟ ସମିତି ଓ ମିଲରମାନେ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୩ରୁ ୫କିଲୋ ପର୍ଯ୍ୟନ୍ତ କଟ୍‌ନିଛଟ୍‌ନୀ କରୁଛନ୍ତି। ଏହାର ପ୍ରତିବାଦରେ କଣ୍ଟାପଡା ଭାଜପା ପକ୍ଷରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଣ୍ଟାପଡା ଭାଜପା ମଣ୍ଡଳ ସଭାପତି ପ୍ରଭାତ ମହାପାତ୍ରଙ୍କ ନେତୃତ୍ୱରେ ନିଆଳି ନିର୍ବାଚନମଣ୍ଡଳୀ ଭାଜପା ନେତା ଛବୀନ୍ଦ୍ର ମଲ୍ଲିକ, ଅଶୋକ ରଥ, ଲଲାଟେନ୍ଦୁ ପ୍ରସାଦ ଦାଶ, କୈଳାସ ଦାସ, ପ୍ରଶାନ୍ତ ବେହେରା, ବନ୍ଧୁ ସାହୁ, ପ୍ରଶାନ୍ତ ପ୍ରଧାନ, ସଂଗ୍ରାମ ପଟ୍ଟନାୟକ, ସରପଞ୍ଚ ନିର୍ମଳ ସାହୁ, ଜ୍ୟୋସ୍ନାରାଣୀ ସେଠୀ, ସମିତିସଭ୍ୟ ପବିତ୍ର ସ୍ୱାଇଁଙ୍କ ସମେତ ଶତାଧିକ କର୍ମୀ କଣ୍ଟାପଡା ହାଇସ୍କୁଲ ଛକରୁ ଶୋଭାଯାତ୍ରାରେ ବାହାରି ବ୍ଲକ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ଜମି ଅନୁଯାୟୀ ଚାଷୀଙ୍କୁ ପ୍ରଦାନ କରାଯାଉଥିବା ଧାନକ୍ରୟ ଟୋକନରେ ଧାନର ପରିମାଣକୁ କମେଇବା ଓ ଧାନ କିଣାବେଳେ କଟ୍‌ନିଛଟ୍‌ନୀ ନୀତିକୁ ତୁରନ୍ତ ବନ୍ଦ କରିବା ପାଇଁ ଭାଜପା ନେତା ଛବୀନ୍ଦ୍ର ମଲ୍ଲିକ କହିଥିଲେ। ମଣ୍ଡିକୁ ଧାନ ନିଆଯାଉଥିବା ଅଖା ବାବଦ ଟଙ୍କା ଚାଷୀଙ୍କୁ ନ ମିଳିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭାଜପା ନେତାମାନେ କହିଥିଲେ। ଏହି ଅବସରରେ ଭାଜପା ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ସନ୍ତୋଷ କୁମାର ପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ୧୯୨ ଲିଟର କଫ୍ ସିରପ୍ ଜବତ: ଜଣେ ଗିରଫ

ସାଲେପୁର,୧୭।୧(ଡି.ଏନ୍.ଏ.)

ବେଆଇନ କଫ୍ ସିରପ୍ ବିକ୍ରୟ କରିବା ଅଭିଯୋଗରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଜଣେ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୧୯୨ ଲିଟର କଫ୍ ସିରପ୍ ଓ ଏକ କାର ଜବତ କରାଯାଇଛି। ସେ ହେଲେ ଜଗତପୁର ଥାନା ଅନ୍ତର୍ଗତ ଭୈରପୁର (ସୁଜାପୁର) ଗ୍ରାମର ଜିତନ ନନ୍ଦୀ। ଏନେଇ ଅବକାରୀ ମାମଲା (ନଂ. ୧୧୫/୨୨–୨୩) ରୁଜୁ ହୋଇଛି। ସାଲେପୁର ଅଞ୍ଚଳରେ ନିୟମିତ ବ୍ୟବଧାନରେ ବେଆଇନ କଫ୍ ସିରପ୍ ବିକ୍ରି ହେଉଥିବା ପୂର୍ବରୁ ସୂଚନା ମିଳିଥିଲା। ଏହି ରାକେଟ୍‌କୁ ଧରିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଜାଲ ବିଛାଯାଇଥିଲା। ଅଭିଯୁକ୍ତ ଜିତନ ଏକ କାର୍‌ରେ ବେଆଇନ କଫ୍ ସିରପ୍ ନେଇ ଯାଉଥିବାବେଳେ କଟକ–ସାଲେପୁର ରାସ୍ତାର ଖରାଖିଆ ବଜାର ନିକଟରେ ଅବକାରୀ ବିଭାଗ ହାତରେ ଧରାପଡ଼ିଥିଲେ। ଚଢ଼ାଉ ସମୟରେ ସାଲେପୁର ଅବକାରୀ ବିଭାଗ ଅଧିକାରୀ ତେଲେସ୍ୱର ଲାକ୍ରା, ଅଜୟ ଜେନା, ସୋନାଲୀ ନାୟକ, ଈଶ୍ୱର ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର


ବଡ଼ମ୍ବାରେ ଭାଜପା କର୍ମୀମାନେ ବିକ୍ଷୋଭ କରୁଛନ୍ତି।

ବଡ଼ମ୍ବା/ବାଙ୍କୀ୧୭।୧ (ଡି.ଏନ୍.ଏ./ସ୍ୱ.ପ୍ର.)

ବାଙ୍କୀ ବୈଦେଶ୍ୱରରୁ ବଡ଼ମ୍ବା ଗୋପୀନାଥପୁରକୁ ମହାନଦୀରେ ସଂଯୋଗ କରୁଥିବା ଟି–ବ୍ରିଜରେ ୧୪ ଜାନୁୟାରୀରେ ଘଟିଥିବା ଦଳାଚକଟା ଘଟଣାରେ ଭାଜପା ବଡ଼ମ୍ବା ଯୁବମୋର୍ଚ୍ଚା ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ଏନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବଡ଼ମ୍ବା ତହସିଲଦାର ନୀଳକଣ୍ଠ ବେହେରାଙ୍କୁ ୪ ଦଫା ସମ୍ବଳିତ ଦାବି ପ୍ରଦାନ କରାଯାଇଛି। ଏନେଇ ଆୟୋଜିତ ପ୍ରତିବାଦ ସଭାରେ ଭାଜପା ବଡ଼ମ୍ବା ଯୁବମୋର୍ଚ୍ଚା ସଭାପତି ମିଥୁନ ବଳିୟାରସିଂ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ଦଳବେହେରା, ଜିଲା କର୍ମକର୍ତ୍ତା ବିଭୁଦତ୍ତ ପଟ୍ଟନାୟକ, ବଡ଼ମ୍ବା ମଣ୍ଡଳ ସଭାପତି ସନ୍ତୋଷ ବେହେରା ପ୍ରମୁଖ ଯୋଗଦେଇଥିଲେ। ଶେଷରେ

**ସିଂହନାଥଙ୍କ ମକର ମେଳାରେ ଦଳାଚକଟା ଘଟଣା**

ତହସିଲ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ସେହିପରି ବାଙ୍କୀ ସ୍ୱାର୍ଥ ସୁରକ୍ଷା ସମିତି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଦିଆଯାଇଛି। ଏହି ଅବସରରେ ମୃତକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କା ସହାୟତା ଓ ପରିବାରର ଜଣଙ୍କୁ ସରକାରୀ ନିଯୁକ୍ତି, ଆହତମାନଙ୍କୁ ୫ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଛି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ ସିଦ୍ଧେଶ୍ୱର ପାଇକରାୟ, ରମେଶ ସେନାପତି, କମଳକାନ୍ତ ପ୍ରହରାଜ, ଅଭିମନ୍ୟୁ ରାଉତ, ମଳୟ କୁମାର ପ୍ରଧାନ, ଶରତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି ଓଡ଼ିଶାରେ ନାମ ପଞ୍ଜୀକରଣ କରିବାକୁ ଚାଷୀଙ୍କୁ ପରାମର୍ଶ

ଆଠଗଡ଼,୧୭।୧(ସ୍ୱ.ପ୍ର)

ଆଠଗଡ କୃଷି ଜିଲା ଆନୁକୂଲ୍ୟରେ କୃଷି ଓ କୃଷକର ବିକାଶ ପାଇଁ ଆଠଗଡ଼ ମହୋତ୍ସବ ପଡିଆରେ ଚାଲିଥିବା ୨ଦିନିଆ ଉପଖଣ୍ଡସ୍ତରୀୟ କୃଷି ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ସଙ୍କର ଜାତୀୟ ଗାଈ, ବାଛୁରି ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ପ୍ରାଣୀ ପାଳନ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଡା. ରଞ୍ଜିତ ଦାସ, ଜିଲା ପ୍ରାଣୀ ସମ୍ପଦ ଅଧିକାରୀ ଡ.ମଧୁସୂଦନ ସୁବୁଦ୍ଧି, ଆଠଗଡ଼ ଉପଖଣ୍ଡ ପ୍ରାଣୀ ଚିକିତ୍ସକ ଡା. ରମଣୀ ରଞ୍ଜନ ବିଶାଳ,ଡ. ରମଣୀ ରଞ୍ଜନ ଦାସ, ଡ.ସୁଶାନ୍ତ କୁମାର ବେହେରା, ଡ.ସତ୍ୟବ୍ରତ ପ୍ରମୁଖ ଯୋଗଦେଇ ସମସ୍ତ ଗୋପାଳକଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କୃଷି ଓ ଆତ୍ମା କମିଟି ସଭାପତି ରବୀନ୍ଦ୍ରନାଥ ରାଉତ ସଭାପତିତ୍ୱ କରିଥିଲେ। ଜିଲା କୃଷି ଅଧିକାରୀ ପର୍ଶୁରାମ ବେହେରା ଉପସ୍ଥିତ ରହି ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଚାଷୀ ମାନେ କୃଷକ ଆଇଡି ଓ କୃଷି ଓଡିଶାରେ ନାମ ପଞ୍ଜୀକରଣ କଲେ ଡିବିଟି ମାଧ୍ୟମରେ ସମସ୍ତ ରିହାତି ସୁବିଧା ପାଇପାରିବେ ବୋଲି ସେ କହିଥିଲେ। ଜିଲାମତ୍ସ୍ୟ ଅଧିକାରିଣୀ ଇତିଶ୍ରୀ ରଥ, ସନ୍ଧ୍ୟାରାଣୀ ନାୟକ, ସସ୍ମିତା ରାଉତ, ବିଷ୍ଣୁପ୍ରସାଦ ସିଂ, ନିର୍ମଳ କୁମାର ନାୟକ ପ୍ରମୁଖ ଯୋଗଦେଇ ଥିଲେ। ବାଙ୍କୀ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଗୌରହରି ପରିଡା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।


ମେଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ମୁକୁଳା ନାଳ ୪୮ ଘଣ୍ଟା ମଧ୍ୟରେ ବନ୍ଦ କରିବାକୁ ଦାବି

କଟକ ଅଫିସ,୧୭।୧


ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଭାଜପା କଟକ ନଗର ପକ୍ଷରୁ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

କଟକ ବିଡାନାସୀ ବନ୍ଧ ଛକ ବସ୍ତିପାଖ ଏକ ମୁକୁଳା ଡ୍ରେନ୍‌ରେ ପଡି ୯ ବର୍ଷର ବାଳକ ଯୋଶେଫ ସାହାଣୀଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଅସନ୍ତୋଷ ଜୋର୍ ଧରିଛି। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଏକ ଟିମ୍ ଯୋଶେଫଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ମୁକୁଳା ଡ୍ରେନ୍‌ର ବିପଜ୍ଜନକ ସ୍ଥିତି ବୁଲି ଦେଖିଥିଲେ। ଏହାପରେ ଉକ୍ତ ଟିମ୍ କଟକ ସହରର ସମସ୍ତ ମୁକୁଳା ନାଳ ୪୮ଘଣ୍ଟା ମଧ୍ୟରେ ବନ୍ଦ କରିବା, ବସ୍ତିର ପୀଡିତ ପରିବାରକୁ ଅନ୍ୟତ୍ର ଜାଗା ଦେବା ସହିତ ଆର୍ଥିକ ସହଯୋଗ କରିବା, ଏହି ନାଳ କାମ ଦାୟିତ୍ୱରେ ଥିବା କଣ୍ଟ୍ରାକ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) କମିଶନରଙ୍କୁ ଭେଟି ଦାବିପତ୍ର ଦେବାକୁ ଯାଇଥିଲେ। ହେଲେ କମିଶନର ଅନୁପସ୍ଥିତ ଥିବାରୁ ପ୍ରାୟ ୨ଘଣ୍ଟା କାଳ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ଅତିରିକ୍ତ କମିଶନର ଦାବିପତ୍ର ଗ୍ରହଣ କରି ଦାବିଗୁଡ଼ିକ ନିଶ୍ଚିତ ଭାବେ ପୂରଣ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା

**■ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା**

**■କମିଶନରଙ୍କ ନାଁରେ ଏତଲା ଦେଲା ଭାଜପା**

ରଶ୍ମିରେଖା ଦାସ, ବିଶ୍ୱରଞ୍ଜନ ମିଶ୍ର, କଳ୍ପନା ପଟ୍ଟନାୟକ, ଗୀତା ଦାସ, ପ୍ରବୀଣା ମହାପାତ୍ର, ନିତାଇ ଚରଣ ନନ୍ଦ, ରତନ ମହାନ୍ତି, ମହମ୍ମଦ ସବୀର, ଦୀପ୍ତି ରଞ୍ଜନ ପଣ୍ଡା, ଦେବାନନ୍ଦ ସିଂ ଓ କଲ୍ୟାଣୀ ମହଲା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଶାସନର ଦାୟିତ୍ୱହୀନତା ଯୋଗୁ ଏଭଳିଅଘଟଣ ଘଟିଥିବା ଦର୍ଶାଇ ବିଡାନାସୀ ଥାନାରେ ସିଏମ୍‌ସି କମିଶନର୍, ଉକ୍ତ ଡ୍ରେନ କାର୍ଯ୍ୟରେ ନିୟୋଜିତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଠିକାଦାରଙ୍କ ନାଁରେ ଭାଜପା ପକ୍ଷରୁ ଏତଲା ଦିଆଯାଇଛି। ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଯୋଶେଫଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଓ ପରିବାରର ଜଣଙ୍କୁ ସିଏମ୍‌ସିରେ ଚାକିରି ଦେବାକୁ ଦାବି କରାଯାଇଛି। ଭାଜପା ମହିଳା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଯୋଶେଫଙ୍କ ପରିବାର ସଦସ୍ୟଙ୍କୁ ଭେଟି ଘଟଣା ସମ୍ପର୍କରେ ବୁଝିବା ପରେ ଏଭଳି ପଦକ୍ଷେପ ନେଇଥିବା ସୂଚନା ମିଳିଛି। ଏଥିରେ ଭାଜପା କାଠଯୋଡ଼ି ମଣ୍ଡଳ ସଭାପତି ନନ୍ଦକିଶୋର ଜେନା, ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ସ୍ମୃତି ରଞ୍ଜନ ମିଶ୍ର, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ କାଳୀ ପ୍ରସାଦ ମହାନ୍ତି, ସ୍ୱାଧୀନ ମହାନ୍ତି ପ୍ରମୁଖ ସାମିଲ ଥିଲେ।

ସୂଚନାଯୋଗ୍ୟ, ଗତ ୧୫ ତାରିଖରେ ବିଡାନାସୀ ଅଞ୍ଚଳର କିଶୋର ସାହାଣୀଙ୍କ ପୁଅ ଯୋଶେଫ ଗୁଡ଼ି ଉଡାଉଥିବାବେଳେ ମୁକୁଳା ଡ୍ରେନ୍‌ରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଶିଶୁଭବନ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପୂର୍ବତଟ ରେଲୱେ ମହାପ୍ରବନ୍ଧକଙ୍କ ପୁରୀ ଷ୍ଟେଶନ କାର୍ଯ୍ୟର ସମୀକ୍ଷା

**ପୁରୀ ଅଫିସ :** ବିଶ୍ୱସ୍ତରୀୟ ରେଲଷ୍ଟେଶନ କରିବା ନିମନ୍ତେ ବର୍ତ୍ତମାନ ପୁରୀ ରେଲଷ୍ଟେଶନର କାର୍ଯ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ପୂର୍ବତଟ ରେଲୱେ ମହାପ୍ରବନ୍ଧକ ରୂପ ନାରାୟଣ ସୋନକର ମଙ୍ଗଳବାର ପୁରୀ ରେଲଷ୍ଟେଶନ ବୁଲି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଷ୍ଟେଶନ ନିକଟସ୍ଥ ଟ୍ରେନ କୋଚ୍‌ର ରକ୍ଷଣାବେକ୍ଷଣ ଡିପର ଯାଞ୍ଚ କରିବା ସହ ଯାତ୍ରୀଙ୍କ ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବା ସହ ଯାତ୍ରୀଙ୍କୁ ଉପଯୁକ୍ତ ତଥା ଉନ୍ନତ ମାନର ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ସମୟରେ ରେଲୱେର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୧।୨୦୨୩

| | |
|---|---|
| ୫,୫୬,୩୪୯ ଟଙ୍କା | |
| ସୁନା | ୬୦୦ ମିଲିଗ୍ରାମ |
| ରୁପା | ୩୫୮ ଗ୍ରାମ |

## ସଂକ୍ଷେପରେ

### ୭ ଫାଷ୍ଟଫୁଡ, ମିଠା ଦୋକାନରେ ଚଢ଼ାଉ

**ସାକ୍ଷୀଗୋପାଳ,୧୭।୧(ସ୍ୱ.ପ୍ର./ଡି. ଏନ୍.ଏ.):** ସାକ୍ଷୀଗୋପାଳ ବଜାରରେ ମଙ୍ଗଳବାର ସନ୍ଧ୍ୟାରେ ଜିଲାର ଏକ ଖାଦ୍ୟ ସୁରକ୍ଷା ଯାଞ୍ଚକାରୀ ଦଳ ହଠାତ୍ ପହଞ୍ଚି ୭ଟି ଫାଷ୍ଟଫୁଡ୍ ଓ ମିଠା ଦୋକାନରେ ଚଢ଼ାଉ କରିଥିଲେ। ତେବେ ଦୋକାନରେ ଥିବା ବିଭିନ୍ନ ଖାଦ୍ୟର ମାନ ପରଖିବା ସହ କୃତ୍ରିମ ରଙ୍ଗ ଦିଆଯାଇ ଥିବା ନେଇ ଯାଞ୍ଚ କରି ଖାଦ୍ୟରେ ଅପମିଶ୍ରଣ ହୋଇଥିବା ଦେଖି ଜରିମାନା ଧାର୍ଯ୍ୟ କରିଛନ୍ତି। ଏଥିସହ ଯାଞ୍ଚ ସମୟରେ ଫୁଡ୍ ଲାଇସେନ୍ସ ସମ୍ପର୍କରେ ପଚାରି ଦୋକାନୀମାନଙ୍କୁ ପଚାରି ବୁଝିଥିଲେ। ଏହି ଦଳରେ ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ବିରଜା ଶଙ୍କର ରଥଙ୍କ ସହିତ ଖାଦ୍ୟ ସୁରକ୍ଷା ଅଧିକାରୀ ଓ ପୋଲିସ କର୍ମଚାରୀ ରହିଥିଲେ। ବଜାର ମଧରେ ଚଢ଼ାଉ ସମୟରେ ଖବରପାଇ ଅଧିକାଂଶ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରୁଥିବା ଦୋକାନୀ ଭୟରେ ଦୋକାନ ବନ୍ଦ କରିଦେଇଥିଲେ। ଏହି ଚଢ଼ାଉ ଆଗାମୀ ଦିନରେ ଜୋରଦାର ହେବା ସହ ଅପମିଶ୍ରଣ ଓ ବାସି ମିଠା, ଖାଦ୍ୟ ପ୍ରସ୍ତୁତକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀ ରଥ ପ୍ରକାଶ କରିଥିଲେ।

### ୨ବର୍ଷ ପରେ ଅପହରଣକାରୀ ଗିରଫ

**ଅସ୍ତରଙ୍ଗ,୧୬।୧(ଡି.ଏନ୍.ଏ.):** କାକଟପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଫେରାର ଥିବା ଜଣେ ଯୁବକଙ୍କୁ ଦୀର୍ଘ ୨ବର୍ଷ ପରେ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଜାମୁଗାଁର କାହ୍ନୁଚରଣ ଦାସ ଓରଫ କାହ୍ନା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପୁରୀ ସ୍ୱତନ୍ତ୍ର କାରାଗାରାକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ୨ବର୍ଷ ତଳେ ଏହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ କାହ୍ନା ଅପହରଣ କରିନେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିଥିଲା। ପରେ ଝିଅକୁ ଅନ୍ୟ ଗ୍ରାମରୁ ପୋଲିସ ଉଦ୍ଧାର କରିଥିବା ବେଳେ କାହ୍ନା ଫେରାର ହୋଇଯାଇଥିଲେ। ଏବେ କିଛି ଦିନ ତଳେ କାହ୍ନା ଗ୍ରାମକୁ ଆସିଥିଲେ। ଖବର ପାଇ କାକଟପୁର ଥାନା ଅଧିକାରୀ ପ୍ରିୟରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରି କାହ୍ନାଙ୍କୁ ଗିରଫ କରିଛି।

### ୨୦ ଆଇନ ସହାୟକଙ୍କୁ ସହାୟତା ରାଶି ପ୍ରଦାନ

**ନିମାପଡ଼ା,୧୭।୧(ଡି.ଏନ୍.ଏ.):** ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ଅଫିସ୍ ସଭାଗୃହଠାରେ ମଧୁବାବୁ ଆଇନ ସହାୟତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବୀ ପ୍ରଶାନ୍ତ ମିଶ୍ର ଅଧକ୍ଷତା କରିଥିଲେ। ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ବିଡିଓ ବସନ୍ତ ମଲ୍ଲିକ, ସରକାରୀ ଆଇନଜୀବୀ ବ୍ରହ୍ମାନନ୍ଦ ପ୍ରଧାନ, ସନ୍ତୋଷ ମହାନ୍ତି, ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ମିଶ୍ର, ପ୍ରଭାତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟେକ ପଞ୍ଚାୟତ ଓ ଗ୍ରାମାଞ୍ଚଳର ଲୋକେ କିପରି ଆଇନ ସହାୟକଙ୍କଠାରୁ ଆଇନ ସହାୟତା ଓ ସେବା ପାଇପାରିବେ, ଏ ଦିଗରେ ବିଭିନ୍ନ ପଞ୍ଚାୟତରେ ନିଯୁକ୍ତ ଆଇନ ସହାୟକମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ମନ୍ତ୍ରୀ ଦାଶ ପରାମର୍ଶ ଦେଇଥିଲେ। ଏହି ଅବସରରେ ୨୦ଟି ପଞ୍ଚାୟତର ମଧୁବାବୁ ଆଇନ ସହାୟକଙ୍କୁ ୬ ମାସର ଦରମା ୨ ଲକ୍ଷ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ନିର୍ବାଚିତ ଲୋକପ୍ରତିନିଧି ଓ ଆଇନ ସହାୟକ ଆଇନଜୀବୀଙ୍କୁ ନେଇ ସ୍ୱତନ୍ତ୍ର ବୈଠକ କରିବାକୁ ନିଷ୍ପତ୍ତି ହୋଇଛି।

# 'ସହରରେ ଅତ୍ୟାଧୁନିକ ଫିଲ୍ମ ହଲ ପ୍ରତିଷ୍ଠା କରାଯାଉ'

**ପୁରୀ ଅଫିସ, ୧୭।୧**

ଦେଶ ବିଦେଶରେ ପ୍ରଶଂସା ସାଉଁଟିଥିବା ଓଡ଼ିଆ ଚଳଚ୍ଚିତ୍ର 'ଦମନ' ମଙ୍ଗଳବାର ପୁରୀ ଟାଉନ ହଲରେ ପ୍ରଦର୍ଶିତ ହୋଇଛି। ଏହାକୁ ମାତ୍ର ୧୦୦ ଟଙ୍କାରେ ଦର୍ଶକମାନେ ଉପଭୋଗ କରିଛନ୍ତି। ପୂର୍ବରୁ ପୁରୀରେ ପ୍ରଶାସନ ପକ୍ଷରୁ ଗୋଟିଏ ଦିନ ନିଶୁଳ୍କ ଶୋ' କରାଯାଇଥିଲା। ତେବେ ଦର୍ଶକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ପୁରୀର ଯୁବ ଅଭିନେତା ପିନାକୀ ଶ୍ରୀଚନ୍ଦନଙ୍କ ଉଦ୍ୟମରେ ପୁଣି ପ୍ରଦର୍ଶନ କରାଯାଉଛି। ଦିନକୁ ୩ଟି ହିସାବରେ ୩ଦିନ ଅର୍ଥାତ ୧୯ ତାରିଖ ଯାଏ ମୋଟ ୯ଟି ଶୋ' ପ୍ରଦର୍ଶନ ହେବ। ମଙ୍ଗଳବାର ପ୍ରଥମ ଶୋ'ରୁ ହିଁ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଅବସରରେ ପୁରୀରେ ଏକ ଅତ୍ୟାଧୁନିକ ତଥା ମଲ୍ଟିପ୍ଲେକ୍ସ ସିନେମା ହଲ ପ୍ରତିଷ୍ଠା ନିମନ୍ତେ ଦର୍ଶକମାନେ ଦାବି କରିଛନ୍ତି। ଦର୍ଶକ ଉର୍ମିଳା ସ୍ୱାଇଁଙ୍କ ସମେତ ଅନେକ ସିନେପ୍ରେମୀ କହିଛନ୍ତି, ବାତ୍ୟା ଫନୀ ପରେ ପୁରୀ ସହରର ସିନେମା ହଲଗୁଡ଼ିକ ପ୍ରାୟ ଅଚଳ ହୋଇପଡ଼ିଥିବାରୁ ଲୋକେ ଚଳଚ୍ଚିତ୍ର ଦେଖିବାରୁ ବଞ୍ଚିତ ହେଉଛନ୍ତି। ଏବେ ଦୀର୍ଘଦିନ ପରେ ଫିଲ୍ମ ଦେଖିବାର ସୁଯୋଗ ପାଇଲୁ। ପୁରୀରେ ଉନ୍ନତ ମାନର ସିନେମା ହଲ ପ୍ରତିଷ୍ଠା କରାଯାଉ। ସେହିପରି ମୋନାଲିସା ମଲ୍ଲିକ କହିଛନ୍ତି, ଗୁଣିଗାରେଡ଼ି, ଅନ୍ଧବିଶ୍ୱାସ ଦୂର କରିବାରେ ଫିଲ୍ମଟି ସହାୟକ ହେବ। ସରକାରଙ୍କ ପକ୍ଷରୁ ସମସ୍ତ ଗ୍ରାମାଞ୍ଚଳରେ ଏହାକୁ ପ୍ରଦର୍ଶନ କରାଗଲେ ଲୋକେ ସଚେତନ ହୋଇପାରିବେ। ପୁରୀରେ ଭଲ ସିନେମା ହଲ ନାହିଁ କହିଲେ ଚଳେ। ତେଣୁ ପ୍ରଶାସନ ଅତ୍ୟାଧୁନିକ ସିନେମା ହଲ ପ୍ରତିଷ୍ଠା କରିବାକୁ ପଦକ୍ଷେପ ନେବା ଉଚିତ। ସାମାଜିକ କର୍ମୀ ନିହାରିକା ତ୍ରିପାଠୀ କହିଛନ୍ତି, କଳା ଓ କଳାକାରଙ୍କ ଭୂମି ହେଉଛି ପୁରୀ। ତେବେ ଏଠାରେ ଭଲ ଚଳଚ୍ଚିତ୍ର ପ୍ରେକ୍ଷାଳୟ ନ ଥିବା ଦୁଃଖର ବିଷୟ। ସରକାର ତୁରନ୍ତ ମଲ୍ଟିପ୍ଲେକ୍ସ ସିନେମା ହଲ ନିର୍ମାଣ ପାଇଁ ପଦକ୍ଷେପ ନେବା ଆବଶ୍ୟକ।

### 'ଦମନ' ଦେଖି ଖୁସି ହେଲେ, ପ୍ରଶଂସା କଲେ



### ପିପିଲିରୁ ସାଇକେଲରେ ଆସିଲେ 'ଅଜୁ'

ଚଳଚ୍ଚିତ୍ରର ନାୟକ ବାବୁସାନ୍‌ଙ୍କ ବଡ଼ ପ୍ରଶଂସକ 'ଅଜୁ' ଫିଲ୍ମଟିକୁ ଦେଖିବା ପାଇଁ ପିପିଲିରୁ ସାଇକେଲରେ ପୁରୀ ଆସିଥିଲେ। ସେ କୌତୁକିଆ ଶୈଳୀରେ ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିବା ସହ ସିନେପ୍ରେମୀଙ୍କ ବିଦ୍ୟାରାଣ ପକାଇ ଉକ୍ତ ଫିଲ୍ମ ଦେଖିବାକୁ ଅପିଲ କରିଥିଲେ।

### ଓଡ଼ିଆ ଚଳଚ୍ଚିତ୍ର ପାଇଁ ମୃତ୍ୟୁ ସଞ୍ଜିବନୀ: ଶ୍ରୀଚନ୍ଦନ

ଆୟୋଜକ ତଥା ଅଭିନେତା ପିନାକୀ ଶ୍ରୀଚନ୍ଦନ କହିଛନ୍ତି, ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳରେ ମ୍ୟାଲେରିଆ ଦମନ ପାଇଁ ଜଣେ ଯୁବ ଡାକ୍ତରଙ୍କ ପ୍ରୟାସକୁ ନେଇ ଚଳଚ୍ଚିତ୍ରର କାହାଣୀ ପର୍ଯ୍ୟବସିତ। ଇତିମଧ୍ୟରେ ଏହାର ହିନ୍ଦୀ ଟ୍ରେଲର ଆସିସାରିଛି। ମୌଳିକତା ହରାଇଥିବା ଓଡ଼ିଆ ଚଳଚ୍ଚିତ୍ର ପାଇଁ 'ଦମନ' ମୃତ୍ୟୁ ସଞ୍ଜିବନୀ ସଦୃଶ।

# ନ୍ୟାୟ ପାଇଁ ବ୍ୟବସାୟୀ ସଂଘ ଏସ୍‌ପିଙ୍କ ଦ୍ୱାରସ୍ଥ

**ପିପିଲି,୧୭।୧(ସ୍ୱ.ପ୍ର.)**

### ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

ପିପିଲି ଥାନା ଅଞ୍ଚଳର ଜଣେ ପାର୍ଲର ବ୍ୟବସାୟୀଙ୍କୁ କେତେଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ବ୍ୟବସାୟୀ ଜଣକ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଉଚିତ୍ ନ୍ୟାୟ ପାଇ ନ ଥିବା ଅଭିଯୋଗ କରିଛନ୍ତି। ତେଣୁ ବ୍ୟବସାୟୀ ଜଣକ ପିପିଲି ଉତ୍କଳ ବ୍ୟବସାୟୀ ସଂଘକୁ ଜଣାଇବା ପରେ ସଂଘ ପକ୍ଷରୁ ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁସାରେ, ପିପିଲି ପୌରାଞ୍ଚଳର ଜୟପୁରଛକରେ ଭିକାରୀ ଡାଲୁଆ ଏକ ପାର୍ଲର(ସେଲୁନ) ଦୋକାନ କରିଛନ୍ତି। ଗତ ୮ତାରିଖ ରାତିରେ ସେ ଦୋକାନରୁ ଫେରୁଥିବାବେଳେ ପିପିଲି ବଜାର ଉପକଣ୍ଠ କେନାଲବନ୍ଧ ରାସ୍ତାର ବଢେଇସାହି ନିକଟରେ ୩ଜଣ ଦୁର୍ବୃତ୍ତ ଆସି ଅଚାନକ ଅଟକାଇ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଭିକାରୀଙ୍କ ପିଠିରେ ଗଭୀର କ୍ଷତ ହେବା ସହ ଗୁରୁତର ଆହତ ହୋଇ ସେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ପିପିଲି ଥାନାରେ ଭିକାରୀଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ବାରିକ ଅଭିଯୋଗ କରିଥିଲେ। ଅନ୍ନପୂର୍ଣ୍ଣା ପିପିଲି ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟରତ ଅଛନ୍ତି। ପିପିଲିର ନିମାପଡା ଛକ ବଜାରର ଜଣେ ପାର୍ଲର ମାଲିକ, ଭିକାରୀଙ୍କୁ ପାର୍ଲର ବନ୍ଦ କରିବାକୁ କହି ଜୀବନରୁ ମାରିଦେବାର ଧମକ ଦେଉଥିଲେ ବୋଲି ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଅନ୍ନପୂର୍ଣ୍ଣାଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୨/୨୩ରେ ଏକ ମାମଲା ରୁଜୁ କରିଥିବାବେଳେ ଅଭିଯୁକ୍ତମାନଙ୍କୁ ଧରିପାରି ନ ଥିଲା। ପୋଲିସଠାରୁ ନ୍ୟାୟ ନ ମିଳିବାରୁ ଭିକାରୀ ସ୍ଥାନୀୟ ବ୍ୟବସାୟୀ ସଂଘକୁ ଜଣାଇଥିଲେ। ଫଳରେ ସଂଘ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛି। ବ୍ୟବସାୟୀଙ୍କ ଜୀବନ ପ୍ରତି ବିପଦ ଥିବାରୁ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ପାଇଁ ସଂଘ ଦାବି କରିଛି।

# ୨୩ରୁ ଫେଡେରେଶନ କପ୍ ଥ୍ରୋ ବଲ୍ ଚାମ୍ପିୟନଶିପ୍

**ପୁରୀ ଅଫିସ, ୧୭।୧**

ଚଳିତ ମାସ ୨୩ରୁ ୨୫ତାରିଖ ପର୍ଯ୍ୟନ୍ତ ଝାଡ଼େଶ୍ୱରୀ କ୍ଲବ ଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ୩୨ତମ ଫେଡେରେଶନ କପ୍ ଥ୍ରୋ ବଲ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ମଙ୍ଗଳାବର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ପ୍ରଶାସନ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏହାକୁ ସୁନ୍ଦର ଭାବେ ଆୟୋଜନ କରିବାକୁ ସମସ୍ତ ଉଦ୍ୟମ କରାଯିବ ବୋଲି କହିଥିଲେ। ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ୍‌ର ଉପସଭାପତି ମଧୁସୂଦନ ମିଶ୍ର ସୂଚନା ଦେଇ କହିଥିଲେ, ଏହି କ୍ରୀଡ଼ାରେ ବିଭିନ୍ନ ରାଜ୍ୟର ପୁରୁଷ ଓ ମହିଳା ଦଳର ୧୬ଟି ଦଳ ଅଂଶଗ୍ରହଣ କରିବେ। ତେଣୁ ଏହାକୁ ଭବ୍ୟ ଭାବେ ଆୟୋଜନ କରାଯିବ ବୋଲି ପ୍ରକାଶ କରିଥିଲେ। ଓଡ଼ିଶା ଥ୍ରୋ ବଲ୍ ପ୍ରତିଯୋଗିତାରେ ୨୦୧୫ରେ ପୁରୁଷ ବର୍ଗରେ ସିଲଭର, ୨୦୧୭ରେ ମହିଳା ବର୍ଗରେ ବ୍ରୋଞ୍ଜ, ୨୦୧୯ରେ ମହିଳା ବର୍ଗରେ ସିଲଭର ଓ ୨୦୨୧ ଜୁନିୟର ବାଳକ ବର୍ଗରେ ବ୍ରୋଞ୍ଜ ପଦକ ବିଜେତା ହୋଇଥିଲା ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା କ୍ରୀଡ଼ା ସଂଘର ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଓଡ଼ିଶା ଥ୍ରୋ ବଲ୍ ସଂଘ ସମ୍ପାଦକ ଜିତେନ୍ଦ୍ର ନାଥ ଦାସ, ସିତେନ୍ଦ୍ର ନାଥ ଦାସ, ଚିନ୍ମୟୀ ଚିରଞ୍ଜିବୀ ମହାନ୍ତି, ନିବେଦିତା ନାୟକ, ସୁଧାସିନ୍ଧୁ ସାହୁ ଏବଂ ଅରୁଣ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ନାଟକ ଦେଖିଲେ, ନାଚଗୀତରେ ଝୁମିଲେ



ଓଲି ଲ୍ୟାଣ୍ଡରେ ଲିଙ୍ଗରାଜ କଳା ନିକେତନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

**ପୁରୀ ଅଫିସ, ୧୭।୧**

### ବେଳାଭୂମିରେ 'ସିଟି ଫେଷ୍ଟ ଇନ୍ ଓଲି ଲ୍ୟାଣ୍ଡ'

ସମ୍ପ୍ରତି ରାଉରକେଲା ଓ ଭୁବନେଶ୍ୱରରେ ପୁରୁଷ ହକି ବିଶ୍ୱ କପ୍ ଚାଲିଛି। ଚଳିତଥର ବିଶ୍ୱକପ୍‌କୁ ରାଜ୍ୟ ସରକାର ଆୟୋଜନ କରୁଛନ୍ତି। ଦେଶ ସମେତ ସାରା ରାଜ୍ୟରେ ଖେଳପ୍ରେମୀଙ୍କ ମଧ୍ୟରେ ହକି କ୍ରେଜ୍ ଦେଖିବାକୁ ମିଳିଛି। ପୁରୀରେ ବି ହକିର କ୍ରେଜ୍ ପରିଲକ୍ଷିତ ହୋଇଛି। ପୁରୀବାସୀ ଯେପରି ସୁବିଧାରେ ବିଶ୍ୱକପ୍‌ର ମଜା ଉଠାଇପାରିବେ ସେଥିଲାଗି ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ପୁରୀ ବେଳାଭୂମିରେ 'ସିଟି ଫେଷ୍ଟ ଇନ୍ ଓଲି ଲ୍ୟାଣ୍ଡ' କରାଯାଇଛି। ସେଠାରେ ବଡ ଏଲ୍‌ଇଡି ସ୍କ୍ରିନ୍ ଲଗାଯାଇଛି। ପୁରୀବାସୀଙ୍କ ସମେତ ପର୍ଯ୍ୟଟକମାନେ ମ୍ୟାଚ ଦେଖିବା ସହ ନାଚଗୀତର ମଜା ନେଉଛନ୍ତି। ପ୍ରଶାସନ ପକ୍ଷରୁ ହୋଇଥିବା ମଞ୍ଚରେ ପାରମ୍ପରିକ ନୃତ୍ୟ, କଳା ଓ ଗୀତ ପରିବେଷଣ କରାଯାଉଛି। ସେହିପରି ମହାପ୍ରଭୁଙ୍କ ବିଭିନ୍ନ ମହିମା ସମ୍ପର୍କରେ ଲୋକେ ଜାଣିବାର ସୁଯୋଗ ପାଉଛନ୍ତି। ବିଭିନ୍ନ ଷ୍ଟଲ ବୁଲୁଛନ୍ତି ଏବଂ ଓଲି ସହିତ ସେଲ୍ଫି ନେଉଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ପୁରୀ ଜିଲା ପ୍ରଶାସନ, କ୍ରୀଡ଼ା ବିଭାଗ ଏବଂ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ ମହାପ୍ରଭୁଙ୍କ ମହିମା ବର୍ଣ୍ଣିତ 'କାଞ୍ଚି ଅଭିଯାନ' ନାଟକ ପରିବେଷଣ ହୋଇଥିଲା। ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଜିତେନ୍ଦ୍ର ଦାସ ମହାପାତ୍ର ଏବଂ ବିପିନ ନାରାୟଣ ଗୋଛିକାର ଉକ୍ତ ନାଟକର ନିର୍ଦ୍ଦେଶନା ଦେଇଥିଲେ। ଗୁରୁ ଅମିତ ଚାଟାର୍ଜୀ ନୃତ୍ୟ ଏବଂ ଆଲୋକ ମହାପାତ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ସଦାଶିବ ନାୟକ, ବରିଷ୍ଠ ସଦସ୍ୟ ଲକ୍ଷ୍ମୀନାରାୟଣ ପଣ୍ଡା, ସନ୍ତୋଷ ଶତପଥୀ, ପ୍ରଦୀପ କୁମାର ମିଶ୍ର, ହରେକୃଷ୍ଣ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଲିଙ୍ଗରାଜ କଳାନିକେତନ ପକ୍ଷରୁ ଓଡ଼ିଶୀ ନୃତ୍ୟ ଗୋବିନ୍ଦ ଦାମୋଦରମ୍, କାଳୀ ନୃତ୍ୟ, ଆରଭୀ ପଲ୍ଲବୀ ଏବଂ ଡାଲଖାଇ, ଚୁଟକୁଚୁଟା ସହ ବିଭିନ୍ନ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଗୁରୁ ଦେବ ପ୍ରସାଦ ଦାସଙ୍କ ଶୈଳୀରେ ଅନ୍ତର୍ଜାତୀୟ ନୃତ୍ୟଗୁରୁ ମନୋଜ କୁମାର ପ୍ରଧାନ ଏବଂ ନନ୍ଦିତା ପ୍ରିୟଦର୍ଶିନୀ ମହାନ୍ତିଙ୍କ ନୃତ୍ୟ ନିର୍ଦ୍ଦେଶନା ଓ ମର୍ଦ୍ଦଳ ଗୁରୁ ଜଗନ୍ନାଥ ମିଶ୍ରଙ୍କ ସହଯୋଗରେ ସିପ୍ରା ମିଶ୍ର, କିରଣ ପଟ୍ଟନାୟକ, ଅର୍ଚ୍ଚନା ସାହୁ, ପଲ୍ଲିପୁଷ୍ପା ନାୟକ, ସୁପ୍ରିୟା ଦଳେଇ, ଗୀତାଞ୍ଜଳି ସ୍ୱାଇଁ, କ୍ରିଷ୍ଣା କାବେରୀ ମହାପାତ୍ର, ମମତା ଦାସ, ସିମ୍ରନ୍ ପରିଡ଼ା, ଶୁଭସ୍ମିତା ବଳ, ଭାଗ୍ୟଲକ୍ଷ୍ମୀ ବେଜ ଏବଂ ଅଭିଲିପ୍ସା ରାଉତରାୟ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ ନୃତ୍ୟ ଓ ନାଟକର ମଜା ନେଉଥିବା ଦେଖିବାକୁ ମିଳିଥିଲା।

# ନାବାଳିକାଙ୍କୁ ବଳାତ୍କାର ଘଟଣା, ଅଭିଯୁକ୍ତ ଗିରଫ

**ବଳଙ୍ଗା,୧୭।୧(ଡି.ଏନ୍.ଏ.)**

ବଳଙ୍ଗା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଗଗନ ଜେନା। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ଏଥିସହ ଘଟଣାର ଗୁରୁତ୍ୱ ଦେଖି ଏସ୍‌ପି ଏହି ମାମଲାକୁ ରେଡ୍ ଫ୍ଲାଗ ଭାବେ ବିବେଚନା କରି ଡିଏସ୍‌ପି ମନୋବ୍ରତା ଶତପଥୀଙ୍କୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ତ୍ରୁଟିମୁକ୍ତ ତଦନ୍ତ କରାଯିବା ସହ ସମୟ ପୂର୍ବରୁ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ କରାଯିବ ବୋଲି ମଙ୍ଗଳବାର ଏଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ବଳଙ୍ଗା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗତ ୧୪ ତାରିଖରେ ଏକ ଗ୍ରାମରେ ପ୍ରବଚନ କାର୍ଯ୍ୟକ୍ରମ ହେଉଥିଲା। ୮ ବର୍ଷୀୟା ନାବାଳିକା ସେଠାରୁ କିଛି ଦୂରରେ ନିଜ ସାଙ୍ଗମାନଙ୍କ ସହ ଖେଳୁଥିଲେ। ଏହି ସମୟରେ ଗଗନ ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଏକ ନିଛାଟିଆ ଜାଗାକୁ ନେଇ ବଳାତ୍କାର କରିଥିଲେ। ପରେ ନାବାଳିକା ଏ ବିଷୟରେ ପରିବାର ଲୋକଙ୍କୁ କହିବା ପରେ ତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୯/୨୩) ରୁଜୁ କରି ତଦନ୍ତ କରିଥିଲା। ସୋମବାର ରାତିରେ ଅଭିଯୁକ୍ତ ଗଗନଙ୍କୁ ପୋଲିସ ଗିରଫ କରିଥିଲା। ପରେ ଜିଲା ସାଇଣ୍ଟିଫିକ ଟିମ୍ ଆସି ଘଟଣାସ୍ଥଳ ପରିଦର୍ଶନ କରିଛି। ସମ୍ମିଳନୀରେ ପିପିଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବବ୍ରତ ବରାଳ, ତଦନ୍ତକାରୀ ଅଧିକାରୀ ଶତପଥୀ ଓ ବଳଙ୍ଗା ଥାନା ଭାରପ୍ରାପ୍ତ ଅଧିକାରୀ ରଶ୍ମିରଞ୍ଜନ ପୃଷ୍ଟି ଉପସ୍ଥିତ ଥିଲେ।

# ଶ୍ରୀଜଗନ୍ନାଥ ତତ୍ତ୍ୱ ସମ୍ବନ୍ଧୀୟ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

**ପୁରୀ ଅଫିସ,୧୭।୧**

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ଉତ୍କଳ ବିଦ୍ୱତ ପରିଷଦର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଶ୍ରୀଜଗନ୍ନାଥ ତତ୍ତ୍ୱ ଓ ମହିମା ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଆଲୋଚନା ଚକ୍ର ପ୍ରାରମ୍ଭରେ ଉତ୍କଳ ବିଦ୍ୱତ ପରିଷଦର ଅଧ୍ୟକ୍ଷ ମନୋଜ କୁମାର ରଥ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଦଇତାପତି ସେବକ ରାମଚନ୍ଦ୍ର ଦାସ ମହାପାତ୍ର ଯୋଗଦେଇ ନବକଳେବର ବିଧି ବିଷୟରେ ବକ୍ତବ୍ୟ ରଖିଥିଲେ। ଏଥିସହ ସେ ନିଜର ଅଙ୍ଗେ ନିଭା ଅନୁଭୂତି ବଖାଣିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଜୀବନ୍ତ ଦେବତା ଏବଂ ସେ ମାନବୀୟ ଲୀଳା କରି ଜଗତର କଲ୍ୟାଣ କରୁଛନ୍ତି ବୋଲି ଦାସମହାପାତ୍ର କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ସୁମିତ୍ରା କୁମାରୀ ପଟ୍ଟନାୟକ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ତଥା ସଭାପତି ପ୍ରଫେସର ଡ. ଶତ୍ରୁଘ୍ନ ପାଣିଗ୍ରାହୀ ବୈଦିକ ଚିନ୍ତାଧାରା ସମ୍ପର୍କରେ ଆଲୋଚନା କରିଥିଲେ। ସଂଯୋଜକ ତଥା ସର୍ବଦର୍ଶନ ବିଭାଗ ମୁଖ୍ୟ ଡ. ପ୍ରଦୀପ୍ତ କୁମାର ନନ୍ଦ ସଭା ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ପରିଷଦର ସଦସ୍ୟ ବିଜୟକୃଷ୍ଣ ବ୍ରହ୍ମା, କମଳାକାନ୍ତ ଆଚାର୍ଯ୍ୟ, ବିରଞ୍ଚି ମିଶ୍ର, ବିନୋଦ ସେନାପତି ଓ ଦୟାନିଧି ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭାଜପା କାର୍ଯ୍ୟକାରିଣୀ ବୈଠକ

**ନିମାପଡ଼ା,୧୭।୧(ଡି.ଏନ୍.ଏ.)**

ନିମାପଡ଼ା ଭାଜପା ଗ୍ରାମୀଣ ମଣ୍ଡଳ ପକ୍ଷରୁ କାର୍ଯ୍ୟକାରିଣୀ ସମାବେଶ ମଙ୍ଗଳବାର ଶ୍ରୀମୁଖସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଭାଜପା ନିମାପଡ଼ା ମଣ୍ଡଳ ସଭାପତି ମାନସ ପ୍ରଧାନ ଅଧକ୍ଷତା କରିଥିଲେ। ସେ ସମାବେଶର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓମ୍ ପ୍ରକାଶ ମିଶ୍ର, ଦଳର ରାଜ୍ୟ କମିଟି ବରିଷ୍ଠ ନେତା ଦିଲ୍ଲୀପ ନାୟକ, ଲୋକସଭା କ୍ଷେତ୍ର ବିସ୍ତାରକ ତ୍ରିନାଥ ବରାଳ, ମଣ୍ଡଳ ପ୍ରଭାରୀ ବାସୁଦେବ ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ତୃଣମୂଳ ଓ ବୁଥସ୍ତରରୁ ଦଳୀୟ ସଂଗଠନକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରିବା, ଆଗାମୀ ସାଧାରଣ ନିର୍ବାଚନ ପାଇଁ ସମସ୍ତ ନେତୃବୃନ୍ଦ, ପ୍ରଭାରୀ, କର୍ମୀ ଏବେଠାରୁ ନିଷ୍ଠାର ସହ କାର୍ଯ୍ୟ କରିବା, ସମସ୍ତ ବୁଥକୁ ସଶକ୍ତ କରାଯିବା, ପ୍ରବାସ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମାବେଶରେ ବହୁ ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା, ମୋର୍ଚ୍ଚା ଓ ମଣ୍ଡଳ ପଦାଧିକାରୀ, କାର୍ଯ୍ୟକାରିଣୀ କମିଟି ସଦସ୍ୟ, ମହିଳା ନେତ୍ରୀଙ୍କ ସମେତ ପ୍ରାୟ ୨୦୦ କର୍ମୀ ଯୋଗ ଦେଇଥିଲେ।




ବୈଠକରେ ଯୋଗଦେଇଥିବା ଭାଜପାର ବରିଷ୍ଠ କର୍ମକର୍ତ୍ତାମାନେ।

# ପଞ୍ଜୀକରଣ ଆବେଦନ ପୋଡ଼ି ନଦୀରେ ଫିଙ୍ଗିଦିଆଯାଇଥିଲା

### ନିର୍ମାଣ ଶ୍ରମିକ ୟୁନିୟନ ସମନ୍ୱୟ କମିଟିର ଅଭିଯୋଗ

**ପୁରୀ ଅଫିସ, ୧୭।୧**

ନିର୍ମାଣ ଶ୍ରମିକ ୟୁନିୟନ ସମନ୍ୱୟ କମିଟି ପୁରୀ ଜିଲା ପକ୍ଷରୁ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଓ ଦାବି ନେଇ ମଙ୍ଗଳବାର ଶରଧାବାଲିସ୍ଥିତ ଏକ ଲଜ୍‌ରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧୁସୂଦନ ପ୍ରଧାନ, ସତ୍ୟମନ୍ୟୁ ପ୍ରଧାନ, ଜ୍ଞାନ ରଞ୍ଜନ ଦାସ, ବିପିନ୍ ରାଉତ, ମିଟୁ ମହାପାତ୍ର, କମଳ ନାରାୟଣ ରଥ, ପ୍ରଶାନ୍ତ କୁମାର ବେହେରା ଏବଂ ସ୍ମୃତିରଞ୍ଜନ ଦାସ ପ୍ରମୁଖ ଶ୍ରମିକ ନେତା ଉପସ୍ଥିତ ଥିଲେ। କମିଟିର କର୍ମକର୍ତ୍ତାମାନେ କହିଛନ୍ତି, ଶ୍ରମ କମିଶନରଙ୍କ ପତ୍ରସଂଖ୍ୟା-୧୯୩୨ (୩୨) ଅନୁଯାୟୀ ୨୦୧୫ ମସିହାରେ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ପାଇଁ ନିର୍ମାଣ ଶ୍ରମିକ ୟୁନିୟନଗୁଡ଼ିକଠାରୁ ତତ୍କାଳୀନ ଜିଲା ଶ୍ରମ ଅଧିକାରୀ ମୋଟ ୪୨୪୩୨ଟି ଆବେଦନ ସଂଗ୍ରହ କରିଥିଲେ। ସେଥିରୁ କିଛି ଆବେଦନକୁ ବିଚାରକୁ ନେଇ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ଦିଆଯାଇଥିଲା। ଅବଶିଷ୍ଟ ଦରଖାସ୍ତଗୁଡ଼ିକ ପଞ୍ଜୀକରଣ ଅପେକ୍ଷାରେ ଶ୍ରମ କାର୍ଯ୍ୟାଳୟରେ ପଡ଼ିରହିଥିଲା। ଏ ନେଇ ବାରମ୍ବାର ଶ୍ରମ ଅଧିକାରୀ, ମଣ୍ଡଳ ଶ୍ରମ ଆୟୁକ୍ତ, ଜିଲାପାଳଙ୍କ ସମେତ ଶ୍ରମ କମିଶନରଙ୍କୁ ଅଭିଯୋଗ କରାଯାଇଥିଲା। ୟୁନିୟନଗୁଡ଼ିକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାରେ କ୍ଷୁବ୍ଧ ହୋଇ ଆକ୍ରୋଶ ମୂଳକ ଭାବେ ସମ୍ପୃକ୍ତ ଦରଖାସ୍ତଗୁଡ଼ିକୁ ପୋଡ଼ି ଦିଆଯାଇ ନୂଆନଈ ଓ ଭାର୍ଗବୀ ନଦୀରେ ଫିଙ୍ଗିଦିଆଯାଇଥିଲା ବୋଲି ନିର୍ମାଣ ଶ୍ରମିକ ୟୁନିୟନ ସମନ୍ୱୟ କମିଟି ଅଭିଯୋଗ କରିଛି। ଏହାର ଭିଡିଓ ରେକର୍ଡ଼ ରହିଥିବା ମଧ୍ୟ କୁହାଯାଇଛି। ଏଭଳି କାର୍ଯ୍ୟ ଯୋଗୁ ପଞ୍ଜୀକୃତ ଆଶୀୟୀମାନେ ନିରାଶ ହୋଇଛନ୍ତି। ସେହିପରି କୋଭିଡ୍ ମହାମାରୀ ପରବର୍ତ୍ତୀ ସମୟରୁ ଏପର୍ଯ୍ୟନ୍ତ ପ୍ରବାସୀ ଶ୍ରମିକଙ୍କ ପଞ୍ଜୀକରଣ ଲାଗି ଅଧିକାରୀମାନେ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହେଉଛି। ଏସବୁ ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସମନ୍ୱୟ କମିଟି ପକ୍ଷରୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ନିକଟରେ ଦାବି କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ, ୫ଟି-ସଚିବ, ଲୋକପାଳ, ମାନବାଧିକାର କମିଶନ, ଶ୍ରମ ସଚିବ, ଶ୍ରମ ଆୟୁକ୍ତଙ୍କ ସମେତ ବିଭିନ୍ନ ବିଭାଗକୁ ଚିଠି ପ୍ରଦାନ କରାଯାଇଛି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ନିର୍ମାଣ ଶ୍ରମିକ ୟୁନିୟନ ସମନ୍ୱୟ କମିଟିର କର୍ମକର୍ତ୍ତାମାନେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଆସୋଚାମ୍‌ର ଏଚ୍‌ଆର୍ ଲିଡରଶିପ୍ କନ୍‌କ୍ଲେଭ ଓ ଆୱାର୍ଡ ୨୦୨୩, ହୋଟେଲ ନ୍ୟୁ ମ୍ୟାରିୟନ୍, ସକାଳ ୯ଟା ୪୫।
- ଉଟ୍ ଫେଷ୍ଟ: ସେବେ-ଓ-ଏବେ ଫଟୋ ପ୍ରଦର୍ଶନୀ, ଇଡ୍‌କୋ, ପୂର୍ବାହ୍ନ ୧୦ଟା। ନାଇଟ୍ ଫ୍ଲିଏ ମାର୍କେଟ୍, ଏକାମ୍ର ହାଟ, ଅପରାହ୍ନ ୫ଟା। ଅନ୍ତର୍ଜାତୀୟ ଫୁଡ୍ ଫେଷ୍ଟିଭାଲ୍, ଇଡ୍‌କୋ ପଡ଼ିଆ, ସନ୍ଧ୍ୟା ୬ଟା। ଭୁବନେଶ୍ୱର ଲାଇଭ୍, ଇଡ୍‌କୋ, ସନ୍ଧ୍ୟା ୭ଟା।
- ଆଇଏସ୍‌ଏପିଏମ୍‌ର ୨୯ତମ ବାର୍ଷିକ ସମ୍ମେଳନ, ଓୟୁଏଟି, ପୂର୍ବାହ୍ନ ୧୦ଟା।
- ମୋବାଇଲ ଆପ୍ ଲଞ୍ଚ, ଓ ହବ୍‌ର ସମ୍ମିଳନୀ କକ୍ଷ, ଚନ୍ଦକା, ପୂର୍ବାହ୍ନ ୧୦ଟା।
- ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ୟୁନିଟ୍-୮, ଅପରାହ୍ନ ୫ଟା।
- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନର ୪୩ତମ ପ୍ରତିଷ୍ଠା ଦିବସ, ପ୍ରତିଷ୍ଠାନସ୍ଥ ଅଧ୍ୟୟନ ଗୃହ, ବୀରସୁରେନ୍ଦ୍ରସାଏ ନଗର, ସନ୍ଧ୍ୟା ୬ଟା।
- ୩ୟ ରାଜ୍ୟସ୍ତରୀୟ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଶିଶିର ସରସ ମେଳା ୨୦୨୩, ବିଜୁ ପଟ୍ଟନାୟକ ଖେଳପଡ଼ିଆ, ବରମୁଣ୍ଡା, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ବାଲିଅନ୍ତା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।
- ମହାରଥା ସରକାରୀ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା, ନହରକଣ୍ଟାସ୍ଥିତ ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା ୩୦।

କଟକ

- ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ଉତ୍ସବ, ଶହୀଦ ଭବନ, ପୂର୍ବାହ୍ନ ୧୧ଟା ୩୦।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପାଲା ମହୋତ୍ସବ ଉଦ୍‌ଯାପନ, ଶ୍ରୀରାମ ଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

# ୟୁନିଫର୍ମ ପଲିସି ସରଳୀକରଣ ସହ ଚିଠା ଅନୁମୋଦିତ

ପୁରୀ ଅଫିସ, ୧୭।୧

ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଲ୍ୟାଣ୍ଡ ସବ୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଅଧ୍ୟକ୍ଷତା କରିଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଏଏସ୍‌ଆଇ ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନର ରାଜସ୍ୱ ପ୍ରଶାସକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଦୀର୍ଘବର୍ଷ ଧରି ମହାପ୍ରଭୁଙ୍କ ଜମିଜମା ପ୍ରସଙ୍ଗ ସମାଧାନ ହୋଇପାରିନାହିଁ। ତେଣୁ ୟୁନିଫର୍ମ ପଲିସି ମାଧ୍ୟମରେ ପ୍ରଜା ତଥା ଜମି ଦାବିଦାରମାନେ କିପରି ମହାପ୍ରଭୁଙ୍କ ଜମିର ଏନ୍‌ଓସି ପାଇପାରିବେ ଓ ସମସ୍ୟାର ସମାଧାନ ହୋଇପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ କ୍ୟାବିନେଟରେ ଶ୍ରୀମନ୍ଦିର ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ରୁଲ୍ ଅନୁଯାୟୀ ୟୁନିଫର୍ମ ପଲିସିରେ ଥିବା ଜଟିଳତାକୁ ସରଳୀକରଣ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ତେଣୁ ବୈଠକରେ ୟୁନିଫର୍ମ ପଲିସିରେ ସରଳୀକରଣ କରାଯିବା ସହ ଏକ ଚିଠା ଅନୁମୋଦନ କରାଯାଇଛି। ମହାପ୍ରଭୁଙ୍କ ଜମିରେ ୩୦ବର୍ଷରୁ ଅଧିକ ସମୟ ଦଖଲରେ ଥିଲେ ଏକର ୬ଲକ୍ଷ ଟଙ୍କା ହିସାବରେ ୧୦ ପ୍ରତିଶତ ଅର୍ଥ ଦେବାକୁ ହେବ। ୨୦ରୁ ୩୦ ବର୍ଷ ମଧ୍ୟରେ ଦଖଲରେ ଥିଲେ ଏକର ପିଛା ୯ ଲକ୍ଷ ହିସାବରେ ୧୦ ପ୍ରତିଶତ ଏବଂ ୧୨ରୁ ୨୦ ବର୍ଷ ଭିତରେ ଥିଲେ ଏକରକୁ ୧୫ ଲକ୍ଷ ହିସାବରେ ୨୫ ପ୍ରତିଶତ ଅର୍ଥ ଦେବାକୁ ପଡ଼ିବ। ସେହିପରି ଦଖଲ ସମୟ ୧୨ ବର୍ଷରୁ କମ ହୋଇଥିଲେ ସରକାରୀ ଦରରେ ଅର୍ଥ ପୈଠ କରିବାକୁ ହେବ। ଆବେଦନର ୧ବର୍ଷ ମଧ୍ୟରେ ପଟ୍ଟା ମିଳିବ। ୯୦ ଦିନ ମଧ୍ୟରେ ଧାର୍ଯ୍ୟ ଅର୍ଥ ରାଶି ପୈଠ କରିବେ। ଆବେଦନର ଫଇସଲା ପାଇଁ ଜିଲାପାଳ, ପରିଚାଳନା କମିଟି ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଦାୟିତ୍ୱ ଦିଆଯାଇଛି। ୫ ଏକରରୁ ଅଧିକ ହୋଇଥିଲେ ରାଜ୍ୟ ସରକାର ଆବେଦନର ଫଇସଲା କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଖୁବ୍‌ଶୀଘ୍ର ପରିଚାଳନା କମିଟିରେ ଏ ନେଇ ଆଲୋଚନା କରାଯିବ। ଏହି ନିଷ୍ପତ୍ତିକୁ ଶ୍ରୀମନ୍ଦିର ପରିଚାଳନା କମିଟିକୁ ପଠାଯିବ। ସେଠାରେ ତାହା ପାରିତ ହେବା ପରେ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଦୀର୍ଘଦିନ ଧରି ଲାଗିରହିଥିବା ଜମିଜମା ସମସ୍ୟା ଦୂର ହୋଇପାରିବ ବୋଲି ଆଶା କରାଯାଉଛି।


ଲ୍ୟାଣ୍ଡ ସବ୍ କମିଟି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ ଏବଂ ଅନ୍ୟ ଅଧିକାରୀମାନେ।

**ମହାପ୍ରଭୁଙ୍କ ଜମିଜମା ସମସ୍ୟା ଦୂର ହେବା ଆଶା ଉଜ୍ଜ୍ୱଳ**


ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଥିବା ଜାତୀୟସ୍ତରୀୟ ଅଜିତ ନାଟ୍ୟ ମହୋତ୍ସବରେ ମଙ୍ଗଳବାର ମନ୍ଥନ କୋଲକାତା ଗ୍ରୁପ୍ ପକ୍ଷରୁ ପରିବେଷିତ ନାଟକ 'ଓଡିପୁସ୍‌ରେକ୍ସ'ର ଏକ ଦୃଶ୍ୟ।

**ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଏମ୍‌ଡିଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ଚ୍ୟାଲେଞ୍ଜ**

# ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ ଅଫିସ, ୧୭।୧

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି)ଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ଚ୍ୟାଲେଞ୍ଜ କରି ଆଗତ ମାମଲାର ଶୁଣାଣି ହାଇକୋର୍ଟରେ ମଙ୍ଗଳବାର ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଏମ୍.ଏସ୍. ରମଣଙ୍କ ଖଣ୍ଡପୀଠ ମାମଲାର ବିଚାର କରି ରାୟ ସଂରକ୍ଷିତ ରଖିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି)ଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ସେ ଅବସର ନେଇଥିଲେ। ତା'ପରେ ପୁଣି ୧ ବର୍ଷ ପାଇଁ ତାଙ୍କର କାର୍ଯ୍ୟକାଳ ବୃଦ୍ଧି କରାଗଲା ବୋଲି ୨୦୨୨ ମାର୍ଚ୍ଚ ୯ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାକୁ ବେଆଇନ ଦର୍ଶାଇ ବେଣୁମାଧବ ତ୍ରିପାଠୀ ନାମକ ବ୍ୟକ୍ତି ହାଇକୋର୍ଟରେ ଏକ ମାମଲା ଦାଏର କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ରଖାଯାଇଥିଲା ଯେ ଏମ୍‌ଡିଙ୍କ କାର୍ଯ୍ୟକାଳ ବର୍ଷେ ବୃଦ୍ଧି ହୋଇଛି, ହେଲେ ରିଜର୍ଭ ବ୍ୟାଙ୍କର ଅନୁମୋଦନ ନିଆଯାଇନାହିଁ। କମିଟି ଗଠନ ହେବା କଥା ତାହା ମଧ୍ୟ ହୋଇନାହିଁ।

**ସ୍କୁଲ ପିଲାଙ୍କୁ ସରକାରୀ ସୁବିଧା ମିଳିବା ମାମଲା**

# ଆମିକସ୍‌କ୍ୟୁରି ସ୍କୁଲ ପରିଦର୍ଶନ ପରେ ରିପୋର୍ଟ ଦେବେ

**କଟକ ଅଫିସ, ୧୭।୧:** ସ୍କୁଲ ପିଲାଙ୍କୁ ବିଭିନ୍ନ ସରକାରୀ ସୁବିଧା ମିଳିବା ସମ୍ପର୍କିତ ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଥିଲା। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଏମ୍.ଏସ୍. ରମଣଙ୍କ ଖଣ୍ଡପୀଠ ମାମଲାର ବିଚାର କରି ଆମିକସ୍‌କ୍ୟୁରୀଙ୍କୁ ସ୍କୁଲ ପରିଦର୍ଶନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫେବୃୟାରୀ ୨୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ହାଇକୋର୍ଟ ଲିଗାଲ ସର୍ଭିସ ପକ୍ଷରୁ ଆମିକସ୍‌କ୍ୟୁରୀ ପ୍ରଫୁଲ୍ଲ କୁମାର ରଥ ମାମଲା ପରିଚାଳନା କରୁଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ରାଜ୍ୟର ସରକାରୀ ସ୍କୁଲରେ ଟଏଲେଟ୍, ପାନୀୟଜଳ, ଖେଳ ପଡ଼ିଆ ଆଦି ସୁବିଧା ସଂକ୍ରାନ୍ତରେ ୨୦୧୫ରେ ଏହି ମାମଲା ହାଇକୋର୍ଟରେ ଦାଏର ହୋଇଥିଲା। ଏନେଇ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଥିଲେ। ରାଜ୍ୟ ସରକାର ମଧ୍ୟ ସ୍କୁଲ ପିଲାଙ୍କୁ ମିଳୁଥିବା ସୁବିଧାସୁଯୋଗ ଉପରେ ଏକ ରିପୋର୍ଟ ଦାଖଲ କରିଥିଲେ। ଏହି ରିପୋର୍ଟ ଉପରେ ଆମିକସ୍‌କ୍ୟୁରୀ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରି ଆଉ ଏକ ରିପୋର୍ଟ ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଆମିକସ୍‌କ୍ୟୁରୀ ଏନେଇ ପୂର୍ବରୁ ସମୟ ନେଇଥିଲେ। ପୁଣି ମଙ୍ଗଳବାର ଶୁଣାଣିବେଳେ ଅଧିକ ସମୟ ନେଇଛନ୍ତି। ଏହି ସମୟ ମଧ୍ୟରେ ସେ ବିଭିନ୍ନ ସ୍କୁଲ ପରିଦର୍ଶନ କରିବେ। ଏହାପରେ ପ୍ରତ୍ୟକ୍ଷ ଅନୁଭୂତିକୁ ନେଇ ରିପୋର୍ଟ ଦାଖଲ କରିବେ ବୋଲି ଅଦାଲତ କହିଛନ୍ତି।

# ଆସିଲା ବ୍ୟବଚ୍ଛେଦ ରିପୋର୍ଟ

**ମହିଳା କ୍ରିକେଟର ରାଜଶ୍ରୀ ମୃତ୍ୟୁ ଘଟଣା**

**ଭିସେରା ରିପୋର୍ଟକୁ ଅପେକ୍ଷା**

ଖୁଣ୍ଟୁଣୀ, ୧୭।୧(ଡି.ଏନ୍.ଏ.)

ମହିଳା କ୍ରିକେଟର ରାଜଶ୍ରୀ ସ୍ୱାଇଁଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମଙ୍ଗଳବାର ଗୁରୁଡିଝାଟିଆ ପୋଲିସର ହସ୍ତଗତ ହୋଇଛି। ହେଲେ ଏହି ରିପୋର୍ଟରେ ଥିବା ତଥ୍ୟକୁ ପୋଲିସ ଉପସ୍ଥାପନ କରିନାହିଁ। କିଭଳି ଓ କେଉଁ ପରିସ୍ଥିତିରେ ରାଜଶ୍ରୀଙ୍କର ମୃତ୍ୟୁ ଘଟିଲା, ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ପ୍ରଥମେ ପୋଲିସ କହିଥିଲା। ଏବେ ଉକ୍ତ ରିପୋର୍ଟ ହସ୍ତଗତ ହେବାପରେ ଭିସେରା ରିପୋର୍ଟକୁ ଅପେକ୍ଷା କରାଯାଇଛି। ଉଭୟ ରିପୋର୍ଟକୁ ତର୍ଜମା କରାଯିବା ପରେ ଏହା ଆତ୍ମହତ୍ୟା କି ନୁହେଁ ସ୍ପଷ୍ଟ ହେବ ବୋଲି ଆଇଆଇସି ରଞ୍ଜନ କୁମାର ପ୍ରଧାନ କହିଛନ୍ତି।

ପୁରୀ ଜିଲା ରାମଚଣ୍ଡୀ ଥାନା ଅଧୀନ ଭୁଆଁ ଗ୍ରାମର ମହିଳା କ୍ରିକେଟର ରାଜଶ୍ରୀଙ୍କ ମୃତଦେହ ଶୁକ୍ରବାର ଗୁରୁଡିଝାଟିଆ ଥାନା ବ୍ରାହ୍ମଣବସ୍ତ ସଂରକ୍ଷିତ ଜଙ୍ଗଲରୁ ପୋଲିସ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଥିଲା। ରାଜଶ୍ରୀ କଟକର ଏକ ହଷ୍ଟେଲରେ ରହୁଥିଲେ। ସେ ଜଣେ ଭଲ କ୍ରିକେଟର ଭାବେ ସୁନାମ ଅର୍ଜନ କରିଥିବାବେଳେ ତାଙ୍କୁ ଖେଳାଳି ଚୟନରୁ ବାଦ୍ ଦିଆଯାଇଥିଲା। ସେ ଗତ ୧୧ ତାରିଖରୁ ନିଖୋଜ ହୋଇଯାଇଥିଲେ। ଏ ସମ୍ପର୍କରେ ତାଙ୍କ କୋଚ୍ ପୁଷ୍ପାଞ୍ଜଳି ବାନାର୍ଜୀ କଟକ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ୧୨ ତାରିଖରେ ଉକ୍ତ ଜଙ୍ଗଲରୁ ତାଙ୍କ ସ୍କୁଟି ମିଳିଥିଲା। ଶୁକ୍ରବାର ରାଜଶ୍ରୀଙ୍କ ମୃତଦେହ ମିଳିବା ପରେ ଶରୀରର ବିଭିନ୍ନ ଜାଗାରେ କ୍ଷତଚିହ୍ନ ରହିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ଦିଆଯାଇଥିଲା। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ।

# ରାଜ୍ୟରେ ହେବ ୩୩ ନୂଆ ଟ୍ରମା କେୟାର ସେଣ୍ଟର

ଭୁବନେଶ୍ୱର, ୧୭।୧(ବ୍ୟୁରୋ)

ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା କମାଇବା ଲାଗି ପଦକ୍ଷେପ ନେବାକୁ ସୁପ୍ରିମ୍‌କୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ନିର୍ଦ୍ଦେଶ ଦେଇଛି। ତେଣୁ ଦୁର୍ଘଟଣାଗ୍ରସ୍ତଙ୍କ ତୁରନ୍ତ ଚିକିତ୍ସା ଲାଗି ସ୍ୱାସ୍ଥ୍ୟ ବିଭାଗ କେତେକ ପଦକ୍ଷେପ ନେଇଛି। ଆହତଙ୍କ ପାଇଁ ନିଃଶୁଳ୍କ ଚିକିତ୍ସା ବ୍ୟବସ୍ଥା ସହ ମସ୍ତିଷ୍କଜନିତ ଆଘାତର ଚିକିତ୍ସା ଲାଗି ରାଜ୍ୟ ସରକାର ଆଉ ୩୩ଟି ନୂଆ ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଏନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ସଚିବ ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶକ, ଓଏସ୍‌ଏମ୍‌ସିଏଲ୍ ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ସ୍ୱତନ୍ତ୍ର ସଚିବ, ଡିଏମ୍‌ଇଟି, ଡିଏଚ୍‌ଏସ୍ ନିର୍ଦ୍ଦେଶକ, ଟ୍ରମା କେୟାର ସେଣ୍ଟର ନୋଡାଲ ଅଫିସର ଓ ମୁଖ୍ୟଯନ୍ତ୍ରୀ ବିଲ୍ଡିଂକୁ ଚିଠି କରିଛନ୍ତି।

ଗତବର୍ଷ ଡିସେମ୍ବର ୩୧ରେ 'ଟ୍ରମା କେୟାର ସେଣ୍ଟର' ଅଗ୍ରଗତି ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ କରାଯାଇଥିଲା। ବୈଠକରେ କ'ଣ ନିଷ୍ପତ୍ତି ନିଆଯାଇଥିଲା ସେ ନେଇ ଚିଠିରେ ଉଲ୍ଲେଖ କରାଯାଇଛି। ଜାତୀୟ ରାଜପଥରେ ସର୍ବାଧିକ ସଡ଼କ ଦୁର୍ଘଟଣା ଘଟୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ଦେଇ ଯାଇଥିବା ୨୫ଟି ଜାତୀୟ ରାଜପଥରେ ପ୍ରତି ୫୦କିମି ବ୍ୟବଧାନରେ ଗୋଟିଏ ଟ୍ରମା କେୟାର ସୁବିଧା ଉପଲବ୍ଧ ପାଇଁ ଲକ୍ଷ୍ୟ ରହିଛି। ଏଥିସହ ଆଗାମୀ ଦିନରେ ଆଉ ୫୫ଟି ଟ୍ରମା କେୟାର ଫାସିଲିଟି ପ୍ରତିଷ୍ଠା ପାଇଁ ଯୋଜନା ହୋଇଛି। ବର୍ତ୍ତମାନ ରାଜ୍ୟରେ ଦୁଇଟି ଲେଖାଏ ଲେଭୁଲ୍-୧ ଓ ଲେଭଲ୍-୨ ସେଣ୍ଟର ରହିଥିବାବେଳେ ଅନ୍ୟଗୁଡ଼ିକ ଲେଭଲ୍-୩ ବର୍ଗର ଟ୍ରମା କେୟାର ସେଣ୍ଟର ରହିବ। ଅନ୍ୟପକ୍ଷରେ ଦୁର୍ଘଟଣା ଆହତଙ୍କ ଆଶୁ ଚିକିତ୍ସା ପାଇଁ ରାଜ୍ୟ ସରକାର ଏବେ ୧୮ କର୍ପୋରେଟ୍ ହସ୍ପିଟାଲ ସହିତ ଚୁକ୍ତି କରିଛନ୍ତି। ସେହି ହସ୍ପିଟାଲରେ ଲେଭଲ୍-୧ ଟ୍ରମା କେୟାର ସେଣ୍ଟର ରହିଛି। ସେଠାରେ ଆହତଙ୍କର ପ୍ରଥମ ୪୮ଘଣ୍ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା କରାଯାଉଛି। ସେଥିପାଇଁ ସଡ଼କ ସୁରକ୍ଷା ପାଣ୍ଠିରୁ ରାଜ୍ୟ ସରକାର ଏହି ଚିକିତ୍ସା ଖର୍ଚ୍ଚ ବହନ କରୁଛନ୍ତି। ରାଜ୍ୟରେ ଏନ୍‌ଏଚ୍‌ଆଇ ଦ୍ୱାରା ଚିହ୍ନଟ କରାଯାଇଥିବା ୮୪ ବ୍ଲାଇଣ୍ଡ ସ୍ପଟ୍‌ରେ ଆମ୍ବୁଲାନ୍ସ ରଖିବା ସହିତ ନିକଟସ୍ଥ ଟ୍ରମା କେୟାର ସେଣ୍ଟର ସହିତ ସମ୍ପର୍କ ସ୍ଥାପନ ବ୍ୟବସ୍ଥା ହୋଇଛି। ଦୁର୍ଘଟଣାଜନିତ ସୂଚନା ପୋର୍ଟାଲରେ ଅପଲୋଡ୍‌ର ବ୍ୟବସ୍ଥା ହୋଇଛି। ତେବେ ନିର୍ମାଣାଧୀନ ୩୩ଟି ଟ୍ରମା କେୟାର ସେଣ୍ଟର ପାଇଁ ଆବଶ୍ୟକ ହେଉଥିବା ମାନସ ସମ୍ବଳ, ଯନ୍ତ୍ରପାତି ଓ ଭିତ୍ତିଭୂମି ନିର୍ମାଣ ନିମନ୍ତେ ତାଲିକା ଓଏସ୍‌ଏମ୍‌ସିଏଲ୍ ନିକଟକୁ ପଠାଇବା ପାଇଁ କୁହାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ କ୍ରିଷ୍ଣା


@ ସତ୍ୟଜିତ୍


@ ମୁର୍ସିଦ


@ ଶୁଭଶ୍ରୀ


@ ବିଭୁ


@ ବିଶ୍ୱଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ବରମୁଣ୍ଡାସ୍ଥିତ ବିଜୁପଟ୍ଟନାୟକ ଖେଳ ପଡିଆରେ ଚାଲିଥିବା ଜାତୀୟସ୍ତରୀୟ ପ୍ରଦର୍ଶନୀ ଶିଶିର ସରସ-୨୦୨୩ର ୫ମ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିଳ୍ପୀମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରୁଛନ୍ତି।



ହିନ୍ଦୁସ୍ଥାନୀ ସଙ୍ଗୀତ ସଭା ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ମଙ୍ଗଳବାର ଆରମ୍ଭ ହୋଇଥିବା ଦୁଇ ଦିନିଆ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହରେ ଗୁରୁ କୃଷ୍ଣଚନ୍ଦ୍ର ଦାସ ସଙ୍ଗୀତ ପରିବେଷଣ କରୁଛନ୍ତି।



ଦିଲ୍ଲୀର ବିଶ୍ୱନାଥ ପ୍ରସାଦ-ପାର୍ବତୀ ଦେବୀ ଜୟସ୍ୱାଲ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ଶ୍ରୀରାମଚରିତମାନସ ମହୋତ୍ସବର ମାନସ ରତ୍ନ ସମ୍ମାନ ସମାରୋହ-୨୦୨୩ ରେ ମୁଖ୍ୟ ଅତିଥି ବାଳକାନନ୍ଦ ଗିରି ମହାରାଜଙ୍କ ସହ ଟ୍ରଷ୍ଟ ଅଧ୍ୟକ୍ଷ ଶିବ ପ୍ରସାଦ ଜୟସ୍ୱାଲ ଏବଂ ରବି ପ୍ରକାଶ ଜୟସ୍ୱାଲ। ମେଦିନୀ ଜୟସ୍ୱାଲ ଭାରତ ନାଟ୍ୟମ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଅନ୍ତର୍ଯ୍ୟାମୀ
ପରିବାରବର୍ଗ


ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଗ୍ରହ ଆଗରେ ହାର୍ ମାନିଛି ସମସ୍ୟା

**ଲକ୍ଷ୍ନୌ:** ବୁର୍ଖାପିନ୍ଧା ମହିଳା କାନ୍ଧରେ ସ୍ୱିଗୀ ବ୍ୟାଗ୍ ପକେଇ ଚାଲିଚାଲି ଯାଉଥିବାର ଫଟୋ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି। ଫଟୋଟିକୁ ଦେଖିଲେ ଯେ କେହି ବି ଭାବିବେ ଯେ, ବୋଧହୁଏ ମହିଳା ଜଣକ ସ୍ୱିଗୀର ଜଣେ ଡେଲିଭରି ଏଜେଣ୍ଟ। କିନ୍ତୁ ମହିଳାଜଣକ ପ୍ରକୃତରେ ଜଣେ ଗୃହସହାୟିକା। ଘର ଘର ବୁଲି ୪୦ ବର୍ଷୀୟା ରିଜୱାନା କାମ କରନ୍ତି। ସ୍ୱାମୀ ଘରଛାଡ଼ି ଚାଲିଯିବା ପରେ ପିଲାଙ୍କ ଦାୟିତ୍ୱ ରିଜୱାନାଙ୍କ କାନ୍ଧକୁ ଆସିଥିଲା। ତାଙ୍କ ୪ ପିଲାଙ୍କ ଦାୟିତ୍ୱ ରିଜୱାନା ନେଇଛନ୍ତି।

ସକାଳ ସଞ୍ଜେ ଘରଘର ବୁଲି କାମ କରି ମାସକୁ ତାଙ୍କର ୧,୫୦୦ ଟଙ୍କା ରୋଜଗାର ହୋଇଯାଉଥିବାବେଳେ ବଜାରରେ ଏକ ଛୋଟ ଷ୍ଟଲ ଖୋଲି ସେଥିରେ ଡିସ୍‌ପୋଜେବୁଲ ଗ୍ଲାସ୍ ସାଙ୍ଗକୁ ପୋଷାକ ବିକ୍ରି କରନ୍ତି, ଯେଉଁଥିରୁ ତାଙ୍କର ୫୦୦୦ରୁ ୬୦୦୦ ଆୟ ହେଉଛି ବୋଲି ସେ କୁହନ୍ତି। ଜନତା ନଗର କଲୋନୀରେ ରହୁଥିବା ରିଜୱାନା ଦୈନିକ ୨୦ରୁ ୨୫ କି.ମି. ବାଟ ଚାଲିଚାଲି କାମ କରିବାକୁ ଯାଉଥିବା କୁହନ୍ତି। ରିଜୱାନାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା କଥା ତାଙ୍କୁ ଜଣେ ଦୋକାନୀ କହିଥିଲେ। ଏହାପରେ କେତେଜଣ ତାଙ୍କୁ ଭେଟିବା ପାଇଁ ଆସିଥିଲେ, ଯାହାଙ୍କୁ ସେ ସ୍ୱିଗୀ ବ୍ୟାଗ୍ କାନ୍ଧରେ ପକାଇବାର କାରଣ କହିଥିଲେ। ଡିସ୍‌ପୋଜେବୁଲ ଗ୍ଲାସ୍ ଓ ଦୋକାନ ଜିନିଷ ରଖିବା ଲାଗି ତାଙ୍କୁ ଏକ ମଜଭୁତ ବ୍ୟାଗ୍‌ର ଆବଶ୍ୟକ ହେଉଥିଲା। ଦିନେ କାମରୁ ଫେରିବା ବାଟରେ ଜଣେ ଲୋକ ଏହି ବ୍ୟାଗ୍‌କୁ ୫୦ ଟଙ୍କାରେ ତାଙ୍କୁ ବିକିଥିବା ସେ କହିଛନ୍ତି। ସ୍ୱିଗୀ ବ୍ୟାଗ୍‌ରେ ଜିନିଷ ସୁରକ୍ଷିତ ଭାବେ ରହୁଥିବା ଯୋଗୁ ସେ ଏହାକୁ ବ୍ୟବହାର କରୁଥିବା କହନ୍ତି। ତେବେ ରିଜୱାନାଙ୍କ ଅସୁବିଧା ବିଷୟରେ ଜାଣିବା ପରେ ଅନେକେ ଏବେ ତାଙ୍କୁ ସାହାଯ୍ୟର ହାତ ବଢ଼ାଇଛନ୍ତି। ରିଜୱାନାଙ୍କ ବୟସ ବଢୁଥିଲେ ବି କାମ କରିବାର ଆଗ୍ରହ ତାଙ୍କର ରହିଛି। ପାଖରେ ଗାଡ଼ି ଥିଲେ ସେ ସ୍ୱିଗୀରେ କାମ କରନ୍ତେ ବୋଲି କହିଛନ୍ତି।





### ପରିବାର ପାଇଁ ଦୈନିକ ୨୫ କି.ମି. ଚାଲୁଛନ୍ତି ମହିଳା

# ବିବାହ ବିଚ୍ଛେଦ ଖୁସିରେ ପାର୍ଟି

**ଲଣ୍ଡନ:** ବିବାହ ସମସ୍ତଙ୍କ ଜୀବନରେ ଖୁସି ଆଣିଥାଏ। ବିବାହର ବିଚ୍ଛେଦ ଦୁଃଖ ଦିଏ। ହେଲେ ଇଂଲଣ୍ଡରେ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ଜଣେ ମହିଳା ରବେକା ତାଙ୍କ ବିବାହ ବିଚ୍ଛେଦରେ ଖୁସି ହୋଇଥିବା ଦେଖିବାକୁ ମିଳିଛି। ରବେକାଙ୍କ ୬ ବର୍ଷ ପୂର୍ବେ ବିବାହ ହୋଇଥିଲା। କୌଣସି କାରଣରୁ ଦୁହିଁଙ୍କ ମଧ୍ୟରେ ବିଚ୍ଛେଦ ହୋଇଯାଇଛି। ହେଲେ ରବେକା ଏଥିରେ ଖୁସି ହୋଇ ତାଙ୍କ ୧୪ ସାଙ୍ଗଙ୍କ ସହ ଟ୍ରିପରେ ଯାଇଥିଲେ। ସେ ସେଠାରେ ପାର୍ଟିର ମଜା ଉଠାଉଥିବା ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏଥିସହ ସେ ସ୍ୱା ସହ ଏକ ସଙ୍ଗୀତ ସମାରୋହରେ ସାମିଲ ହୋଇଥିଲେ। ରବେକା ଜଣେ ଲେଖିକା ହୋଇଥିବାବେଳେ ସେ ବିବାହରୁ ମୁକ୍ତ ହୋଇ ଖୁସି ଥିବା କହିଛନ୍ତି।



# ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



✓ସୁଷମା ମିଶ୍ର
ପୁରୀ
ଆବିର୍ଭାବ : ୨୩.୦୧.୧୯୫୦
ତିରୋଧାନ : ୦୯.୦୧.୨୦୨୩

ତୁମେ ଥିଲ ଆମ ସଂସାରର କେନ୍ଦ୍ର। ଆମ ହସ, ଲୁହ, ଆଶା, ଭରସାର ମଧ୍ୟ ବିନ୍ଦୁ। ତୁମ ଦାରୁଣ ବିୟୋଗ ଆମ ଜୀବନରେ ଯେଉଁ ଶୂନ୍ୟତା ସୃଷ୍ଟି କରିଛି ତାହା ଅପୂରଣୀୟ। ଆଜି ତୁମ ଅନ୍ତିମ ବିଦାୟ ପରବର୍ତ୍ତୀ ଦଶାହ ତିଥିରେ ତୁମର ଅବିନଶ୍ୱର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ :
ଡାକ୍ତର ଦେବଦତ୍ତ ମିଶ୍ର, ମାମା, କାବା, ବିଭୁ, ଶିବୁ, ସରିତା, ମିନଲ ଓ ନୟନା

ଧ-୨୫୧୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତ ଗନ୍ଧର୍ବ ସ୍ୱାଇଁ
ରେଘାଂଳୋ, ନିମାପଡ଼ା (ପୁରୀ)

ବର୍ଷେ ହେଲା ବାବା କେଉଁଠି ରହିଲେ
ଘରକୁ ଆସନ୍ତୁ ଫେରି,
ଆପଣଙ୍କ ବିନା ସବୁ ଶୂନ୍ୟ ଶୂନ୍ୟ
ଘରୁ ତୁଟିଲାଣି ଶିରୀ।
ବିଲବାଡ଼ି ଆଦି ଲାଗଇ ଶ୍ରୀହୀନ
ଝୁରୁଛନ୍ତି ଗଛପତ୍ର
ଗାଁ ଗଣ୍ଡା ଲୋକେ କାନ୍ଦି ବାହୁନନ୍ତି
ଗୁଣ, କର୍ମ, କାର୍ଯ୍ୟ ସର୍ବତ୍ର ।
ନ ଆସିବେ ଯଦି ମାମାଙ୍କ ସହିତ
ଶାନ୍ତିରେ ଖୁସିରେ ରୁହନ୍ତୁ,
ପ୍ରଭୁ ଆଶୀର୍ବାଦେ କୁଶଳରେ ରହି
ସର୍ବ କଇଲାଣ କରନ୍ତୁ।

ଶୋକାକୁଳ ବନ୍ଧୁ ଓ ପରିବାରବର୍ଗ ।

ଧ-୨୫୧୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ଅଚ୍ୟୁତାନନ୍ଦ ମଣ୍ଡଳ
ଆବିର୍ଭାବ : ୦୧.୦୪.୧୯୩୪ | ତିରୋଧାନ : ୦୮.୦୧.୨୦୨୩
ବୁଢ଼ୀ ଖମାରୀ, ବାରିପଦା, ମୟୂରଭଞ୍ଜ

ବାପା, ଆଜି ଆପଣଙ୍କର ଏକାଦଶାହରେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ।

ଶୋକସନ୍ତପ୍ତ ପରିବାରବର୍ଗ

ଧ-୭୪୫୧୦

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ଲକ୍ଷ୍ମୀ ଦାଶ
ଶିବ ନଗର, ଟଙ୍କପାଣି ରୋଡ଼
ଭୁବନେଶ୍ୱର
ଆବିର୍ଭାବ : ୨୧.୧୨.୧୯୬୪
ତିରୋଧାନ : ୦୭.୦୧.୨୦୨୩

ଆପଣଙ୍କ ଆଦର୍ଶ, ତ୍ୟାଗ, ନିଷ୍ଠା, ଶ୍ରଦ୍ଧା ଓ ସମୟାନୁବର୍ତ୍ତିତା ଆମ ମାନଙ୍କ ପାଇଁ ଚିରଦିନ ଉଦାହରଣ ହୋଇ ରହିବ । ଆପଣଙ୍କ ଅମର ଆତ୍ମା ର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଛୁ ।

- ଶୋକସନ୍ତପ୍ତ -
ସାନୁ , ମୋନୁ ଓ ପରିବାରବର୍ଗ

ଧ-୨୫୦୭

CLASSIFIED DISPLAY
ALL EDITION - B/W (Everyday)
MORE SPACE ' SAME PRICE
TARIFF

ନବବର୍ଷ ଧମାକା।
ଭାରତର ନଂ.1 କମ୍ପାନୀ Govt. Regd କୁବେର ଫାଇନାନ୍ସ
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ ସବୁ ଋଣ
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ଛାଡ଼)
ଏଜେଣ୍ଟ ଆମନ୍ତ୍ରିତ -
9485529274

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦ୍ୱିତୀୟ ଥର ପାଇଁ ମା' ହେବେ ଏଭଲିନ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଏଭଲିନ ଶର୍ମା ଦ୍ୱିତୀୟ ଥର ପାଇଁ ମା' ହେବାକୁ ଯାଉଛନ୍ତି। ଏନେଇ ସେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ବେବି ବମ୍ପର ଫଟୋ ଶେୟାର କରି ଏହି ଖୁସି ଖବର ଜଣାଇଛନ୍ତି। ଲେଖିଛନ୍ତି, 'ତୁମକୁ କୋଳରେ ଧରିବାକୁ ଆଉ ଅପେକ୍ଷା କରିପାରିବିନି।' ତେବେ ଏଭଲିନ ୨୦୨୧ ମେ'ରେ ଇଣ୍ଡୋ-ଅଷ୍ଟ୍ରେଲିଆ ବ୍ୟବସାୟୀ ତୁଶାନ୍ ଭିଣ୍ଡିଙ୍କୁ ବିବାହ କରିଥିଲେ। ତା' ପରେ ସେ ବଲିଉଡ୍ ଇଣ୍ଡଷ୍ଟ୍ରିରୁ ବିଦାୟ ନେଇଥିଲେ। ସେହି ବର୍ଷ ନଭେମ୍ବରରେ ଏକ ଶିଶୁକନ୍ୟାଙ୍କୁ ଜନ୍ମ ଦେଇଥିଲେ। ଏବେ ସେ ତାଙ୍କ ଦ୍ୱିତୀୟ ସନ୍ତାନକୁ ଜନ୍ମ ଦେବାକୁ ଯାଉଛନ୍ତି। ତେବେ ସେ ୨୦୦୬ରେ ହଲିଉଡ ଫିଲ୍ମ 'ଟର୍ଣ୍ଣ ଲେଫ୍ଟ'ରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ। ୨୦୧୨ରେ ବଲିଉଡ୍‌ରେ 'ଫର୍ମ ସିଡ୍‌ନୀ ଉଇଥ୍ ଲଭ୍' ଜରିଆରେ ଡେବ୍ୟୁ କରିଥିଲେ। ପରେ ପରେ ସେ ଅନେକ ହିନ୍ଦୀ ଫିଲ୍ମରେ କାମ କରିଛନ୍ତି। ତାଙ୍କୁ ଶେଷ ଥର ପାଇଁ ଏକ୍ସରେ: ଦି ଇନର୍ ଇମେଜ୍‌ରେ ଦେଖିବାକୁ ମିଳିଥିଲା।



# Classified Everyday
**0674-2580101, 2549949**



MATRIMONIAL

## BRIDE WANTED

Wanted bride for 46 Brahmin highly qualified with good income Bhubaneswar groom 8917227438. D-2487

## GROOM WANTED

୫୦ ବୟସ୍କା Staff- Nurse ଥିବା ବିଧବା ଖଣ୍ଡାୟତ ମହିଳାଙ୍କ ପାଇଁ ଯେ କୌଣସି ଜାତିର ଯୋଗ୍ୟ ବରପାତ୍ର ଆବଶ୍ୟକ। 7606067313. D-2485



REAL ESTATE

## SALE

ଭୁବନେଶ୍ୱର ରସୁଲଗଡ଼, ନଖରା, ମଞ୍ଚେଶ୍ୱର, ହଂସପାଳ, ପାତ୍ରପଡ଼ା, ବାଲକାଟୀ, ମନ୍ଧାରବସ୍ତ, ବାରଙ୍ଗ ନିକଟରେ flat, duplex, simplex plot ଘରବାଡ଼ି) ସୁଲଭ ମୂଲ୍ୟରେ (ମିଳୁଛି। 7978671232 Whatsapp- 8908710655. D-74189

କଳାରାହାଙ୍ଗ (New Railway Station) ପାଖରେ SC, General plot ମିଳୁଛି। 7008492511. D-2509

ଭୁବନେଶ୍ୱର ହଂସପାଳଛକରୁ 5 K.M. ମଧରେ ବେଣୁପୁରରେ 30' ରାସ୍ତାକୁ ଲାଗି ଘରବାରି, ପାଚେରି, ଇଲେକ୍ଟ୍ରିସିଟି, ନାମ ଫଳକ ସହ ପ୍ଲଟ୍ ବିକ୍ରିହେବ। 6371364640, 9776366322. D-74184

ଭୁବନେଶ୍ୱର ନଖରା ଘରବାରି SC plot Sqft - 150/-, General - 350/-. 9439660381. D-74178

ଭୁବନେଶ୍ୱର ରସୁଲଗଡ଼ 3BHK flat, ନଖରା ଛକ, ହଂସପାଳ ଛକ, 3BHK Duplex, ଘରବାରି ପ୍ଲଟ୍ ସାଇ ମନ୍ଦିର, ରଙ୍ଗବକାର, ବାଲକାଟୀ ନିକଟରେ ମିଳୁଛି। 8327785834, 9658122456. D-74188

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରରେ BDA yellowzone ପ୍ଲଟ୍ boundary ସହ ମିଳୁଅଛି। 8338932027, 7978676652. D-74192

କଟକ - ଭୁବନେଶ୍ୱର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74191

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଭୁବନେଶ୍ୱର ଖଣ୍ଡଗିରି **AMRI Hospital** ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

ଭୁବନେଶ୍ୱର ପଟିଆ ଷ୍ଟେସନ 2 K.M., New Rly Station 400mtr. ଦୂରତାରେ yellowzone plot ମିଳୁଛି sqft.-650/-. 8249081980. D-74187

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-74630

**NH side plot (gharabari, boundarywall), Nakhara to Niali road, Cuttack. 8249851363.** D-74628

Plot Sale at Nearby Sum Hospital, Mendhasala Bhubaneswar. 30ft Road, Plantation, Electricity, NH-16 Side, Price Rs-1050/-, Rs-1250/-. 7749892855, 8144855184, 9556392667. D-2449

କଟକ-ଭୁବନେଶ୍ୱର ରୋଡ୍‌ରୁ **2.5.K.M.,** ନଖରା ଓ ପାହାଳରୁ **2.5.K.M.** ଘରବାରି **25'** ରୋଡ୍, ବାଉଣ୍ଡରୀ, ଇଲେକ୍ଟ୍ରିସିଟି ସୁବିଧା ଥାଇ ପ୍ଲଟ୍ ମିଳୁଛି। **9348152874, 9337317665.** D-74179

ଭୁବନେଶ୍ୱର ବାଲିଅନ୍ତା ପୋଲିସ ଷ୍ଟେସନ ପାଖରେ ଘରବାରି ପ୍ଲଟ୍ 30'Road, Electricity ଥାଇ ମିଳୁଛି। (Boundary, registration free). 9337922588. D-74190

ଗଙ୍ଗପଡ଼ା NHରୁ 700mtr. distance (per sqft- 500/-), 200mtr. ଦୂରତାରେ (per sqft- 1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502




Fullbody massage relax body mind by traind lady therapist. 7008773793. D-73671

Asribadaa Panchakarma herbal SPA Kesarimall, Bhubaneswar. Contact: 8926173473. D-74627

Newly open SPA positively health benefits with expert therapist. 7849011931. D-73674

Full body massage in homely Atmospher all therapy. Mob: 8114881641. D-73419

Revitalize your-self with our ayurvedic massage and refreshment. Contact: 8984068198. D-74509

## AFFIDAVIT

By the virtue of an affidavit No.- 64AA197814 dt 17.01.23 before the Court of Executive Magistrate, Bhubaneswar I, Sasmita Patra, At/P.O- Kaladahi, P.S.- Kaptipada, Dist.- Mayurbhanj have changed my name from Sasmita Patra to Sasmita Parida according to husband's surname i.e. Mrutyunjay Parida for all future purpose. D-2508

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



ଇପ୍ସିତା ସାହୁ (ପିହୁ)
ଶାସ୍ତ୍ରୀ ନଗର, ଭୁବନେଶ୍ୱର
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେମା', ଜେଜେବାପା, ଅଜା, ଆଈ, ବାବା, ମାମା, ବନ୍ଧୁ ଓ ପରିବାରବର୍ଗ ।

ଧ-୨୫୧୫

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ସଭ୍ୟ ରାଜସ୍ୱ ପର୍ଷଦ ଓଡ଼ିଶା ମହୋଦୟ ଇଜିଲାସ (କ୍ୟାମ୍ପ ଅଫିସ, ଭୁବନେଶ୍ୱର), ଆର.ପି.କେସ୍ ନଂ.- ୧୫୩୭/୨୦୧୪

ଡ. ସୂର୍ଯ୍ୟକାନ୍ତ ସ୍ୱାଇଁ ...ବାଦୀ
ବନାମ
ଶଶୀ କୁମାର ସାହୁ ଓ ଅନ୍ୟମାନେ .....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ-୨୦ ମୁତାବକ

ଶ୍ରୀ ଜାନକୀ ବଲ୍ଲଭ ସାମନ୍ତରାୟ ପ୍ରତିବାଦୀ ନଂ.-୨, ଶ୍ରୀ ଦୁର୍ଗା ବଲ୍ଲଭ ସାମନ୍ତରାୟ, ପ୍ରତିବାଦୀ ନଂ.-୩, ପ୍ରଣୟ ବଲ୍ଲଭ ସାମନ୍ତରାୟ, ପ୍ରତିବାଦୀ ନଂ.-୪, ପ୍ରଶାନ୍ତ କୁମାର ସାମନ୍ତରାୟ, ପ୍ରତିବାଦୀ ନଂ.-୫, ଶ୍ରୀ ମନୋଜ କୁମାର ସାମନ୍ତରାୟ, ପ୍ରତିବାଦୀ ନଂ.-୬, ପ୍ରତିବାଦୀ ନଂ.-୨ ଠାରୁ ପ୍ରତିବାଦୀ ନଂ.-୬ ମାନଙ୍କର ପିତା ସ୍ୱର୍ଗତ ବ୍ରଜବନ୍ଧୁ ସାମନ୍ତରାୟ, ସମସ୍ତ ପ୍ରତିବାଦୀମାନଙ୍କର ବାସସ୍ଥାନ ଗ୍ରାମ/ପୋଷ୍ଟ- ମଦନପୁର, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୨,୩,୪,୫ ଏବଂ ୬ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାରେ ଶୁଣାଣି ମାନ୍ୟବର ରାଜସ୍ୱ ପର୍ଷଦ ସଭ୍ୟଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପକୋର୍ଟ (ୟୁନିଟ୍-୫ କେଶରୀ ନଗର, ରାଜୀବ ଭବନ ପଛପାର୍ଶ୍ୱ ଅବସ୍ଥିତ) କାର୍ଯ୍ୟାଳୟଠାରେ ଆସନ୍ତା ୦୭।୦୨।୨୦୨୩ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ହରପୁର, ତହସିଲ- ଜଟଣୀ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।
ସାବକ ଖାତା ନଂ.-୨୨, ସାବକ ପ୍ଲଟ୍ ନଂ.-୧୦୨/୧୭୭, ଏରିଆ- ଏ୦.୦୭୬ଡି, ହାଲ ଖାତା ନଂ.-୬୮, ହାଲ୍ ପ୍ଲଟ୍ ନଂ.- ୭୦, ଏରିଆ- ଏ୦.୦୭୬ଡି ।

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ରାଜସ୍ୱ ପର୍ଷଦ ସଭ୍ୟଙ୍କ ଆଦେଶ କ୍ରମେ
ସ୍ୱା./-ଅନୁ ସଚିବ ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ

ଧ-୨୫୧୬

# ଭାରତୀୟ ଦଳର ଜୋରଦାର ଅଭ୍ୟାସ

**ଭୁବନେଶ୍ୱର, ୧୭।୧ (କ୍ରୀଡ଼ା ପ୍ରତିନିଧି)**



ଚଳିତ ହକି ବିଶ୍ୱକପ୍‌ରେ ନିଜର ପ୍ରଥମ ୨ଟି ମ୍ୟାଚ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳିଥିବା ଭାରତୀୟ ଦଳ ସୋମବାର ଭୁବନେଶ୍ୱରରେ ପହଞ୍ଚିଥିବାବେଳେ ମଙ୍ଗଳବାର ଜୋରଦାର ଅଭ୍ୟାସ କରିଛି। ଭାରତୀୟ ଦଳ ଏହାର ପ୍ରଥମ ମ୍ୟାଚରେ ସ୍ପେନ୍‌କୁ ହରାଇଥିବାବେଳେ ଇଂଲଣ୍ଡ ବିପକ୍ଷରେ ଦ୍ୱିତୀୟ ମ୍ୟାଚକୁ ଡ୍ର ରଖିଛି। ପୁଲ୍ 'ଡି'ରେ ଉଭୟ ଭାରତ ଓ ଇଂଲଣ୍ଡ ୪ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ଗୋଲ ବ୍ୟବଧାନରେ ଇଂଲଣ୍ଡ ପଛକୁ ଭାରତ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ନିୟମ ଅନୁସାରେ ପ୍ରତି ଗ୍ରୁପ୍‌ର ଶୀର୍ଷ ଦଳ ହିଁ ସିଧାସଳଖ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇବ। ତେଣୁ ଗ୍ରୁପ୍‌ର ଅନ୍ତିମ ଲିଗ୍ ମ୍ୟାଚର ଗୁରୁତ୍ୱ ବଢ଼ିଛି। ଭାରତ ଆସନ୍ତା ୧୯ ତାରିଖରେ ଶେଷ ଗ୍ରୁପ୍ ମ୍ୟାଚରେ ୱେଲ୍ସକୁ ଭେଟିବ। ଏହି ମ୍ୟାଚରେ ବୃହତ୍ ବ୍ୟବଧାନରେ ବିଜୟୀ ହୋଇପାରିଲେ ଯାଇ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିବ। ଗ୍ରୁପ୍‌ର ଦ୍ୱିତୀୟ ଓ ତୃତୀୟ ସ୍ଥାନୀୟ ଦଳ କ୍ରସ୍ ଓଭର ଖେଳିବେ। କ୍ରସ୍ ଓଭରରେ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀକୁ ଭେଟିବାର ଥିବାରୁ ଭାରତ ଗ୍ରୁପ୍‌ରେ ଶୀର୍ଷସ୍ଥାନ ଅଧିକାର କରି ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରୁବୋଲି ଭାରତୀୟ ଦର୍ଶକ ଚାହାନ୍ତି। ଏହାକୁ ସାକାର କରିବା ପାଇଁ ଭାରତୀୟ ଖେଳାଳିମାନେ ମଙ୍ଗଳବାର ଅଭ୍ୟାସ ସମୟରେ କୋଚ୍ ଗ୍ରାହାମ ରିଡ୍‌ଙ୍କ ତତ୍ତ୍ୱାବଧାନରେ ବେଶ୍ କିଛି ସମୟ ଝାଳ ବୁହାଇଛନ୍ତି। ୱେଲ୍ସ ଅପେକ୍ଷାକୃତ ଦୁର୍ବଳ ଦଳ ହୋଇଥିବାରୁ ଭାରତ ବଡ଼ ବ୍ୟବଧାନରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲ ଯୋଗ୍ୟତା ହାସଲ କରିପାରିବ ବୋଲି ହକିପ୍ରେମୀ ଆଶା ରଖିଛନ୍ତି। ଅଧିନାୟକ ହରମନପ୍ରୀତ ସିଂ ମଧ୍ୟ ଆଗାମୀ ମ୍ୟାଚରେ ଦଳର ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଦଳ ଦକ୍ଷତା ଅନୁସାରେ ଖେଳି ବଡ଼ ବ୍ୟବଧାନରେ ଜିତିବାକୁ ଚେଷ୍ଟା କରିବ ବୋଲି ସେ ପ୍ରକାଶ କରିଛନ୍ତି।

## ପେନାଲ୍ଟି କର୍ନରକୁ ନେଇ ଚିନ୍ତା

ଚଳିତ ହକି ବିଶ୍ୱକପ୍‌ରେ ପେନାଲ୍ଟି କର୍ନର କନଭର୍ସନ୍‌କୁ ନେଇ ଭାରତ ଚିନ୍ତାରେ ପଡ଼ିଛି। କାରଣ ୨ଟି ମ୍ୟାଚ ଖେଳିସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ପେନାଲ୍ଟି କର୍ନରରୁ ଗୋଟିଏ ହେଲେ ଗୋଲ ସିଧାସଳଖ କରିପାରିନାହିଁ। ଭାରତ ଏହାର ଶେଷ ଲିଗ୍ ମ୍ୟାଚ ଗୁରୁବାର ୱେଲ୍ସକୁ ଭେଟିବ। ଏହି ମ୍ୟାଚରେ ଦଳ ଟାର୍ଗେଟ ହାସଲ କରିପାରିବ ବୋଲି ପୂର୍ବତନ ଅଧିନାୟକ ତଥା ତାରକା ମିଡ୍‌ଫିଲ୍ଡର ମନପ୍ରୀତ ସିଂ ଆଶା ପ୍ରକାଶ କରିଛନ୍ତି। ପ୍ରଥମ ୨ଟି ମ୍ୟାଚରେ ଭାରତ ମୋଟ ୯ଟି ପେନାଲ୍ଟି କର୍ନର ପାଇଥିଲା। ଏହା ମଧ୍ୟରେ ଇଂଲଣ୍ଡ ବିପକ୍ଷ ମ୍ୟାଚରେ ୪ ପେନାଲ୍ଟି କର୍ନର ସାମିଲ। ସ୍ପେନ୍ ବିପକ୍ଷ ମ୍ୟାଚରେ ଭାରତ ପେନାଲ୍ଟି କର୍ନରରୁ ଗୋଟିଏ ଗୋଲ କରିଥିଲେ ହେଁ ତାହା ସିଧାସଳଖ ହୋଇ ନ ଥିଲା। ଅଧିନାୟକ ହରମନପ୍ରୀତ ସିଂ ମାରିଥିବା ଶଟ୍‌କୁ ସ୍ପେନ୍ ଦଳର ଜଣେ ଡିଫେଣ୍ଡର ରୋକିଥିଲେ। ତାଙ୍କ ଷ୍ଟିକ୍‌ରୁ ବଲ୍ ରିବାଉଣ୍ଡ ହୋଇ ଫେରି ଆସୁଥିବାବେଳେ ଅମିତ ରୋହିଦାସ ଚତୁରତାର ସହ ତାହାକୁ ଗୋଲପୋଷ୍ଟକୁ ପଠାଇବାରେ ସକ୍ଷମ ହୋଇଥିଲେ। "ଆମେ ପେନାଲ୍ଟି କର୍ନର ମିସ୍ କରିଛୁ, ଏଥିରେ ଦ୍ୱିମତ ନାହିଁ, ମାତ୍ର ସମାନ ସ୍ଥିତିରେ ଦେଖିଲେ ପ୍ରତିପକ୍ଷ ଗୋଲକିପର ଚମତ୍କାର ପ୍ରଦର୍ଶନ କରିଛନ୍ତି। ବିଶେଷ କରି ଇଂଲଣ୍ଡ ଗୋଲକିପର ଯେପରି ଡିଫେଣ୍ଡ କଲେ ତାହା ପ୍ରଶଂସନୀୟ ଥିଲା। କେଉଁଠି ଭୁଲ ରହିଗଲା ଆମେ ତାହାକୁ ଅନୁଧ୍ୟାନ କରୁଛୁ" ବୋଲି ମନପ୍ରୀତ ପ୍ରକାଶ କରିଛନ୍ତି। ଇଂଲଣ୍ଡ ଏବଂ ୱେଲ୍ସର ପ୍ଲେଇଂ ଷ୍ଟ୍ରକ୍‌ଚର ପ୍ରାୟତଃ ସମାନ। ତେବେ ଆମେ ୱେଲ୍ସ ବିପକ୍ଷ ମ୍ୟାଚରେ ପେନାଲ୍ଟି କର୍ନରକୁ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି।



ହକି ବିଶ୍ୱକପ୍‌ର କୁନି ପ୍ରଶଂସକ।

## ଜାପାନ ଦଳରୁ ଖେଳିଲେ ୧୨ ଜଣ

**ଭୁବନେଶ୍ୱର, ୧୭।୧ (କ୍ରୀଡ଼ା ପ୍ରତିନିଧି)**

ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାପାନ ବନାମ ଦକ୍ଷିଣ କୋରିଆ ହକି ବିଶ୍ୱକପ୍ ମ୍ୟାଚରେ ଏକ ବିରଳ ଘଟଣା ଦେଖିବାକୁ ମିଳିଥିଲା। ଜାପାନ ୧-୨ ଗୋଲରେ ପଛୁଆ ରହିଥିବାରୁ ମ୍ୟାଚର ଶେଷ ୩ ମିନିଟ ଅଲ୍‌ଆଉଟ ଖେଳିଥିଲା। ଅର୍ଥାତ୍ ଦଳ ଗୋଲକିପରଙ୍କୁ ବାହାର କରି ୧୧ ଜଣ ଯାକ ଖେଳାଳିଙ୍କୁ ଆକ୍ରମଣରେ ଲଗାଇଥିଲା। ମାତ୍ର ଜାପାନର ୧୧ ଖେଳାଳି ପରିବର୍ତ୍ତେ ୧୨ ଖେଳାଳି ପଡ଼ିଆ ମଧ୍ୟରେ ଥିଲେ। ହଠାତ୍ ଏହି ଘଟଣା ମ୍ୟାଚ ପରିଚାଳନା କରୁଥିବା ଅଫିସିଆଲଙ୍କ ନଜରକୁ ଆସି ନ ଥିଲା। ଏହା ଜଣାପଡ଼ିବା ପରେ ଜାପାନ ଦଳକୁ ଏ ସମ୍ପର୍କରେ କୈଫିୟତ ମଗାଯାଇଥିଲା। ଏହା ଅଜାଣତରେ ହୋଇଥିବା ଜାପାନ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇ କ୍ଷମାପ୍ରାର୍ଥନା କରାଯାଇଥିଲା। ଏହାପରେ କୋରିଆ ଦଳକୁ ଏ ସମ୍ପର୍କରେ ଅବଗତ କରାଇଥିଲା ଅନ୍ତର୍ଜାତୀୟ ହକି ଫେଡେରେଶନ। ଏହି ଘଟଣା କିଭଳି ଘଟିଲା ତା' ଉପରେ ତଦନ୍ତ କରାଯାଉଛି ବୋଲି ଏଫ୍‌ଆଇଏଚ୍ ପକ୍ଷରୁ କୁହାଯାଇଛି। ୧୨ ଜଣ ଖେଳାଳି ପଡ଼ିଆରେ ଉପସ୍ଥିତ ଥିଲେ ମଧ୍ୟ ଜାପାନ ଏହି ମ୍ୟାଚରେ ୧-୨ ଗୋଲରେ ହାରି ଯାଇଥିଲା। ତେଣୁ କୋରିଆ ଦଳ ଏହାକୁ ବିଶେଷ ଗୁରୁତ୍ୱ ଦେଇ ନ ଥିଲା।

## କିଟ୍ ଓ କିସ୍ ପରିଦର୍ଶନ କଲେ ୱେଲ୍ସ ହକି ଦଳ

**ଭୁବନେଶ୍ୱର, ୧୭।୧ (ସ୍ପୋର୍ଟ୍ସ ବ୍ୟୁରୋ):** ପୁରୁଷ ହକି ବିଶ୍ୱକପ୍‌ରେ ଭାଗ ନେବାକୁ ଆସିଥିବା ୱେଲ୍ସ ହକି ଦଳ ମଙ୍ଗଳବାର କିଟ୍ ଓ କିସ୍ ପରିଦର୍ଶନ କରିଥିଲେ। କିସ୍‌ରେ ପାଠ ପଢୁଥିବା ୩୦ ହଜାର ଛାତ୍ରୀଛାତ୍ରଙ୍କୁ ଦେଖି ୱେଲ୍ସ ହକି ଦଳର ଖେଳାଳି ଓ ଅଫିସିଆଲ ଅଭିଭୂତ ହୋଇ ପଡିଥିଲେ। ଏତେ ସଂଖ୍ୟକ ଜନଜାତି ପିଲାଙ୍କୁ ମାଗଣାରେ ରହିବା, ଖାଇବା ଓ ସ୍ୱାସ୍ଥ୍ୟସେବା ସହ ବିନା ଦେୟରେ ଶିକ୍ଷା ପ୍ରଦାନ କରାଯାଉଥିବାରୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ପ୍ରଶଂସା କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ହକି ଷ୍ଟାଡିୟମରେ ଖେଳାଳିଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ସମେତ ଭୁବନେଶ୍ୱରର ୫୦ଟି ବିଭିନ୍ନ ସ୍କୁଲର ୧୭ଶହ ଛାତ୍ରୀଛାତ୍ର ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ୱେଲ୍ସ ହକି ଟିମ୍‌ର ଖେଳାଳିମାନେ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ହକି ଖେଳର ବିଭିନ୍ନ କୌଶଳ ଶିଖାଇଥିଲେ। ଏହି କାର୍ଯ୍ୟକ୍ରମରେ କୋଲକାତାସ୍ଥିତ ବ୍ରିଟିଶ ଡେପୁଟି ହାଇକମିଶନର ନିକ ଲୋ, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ଇଣ୍ଟରନ୍ୟାଶନାଲ ରିଲେଶନ୍ସ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ, କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଚେୟାରପର୍ସନ ଡ. ମୋନାଲିସା ବଳ, ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର, କିଟ୍ କ୍ରୀଡା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।





କିଟ୍ ପରିସରରେ ୱେଲ୍ସ ହକି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ତିଲେଇକାନୀ ହକି ଷ୍ଟାଡିୟମକୁ ମିଳିଲା ଏଫ୍‌ଆଇଏଚ୍ ସ୍ୱୀକୃତି

**ସୁନ୍ଦରଗଡ଼, ୧୭।୧ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ତିଲେଇକାନୀ ହକି ଷ୍ଟାଡିୟମକୁ ଏଫ୍‌ଆଇଏଚ୍ ସ୍ୱୀକୃତି ପ୍ରଦାନ କରିଛି। ଏହି ଷ୍ଟାଡିୟମକୁ କାଟାଗୋରୀ-୩ ମାନ୍ୟତା ମିଳିଛି। ୨୦୨୫ ଡିସେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ଏହି ମାନ୍ୟତା ବଳବତ୍ତର ରହିବ ବୋଲି ଜଣାପଡିଛି। ନିଜସ୍ୱ ଜ୍ଞାନ କୌଶଳରେ ନିର୍ମିତ ତିଲେଇକାନୀ ଷ୍ଟାଡିୟମ ଆଗାମୀ ଦିନରେ ହକି ଭିତ୍ତିଭୂମିକୁ ସୁଦୃଢ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶା ପ୍ରକାଶ କରିଛନ୍ତି।

**କଳିଙ୍ଗ କର୍ନର**

## ସନ୍ତାନର ଜନକ ହେଲେ ୱ୍ରିଲେନ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ୍‌ରେ ଜର୍ମାନୀ-ବେଲ୍‌ଜିୟମ ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ଏକଦା ପଛୁଆ ସ୍ଥିତିରେ ରହି ଜର୍ମାନୀ ସଫଳ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ପରେ ବେଲ୍‌ଜିୟମ ମ୍ୟାଚକୁ ବରାବର ସ୍ଥିତିକୁ ଆଣିବାରେ ସକ୍ଷମ ହୋଇଥିଲା। ମ୍ୟାଚର ଏହି ଫଳାଫଳ ଜର୍ମାନୀର ୯ ନମ୍ବର ଖେଳାଳି ନିକ୍ଲାସ ୱ୍ରିଲେନଙ୍କ ପାଇଁ ଡବଲ ଖୁସି ଆଣିଛି। କାରଣ ମ୍ୟାଚ ଚାଲିଥିବା ବେଳେ ସେ ସନ୍ତାନର ଜନକ ହୋଇଛନ୍ତି। ପ୍ରଥମାର୍ଦ୍ଧ ଖେଳ ଶେଷ ହେବା ପରେ ବିରତି ସମୟରେ ୱ୍ରିଲେନଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ଦ୍ୱିତୀୟାର୍ଦ୍ଧରେ ସେ ଦୁଇଗୁଣା ଉତ୍ସାହର ସହିତ ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ଜର୍ମାନୀ ଦଳ ପକ୍ଷରୁ ଗୋଲ ସ୍କୋରର ମଧ୍ୟ ଥିଲେ। ମ୍ୟାଚ୍ ପରେ ଅନୁଷ୍ଠିତ ମିକ୍ସ ଜୋନ୍‌କୁ ସେ ଆସି ନ ଥିଲେ। ଫୋନ୍ ଯୋଗେ ପରିବାରବର୍ଗଙ୍କ ସହିତ କଥା ହେବା ପାଇଁ ଏଫ୍‌ଆଇଏଚ୍ ପକ୍ଷରୁ ତାଙ୍କୁ ଏହି ଅନୁମତି ପ୍ରଦାନ କରାଯାଇଥିଲା।

## ଜାପାନ ସମର୍ଥକ ନିରାଶ



ଚଳିତ ହକି ବିଶ୍ୱକପ୍‌ର କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଦକ୍ଷିଣ କୋରିଆ ବିପକ୍ଷ ମ୍ୟାଚରେ ଜାପାନର ଅନେକ ସମର୍ଥକ ରହିଥିଲେ। ଜାପାନରୁ ଆସିଥିବା ଏକ ଗ୍ରୁପ୍ ମୁହଁକୁ ପତାକା ରଙ୍ଗରେ ଚିତ୍ରିତ କରି, ଜାତୀୟ ପତାକା ସହ ବ୍ୟାନର ଧରି ୱେଷ୍ଟ ଷ୍ଟାଣ୍ଡରେ ମ୍ୟାଚ ଉପଭୋଗ କରିଥିଲେ। ଆରମ୍ଭରୁ ଜାପାନ ଗୋଟିଏ ଗୋଲ କରି ଅଗ୍ରଣୀ ନେଇଥିବାରୁ ସେମାନେ ଉତ୍ସାହିତ ମଧ୍ୟ ହୋଇ ପଡ଼ିଥିଲେ। ମାତ୍ର ତାଙ୍କ ଜାତୀୟ ଦଳ ଅନେକ ସୁଯୋଗ ହାତଛଡ଼ା କରି ମ୍ୟାଚ ହାରିଯିବାରୁ ସେମାନେ ଶେଷରେ ନିରାଶ ମନରେ ଷ୍ଟାଡିୟମ ଛାଡ଼ିଥିଲେ। ତେବେ ଷ୍ଟାଡିୟମର ପରିବେଶ ଏବଂ ଉପଲବ୍ଧ ଭିତ୍ତିଭୂମି ଦେଖି ସେମାନେ ଖୁସିବ୍ୟକ୍ତ କରିଥିଲେ।


**OFFICE OF THE NOTIFIED AREA COUNCIL, ATHMALLIK**

**Expression of Interest (EOI)**

**For Management of Ward Offices by Mission Shakti SHG During the Year 2023-24**

No. 89 Date: 16.01.2023

No. C-2293: In pursuance to EOI No. 3161 Dt.05.12.2022 an Expression of Interest (EOI) was invited for managing Ward Offices in all the wards under Athmallik NAC during the year 2023-24. As per the Letter No. 22023 / Dt.23.12.2022 & No. 1106 / Dt.13.01.2023 of H&U.D. Department, Odisha, Bhubaneswar have decided to extend the last date so that more numbers of applications could be received and the revised timeline the sealed Expression of Interest (EOI) should be submitted to the address of Athmallik NAC on or before Date: 31.01.2023, Time: 05.00 P.M. The technical bid will be opened on 01.02.2023 at 11.00 A.M. in the of the undersigned of the NAC Athmallik. The sealed envelope should be superscripted with **"EOI for Management of Ward Offices by Mission Shakti SHGs, 2023-24"**. The detailed terms and conditions of the Expression of Interest is available in website.

**http://www.Athmallik NAC & Angul.nic.in.**

**Sd./- Executive Officer, N.A.C., Athmallik**

OIPR-13161/11/0022/2223



**OFFICE OF THE PURI MUNICIPALITY, PURI**

Letter No.466, Dated: 16.01.23

Mail ID:purim.hud@nic.in, purim.hud@gmail.com

**2nd Corrigendum**

**Expression of Interest (EOI) for Management of Ward Offices by Mission Shakti SHG During the year 2023-24**

**No.C-2300:** Puri Municipality was inviting Expression of Interest (EOI) in sealed cover from interested Mission Shakti SHGs for engagement in different wards as Ward Management Group vide Notice No.15982, Dt.27.12.2022. The last date of submission of application was 16.01.2023. However, Govt. in H&UD. Deptt. has extended the timeline for submission of application upto 31.01.2023. In view of above, Puri Municipality extending the last date of submission of applications by CBOs upto 31.01.2023.
All other terms & conditions mentioned in the previous bid notice shall remain unchanged.

**Sd./- Executive Officer, Puri Municipality, Puri**

OIPR-13159/11/0044/2223



**OFFICE OF THE DIVISIONAL FOREST OFFICER ATHMALLIK KENDU LEAVES DIVISION, ATHMALLIK**

AT/PO- ATHMALLIK, DIST- ANGUL, PIN-759125, CONTACT NO. 8280342716

Email- dfo.kl.alk@gmail.com

**NOTICE NO. 01 OF 2022-23 DATED. 17.01.2023**

**No.MM-423:**Corrigendum to tender notice no. 01 of 2022-23 dated 30.12.2022 relating to last date for submission of tender application forms and opening of technical bids for Construction of Permanent Phadies.

1. The last date of submission of tender application form:-18.01.2023 at 4.00PM
2. Date of opening of technical bids: 19.01.2023 at 4.30PM

**Sd./- Divisional Forest Officer Athmallik (KL) Division**

OIPR-08155/11/0001/2223



**OFFICE OF THE CHIEF ENGINEER MEGA LIFT, BHUBANESWAR**

Plot No.A8/2, Bhoinagar, Bhubaneswar, Odisha, PIN-751022

E-mail:cemlpwr.od@gmail.com

**Government of Odisha "e" Procurement Notice**

**Bid Identification No.9ML/2022-23**

**No.A-1032:**The Chief Engineer, Megalift on behalf of the Governor of Odisha invites online tender through "E" procurement for the works as detailed in the Annexure to this bid notice.

**ANNEXURE TO BID NOTICE**

| | |
|---|---|
| **Name of the work** | Appointment of Proof Engineering Consultant (PEC) for implementation of Mega Lift projects in Cluster No. XX |
| **Cost of Tender Paper** | Rs. 10,000/-+GST 18% (Non- Refundable; |
| **EMD/Bid Security** | Rs. 1,88,850/- |
| **Mode of payment of tender paper Cost & EMD** | Online |
| **Period of Completion:** | 36(Thirty-Six) Calendar months |
| **Availability of Bid document for sale and receipt through on-line** | From dt.19.01.2023, 10.00 A.M, to dt.17.02.2023, up to 5.00 P.M. |
| **Last date / time of receipt of bid in the portal** | 17.02.2023 ( 5.00PM) |
| **Date of Pre-bid Conference** | 31.01.2023, 11.00AM |
| **Date of opening of Techno-Commercial bid through online** | On dt. 20.02.2023 at 11.00 A.M in the Office of the Chief Engineer, Megalift. |
| **Class of Contractor** | The bidder should be registered under the Companies Act, 1956 |
| **Digital Signature Certificate of Bidder** | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR website https:/dowrodisha.gov.in | |
| **Name & Address of the OIT** | Chief Engineer, Megalift Plot No. A-8/2, Bhoi Nagar, Bhubaneswar-751022 Ph. No -0674-2567252, Email ID: cemlpwr.od@gmail.com |
| Further details can be seen from the e-Procurement market place. **https://tendersodisha.gov.in** | |

**Sd./- Chief Engineer, Megalift, Bhubaneswar**

OIPR-32301/11/0016/2223



GOVERNMENT OF ODISHA

**OFFICE OF THE SUPERINTENDING ENGINEER MINOR IRRIGATION DIVISION, KEONJHAR**

**NOTICE INVITING TENDER e-Procurement**

**Bid ID No. 08 SEMID (KJR/ 2022-2023) Dt. 09.01.2023**

**No.A-1034:**The Superintending Engineer, Minor Irrigation Division, Keonjhar on behalf of the Governor of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of Work | Civil Construction Works |
| No. of Works | 6 (Six) Nos. |
| Estimated Cost | Rs. 397.48 Lakhs |
| Tender Paper Cost | Mentioned in Column No. 6 of Tender Call Notice |
| Period of Completion | 06 (Six) calendar months |
| Availability of Bid Documents | From 18.01.2023 to 30.01.2023 during office hours in Website (www.tenderorissa.gov.in) |
| Period of receipt of Bid through online | From 18.01.2023 to 30.01.2023 through online. |
| Date of Opening of Technical Bid Documents | At 11.00 A.M. on 31.01.2023 in the office chamber of the Superintending Engineer, M.I. Division, Keonjhar |
| Date of Opening of Financial Bid Documents | At 11.00 A.M. on 04.02.2023 in the office chamber of the Superintending Engineer, M.I. Division, Keonjhar |
| Date of Lottery | At 11.00 A.M. on 09.02.2023 in the office chamber of the Superintending Engineer, M.I. Division, Keonjhar |
| Digital Signature Certificate of Bidder | The bidder must possess compatible Digital Signature Certificate (DSC) of Class-II or Class-III |
| Name and Address of the OIT | Superintending Engineer, M.I. Division, Keonjhar Near Parkline Keonjhar, At/PO-Keonjhar, Dist-Keonjhar, Pin-758001. E-Mail ID-eemikjr@yahoo.co.in |

**Further details can be seen from the website: www.tendersorissa.gov.in**

**(Er. Sudhansu Sekhar Sahoo)**
**Superintending Engineer, M.I.Division, Keonjhar**



**ପୌରପରିଷଦ, ଜୟପୁର**
**MUNICIPAL COUNCIL,JEYPORE**

Main Road, Jeypore, Dist-Koraput, Odisha,
Phone No.06854-231098, e-Mail:ulbjeypore@gmail.com

Letter No.236/JM Dated 17 January 2023

**ADDENDUM TO EOI FOR MANAGEMENT OF WARD OFFICES BY MISSION SHAKTI SHGS**

**No.C-2282:**In continuation to this office EOI No. 7583, Dated 22.12.2022 and in pursuant to Letter No. 1106, Dated 13.01.2023 of H & U.D. Department the last for submission of application by Community Based Organisation (CBOs) for selection of ward Office Management is hereby extended upto 31.01.2023.Other terms and conditions as available in www.jeyporemunicipality.in remain unchaged.

**Sd./- Executive Officer, Jeypore Municipality**

OIPR-13079/11/0083/2223



**OFFICE OF THE NOTIFIED AREA COUNCIL, BANKI**

No. 82 Date: 16.01.2023

**CORRIGENDUM NOTICE**

No. C-2295: As per this office quotation No. 09 on Dt.03.01.2023 regarding supplying of 34 Nos. of Branded ladies Bicycle of BSA/AVON/HERO make with standard specifications along with Carrier, Chain Cover and Basket has been extended till date 18.01.2023 upto 5.00 P.M. and the same will open at 11.30 A.M. on Dt.19.01.2023.
All other terms and conditions given remain unchanged.

**Sd./- Executive Officer, NAC, Banki**

OIPR-13153/11/0007/2223



GOVERNMENT OF ODISHA

**OFFICE OF THE ENGINEER-IN-CHIEF (CIVIL) ODISHA, BHUBANESWAR**

**"e"-PROCUREMENT NOTICE**
**WORKS DEPARTMENT**

E-mail: ceroads.bbsr@gmail.com

**RFP Identification No. CE-DPI & R - 06/2022-23**

**No.B-1137:**1.The Chief Engineer, D.P.I. & Roads, Odisha (Authority) on behalf of the Works Department, Govt. of Odisha is engaged in the Development of State Roads and Highways in Odisha and as part of this endeavour, Govt. of Odisha has decided to undertake the following "Projects" under EPC Contract (Engineering, Procurement and Construction) basis, and has decided to carry out the bid process for selection of the parties/ Joint Ventures to whom the Project may be awarded eventually.

2. Nature of project : Road work
3. No. of project : 1 No.
4. Tender Paper cost : Rs. 10,000.00
5. Class of Contractor : Superclass
6. Available of bid document in the website : From 10.00 A.M. of 21.01.2023 to 4.00 PM of 21.02.2023
7. Date of Pre-Application conference : 30.01.2023 at 12.30 P.M.
8. Date of opening of Bid : Dt.21.02.2023 at 4.30 P.M.
9. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum/ cancellation of tender can also be seen in the said website.

Sd./-
OIPR-34111/11/0080/2223 Chief Engineer (DPI & Roads), Odisha



**OFFICE OF THE PURI MUNICIPALITY, PURI**

No. 409 Dt.13.01.2023

**NOTICE INVITING TENDER**

No. C-2290: Sealed tender in conformity with the detailed tender call notice are invited from registered contractors of P.W.D./R.D./Water Resources/PHED of Odisha Govt./Puri Municipality for execution of the under mentioned work so as to reach the Executive Officer, Puri Municipality through Registered Post/Speed Post only upto 05 P.M. on 07.02.2023. The tender documents are to be obtained from Puri Municipality on deposit of the non-refundable cost of tender documents in shape of A/C Payee Bankers Cheque/Bank Draft in favour of Executive Officer, Puri Municipality, Puri upto 04 P.M. on 06.02.2023. The tender will be opened at 11.00 A.M. on 08.02.2023 in presence of bidder or their authorized representative who may be present at the time of opening of the tender. Puri Municipality will in no way be responsible for any delay in respect of the tender document.
The detailed tender call notice may be seen in the website **www.purimunicipality.nic.in.**

**Sd./- Executive Officer Puri Municipality, Puri**

OIPR-13159/11/0045/2223


ମହାନଦୀ ଗର୍ଭରେ ଥିବା ମା' ଲଙ୍କେଶ୍ୱରୀଙ୍କ ମନ୍ଦିର।


ଟେରାକୋଟା ହନୁମାନ।

## ନୂତନ ଉତ୍ସାହ ଭରି ଦେଇଛି ଲୋକ ଉତ୍ସବ

କରୋନା ମହାମାରୀ ପାଇଁ ଦୁଇ ବର୍ଷ ଧରି ଉତ୍ସବ ଆୟୋଜନ ବନ୍ଦ ଥିଲା। ପାରମ୍ପରିକ ଲୋକ କଳାକାର ଓ ମଞ୍ଚ କଳାକାରମାନେ ଦୁର୍ଦ୍ଦିନରେ ଥିଲେ। ସ୍ଥିତି ସ୍ୱାଭାବିକ ହେବା ପରେ ସହର ଓ ଗ୍ରାମାଞ୍ଚଳରେ ପୁଣି ଉତ୍ସବ ଆୟୋଜନ ହେଉଛି। ସୁବର୍ଣ୍ଣ ଲୋକ ମହୋତ୍ସବ ନୂତନ ଉତ୍ସାହ ଭରି ଦେଇଛି ବୋଲି ସୁବର୍ଣ୍ଣପୁର ଜିଲା କଳା ସଂସ୍କୃତି ସଂଘର ଉପାଧ୍ୟକ୍ଷ ମାନଭଞ୍ଜନ ମିଶ୍ର କହିଛନ୍ତି ।




# ସୁବର୍ଣ୍ଣପୁର ଓଡ଼ିଆ ଭାଷା, ଲିପିର ଅନ୍ତୁଡ଼ିଶାଳ


ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀ।

ଓଡ଼ିଆ ଭାଷା ଓ ସଂସ୍କୃତିକୁ ସୁବର୍ଣ୍ଣପୁର ରାଜ ଦରବାରର ବହୁତ ବଡ ଅବଦାନ ରହିଛି। ଏହି ମାଟିର ଶାସକ ମହାରାଜା ବୀର ମିତ୍ରୋଦୟ ସିଂହଦେଓ ସଂସ୍କୃତ, ଓଡ଼ିଆ, ବଙ୍ଗଳା ଓ ଇଂଲିଶ ଭାଷାରେ ଲିଖିତ ଶତାଧିକ ପୁସ୍ତକ ପ୍ରକାଶନ କରି ଭାଷା ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି। ତାଙ୍କ ପୃଷ୍ଠପୋଷକତାରେ ପ୍ରଥମ କରି ୧୯୧୯ରେ କଲିକତା ବିଶ୍ୱ ବିଦ୍ୟାଳୟରେ ଓଡିଆ ଏମ.ଏ ଶ୍ରେଣୀ ଖୋଲିଥିଲା। ଓଡ଼ିଆ ଭାଷାକୁ ସେ ସର୍ବଭାରତୀୟ ସ୍ତରରେ ପରିଚିତ କରାଇ ଥିଲେ। ସେହିଭଳି ରେଭେନ୍ସା କଲେଜରେ ଇଂଲିଶ ଏମ.ଏ ଶ୍ରେଣୀ ଖୋଲି ଓଡିଶାରେ ଇଂଲିଶ ଉଚ୍ଚ ଶିକ୍ଷାର ପ୍ରସାର କରାଇପାରିଛନ୍ତି। ତେଣୁ ସୁବର୍ଣ୍ଣପୁରକୁ ଓଡ଼ିଆ ଭାଷା ଓ ଲିପିର ଅନ୍ତୁଡିଶାଳ ବୋଲି କୁହାଯାଇଥାଏ।

### ୨୯ ବର୍ଷର ମହୋତ୍ସବ

ସୁବର୍ଣ୍ଣପୁର ହେଉଛି କଳା, ସାହିତ୍ୟ ଓ ସଂସ୍କୃତିର ପ୍ରାଣକେନ୍ଦ୍ର। ଏହା ଏକ ପ୍ରାଚୀନ ଗୌରବୋଜ୍ଜ୍ୱଳ ସଭ୍ୟତା, ସଂସ୍କୃତିର ବାହକ। ଆଜିବି ତାର ସ୍ୱାକ୍ଷର ରହିଛି ବିନିକା ପାପକ୍ଷୟ ଘାଟ ନିକଟବର୍ତ୍ତୀ ତାରାପୁରଗଡ, ଚନ୍ଦଲିପାଟସ୍ଥ ପୂଜାଡୁଙ୍ଗୁରିର ପ୍ରସିଦ୍ଧ ଶିଳାଚିତ୍ର, ଯଉଁରାଭଉଁରା ନିକଟବର୍ତ୍ତୀ ଗୁମ୍ଫାରେ ଦୃଷ୍ଟିଗୋଚର ପ୍ରାଚୀନ ଶିଳାଖଣ୍ଡ ମଧ୍ୟରେ। ଅତୀତରେ ଏହା ସୋମବଂଶୀ, ତେଲଗୁଚୋଡ, କଳଚୁରୀ, ଗଙ୍ଗ, ଭଞ୍ଜ ଓ ଚୌହାଣ ବଂଶୀୟ ରାଜାମାନଙ୍କ ରାଜଧାନୀ ଭାବରେ ପ୍ରସିଦ୍ଧି ଅର୍ଜନ କରିଥିଲା। ଅଷ୍ଟମ ଶତାବ୍ଦୀରେ ଏହି ମାଟିର ରାଜବଧୂ ଭଗବତୀ ଲକ୍ଷ୍ମୀଙ୍କରାଙ୍କର ପ୍ରବର୍ତ୍ତିତ ସହଜଯାନ ତିବ୍ବତ, ନେପାଳ, ସିକିମ ଓ ମଙ୍ଗୋଲିଆ ପ୍ରଭୃତି ସ୍ଥାନକୁ ସମ୍ପ୍ରସାରିତ ହୋଇ ଲାମାଧର୍ମରେ ରୂପାନ୍ତରିତ ହୋଇଥିଲା। ସ୍ୱତନ୍ତ୍ର ଜିଲା ଗଠନ ପରେ ଏଠାରେ ଲୋକ ମହୋତ୍ସବ ପାଲଟିଛି ଲୋକକଳା, ସାହିତ୍ୟ ଓ ସଂସ୍କୃତିର ମିଳନ କ୍ଷେତ୍ର। ଏହି ମହୋତ୍ସବ ଚଳିତ ଥର ୨୯ ବର୍ଷରେ ପଦାର୍ପଣ କରିଛି। ଅତୀତକୁ ମନେ ପକାଇବା ସହିତ ଐତିହ୍ୟକୁ ସାଉଁଟି ଆଣିବାରେ ପ୍ରଶାସନ, ଜିଲା ସଂସ୍କୃତି ପରିଷଦ ଓ ଜନସାଧାରଣ ଉଦ୍ୟମ କରି ଆସୁଛନ୍ତି। ବହୁରଙ୍ଗ ସଂସ୍କୃତିରେ ନଦୀ, ନାଳ ପରିବେଷ୍ଟିତ ଏହି ଜିଲା ଯେତିକି ସମୃଦ୍ଧ ଏହାର ଇତିହାସ ମଧ୍ୟ ସେତିକି ସ୍ୱର୍ଣ୍ଣିମ। ଏଠାରେ ମନ୍ତ୍ର, ଯନ୍ତ୍ର ଓ ତନ୍ତ୍ର ଖ୍ୟାତ। ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀ। ମହର୍ଷି ଜାମଦଗ୍ନ୍ୟ ଏଠାରେ ଯଜ୍ଞ କରିଥିବାରୁ ସ୍ଥାନଟିକୁ ପର୍ଶୁରାମଙ୍କ ଭୂମି ବୋଲି କୁହାଯାଏ। ସେହିପରି ଇଷ୍ଟଦେବତା ସୁବର୍ଣ୍ଣମେରୁଙ୍କ ଆବିର୍ଭାବ ସମୟରେ ଏଠାରେ ଅଢେଇ ଦଣ୍ଡ ସୁବର୍ଣ୍ଣ ବୃଷ୍ଟି ହୋଇଥିବା ଜନଶ୍ରୁତି ରହିଛି। ବୌଦ୍ଧ ଧର୍ମର ବଜ୍ରଯାନ ଓ ସହଜଯାନର ପ୍ରତିଷ୍ଠାତା ଇନ୍ଦ୍ରଭୂତି ଓ ଲକ୍ଷ୍ମୀଙ୍କରାଙ୍କ ସାଧନାସ୍ଥଳ ହେଉଛି ସୁବର୍ଣ୍ଣପୁର। ଏଗୁଡିକର ବିକାଶ ହୋଇପାରିଲେ ଜିଲା ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ହାସଲ କରିପାରନ୍ତା।

## ପାରମ୍ପରିକ ଲୋକକଳାକୁ ମିଳୁଛି ପ୍ରୋତ୍ସାହନ

ଓଡ଼ିଶାର ପ୍ରାଚୀନ ପର୍ଯ୍ୟଟନ କ୍ଷେତ୍ରଗୁଡିକ ମଧ୍ୟରେ ସୁବର୍ଣ୍ଣପୁର ଏକ ପ୍ରସିଦ୍ଧ ତୀର୍ଥଭୂମି। ଆଲ୍ଲାହାବାଦସ୍ଥ ପ୍ରୟାଗ ତୀର୍ଥରେ ଗଙ୍ଗା-ଯମୁନା-ସରସ୍ୱତୀଙ୍କ ଭଳି ଏଠାରେ ମଧ୍ୟ ମହାନଦୀ-ତେଲନଦୀ ଓ କର୍ପୂର ନଦୀର ତ୍ରିବେଣୀ ସଙ୍ଗମ ଘଟିଛି। ଏହା ଏକ ଆଧ୍ୟାତ୍ମିକ ପୀଠସ୍ଥଳୀ। ବହୁ ପୂର୍ବରୁ ଏଠାରେ ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ଓ ମହିମା ସଂସ୍କୃତିର ବିକାଶ ଘଟିଥିଲା। ଏଥିପାଇଁ ଏହାକୁ ଦ୍ୱିତୀୟ ବାରାଣସୀ, ଭାରତର ଦ୍ୱିତୀୟ ପ୍ରୟାଗ କ୍ଷେତ୍ର ଭାବରେ ଅଭିହିତ କରାଯାଏ। ସୁବର୍ଣ୍ଣପୁର ଏକ ପ୍ରାକୃତିକ ଗଡ ତଥା ଦୁର୍ଗ ହୋଇଥିବାରୁ ଏଠାରେ କୋସଳର ରାଜଧାନୀ ପ୍ରତିଷ୍ଠିତ ହେବା ସହିତ ଭଞ୍ଜ ଓ ଚୌହାଣ ଶାସନକୁ ସମୃଦ୍ଧ କରି ପାରିଥିଲା। ସେହିପରି ଏହା ଅଷ୍ଟମକାର ସହର ଭାବେ ପ୍ରସିଦ୍ଧ ହେବା ସହିତ ଅଷ୍ଟଶମ୍ଭୁ, ଅଷ୍ଟବିଷ୍ଣୁ, ଅଷ୍ଟଚଣ୍ଡୀ ତଥା ଅଷ୍ଟ ହନୁମାନଙ୍କ ଉପାସନା କେନ୍ଦ୍ର ଭାବରେ ପରିଗଣିତ। ଏଠାକାର ଭାଦ୍ରବ ଅମାବାସ୍ୟାର ଲଙ୍କାପୋଡି ପର୍ବ, ଆଶ୍ୱିନ ମାସର ବଳି ଯାତ୍ରା, ପଟ୍ଟଚିତ୍ର, ଗଞ୍ଜପା ଓ ପାଟଶାଢ଼ି ବିଶ୍ୱବିଦିତ।


ସୋନପୁର ବ୍ଲକର ଖଲିଆପାଲିଠାରେ ଥିବା ଭୀମଭୋଇଙ୍କ ସିଦ୍ଧି ଓ ସାଧନା ପୀଠ।





ମୃତ୍ତିକା ହସ୍ତଶିଳ୍ପ।

## ଏହି ମାଟିରେ ୧୪୪ ବର୍ଷ ପାତାଳି ହୋଇଥିଲେ ଶ୍ରୀଜଗନ୍ନାଥ

ଏହି ମାଟିରେ ପ୍ରଭୁ ଶ୍ରୀଜଗନ୍ନାଥ ୧୪୪ ବର୍ଷ ଧରି ପାତାଳି ହୋଇଥିଲେ। କୋଟସମଲାଇର ତ୍ରିକୂଟ ପାହାଡ ଜଗତର ନାଥ ଜଗନ୍ନାଥଙ୍କ ଗୁପ୍ତ ଲୀଳାକ୍ଷେତ୍ର ପାଲଟିଥିଲା। ସନ୍ଥ କବି ଭୀମ ଭୋଇ ଓ ବୈଷ୍ଣବ କବି ଚନ୍ଦ୍ରମଣି ଦାସ ଏ ମାଟିର ଦୁଇ ଜଣ ବରପୁତ୍ର। ଶୀତଳ ଷଷ୍ଠୀରେ ପୂଜା ପାଉଥିବା ୧୦୮ ଭରି ବିଶିଷ୍ଟ ସ୍ୱର୍ଣ୍ଣରେ ନିର୍ମିତ ସୁବର୍ଣ୍ଣ ନାଗ ହିଁ ସୁବର୍ଣ୍ଣପୁରକୁ ସୁବର୍ଣ୍ଣର ସହର ଭାବରେ ପ୍ରତିପାଦିତ କରିଥାଏ। ଜିଲାର କୁଶଳୀ ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ସୂକ୍ଷ୍ମ କାରୁକାର୍ଯ୍ୟ ଭରା ପାଟଶାଢ଼ି ଓ ଅନ୍ୟାନ୍ୟ ସାମଗ୍ରୀ ବିଶ୍ୱରେ ପରିଚିତ। ଏହି ପରମ୍ପରାଗତ ବୁଣା ଶୈଳୀ କେଉଁ ପୁରାତନ ଯୁଗରୁ ଚାଲି ଆସୁଛି। ପିଢ଼ି ପରେ ପିଢ଼ି ଏହି କଳାକୁ ଏ ପର୍ଯ୍ୟନ୍ତ ବୁଣାକାରମାନେ ବଞ୍ଚାଇ ରଖିଛନ୍ତି । ଯାହା ଏହି ଜିଲା ପାଇଁ ଗୌରବର ବିଷୟ । କଳା ମୁଗ ଓ ଧାନ ଚାଷରେ ଏହି ଜିଲା ସାରା ଦେଶରେ ନାଁ କରିଛି । ଜିଲାର ଦୁଇ ଜଣ ମହିଳା ଚାଷୀ କୃଷି କର୍ମଣ ପୁରସ୍କାର ପାଇଛନ୍ତି । ସେହିପରି ରୁପା ତାରକସୀ ଅଳଙ୍କାର ସବୁର ନିର୍ମାଣ ସ୍ଥଳୀ ଥିଲା ଜିଲାର ତରଭା ଅଞ୍ଚଳ। ଜିଲାର ଗ୍ରାମ୍ୟ ବୈଭବ ମୁଖ୍ୟତଃ ପାଟଶାଢ଼ି, ଟେରାକୋଟା, ପିତ୍ତଳରେ ନିର୍ମିତ କାରୁକାର୍ଯ୍ୟ, ବାଉଁଶ, ମାଟିରେ ନିର୍ମିତ କାରୁକାର୍ଯ୍ୟ ଓ କୁଟୀର ଶିଳ୍ପ ଜନସାଧାରଣଙ୍କ ନିମନ୍ତେ ମୁଖ୍ୟ ଆକର୍ଷଣ ହୋଇଥାଏ। ମହୋତ୍ସବ ଅବସରରେ ଆୟୋଜିତ ପଲ୍ଲିଶ୍ରୀ ମେଳା, ଜିଲା ଉନ୍ନୟନ ପ୍ରଦର୍ଶନୀ, ସାନ୍ଧ୍ୟକାଳୀନ ସାଂସ୍କୃତିକ ସଭା ଓ ନୃତ୍ୟ କଳା ପ୍ରଦର୍ଶନ ଜନସାଧାରଣଙ୍କୁ ଆକୃଷ୍ଟ କରେ। ଏହି ପାଞ୍ଚଦିନିଆ ମହୋତ୍ସବ ଦ୍ୱାରା ଲୁପ୍ତପ୍ରାୟ ଲୋକକଳା, ଲୋକଗୀତ ଓ ସଂସ୍କୃତିର ପୁନର୍ବିନ୍ୟାସ ହୋଇପାରୁଛି। ପାରମ୍ପରିକ ଲୋକକଳାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବାରେ ମହୋତ୍ସବ ଏକ ମାଧ୍ୟମ ହୋଇଛି।

ଉପସ୍ଥାପନା: ମୃତ୍ୟୁଞ୍ଜୟ ଶତପଥୀ, ସୋନପୁର

**ସୁବର୍ଣ୍ଣ ଲୋକ ମହୋତ୍ସବ -୨୦୨୩**

**COLLECTORATE, SUBARNAPUR**
**(DISTRICT CHILD PROTECTION UNIT)**

**ଆପଣ କୌଣସି ଏକ ଶିଶୁକୁ ପୋଷ୍ୟ ସନ୍ତାନ କରିବାକୁ ଚାହୁଁଛନ୍ତି କି କିମ୍ବା ସ୍ୱଳ୍ପ ସମୟ ପାଇଁ ଶିଶୁକୁ ପୋଷ୍ୟ ଯତ୍ନ ଦେବାକୁ ଚାହୁଁଛନ୍ତି କି ?**
**ପ୍ରତ୍ୟେକ ଶିଶୁ ପରିବାର ଚାହାନ୍ତି, ଆପଣ ସେହି ପରିବାର ମଧ୍ୟରୁ ଜଣେ ହେବେ କି?**
**"ଆସନ୍ତୁ, ସାହାଯ୍ୟର ହାତ ବଢ଼ାନ୍ତୁ- ଫୋଷ୍ଟର କେୟାର / ପ୍ରତିପାଳନ ଯତ୍ନରେ ସାମିଲ ହୁଅନ୍ତୁ ।"**

**ଫୋଷ୍ଟର କେୟାର କ'ଣ?**
- ଫୋଷ୍ଟର କେୟାର କହିଲେ ଶିଶୁର ଜନ୍ମିତ ପରିବାର ବ୍ୟତୀତ ଅନ୍ୟ ପରିବାରରେ ଶିଶୁ ଯତ୍ନର ବିକଳ୍ପ ବ୍ୟବସ୍ଥା ଯାହା ଶିଶୁ ମଙ୍ଗଳ କମିଟି ଦ୍ୱାରା ମନୋନୀତ ଏବଂ ଯୋଗ୍ୟ ହୋଇଥିବ।

**କେଉଁମାନେ ଫୋଷ୍ଟର କେୟାରରେ ରହିପାରିବେ ?**
- ୬ରୁ ୮ ବର୍ଷର ଶିଶୁମାନେ, ଯେଉଁମାନେ ଶିଶୁ ମଙ୍ଗଳ କମିଟି ଦ୍ୱାରା ଆଇନଗତ ମୁକ୍ତ ଘୋଷିତ ହୋଇ ୨ ବର୍ଷ ପର୍ଯ୍ୟନ୍ତ ପୋଷ୍ୟ ସନ୍ତାନ ଭାବରେ ଯାଇନାହାନ୍ତି।
- ଯାହାର ବାପା, ମା' କିମ୍ବା କୌଣସି ଜଣେ ଜେଲରେ ଅଛନ୍ତି ।

**ପ୍ରତିପାଳନ ଯତ୍ନ ପାଇଁ ପିତା-ମାତାଙ୍କ ଯୋଗ୍ୟତା**
- ଉଭୟ ପତି-ପତ୍ନୀ ସମାନ ସନ୍ତାନକୁ ପ୍ରତିପୋଷଣ କରିବାକୁ ଇଚ୍ଛୁକ ଥିବେ। ଉଭୟ ପତି-ପତ୍ନୀଙ୍କୁ ୩୫ ବର୍ଷରୁ ଅଧିକ ହୋଇଥିବ ଏବଂ ଭଲ ଶାରୀରିକ, ମାନସିକ ସ୍ୱାସ୍ଥ୍ୟ ଥିବ ।
- ପରିବାରର ଆୟ ନିଜେ ଚଳିବା ସହିତ ଶିଶୁର ଆବଶ୍ୟକତା ପୂରଣ କରିପାରୁଥିବ ।

**'ଶିଶୁ ସୁରକ୍ଷା ଭବିଷ୍ୟତ ରକ୍ଷା'**

ଶ୍ରୀ ଚତୁର୍ଭୁଜ ଦାଶ
ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ
ସୁବର୍ଣ୍ଣପୁର

ଶ୍ରୀମତୀ ଅବୋଲି ସୁନିଲ ନରୱଣେ
ଜିଲ୍ଲାପାଳ ତଥା ଅଧ୍ୟକ୍ଷା
ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ସୁବର୍ଣ୍ଣପୁର

**ଶୁଭେଚ୍ଛା ବାର୍ତ୍ତା**

**"ସୁବର୍ଣ୍ଣଲୋକ" ଲୋକ ମହୋତ୍ସବ ୨୦୨୩**

ଉପଲକ୍ଷେ ଜିଲ୍ଲାର ସମସ୍ତ ଛାତ୍ର/ଛାତ୍ରୀ, ଅଭିଭାବକ/ ଅଭିଭାବିକା, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଶିକ୍ଷକ/ଶିକ୍ଷୟିତ୍ରୀ ଓ ବିଭାଗୀୟ ଅଧିକାରୀ/ କର୍ମକର୍ତ୍ତାମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ବିଦ୍ୟାଳୟ ଭିତ୍ତିଭୂମି ସୁଦୃଢୀକରଣ ଓ ଛାତ୍ରଛାତ୍ରୀମାନଙ୍କ ଶୈକ୍ଷିକ ଅଭିବୃଦ୍ଧି ନିମନ୍ତେ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଯଥା- ଉଚ୍ଚବିଦ୍ୟାଳୟ ରୂପାନ୍ତରୀକରଣ, ଶିଶୁ କୈନ୍ଦ୍ରିକ ଶିକ୍ଷାର ସଫଳ ରୂପାୟନ, ମହାମାରୀ କୋଭିଡ ଦ୍ୱାରା କ୍ଷତିଗ୍ରସ୍ତ ସମସ୍ତ ପିଲାଙ୍କ ପାଇଁ "ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମ" ଓ ଗୋଷ୍ଠୀ ସମ୍ପୃକ୍ତି ଓ ସଫଳ ରୂପାୟନ ପାଇଁ ଆପଣମାନଙ୍କ ସହଯୋଗ ଏକାନ୍ତ କାମ୍ୟ । ଏହାକୁ ଜିଲ୍ଲାର ପ୍ରତି ପିଲାଙ୍କ ପାଖକୁ ପହଞ୍ଚାଇବାରେ ମା' ସୁରେଶ୍ୱରୀ ସହାୟକ ହୁଅନ୍ତୁ ।

ସ୍ୱା./-ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର

**ପ୍ରଗତି ପଥେ**

**ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି**
**ଜି.- ସୁବର୍ଣ୍ଣପୁର, ପିନ୍-୭୬୭୦୨୩**

**ସୁବର୍ଣ୍ଣ ଲୋକ ମହୋତ୍ସବ-୨୦୨୩ ଅବସରରେ ଉପଖଣ୍ଡସ୍ଥ ସମସ୍ତ ଚାଷୀ ଭାଇଭଉଣୀମାନଙ୍କୁ ଅନେକ ଶୁଭେଚ୍ଛା ଓ ଶୁଭକାମନା ।**

ସୁବର୍ଣ୍ଣପୁର ଜିଲ୍ଲାର ୪ ଗୋଟି ବ୍ଲକ୍‌କୁ ନେଇ ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି ତା'ର ପୂର୍ଣ୍ଣାଙ୍ଗ କ୍ଷମତା ସ୍ୱ ୧୯୭୭ଠାରୁ ସୁଚାରୁରୂପେ ପାଳନ କରିଆସୁଅଛି। ହୀରାକୁଦ ଅବବାହିକାର ସୋନପୁର ଜିଲ୍ଲାର ୨ ଗୋଟି ବ୍ଲକ୍ ଯଥା ଡୁଙ୍ଗୁରିପାଲି ଓ ବିନିକା ବ୍ଲକ୍‌ରେ ଧାନ ଏକ ମୁଖ୍ୟ ଚାଷ। ଏଣୁ ପ୍ରତ୍ୟେକ ଚାଷୀ ତାଙ୍କର ଉତ୍ପାଦିତ ଧାନ ଓ ଅନ୍ୟାନ୍ୟ ଫସଲ ସୁଚାରୁରୂପେ ବିକ୍ରିବଟା କରି ଉଚିତ ମୂଲ୍ୟ ପାଇବା ପାଇଁ ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି ସବୁବେଳେ ଚେଷ୍ଟିତ ଯେ ଏପରିକି ଚାଷୀ ହସିଲେ-ଦୁନିଆ ହସିବ ହିସାବରେ ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି ଏକ ମୁଖ୍ୟ ବଜାର ଓ ୧୦ ଗୋଟି ଉପବଜାର ପ୍ରାଙ୍ଗଣରେ ସମସ୍ତ ଆନୁଷଙ୍ଗିକ ସୁବିଧା ସମସ୍ତ ବର୍ଗର ଚାଷୀମାନଙ୍କୁ ଯୋଗାଇଦେଇ ଆସୁଛି। ଚାଷୀଙ୍କ ସିଧାସଳଖ ବିକ୍ରିବଟା ନିମନ୍ତେ ଗରାମହୁଲଠାରେ ଇ-ନାମ୍ ମାର୍କେଟ୍ ତଥା ବଜାର ପ୍ରାଙ୍ଗଣ ସୁଚାରୁରୂପେ ପରିଚାଳିତ ହୋଇଆସୁଅଛି।

ଉଦିତ କୁମାର ବାବୁ
ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି
ଡୁଙ୍ଗୁରିପାଲି

ଅବୋଲି ସୁନିଲ ନରୱଣେ
ଅଧ୍ୟକ୍ଷା
ନିୟନ୍ତ୍ରିତ ବଜାର କମିଟି
ଡୁଙ୍ଗୁରିପାଲି

**ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ, ସୁବର୍ଣ୍ଣପୁର**

**ନିର୍ମାଣ ଶ୍ରମିକ ନିଜ ନାମକୁ ପଞ୍ଜୀକୃତ କରାନ୍ତୁ ଏବଂ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସହାୟତା ନିଅନ୍ତୁ । ପଞ୍ଜୀକରଣ ନିମନ୍ତେ ନିର୍ମାଣ ଶ୍ରମିକ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଆବଶ୍ୟକୀୟ ଦରଖାସ୍ତ ସହ ନିମ୍ନ ଦସ୍ତାବିଜ ଦାଖଲ କରିବା ବିଧେୟ ଅଟେ ।**

(୧) ଭୋଟର ପରିଚୟ ପତ୍ର (୨) ଚାରିଗୋଟି ପାସପୋର୍ଟ ସାଇଜ ଫଟୋ (୩) ନିଯୁକ୍ତିଦାତାଙ୍କ ପ୍ରମାଣପତ୍ର (୪) ବ୍ୟାଙ୍କ ପାସବୁକ (୫) ଜବକାର୍ଡରେ ଏମ.ଜି.ଏନ.ଆର.ଇ.ଜି.ଏ. କାର୍ଯ୍ୟ କରିଥିବା ପ୍ରମାଣପତ୍ର (୬) ମନୋନୀତ ବ୍ୟକ୍ତିଙ୍କର ଆଧାର ପରିଚୟ ପତ୍ର ଏବଂ ବ୍ୟାଙ୍କ ପାସବହିର ନକଲ ସଂଲଗ୍ନ କରି ଆବେଦନ ପତ୍ର ସହ ଟ.୨୦/-ଙ୍କା ନେଇ ନିଜ ବ୍ଲକରେ ଥିବା ମୋ ସେବା କେନ୍ଦ୍ରକୁ ଯାଇ ନିଜ ନାମକୁ ନିର୍ମାଣ ଶ୍ରମିକ ଭାବରେ ପଞ୍ଜୀକୃତ ହୋଇପାରିବେ । ପଞ୍ଜୀକୃତ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ ।

**ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ଓଡିଶା ସରକାରଙ୍କ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ମିଳୁଥିବା ସୁବିଧା ସମ୍ବନ୍ଧୀୟ ସୂଚନା**

| କ୍ର.ସଂ. | ସହାୟତାର ନାମ | ସହାୟତା ରାଶି |
|---|---|---|
| ୧. | ପ୍ରସୂତିକାଳୀନ ସହାୟତା | ଟ.୧୦୦୦୦/- |
| ୨. | ହିତାଧିକାରୀଙ୍କ ପିଲା ପାଠ ପଢିବା ପାଇଁ ସହାୟତା | |
| | ୧. ପ୍ଲସ୍ ଦୁଇ | ଟ.୫୦୦୦/- |
| | ୨. ପ୍ଲସ୍ ତିନି / ଆଇ.ଟି.ଆଇ | ଟ.୭୦୦୦/- |
| | ୩. ଡିପ୍ଲୋମା | ଟ.୧୦୦୦୦/- |
| | ୪.ଉଚ୍ଚ ଶିକ୍ଷା | ଟ.୪୦୦୦୦/- |
| ୩. | ବିବାହ ସହାୟତା | ଟ.୫୦୦୦୦/- |
| ୪. | ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ସହାୟତା | ଟ.୨୦୦୦୦୦/- |
| ୫. | ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା | ଟ.୪୦୦୦୦୦/- |
| ୬. | ଅନ୍ତ୍ୟେଷ୍ଟି କ୍ରିୟା ସହାୟତା | ଟ.୫୦୦୦/- |

ସ୍ୱା./- ଜିଲ୍ଲା ଶ୍ରମ ଅଧିକାରୀ
ସୁବର୍ଣ୍ଣପୁର

ସୌଜନ୍ୟ- ଜିଲ୍ଲା ଶ୍ରମ ବିଭାଗ ଏବଂ ଜିଲ୍ଲା ପ୍ରଶାସନ, ସୁବର୍ଣ୍ଣପୁର

**OFFICE OF THE CHIEF DISTRICT AGRICULTURE OFFICER, SUBARNAPUR**

Letter No.119 Date: 12.01.2023

**ଚାଷୀଙ୍କ ନିମନ୍ତେ କୃଷି ବିଭାଗର ବିଭିନ୍ନ ଯୋଜନା**

- କୃଷକ ଓଡ଼ିଶା ଡାଟା ବେସ୍‌ରେ ନୂତନ ପଞ୍ଜୀକରଣ ଓ ସଂଶୋଧନ ମୋ ସେବା କେନ୍ଦ୍ରଗୁଡ଼ିକରେ ଜାନୁଆରୀ ୩୧, ୨୦୨୩ ଯାଏ ସମ୍ପୂର୍ଣ୍ଣ ମାଗଣା। ଯେ କୌଣସି ସରକାରୀ ସୁବିଧା ପାଇବାକୁ ହେଲେ କୃଷକ ଓଡ଼ିଶାରେ ପଞ୍ଜୀକୃତ ହେବା ଆବଶ୍ୟକ।
- ଯେଉଁ ଚାଷୀମାନେ PM-KISAN ଯୋଜନାରେ ଅନ୍ତର୍ଭୁକ୍ତ ସେମାନେ କୃଷକ ଓଡ଼ିଶାରେ ପଞ୍ଜୀକରଣ ନକଲେ ଆଗାମୀ କିସ୍ତି ପାଇବେ ନାହିଁ।
- PM-KISAN ଚାଷୀ ଭାଇମାନେ ଆଗାମୀ କିସ୍ତି ପାଇବାକୁ ହେଲେ e-KYC କରିବା ବାଧ୍ୟତାମୂଳକ।
- ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନା, ରାଜ୍ୟ ଯୋଜନାରେ ୫୦ ପ୍ରତିଶତ ରିହାତି (ଟ.୫୦୦ ପର୍ଯ୍ୟନ୍ତ ପ୍ରତି ହେକ୍ଟର) କୀଟନାଶକ ପାଇପାରିବେ। ପ୍ରଥମେ ଚାଷୀ ପୂରା ମୂଲ୍ୟ ଦେଇ କୀଟନାଶକ କିଣି DBT ମାଧ୍ୟମରେ ରିହାତି ମୂଲ୍ୟ ପାଇପାରିବେ।
- ଚାଷୀମାନେ ପୂରାମୂଲ୍ୟ ଦେଇ ସରକାରୀ ବିହନ କିଣିପାରିବେ ଏବଂ ରିହାତି ମୂଲ୍ୟ DBT ମାଧ୍ୟମରେ ସିଧାସଳଖ ତାଙ୍କ ବ୍ୟାଙ୍କ ଖାତାରେ ପଡ଼ିବ।
- ଡାଲି ଜାତୀୟ ଶସ୍ୟ ଧାଡ଼ିରେ ଚାଷ କଲେ ରାଜ୍ୟ ଯୋଜନାରେ ହେକ୍ଟର ପିଛା ୧୩୦୦ ଟଙ୍କା ପ୍ରୋତ୍ସାହନ ରାଶି ପାଇପାରିବେ।
- ବିହନ ବିଶୋଧନ କରିବା ଦ୍ୱାରା ବିହନରୁ ଜାତ ହେଉଥିବା ବିଭିନ୍ନ ରୋଗକୁ ଫସଲକୁ କମ୍ ଖର୍ଚ୍ଚରେ ରକ୍ଷା କରିପାରିବେ।
- ସୂଚନା, ଶିକ୍ଷା ଓ ଯୋଗାଯୋଗ ଯୋଜନା ଦ୍ୱାରା କୃଷକମାନଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି ଓ ବିଭିନ୍ନ ଯୋଜନା, ସୁବିଧା ସୁଯୋଗ ବିଷୟରେ ସଚେତନାର ବ୍ୟବସ୍ଥା ରହିଛି।
- ଅଣଧାନ ଚାଷ କରିବା ଦ୍ୱାରା ମାଟିର ଉର୍ବରତା ବୃଦ୍ଧି ପାଇବା ସହିତ ଆୟ ମଧ୍ୟ ବଢ଼ିଥାଏ। ସେଥିପାଇଁ ଫସଲ ପର୍ଯ୍ୟାୟୀକରଣ ଯୋଜନାରେ (ବୃହତ୍ ଉଠାଜଳସେଚନ ଅଞ୍ଚଳ) ଡାଲି ଜାତୀୟ ଫସଲ, କପା, ମକା, ରାଶି, ବାଦାମ, ପନିପରିବା ଚାଷ କଲେ ଆୟ ବୃଦ୍ଧି ସହିତ ସରକାରଙ୍କ ସହାୟତା ରାଶି ମଧ୍ୟ ମିଳିବ।
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷି ଓ ଆନୁଷଙ୍ଗିକ ବିଭାଗର ବିଭିନ୍ନ ପ୍ରକଳ୍ପ କରି ସାଧାରଣ ବର୍ଗରେ ପ୍ରକଳ୍ପ ମୂଲ୍ୟର ୪୦ ପ୍ରତିଶତ ଓ ଅନୁସୂଚିତ ଜାତି/ଜନଜାତି/ଭିନ୍ନକ୍ଷମ/ମହିଳା/ସ୍ୱୟଂ ସହାୟକ ଗୋଷ୍ଠୀ ନିମନ୍ତେ ପ୍ରସ୍ତାବିତ ମୂଲ୍ୟର ୫୦ ପ୍ରତିଶତ (ସର୍ବାଧିକ ୫୦ ଲକ୍ଷ ଟଙ୍କା) ରିହାତି ପାଇପାରିବେ।
- ଚାଷ ଓ ଯୋଜନା ସମ୍ବନ୍ଧୀୟ ସବିଶେଷ ସୂଚନା ପାଇଁ ଗ୍ରାମ୍ୟ କୃଷି କର୍ମଚାରୀ, ସହକାରୀ କୃଷି ଅଧିକାରୀ, ବ୍ଲକ କୃଷି ଅଧିକାରୀ, କୃଷି ଜିଲ୍ଲା ଅଧିକାରୀ କିମ୍ବା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସୁବର୍ଣ୍ଣପୁର



ସୁବର୍ଣ୍ଣ ଲୋକ ମହୋତ୍ସବର ସାଂସ୍କୃତିକ ସନ୍ଧ୍ୟାରେ ଉପସ୍ଥିତ ଅତିଥି ବୃନ୍ଦ।



ସୋନପୁର ଟ୍ରେଣ୍ଡି ଏକାଡେମୀର କଳାକାରମାନେ ଟୁକ୍‌ଟୁକୁଟା ନୃତ୍ୟ ପରିବେଷଣ କରୁଛନ୍ତି।

**ସୁବର୍ଣ୍ଣ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

# ଲୋକନୃତ୍ୟ ଦର୍ଶକଙ୍କ ମନମୋହିଲା

ସୋନପୁର,୧୭।୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସୋନପୁର ରାମେଶ୍ୱର ଷ୍ଟାଡିୟମରେ ଚାଲିଥିବା ୨୯ତମ ସୁବର୍ଣ୍ଣ ଲୋକ ମହୋତ୍ସବର ମଙ୍ଗଳବାର ଥିଲା ଚତୁର୍ଥ ସନ୍ଧ୍ୟା। ଷ୍ଟାଡିୟମସ୍ଥିତ ଫକୀର ପଟ୍ଟନାୟକ ମୁକ୍ତମଞ୍ଚରେ ଜିଲାର କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ସଙ୍ଗୀତରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟା। ପରେ ସୋନପୁର ଟ୍ରେଣ୍ଡି ଏକାଡେମୀ କଳାକାରଙ୍କ ସମ୍ବଲପୁରୀ ଟୁଟ୍‌କୁଟୁଟା ନୃତ୍ୟ, କଟକ ଶ୍ରୀବିଦ୍ୟା ଡ୍ୟାନ୍ସ ଏକାଡେମୀ କଳାକାରଙ୍କ ଓଡିଶୀ ନୃତ୍ୟ, ଗଞ୍ଜାମ କଳାକାରଙ୍କ ଯୋଡି ଶଙ୍ଖ, ରଣପା ନୃତ୍ୟ, ବିନିକା ରୁମ୍‌ଝୁମ୍‌ମାନା ଅନୁଷ୍ଠାନର ରସରକେଲି, ମହାରାଷ୍ଟ୍ର କଳାକାରଙ୍କ ଲଉଡି ନୃତ୍ୟ, ପଦ୍ମପୁର ସଙ୍ଗୀତ ସମିତି ଅନୁଷ୍ଠାର ସମ୍ବଲପୁରୀ, କଟକ ମାହାଙ୍ଗା କଳାକାରଙ୍କ ଘୋଡା ନାଚ, ବଲାଙ୍ଗୀର କଳାକାରଙ୍କ ସମ୍ବଲପୁରୀ ନୃତ୍ୟ ଓ ବୀରମହାରାଜପୁର ବ୍ଲକର କଳାକାର ଦଣ୍ଡନୃତ୍ୟ ପରିବେଷଣ କରିଥିଲେ। ଏହି ଲୋକନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ପଶ୍ଚିମ ଓଡ଼ିଶାର ଜଣାଶୁଣା କମେଡିଆନ ଜଗବନ୍ଧୁ ମଲ୍ଲିକ(ବିନ୍ଧୁ) ସଂଳାପ ମାଧ୍ୟମରେ ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିଥିଲେ। ଲୋକନୃତ୍ୟ, ସଙ୍ଗୀତ ଓ ବାଦ୍ୟର ତାଳେ ତାଳେ ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଝୁମିଥିଲେ। ମାନଭଞ୍ଜନ ମିଶ୍ର, କୁନୁ ଖାନ, ଦେବାଶିଷ ପଟ୍ଟନାୟକ, ସସ୍ମିତା ପରମଗୁରୁ ଓ ଭାଗିରଥୀ ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲାପାଳ ଅବୋଲି ସୁନିଲ ନରୱଣେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଯୋଗ ଦେଇଥିଲେ ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କମ୍ପ, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅହଲ୍ୟା ସାହୁ, ବିନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ଦିପ୍ତିରେଖା ନନ୍ଦ, ସୋନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ଉଲୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର ଓ ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା। ଅତିଥିବୃନ୍ଦ ତାଙ୍କ ବକ୍ତବ୍ୟରେ ସୁବର୍ଣ୍ଣ ଲୋକ ମହୋତ୍ସବ ଜିଲାର ସର୍ବବୃହତ୍ ସାଂସ୍କୃତିକ ମହୋତ୍ସବ ବୋଲି କହିବା ସହ ଜିଲାର କଳା, ସଂସ୍କୃତି ଓ ପରମ୍ପରାର ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିଭୂମିର ବିକାଶ ସହିତ କ୍ରୀଡା ଓ ଅଞ୍ଚଳର ପାରମ୍ପରିକ ଲୋକକଳାର ବିକାଶ ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି। ପୁରୁଷ ହକି ବିଶ୍ୱକପ୍ ଅବସରରେ ସମଗ୍ର ରାଜ୍ୟରେ ମହୋତ୍ସବ ଆୟୋଜନ କରାଯାଉଛି। ଏବେ ସମଗ୍ର ରାଜ୍ୟ ଉତ୍ସବମୁଖର ବୋଲି ଲୋକ ପ୍ରତିନିଧିମାନେ କହିଥିଲେ। ଶିକ୍ଷକ ହୃଷୀକେଶ ଚାନ୍ଦ ସଭାକୁ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଭୀମଭୋଇ କଳା ପରିଷଦ ପକ୍ଷରୁ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା।

## ଲୋକ ମହୋତ୍ସବ ସମ୍ପର୍କରେ କଳାକାରଙ୍କ ମୁହଁରୁ...



ସୁବର୍ଣ୍ଣ ଲୋକ ମହୋତ୍ସବର ଫକୀର ପଟ୍ଟନାୟକ ମଞ୍ଚ ସବୁଠୁ ନିଆରା । ଦର୍ଶକଙ୍କ ମନୋରଞ୍ଜନ ପାଇଁ ଏହି ମଞ୍ଚକୁ ତିନି ଥର ଆସିଛି । ଏଠାରେ ଦର୍ଶକଙ୍କ ଭଲପାଇବା, ଆୟୋଜକଙ୍କ ଆତିଥ୍ୟୟତାକୁ ନେଇ ବହୁତ ଖୁସି ଲାଗେ । ଏହି ଜିଲା କଳା, ସଂସ୍କୃତି ଓ ସାହିତ୍ୟର ମାଟି । କଳା ଓ କଳାକାରଙ୍କୁ ଉଚତ୍ ସମ୍ମାନ ମିଳେ । ଭବିଷ୍ୟତରେ ସୁଯୋଗ ମିଳିଲେ ପୁଣି ମଞ୍ଚରେ ଅଭିନୟ କରିବା ପାଇଁ ଆସିବି ।

**ଜଗବନ୍ଧୁ ମଲ୍ଲିକ(ବିନ୍ଧୁ), କମେଡିଆନ, ବରଗଡ ।**



ମଞ୍ଚରେ ଘୋଡା ନାଚ ପ୍ରଦର୍ଶନ କଲୁ । ମହୋତ୍ସବ ଆୟୋଜନ ଓ ମଞ୍ଚ ସଜ୍ଜା ବହୁତ ସୁନ୍ଦର ହୋଇଛି । ଭରପୁର ଦର୍ଶକଙ୍କ ସମର୍ଥନ ମିଳିଲା । ଏହା କଳାକାରଙ୍କ ପାଇଁ ସବୁଠୁ ବଡ କଥା । କରୋନା ପରେ ରାଜ୍ୟରେ ହକି ବିଶ୍ୱକପ୍ ଆୟୋଜନ ହେଉଛି । ସବୁଠି ଉତ୍ସବର ମାହୋଲ । ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ନୃତ୍ୟ ପ୍ରଦର୍ଶନ ପାଇଁ ଆମକୁ ସୁଯୋଗ ମିଳିଥିଲା ।

**ଅଜୟ ମଲ୍ଲିକ, ନୃତ୍ୟଶିଳ୍ପୀ, କଟକ ।**



ସୁବର୍ଣ୍ଣ ଲୋକ ଉତ୍ସବ ଆୟୋଜନ ବହୁତ ଭଲ ହୋଇଛି । ହଜାର ହଜାର ଦର୍ଶକ ନୃତ୍ୟ ଓ ସଙ୍ଗୀତକୁ ଉପଭୋଗ କରୁଛନ୍ତି । ଏହାଦ୍ୱାରା ଭାଇଚାରା ସୃଷ୍ଟି ହେଉଛି । ଲୋକେ ଆନନ୍ଦ ପାଉଛନ୍ତି। କଳାକାରମାନେ ଓଡିଶାର ପାରମ୍ପରିକ ଲୋକକଳା, ନୃତ୍ୟ ଓ ସଙ୍ଗୀତକୁ ବଞ୍ଚାଇ ରଖିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଏଭଳି ଉତ୍ସବ ଆୟୋଜନ ଦ୍ୱାରା କଳାକାରଙ୍କୁ ପ୍ରୋତ୍ସାହନ ମିଳୁଛି ।

**ତାନିଶା ମହାନ୍ତି, ଓଡିଶୀ ନୃତ୍ୟ ଶିଳ୍ପୀ,କଟକ ।**

ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୩
ସୁବର୍ଣ୍ଣ ଲୋକ ମହୋତ୍ସବ ତଥା ଇଂରାଜୀ ନବବର୍ଷ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
IDEAL PUBLIC SCHOOL
ଆଇଡିଆଲ ପବ୍ଲିକ୍ ସ୍କୁଲ, ସୋନପୁର

Admission Open
Playgroup, Nursery, LKG, UKG & STD 1
2023 - 24
Millennium Kids Global School
Block chowk, Press Colony, Sonepur Town, Odisha
+917750894564

Chandra's TUTORIAL
Hostel facility
TRANSPORTING Facilities Available
CONTACT US : 9861808323
Class 6th to 10th (CBSE/CHSE)
+2 science coaching
(NEET / IIT-JEE / OUAT / NISER / IISER)
AT - AMBEDKAR CHOWK, SONEPUR

ପ୍ରଜ୍ଞା ଭାରତୀ ଆବାସିକ ବିଦ୍ୟାଳୟ
ପେଲେସ୍ ଗାର୍ଡେନ୍, ସୋନପୁର
ମୋ. ନଂ.- ୯୪୩୭୧୫୧୮୨୧, ୯୯୩୮୪୧୭୬୬୨, ୮୪୮୦୦୪୪୦୦୮
Email Id: prajnabharatee2010@gmail.com
ଶୁଭେଚ୍ଛା
ତା୧୪।୦୧।୨୦୨୩ରୁ ୧୮।୦୧।୨୦୨୩ ରିଖ ପର୍ଯ୍ୟନ୍ତ ସୁବର୍ଣ୍ଣ ଲୋକ ମହୋତ୍ସବ ପାଳନ ଅବସରରେ ପ୍ରଜ୍ଞା ଭାରତୀ ଆବାସିକ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ତଥା ପ୍ରଜ୍ଞା ଭାରତୀ ପରିବାରବର୍ଗ, ସୁବର୍ଣ୍ଣପୁର ଜିଲାବାସୀଙ୍କ ମଙ୍ଗଳ କାମନା ପୂର୍ବକ ମାଁ ଇଷ୍ଟଦେବୀ ସୁରେଶ୍ୱରୀଙ୍କ ନିକଟରେ ସମସ୍ତଙ୍କ ଚଲାପଥ କୁସୁମିତ ହେବା ପାଇଁ ପ୍ରାର୍ଥନା କରୁଅଛୁ । ଏହା ସହିତ ନର୍ସରିରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କର ନାମ ଲେଖାଇବା ପାଇଁ ଦରଖାସ୍ତ ଆହ୍ୱାନ କରୁଅଛୁ।
ରମେଶ ପ୍ରସାଦ ନାୟକ, ପ୍ରଧାନ ଶିକ୍ଷକ
ସନ୍ତୋଷ କୁମାର ପୂଜାହାରୀ, ପରିଚାଳନା ନିର୍ଦ୍ଦେଶକ

ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନ
ବିଦ୍ୟାଶ୍ରୀ ବିହାର, ପିପିଲିପାଲି,ସୁବର୍ଣ୍ଣପୁର
ମୋ.ନଂ.-୯୪୩୭୭୦୫୪୬୮
ଶୁଭେଚ୍ଛା
ଜାନୁଆରୀ ୧୪ତାରିଖରୁ ୧୮ତାରିଖ ପର୍ଯ୍ୟନ୍ତ ସୁବର୍ଣ୍ଣ ଲୋକ ମହୋତ୍ସବ ପାଳନ ଅବସରରେ ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନର ପ୍ରଧାନ ଶିକ୍ଷକ ତଥା ବିଶ୍ୱଭାରତୀ ପରିବାରବର୍ଗ ସୁବର୍ଣ୍ଣପୁର ଜିଲାବାସୀଙ୍କ ମଙ୍ଗଳ କାମନା ସକାଶେ ମାଁ ଇଷ୍ଟଦେବୀ ସୁରେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଏହା ସହିତ ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାବର୍ଷ: ୨୦୨୩-୨୪ର ଛାତ୍ରଛାତ୍ରୀମାନଙ୍କର ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରୁଅଛୁ।
ଫର୍ମ ବିକ୍ରୟ ଆରମ୍ଭ : ତା୨୬।୦୧।୨୦୨୩ (ଗୁରୁବାର)
ଫର୍ମ ଆବେଦନ ଶେଷ : ତା୩୦।୦୪।୨୦୨୩ (ରବିବାର)
ନାମଲେଖା ଆରମ୍ଭ : ତା୦୬।୦୪।୨୦୨୩ (ଗୁରୁବାର)
ପ୍ରଧାନ ଶିକ୍ଷକ
ଅକ୍ଷୟ କୁମାର ସାହୁ

ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୩
ସୁବର୍ଣ୍ଣ ଲୋକ ମହୋତ୍ସବ ଅବସରରେ ସୋନପୁର ବ୍ଲକ କଳାପଥର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ତଥା ଅଭିନନ୍ଦନ ।
ଅରବିନ୍ଦ ବାରିକ
ସମିତି ସଭ୍ୟ, କଳାପଥର ପଞ୍ଚାୟତ ତଥା କଳାପଥର ପ୍ୟାକ୍ସ ସଭାପତି

ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୩
ସୁବର୍ଣ୍ଣ ଲୋକ ମହୋତ୍ସବ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଚମ୍ପୁଲାଲ ଅଗ୍ରୱାଲ
ରାଣୀସତୀ ଆଗ୍ରୋ ରାଇସ ମିଲ୍ ଫୁଡ୍ ପ୍ରୋସେସିଂ ୟୁନିଟ

ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୩
ସୁବର୍ଣ୍ଣ ଲୋକ ମହୋତ୍ସବ ତଥା ଇଂରାଜୀ ନବବର୍ଷ ଅବସରରେ ତରଭା ସହରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଗଗନ ଅଗ୍ରୱାଲ
ତରଭା ଏନ୍‌ଏସି ଉପାଧ୍ୟକ୍ଷ ତଥା ଟାଉନ ବିଜେଡି ସଭାପତି

ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୩
ସୁବର୍ଣ୍ଣ ଲୋକ ମହୋତ୍ସବ ଅବସରରେ ସୋନପୁର ବ୍ଲକ ଜନମୁରା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ତଥା ଅଭିନନ୍ଦନ ।
ଦମୟନ୍ତୀ ବାରିକ
ସରପଞ୍ଚ, ଜନମୁରା ପଞ୍ଚାୟତ

ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୩
ସୁବର୍ଣ୍ଣ ଲୋକ ମହୋତ୍ସବ ତଥା ଇଂରାଜୀ ନବବର୍ଷ ୨୦୨୩ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଅଭିନନ୍ଦନ ।
ସରୋଜ କୁମାର କମ୍ପ
ବିଜେଡି ଜିଲ୍ଲା ସଭାପତି, ସୁବର୍ଣ୍ଣପୁର

ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୩
ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୩ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ତଥା ଅଭିନନ୍ଦନ ।
ଶ୍ରୀବତ୍ସ ମଲ୍ଲିକ
ସମାଜସେବୀ, ସୋନପୁର

ଶୁଭେଚ୍ଛା ବାର୍ତ୍ତା
ସୁବର୍ଣ୍ଣପୁର ମହୋତ୍ସବ-୨୦୨୩ ଜାନୁୟାରୀ ୧୪ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଜିଲ୍ଲା ସଦର ମହକୁମାରେ ଅନୁଷ୍ଠିତ ହେଉଅଛି । ଏହି ଅବସରରେ ଲୋକମହୋତ୍ସବରେ ଜଡିତ ଜିଲ୍ଲା ସାଂସ୍କୃତିକ ପରିଷଦର ସମସ୍ତ କର୍ମକର୍ତ୍ତା, କଳାକାର ତଥା କଳାର ପୃଷ୍ଠପୋଷକ ଏବଂ ସର୍ବୋପରି ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କ ଉତ୍ତରୋତ୍ତର ମଙ୍ଗଳ କାମନା ନିମନ୍ତେ ଇଷ୍ଟଦେବୀ ମାଁ ସୁରେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରୁଛି ।
ଅମରେଶ ପଣ୍ଡା
ଆରକ୍ଷୀ ଅଧୀକ୍ଷକ, ସୁବର୍ଣ୍ଣପୁର

# କୋବିଜାତୀୟ ଫସଲରେ ରୋଗପୋକ ନିୟନ୍ତ୍ରଣ



ପ୍ରତ୍ୟୁଷ ପଣ୍ଡା







**ଆ**ମ ରାଜ୍ୟରେ କୋବି ଏକ ମୁଖ୍ୟ ପରିବା ହିସାବରେ ଚାଷ କରାଯାଏ। କୋବିଜାତୀୟ ପରିବା କହିଲେ ଆମେ ସାଧାରଣତଃ ବନ୍ଧାକୋବି, ଫୁଲକୋବି, ଗଣ୍ଠିକୋବି, ବ୍ରକୋଲି, ବ୍ରସେଲସ୍ ସ୍ପାଉଟ୍ ଓ ମୂଳ ଇତ୍ୟାଦିକୁ ବୁଝାଉ। ଏହିସବୁ ପରିବା ଶୀତଦିନେ ଚାଷ କରାଯାଏ। ମାତ୍ର କେତେକ ମୁଖ୍ୟ ପୋକ ଓ ରୋଗ ଆକ୍ରମଣ ଯୋଗୁ ଏହି ଫସଲଗୁଡ଼ିକରୁ ଆମ ଚାଷୀଭାଇମାନେ ଆଶାନୁରୂପ ଅମଳ ପାଇପାରନ୍ତି ନାହିଁ। ପୋକ ଓ ରୋଗ ଆକ୍ରମଣଜନିତ କ୍ଷତି ଯୋଗୁ କୋବିଜାତୀୟ ଫସଲ ଉତ୍ପାଦନ ଶତକଡ଼ା ୪୦-୪୫ ଭାଗ ଓ ସମୟ ସମୟରେ ୭୦-୮୦ ଭାଗ ପର୍ଯ୍ୟନ୍ତ ହ୍ରାସ ପାଇଥାଏ। ଏଠାରେ ଆମେ କୋବିଜାତୀୟ ଫସଲରେ ଲାଗୁଥିବା ମୁଖ୍ୟ ରୋଗ ଓ ପୋକ ବିଷୟରେ ତାହାର ପରିଚାଳନା ବିଷୟରେ ଆଲୋଚନା କରିବା।

**ମୁଖ୍ୟ ପୋକ :** କୋବିଜାତୀୟ ଫସଲ ଲାଗୁଥିବା କିଛି ମୁଖ୍ୟ ପୋକଗୁଡ଼ିକ ହେଉଛି-ଠିକିରିପିଠିଆ ବା ହିରଳ ପୃଷ୍ଠପୋକ, ଧୂଆଁପତ୍ର ଗୋଟି ପୋକ, କୋବି ମୁଣ୍ଡ ବିନ୍ଧା ପୋକ ଏବଂ କୋବି ପୋଡ଼ା ପୋକ।

**ଠିକିରିପିଠିଆ ପୋକ :** କୋବିଜାତୀୟ ପରିବାଗୁଡ଼ିକ ମଧ୍ୟରେ ମୁଖ୍ୟତଃ ବନ୍ଧାକୋବି, ଫୁଲକୋବି, ବ୍ରକୋଲି ଓ ମୂଳାରେ ଏହା ଏକ ମୁଖ୍ୟ ପୋକ। ଏହି ପୋକର ରଙ୍ଗ ବାଦାମୀ କିମ୍ବା ଧୂସର। ଏମାନଙ୍କ ଆଗ ଡେଣାରେ ଧଳାଦାଗ ଥାଏ। ଏମାନେ ୮-୧୨ ମି.ମି. ଲମ୍ବା। ସେମାନେ ମଧ୍ୟ ଡେଣାକୁ ଯୋଡ଼ି



ବସିଗଲେ ତିନୋଟି ଠିକିରି ଆକୃତିର ଚିହ୍ନ ପିଠି ଉପରେ ଦେଖାଯାଏ। ତେଣୁ ଏହାକୁ ଠିକିରିପିଠିଆ ବା ହୀରକ ପୃଷ୍ଠପୋକ କୁହାଯାଏ। ମାଈ ମଥ୍ ପତ୍ରର ତଳଭାଗରେ ଖୁବ୍ ଛୋଟ ହଳଦିଆରୁ ଧଳା ରଙ୍ଗର ଅଣ୍ଡା ଗୋଟି ଗୋଟିଏ କିମ୍ବା ୨-୪୦ଟି ପୁଞ୍ଜିରେ ଦେଇଥାଏ। ଗୋଟିଏ ମଥ୍ ୨୦୦-୩୦୦ ଅଣ୍ଡା ଦିଏ। ଅଣ୍ଡା ୩-୧୦ଦିନରେ ଫୁଟେ। ସଦ୍ୟଜନ୍ମିତ ଶୂକ ପତ୍ରର ତଳ ଭାଗକୁ ଯାଇ ପତ୍ର ମଧ୍ୟକୁ ସୁଡ଼ଙ୍ଗ କରି ପ୍ରବେଶ କରେ। ଏଗୁଡ଼ିକ ପତ୍ର ମଧ୍ୟରେ କୋରି ଖାଆନ୍ତି ଓ ଗୋଲାକାର କଣା କରନ୍ତି। ପୂର୍ଣ୍ଣାଙ୍ଗପ୍ରାପ୍ତ ଶୂକଗୁଡିକ ଫିକା ହଳଦିଆରୁ ସବୁଜ ଓ ଏହାର ଶରୀରରେ କଳାରଙ୍ଗର ସୂକ୍ଷ୍ମ ବା ଉଦଗତ ଅଂଶ ଥାଏ। ଏହା ପ୍ରାୟ ୮ ମି.ମି. ଲମ୍ବା ଓ ଶୂକ ୯-୧୬ ଦିନ ମଧ୍ୟରେ ପ୍ୟୁପା ହୁଏ। ପ୍ୟୁପା ଫିମ୍ପି ଆକାରର ଓ ପତ୍ରର ତଳେ ଝୁଲୁଥାଏ। ଶୂକ କୋବି ପ୍ରତ ତଳ ପଟେ କୋରି ଖାଇବାରୁ ପତ୍ର ପରଦା ପରି ଧଳା ହୋଇଯାଏ ଏବଂ ପରେ ଶୁଖିଯାଏ।

**ପରିଚାଳନା :** କୋବି କ୍ଷେତରୁ ଅଣ୍ଡା ପୁଞ୍ଜି, ପ୍ରଥମ ପିଢ଼ି ଶୂକ ସଂଗ୍ରହ କରି ନଷ୍ଟକରି ଦେବା ଫଳରେ କୀଟ ସଂଖ୍ୟା ଯଥେଷ୍ଟ କମିଯାଏ। ଖେତ ମଧ୍ୟରେ ଆଲୋକ ଯନ୍ତା (ଏକର ପିଛା ୪-୫) ଅଠାଳିଆ ଯନ୍ତା କିମ୍ବା ସଙ୍ଗ ଆକର୍ଷଣ ଯନ୍ତା ୨୦-୨୫ଟି ବସାଇ କୀଟମାନଙ୍କୁ ଆକୃଷ୍ଟ କରି ନଷ୍ଟ କରିଦେବା ଉଚିତ।

**ଜୈବିକ ପ୍ରଣାଳୀ :** ପ୍ରତି ଗଛରେ ଗୋଟିଏ ଠିକିରିପିଠିଆ ପୋକର ଶୂକ ଦେଖିଲେ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ବି.ଟି. ମିଶାଇ ସିଞ୍ଚନ କରନ୍ତୁ। ନିମ୍ବଜାତୀୟ କୀଟନାଶକ ପ୍ରତି ଲିଟର ପାଣିରେ ୪-୫ ମି.ଲି. ମିଶାଇ ସିଞ୍ଚନ କରନ୍ତୁ। ଏକର ପ୍ରତି ୨୫୦ ଏଲ୍.ଇ. ୨-୩ ଥର ପ୍ରୟୋଗ କରନ୍ତୁ।

**ରାସାୟନିକ ପ୍ରଣାଳୀ :** ଏହି କୀଟ ଅଧିକାଂଶ କୀଟନାଶକ ଉପରେ ପ୍ରତିରୋଧ ଅକ୍ଷମତା ସୃଷ୍ଟି କରିସାରିଲାଣି। ତେଣୁ ପିଢ଼ିର କୀଟନାଶକ ଯଥା-ନୋଭାଲ୍ୟୁରନ୍ ୧୦ ପ୍ରତିଶତ ଇ.ସି. ୩୦ରୁ ୪୦ ମି.ଲି .ପ୍ରତ ଟ୍ୟାକ୍ କିମ୍ବା ଲୁଫେନ୍ୟୁରନ୍ ୫.୪ ପ୍ରତିଶତ ଇ.ସି. ୨୫ ମି.ଲି. ପ୍ରତି ଟ୍ୟାକ୍ କିମ୍ବା ଏମାମେକ୍ଟିନ୍ ବେଞ୍ଜୋଏଟ୍ ୫ ପ୍ରତିଶତ ଏସ୍.ଜି. ୧୦ ଗ୍ରାମ୍ ପ୍ରତି ଟ୍ୟାକ୍ କିମ୍ବା ଫ୍ଲୁବେଣ୍ଡିଆମଇଡ୍ ୨୦ ପ୍ରତିଶତ ଡବ୍ଲ୍ୟୁ.ଜି. ୫୦ ଗ୍ରାମ ପ୍ରତି ଟ୍ୟାକ୍ କିମ୍ବା ସ୍ପିନୋସାଡ୍ ୨.୫ ପ୍ରତିଶତ ଏସ୍.ପି. ୩୦ ମି.ଲି. ପ୍ରତି ଟ୍ୟାକ୍ କିମ୍ବା ଜୋଭାଲ୍ୟୁରନ୍ ୫.୨୫ ପ୍ରତିଶତ ପ୍ରତି ଟ୍ୟାକ୍, ଏମାମେକ୍ଟିନ୍ ବେଞ୍ଜୋଏଟ୍ ୦.୯ ପ୍ରତିଶତ ଏସ୍.ପି. ୪୦ ମି.ଲି. କିମ୍ବା ପାଇରିଡାଇଲ ୧୦ ପ୍ରତିଶତ ଇ.ସି. ୩୦ ମି.ଲି. ପ୍ରତି ଟ୍ୟାକ୍‌ରେ ମିଶାଇ ସିଞ୍ଚନ କରନ୍ତୁ। ପ୍ରତି ଟ୍ୟାକ୍ ୧୫ ଲିଟର ଏବଂ ୧୦-୧୨ ଟ୍ୟାକ୍ ବାଟାଙ୍କି (ଏକର ପ୍ରତି) ସିଞ୍ଚନ କରାଯାଏ।

**ଧୂଆଁପତ୍ର ଗୋଟିପୋକ :** ଏହା ଏକ ବହୁଭକ୍ଷୀ କୀଟ। ଏହାର ଶୂକ ବଳିଷ୍ଠ, ଲମ୍ବାଳିଆ, ଚିକ୍କଣ, କଳା, ୩୦-୪୦ ମିମି ଲମ୍ବା। ଏମାନଙ୍କ ଶରୀର ଉପରେ ସିଧାହୋଇ ହଳଦିଆ ସବୁଜ ରଙ୍ଗର ଚିହ୍ନ



ଥାଏ। ଶରୀରର ଦୁଇ ପାଖରେ ଧଳାଦାଗ ଥାଏ। ପଛ ଡେଣା ଧଳା ରଙ୍ଗର ଓ ସେଥିରେ ବାଦାମୀ ରଙ୍ଗର ଦାଗ ଥାଏ। ଡେଣା ମେଲାଇ ବସିଲେ ଏହା ୨୨ ମିମି ଦୈର୍ଘ୍ୟ ହୁଏ।

**ପରିଚାଳନା :** ଏହାର ପରିଚାଳନା ଠିକ୍ ଠିକିରିପିଠିଆ ପୋକର ପରିଚାଳନା ସହ ସମାନ। କିନ୍ତୁ ରାସାୟନିକ ପ୍ରଣାଳୀରେ କିଛି ନୂତନ କୀଟନାଶକ ପ୍ରୟୋଗ କରାଯାଇପାରିବ। ସେଗୁଡ଼ିକ ହେଲା- ଇମିଡା କ୍ଲୋପ୍ରିଡ୍ ୪୦ ପ୍ରତିଶତ ପ୍ରତି ଟ୍ୟାକ୍, ଫିପ୍ରୋନିଲ୍ ୪୦ ପ୍ରତିଶତ, ଡବ୍ଲ୍ୟୁଜି ୮ ଗ୍ରାମ ପ୍ରତି ଟ୍ୟାକ୍ କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୧୯.୯୨ ପ୍ରତିଶତ ଏସ୍.ପି. ପ୍ରତି ଟ୍ୟାକ୍, ଥାୟାକ୍ଲୋପ୍ରିଓ ୧୯.୯୨ ପ୍ରତିଶତ ଏସ୍.ପି. ୧୦ ମିଲି ପ୍ରତି ଟ୍ୟାକ୍ (ଏକର ପ୍ରତି) ୧୦-୧୨ ଟ୍ୟାକ୍ ପ୍ରୟୋଗ କରିପାରିବେ।

**କୋବି ମୁଣ୍ଡବିନ୍ଧା ପୋକ :** ଏହା କୋବିଜାତୀୟ ଫସଲର ଏକ ମୁଖ୍ୟ ପୋକ। ଏହାର ପୂର୍ଣ୍ଣାଙ୍ଗ ଶୂକ ଲହୁଣି ପରି ହଳଦିଆ ରଙ୍ଗର, ମୁହଁ ଈଷତ ନାଲି ରଙ୍ଗ ଓ ଶରୀରରେ ସାତଟି ହାଲୁକା ବାଇଗଣି ରଙ୍ଗର ଦାଗ ଥାଏ। ଏହା ୧୨-୧୫ ମି.ମି. ଲମ୍ବ। ପୂର୍ଣ୍ଣାଙ୍ଗ ମଥ୍ ସରୁ ଓ ଧୂସର ରଙ୍ଗର, ମାଈ ମଥ୍ ବାଇଗଣି, ଗୋଲାକାର। ଏମାନଙ୍କର ଅଣ୍ଡା ପତ୍ର ତଳେ ଗୋଟି ଗୋଟି କିମ୍ବା ମେଞ୍ଚା ମେଞ୍ଚା ହୋଇ ରହିଥାଏ। ଅଣ୍ଡା ୨-୩ ଦିନ ମଧ୍ୟରେ ଫୁଟେ ଓ ଶୂକ କୋବି ମଧ୍ୟରେ ପ୍ରବେଶ କରି ଖାଏ ଓ ୭-୧୨ ଦିନ ମଧ୍ୟରେ କୋକନ ତିଆରି କରେ। ମଥ୍ ୬ ଦିନରେ ବାହାରେ। ଏହାର ସମ୍ପୂର୍ଣ୍ଣ ଜୀବନଚକ୍ର ହେଉଛି ୧୫-୨୦ ଦିନ।

**ପରିଚାଳନା :** କୋବି ମୁଣ୍ଡବିନ୍ଧା ପୋକର ପରିଚାଳନା ଠିକ୍ ଠିକିରିପିଠିଆ ପୋକ ପରି କରିବାକୁ ପଡ଼ିଥାଏ।

**କୋବି ଘୋଡ଼ାପୋକ :** କୋବି ଘୋଡ଼ାପୋକ ଏକ ସର୍ବଭକ୍ଷୀ ପୋକ। ଏହାର ଶୂକ ଫିକା ସବୁଜ ରଙ୍ଗର, ମାଂସଳ ଓ ଗତି କରିବା ସମୟରେ ଅର୍ଦ୍ଧକାର ହୋଇ ଶରୀରକୁ ଉଠାଇ ଚାଲେ। ଏହାର



ଏପରି ଗତି ପାଇଁ ଏହାକୁ ଘୋଡ଼ାପୋକ ମଧ୍ୟ କୁହାଯାଏ। ଏହି ପୋକର ମାଈ ମଥ୍ ପୋଷକ ଗଛ ପତ୍ର ଉପରେ ଅଣ୍ଡା ଦିଏ ଓ ଅଣ୍ଡାରୁ ଶୂକ ବାହାରି ଗୋଟିକିଆ ବିଭିନ୍ନ ଆକାରର କଣା କରେ। ମାଟିରେ ପଡ଼ିଥିବା ବିଭିନ୍ନ ଅଳିଆରେ ପ୍ୟୁପା ହୁଏ। ଏମାନଙ୍କର ଜୀବନଚକ୍ର ୨୪-୩୫ ଦିନ ମଧ୍ୟରେ ଶେଷ ହୁଏ।

**ପରିଚାଳନା :** କୋବି ଘୋଡ଼ାପୋକର ପରିଚାଳନା ଠିକ୍ ଠିକିରିପିଠିଆ ପୋକ ପରି କରିବାକୁ ପଡ଼େ। (କ୍ରମଶଃ..)

-ଏମ୍‌ଏସ୍‌ସି, କୀଟତତ୍ତ୍ୱ ବିଜ୍ଞାନ (ପ୍ରଥମ ବର୍ଷ), ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ
ମୋ : ୭୮୭୩୮୨୭୮୩୦

# କଦଳୀ ଚାଷ:କେତୋଟି ଜାଣିବା କଥା



**କ**ଦଳୀଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡ଼ି ପୋଡ଼ିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡ଼ିଆ କରି ରଖି ଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ। କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବିକମି ଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।

# ଆଖୁରେ କୋଡ଼ାଖୁସା

**ଆ**ଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡ଼ା ଖୁସା କରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡ଼ିରେ ପ୍ରୟୋଗକରି ହୁଡ଼ା ଟେକିଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମନ୍ଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ



ସାରକୁ ୟୁରିଆ ସାର ହିସାବରେ ବ୍ୟବହାର କଲେ ୟୁରିଆ ସହିତ ନିମ୍ବ ପିଡ଼ିଆ ମିଶାଇ ପ୍ରୟୋଗ କରନ୍ତୁ। ୧୦୦କି.ଗ୍ରା. ୟୁରିଆ ସହ ୨୦କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇବାକୁ ପଡ଼ିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବର ଖତ ସହ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉ ଥରେ ଆଖୁ ଗଛମୂଳରେ ଦିଅନ୍ତୁ।

# ଗେଣ୍ଡୁଫୁଲ ତଳି ପ୍ରସ୍ତୁତି



**ଗେ**ଣ୍ଡୁଫୁଲ ତଳି ପକାଇ ନ ଥିଲେ ଏବେ ତଳି ପକାନ୍ତୁ। ଅଧିକ ଅମଳକ୍ଷମ କମଳା ରଙ୍ଗ ସିରାକୋଲା କିସମ ବ୍ୟବହାର କରନ୍ତୁ। ତଳିଘରାରେ ଧାଡ଼ିକୁ ଧାଡ଼ି ୫ ସେ.ମି. ବ୍ୟବଧାନରେ ବିହନକୁ ୧ ସେ.ମି. ଗଭୀରରେ ବୁଣନ୍ତୁ। ଅତ୍ୟଧିକ ତାପମାତ୍ରାରୁ ରକ୍ଷାପାଇବା ପାଇଁ ତଳିଘରାରେ ନଡ଼ା ଘୋଡ଼ାଇ ଦିଅନ୍ତୁ। ଏକରକୁ ୩୫୦ରୁ ୪୦୦ ଗ୍ରାମ୍ ମଞ୍ଜି ଆବଶ୍ୟକ ହୋଇଥାଏ। ଆଗରୁ ତଳି ପକାଇଥିଲେ ଏବଂ ୩ରୁ ୪ ପତ୍ରର ହୋଇଗଲେ ମୁଖ୍ୟ କିଆରିରେ ଲଗାନ୍ତୁ। ଜମିକୁ ଭଲଭାବେ ଗୁଣ୍ଡକରି ଏକର ପ୍ରତି ୧୦ ଟନ୍ ଶଢ଼ା ଗୋବରଖତ ମିଶାଇ ଦିଅନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କିଗ୍ରା ଯବକ୍ଷାରଜାନ, ୮୦ କି.ଗ୍ରା. ଫସ୍‌ଫରସ୍ ଓ ୮୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ଏବଂ ୧୬ କି.ଗ୍ରା. ଯବକ୍ଷାରଜାନ ୧ମାସ ପରେ କୋଡ଼ାଖୁସା କରି ଘାସ ବାଛି ପ୍ରୟୋଗ କରନ୍ତୁ। ତଳି ବଦଳରେ ଏକର ପ୍ରତି ୪୦,୦୦୦ କଟିଙ୍ଗ୍‌ସ ଦରକାର ହୋଇଥାଏ। ଧାଡ଼ିକୁ ଧାଡ଼ି ୩୦ ଓ ଗଛକୁ ଗଛ ୨୦-୨୦ ସେ.ମି. ବ୍ୟବଧାନରେ ରୁଅନ୍ତୁ। ତଳି ରୋଇବାର ୪୦ ଦିନ ପରେ ଅଗ ଡାଳଗୁଡିକୁ ଭାଙ୍ଗି ଦିଅନ୍ତୁ।

# ରଜନୀଗନ୍ଧା ଲଗାଇବା ପୂର୍ବରୁ...

**ର**ଜନୀଗନ୍ଧା ଲଗାଇବା ପୂର୍ବରୁ କେତୋଟି ଦିଗ ପ୍ରତି ଦୃଷ୍ଟିଦେବାକୁ ପଡ଼ିଥାଏ। ଏହାର ଉନ୍ନତ କିସମ ମଧ୍ୟରେ ରହିଛି କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର, କୋଏମ୍ବାଟୁର, ସିଙ୍ଗଲ ଓ ସୁହାସିନୀ (ଡବଲ)ଆଦି କିସମ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ଏକତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରାୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡ଼ିକୁ ୨.୫ସେ.ମି ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡ଼ିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକ ପ୍ରତି ୧୬୦କେ.ଜି. ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡିକୁ ଲଗାଇବା ପୂର୍ବରୁ ଚେରଗୁଡ଼ିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।



# ପ୍ରାଣୀଙ୍କୁ ଫାଟୁଆ ରୋଗ ହେଲେ...



**ଗୋ**ରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ୍‌ଏମ୍‌ଡି ଭାକ୍ସିନ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାଙ୍କର ନାଲି ଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମାରୋଗ ନିୟନ୍ତ୍ରଣ ପାଇଁ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତରୁ ରକ୍ଷାକରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡ଼ାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ, ଛେଳିଙ୍କର ପିପିଆର୍ ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

# ମଇଁଷି ପାଳନ

(ଶେଷ ଭାଗ)



**ଦୁଗ୍ଧ ଉତ୍ପାଦନ:**
ସମୁଦାୟ ଦୁଗ୍ଧ ଉତ୍ପାଦନରେ ମଇଁଷି ଦୁଗ୍ଧ ୪୫ ପ୍ରତିଶତ। ଆମ ଦେଶରେ ହରିୟାଣାରେ ସବୁଠାରୁ ଅଧିକ ମଇଁଷି ଦୁଗ୍ଧ ଉତ୍ପାଦନ ହେଉଛି। ମଇଁଷି ଦୁଗ୍ଧରେ ଜଳ ୯୨୦ (ଗ୍ରା/ଲି), ସମୁଦାୟ ସଲିଡ୍ ୧୭୨ (ଗ୍ରା/ଲି), ଦୁଗ୍ଧ ସର୍କରା (ଲାକ୍ଟୋଜ) ୫-୫.୫.୫ ପ୍ରତିଶତ, ପୁଷ୍ଟିସାର ୪.୧ ପ୍ରତିଶତ, ସ୍ନେହସାର ୬.୯-୫ ପ୍ରତିଶତ, କୋଲେଷ୍ଟରଲ (ମି.ଗ୍ରା.) ୦.୬୫ ପ୍ରତିଶତ ଏବଂ ନିନୋଲୋକ୍ (ମି.ଗ୍ରା.) ୬.୧ ପ୍ରତିଶତ ଥିବା ବେଳେ ଗାଈ କ୍ଷୀରରେ ଜଳ (ଗ୍ରା/ଲି) ୮୭୦, ସମୁଦାୟ ସଲିଡ୍ (ଗ୍ରା/ଲି) ୧୨୫, ଦୁଗ୍ଧ ସର୍କରା (ଲାକ୍ଟୋଜ) ୪.୮ ପ୍ରତିଶତ, ପୁଷ୍ଟିସାର ୩.୩ ପ୍ରତିଶତ, ସ୍ନେହସାର ୩.୬ରୁ ୪ ପ୍ରତିଶତ, କୋଲେଷ୍ଟରଲ (ମି.ଗ୍ରା.) ୩.୧୪ ପ୍ରତିଶତ ଏବଂ ଲିନୋଲୋଇକ୍ (ମି.ଗ୍ରା.) ୫.୫ ପ୍ରତିଶତ ରହିଛି।

**ମଇଁଷିର ସ୍ୱତନ୍ତ୍ରତା**

➤ଗାଈମାନଙ୍କ ତୁଳନାରେ ମଇଁଷିମାନେ ଭଲ ଘାସ ଚରିଥାଆନ୍ତି। ବିଭିନ୍ନ କିସମର ଘାସ ବା ଚାରା ମଧ୍ୟରେ କୌଣସି ବାଛବିଚାର ନ କରି ଏମାନେ ଖାଇଥାଆନ୍ତି।

➤ଅନୁନ୍ନତ ମାନର ଘାସ ବା ଚାରାକୁ ଭଲ ଭାବରେ ହଜମ କରିପାରନ୍ତି ଏବଂ ଏହି ଚାରାରୁ ପୌଷ୍ଟିକ ମାନ ବାହାର କରିବାରେ ସକ୍ଷମ ଅଛନ୍ତି।

➤ଗାଈମାନଙ୍କ ତୁଳନାରେ ମଇଁଷିଙ୍କ ପାକସ୍ଥଳୀ ବଡ଼। ସେହି ଅନୁସାରେ କ୍ଷେତ୍ରଫଳ ଓ ଆୟତନ ଅଧିକ ହୋଇଥିବା କାରଣରୁ ମଇଁଷିମାନଙ୍କ ପାକସ୍ଥଳୀରେ ଅଧିକ ଆବଶ୍ୟକ ଥିବା ବୀଜାଣୁ ବାସ କରନ୍ତି। ଏହି ବୀଜାଣୁ ଠିକ୍ ହଜମ ପ୍ରକ୍ରିୟାରେ ସାହାଯ୍ୟ କରିଥାଏ।

➤ଗାଈଙ୍କ ତୁଳନାରେ ମଇଁଷି ପ୍ରଜାତି ବିଷମ ପରିସ୍ଥିତିରେ ମଧ୍ୟ ନିଜକୁ ଭଲ ଭାବରେ ଖାପ୍ ଖୁଆଇ ନେଇଥାଆନ୍ତି। ଖାଦ୍ୟପେୟ ଏବଂ ଠିକ୍ ପରିଚାଳନା ଅଭାବରେ ମଧ୍ୟ ମଇଁଷିମାନଙ୍କର ଉତ୍ପାଦନ ସୁଚାରୁ ରୂପେ ହୋଇଥାଏ।

➤ଉତ୍ପାଦନ କରିବାର କ୍ଷମତା ଅନ୍ୟ ପଶୁଙ୍କ ତୁଳନାରେ ମଧ୍ୟ ଅଧିକ । ନିଜ ଜୀବନକାଳ ମଧ୍ୟରେ ମଧ୍ୟ ଅଧିକ ଉତ୍ପାଦନ କରିଥାଆନ୍ତି।

➤ଠିକ୍ ଖାଦ୍ୟପେୟ ଓ ପରିଚାଳନା ଦ୍ୱାରା ଏବଂ ଉପଯୁକ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ ମଇଁଷି ପ୍ରଜାତି ବର୍ଷସାରା ଏକ ସଫଳ ପ୍ରଜନନ ପ୍ରାଣୀ ଭାବରେ ଗଣା ହୋଇଥାଏ। ମଇଁଷିମାନେ ପ୍ରାୟତଃ ଗ୍ରୀଷ୍ମଋତୁ ବ୍ୟତୀତ ବର୍ଷର ଅନ୍ୟ ସମୟରେ ଗରମ ଆସିଥାଆନ୍ତି ଓ ପ୍ରଜନନ ଦ୍ୱାରା ସଫଳ ବାଛୁରୀ ଜନ୍ମ କରିଥାଆନ୍ତି।

➤ଦୁଗ୍ଧରେ ଅଧିକ ପରିମାଣରେ ସ୍ନେହସାର ଥିବାରୁ ଏହା ସମସ୍ତଙ୍କ ଖାଦ୍ୟ ଉପଯୋଗୀ ହୋଇଥାଏ।

➤ମଇଁଷିମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଅନ୍ୟମାନଙ୍କ ତୁଳନାରେ ଅଧିକ। ଫଳରେ ସେମାନେ ସହଜରେ ରୋଗଗ୍ରସ୍ତ ହୋଇ ନ ଥାନ୍ତି।

➤ମଇଁଷି ପ୍ରଜାତି ଭାରତର କୃଷି ଅର୍ଥନୀତିକୁ ସୁଦୃଢ଼ କରିବାରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ଯୋଗଦାନ କରିଥାଆନ୍ତି। ଉପଯୁକ୍ତ ଜ୍ଞାନକୌଶଳ ଦ୍ୱାରା ମଇଁଷିଙ୍କର ବିକାଶ ସମ୍ଭବ।

**ଅର୍ଥନୀତି ବୃଦ୍ଧି ପାଇଁ ଆବଶ୍ୟକ କୌଶଳରେ ମଇଁଷି ପାଳନ**

**ପ୍ରଜନନ କୌଶଳ :** ଏହା ଏକ ସର୍ବବୃହତ୍ ଏବଂ ଅତି ଆବଶ୍ୟକ ଥିବା କୌଶଳ। ଏହି କୌଶଳକୁ ଠିକ୍ ଭାବରେ ପରିଚାଳନା ପାଇଁ ଉଭୟ ଚାଷୀ ଏବଂ ସରକାରଙ୍କ ମଧ୍ୟରେ ବୁଝାମଣା ସୁଦୃଢ଼ ହେବା ଦରକାର।

**ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ କୌଶଳ :** ଶରୀର ପାଇଁ ଆବଶ୍ୟକ ହେଉଥିବା ପୌଷ୍ଟିକ ଖାଦ୍ୟ ପ୍ରାଣୀମାନଙ୍କଠାରୁ ଆସିଥାଏ। ତେଣୁ ଖାଦ୍ୟ ପଦାର୍ଥରେ ଉତ୍ପାଦନ ଠିକ୍ ଓ ସ୍ୱଚ୍ଛ ହେବା ନିହାତି ଆବଶ୍ୟକ। ଏହାଦ୍ୱାରା ସବୁ ବର୍ଗର ଲୋକେ ବିନା ଦ୍ୱିଧାରେ ଏହାକୁ ଗ୍ରହଣ କରିପାରିବେ।

**ଉତ୍ପାଦିତ ଖାଦ୍ୟ ପଦାର୍ଥର ମୂଲ୍ୟ ଏବଂ ଚାହିଦା ବୃଦ୍ଧି ପାଇଁ କୌଶଳ :** ମଇଁଷିମାନଙ୍କଠାରୁ ଉତ୍ପାଦିତ ଦ୍ରବ୍ୟ ଏବଂ ଖାଦ୍ୟ ପଦାର୍ଥ ଦୂଷିତ ନ ହେବା ଉଚିତ। ଏହାର ମୂଲ୍ୟ ଠିକ୍ ହେବା ଦରକାର ଏବଂ ବଜାରରେ ଏହାର ଚାହିଦା ମଧ୍ୟ ଅଧିକ ରହିବ। ଚାଷୀମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର କୌଶଳ ତଥା ବଜାର ସୃଷ୍ଟି କରିବା ଦରକାର। ଅଧୁନାତନ ଉତ୍ପାଦିତ ମଇଁଷି ଦୁଗ୍ଧର ମାତ୍ର ୩୦ ପ୍ରତିଶତ ଠିକ୍ ମୂଲ୍ୟରେ ବିକ୍ରି ହେଉଛି ଓ ଅଧିକ ବିକ୍ରି ପାଇଁ ସରକାର ପ୍ରଚେଷ୍ଟା କରିବା ଦରକାର।

**ବିକାଶ ପାଇଁ.. :** ୧୪-୧୬ ମଧ୍ୟରେ ପ୍ରତ୍ୟେକ ମଇଁଷି ବାଛୁରୀ ଜନ୍ମ କରିବା ଉଚିତ। ବାଛୁରୀ ଜନ୍ମ କରିବାର ୮୫ ଦିନ ମଧ୍ୟରେ ପୁନର୍ବରା ଗର୍ଭଧାରଣ କରିବା ଜରୁରୀ । ବାଛୁରୀ ଜନ୍ମ କରିବାର ୬୦ ଦିନ ମଧ୍ୟରେ ପ୍ରଜନନ କରାଇବା ଉଚିତ। ଗରମ ଆସିବା ଲକ୍ଷଣକୁ ମଧ୍ୟ ଚିହ୍ନଟ କରିବା ଆବଶ୍ୟକ। ଏଥିପାଇଁ ଉତ୍ତମ ଜ୍ଞାନକୌଶଳ ନିତ୍ୟନ୍ତ ଆବଶ୍ୟକ।

ଏହିସବୁ ପ୍ରକାର କୌଶଳ ବ୍ୟତୀତ ମଇଁଷି ପାଳନର ବିକାଶ ପାଇଁ ନୂତନ କୌଶଳ ଯଥା ଆବଶ୍ୟକ ଅର୍ଥରାଶି, ରୋଗର ନିଦାନ ଓ ବଜାର ସହ ଉତ୍ପାଦନ ମୂଲ୍ୟ ଠିକ୍ ରଖିବା ଜରୁରୀ। ଆମ ଦେଶରେ ଅନ୍ୟ ପଶୁମାନଙ୍କ ଭଳି ମଇଁଷି ପାଳନ ମଧ୍ୟ ସ୍ୱଳ୍ପ ଖର୍ଚ୍ଚରେ ହୋଇପାରିବ ଏବଂ ଏହା ମଧ୍ୟ ଲାଭଦାୟକ।

-ଡା. ହିମାଂଶୁ ବେହେରା,
ପ୍ରାଣୀ ପ୍ରଜନନ ଏବଂ ପ୍ରସୂତି ବିଭାଗ,
ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ,
ଓୟୁଏଟି, ଭୁବନେଶ୍ୱର

# ଏସୀୟ ଲଢ଼େଇରେ କୋରିଆର ବାଜିମାତ୍

**ଭୁବନେଶ୍ୱର, ୧୭।୧ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ୍‌ର ମଙ୍ଗଳବାର ଅନୁଷ୍ଠିତ ଏସୀୟ ଲଢ଼େଇରେ ଦକ୍ଷିଣ କୋରିଆ ୨-୧ ଗୋଲରେ ଜାପାନକୁ ପରାସ୍ତ କରିଛି। ଏଥିସହ ୨ ମ୍ୟାଚରୁ ପ୍ରଥମ ବିଜୟ ସ୍ୱାଦ ଚାଖିଛି କୋରିଆ। କୋରିଆ ପକ୍ଷରୁ ଡବଲ ଗୋଲ ସ୍କୋରର ଲୀ ଜୁଙ୍ଗଜୁନ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଏଠାରେ ବିଜୟ ଫଳରେ କୋରିଆର କ୍ରସ୍ ଓଭର ଖେଳିବା ଆଶା ଉଜ୍ଜୀବିତ ହୋଇଛି। ପ୍ରଥମ ମ୍ୟାଚରେ ଏହି ଦଳ ଡିଫେଣ୍ଡିଂ ଚାମ୍ପିୟନ ବେଲଜିୟମଠାରୁ ୦-୫ ଗୋଲରେ ହାରି ଯାଇଥିଲା। ଅନ୍ୟପକ୍ଷରେ ନିଜର ପ୍ରଥମ ମ୍ୟାଚରେ ଜର୍ମାନୀଠାରୁ ୦-୩ ଗୋଲରେ ହାରିଥିବା ଜାପାନ କ୍ରମାଗତ ୨ୟ ପରାଜୟ ବରଣ କରିବାରୁ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ହେବା ପରିସ୍ଥିତି ସୃଷ୍ଟି ହୋଇଛି। କୋରିଆ ଆସନ୍ତା ୨୦ ତାରିଖରେ ଏହାର ଶେଷ ଗ୍ରୁପ୍ ମ୍ୟାଚ ଜର୍ମାନୀ ବିପକ୍ଷରେ ଖେଳିବ। ସେହିଦିନ ଜାପାନ ଓ ବେଲଜିୟମ ମଧ୍ୟରେ ମୁକାବିଲା ହେବ। ୨ଟି ଯାକ ମ୍ୟାଚ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ହେବ।

ଏସିଆ କପ୍ ଚାମ୍ପିୟନ କୋରିଆ ଓ ଏସିଆନ ଗେମ୍ସ ଚାମ୍ପିୟନ ଜାପାନ ମଧ୍ୟରେ ଲଢ଼େଇ ସଂଘର୍ଷପୂର୍ଣ୍ଣ ହେବ ବୋଲି ପୂର୍ବାନୁମାନ କରାଯାଉଥିଲା। ମ୍ୟାଚରେ ତାହା ହିଁ ହୋଇଥିଲା। ଜାପାନ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ୧ମ ମିନିଟରେ ହିଁ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ଦଳର ୧୫ ନମ୍ବର ଖେଳାଳି କେନ୍ ନାଗାୟୋଶି ଏହାକୁ ଗୋଲରେ ପରିଣତ କରି ୨ୟ ମିନିଟରେ ହିଁ ଜାପାନକୁ ଅଗ୍ରଣୀ କରାଇଥିଲେ। ଉଭୟ ପଟରୁ ଆକ୍ରମଣ ଜାରି ରଖି ଜାପାନ କୋରିଆ ଉପରେ ଚାପ ପକାଇଥିଲା। ମାତ୍ର ମୋମେଣ୍ଟମକୁ ଦଳ ବେଶି ସମୟ ଧରି ରଖିପାରି ନ ଥିଲା। ୮ମ ମିନିଟରେ ଜାପାନ ଡି' ଏରିଆରେ ବଲ୍ ପାଇଁ ସଂଘର୍ଷ ସମୟରେ କୋରିଆର ୧୧ ନମ୍ବର ଖେଳାଳି ଲୀ ଜୁଙ୍ଗଜୁନ୍ ଏକ ଚମତ୍କାର ଫିଲ୍ଡ ଗୋଲ ମାଧ୍ୟମରେ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ୧୫ତମ ମିନିଟରେ କୋରିଆ କ୍ରମାଗତ ୩ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଏହାର ସଦୁପଯୋଗ କରିପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରୁ ଉଭୟ ଦଳ ଅଗ୍ରଣୀ ନେବାପାଇଁ ଜୋରଦାର ଉଦ୍ୟମ କରିଥିଲେ। ଜାପାନ ଅନେକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଫିନିଶିଂ ଅଭାବରୁ ଗୋଲ ପାଇ ନ ଥିଲା। କୋରିଆ ଗୋଲକିପର କିମ୍ ଝେୟୁନଙ୍କ ପ୍ରଦର୍ଶନ ମଧ୍ୟ ଚମତ୍କାର ରହିଥିଲା। ୨୩ତମ ମିନିଟରେ ଜୁଙ୍ଗଜୁନ୍ ବ୍ୟକ୍ତିଗତ ଏବଂ ଦଳ ପକ୍ଷରୁ ୨ୟ ଗୋଲ ସ୍କୋର କରି କୋରିଆକୁ ଅଗ୍ରଣୀ କରାଇଥିଲେ। ବିପଜ୍ଜନକ ପ୍ରଦର୍ଶନ ପାଇଁ ଏହି ଦଳର ଜୁଙ୍ଗ୍ ମାନ୍‌ଜେଙ୍କୁ ଗ୍ରୀନ୍ କାର୍ଡ ପାଇ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା।

ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୨ତମ ମିନିଟରେ ଜାପାନ ଗୋଲ ପରିଶୋଧ କରିବାକୁ ଭଲ ସୁଯୋଗ ପାଇଥିଲା। ମାତ୍ର ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିପାରି ନ ଥିଲା। ୪୩ତମ ମିନିଟରେ କୋରିଆ ମଧ୍ୟ ସମାନ ସୁଯୋଗ ହରାଇଥିଲା। ଚତୁର୍ଥ କ୍ୱାର୍ଟର ଆରମ୍ଭରୁ ଭିନ୍ନ ରଣନୀତିରେ ଖେଳିଥିଲା କୋରିଆ। ପ୍ରଥମ କ୍ୱାର୍ଟରରେ ଜାପାନ ଯାହା କରିଥିଲା ଚତୁର୍ଥ କ୍ୱାର୍ଟରରେ କୋରିଆ ସେହି ରଣନୀତି ଅବଲମ୍ବନ କରିଥିଲା। ଆକ୍ରମଣକୁ ଜୋରଦାର କରି ଦଳ ୪୭ତମ ମିନିଟରେ କ୍ରମାଗତ ୪ଟି ପେନାଲ୍ଟି କର୍ନର ପାଇଥିଲା। ମାତ୍ର ଜାପାନ ଗୋଲକିପର ତାକାଶି ୟୋଶିକାୱା ଓ ରକ୍ଷଣଭାଗ ସଫଳତାର ସହ ତା'ର ପ୍ରତିହତ କରିଥିଲେ। ୫୨ତମ ମିନିଟରେ କୋରିଆର କିମ୍ ହ୍ୟୁଙ୍ଗଜିନ୍‌ଙ୍କୁ ରେଫରି ଗ୍ରୀନ୍‌କାର୍ଡ ଦେଇ ପଡ଼ିଆରୁ ବିଦା କରିଥିଲେ। ମ୍ୟାଚର ଶେଷ ପର୍ଯ୍ୟାୟ ନାଟକୀୟ ରହିଥିଲା। ଜାପାନ ୫୦, ୫୩, ୫୯ ତମ ମିନିଟ ଏବଂ ୬୦ତମ ମିନିଟରେ ଲଗାତର ୨ଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ତା'ର ସଦୁପଯୋଗ କରିପାରି ନ ଥିଲା। ଫଳରେ ଜାପାନ ବିପକ୍ଷରେ କୋରିଆର ଉନ୍ନତ ରେକର୍ଡ ଅପରିବର୍ତ୍ତିତ ରହିଥିଲା। ୨୦୨୨ରେ ଜାପାନ ଓ କୋରିଆ ମଧ୍ୟରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୩ଟି ଯାକ ମ୍ୟାଚରେ କୋରିଆ ବିଜୟୀ ହୋଇଥିଲା। ୨୦୨୨ ମେ'ରେ ଅନୁଷ୍ଠିତ ଏସିଆ କପ୍‌ରେ ୩-୧, ନଭେମ୍ବରରେ ଅନୁଷ୍ଠିତ ସୁଲତାନ ଆଜଲାନଶାହା କପ୍‌ରେ ୧-୦ ଏବଂ ସେହିମାସରେ ଅନୁଷ୍ଠିତ ନେଶନ୍ସ କପ୍‌ରେ କୋରିଆ ୩-୧ ଗୋଲରେ ଜାପାନକୁ ପରାସ୍ତ କରିଥିଲା। ଏହି ମ୍ୟାଚ ପରେ ବିଶ୍ୱର ୧୫ ନମ୍ବର ର‍୍ୟାଙ୍କ୍‌ପ୍ରାପ୍ତ ଜାପାନ ବିପକ୍ଷରେ କୋରିଆର ବିଜୟ ସଂଖ୍ୟା ୧୬ରେ ପହଞ୍ଚିଛି। ଜାପାନ ମାତ୍ର ୨ଟିରେ ବିଜୟୀ ହୋଇଥିବାବେଳେ ଅନ୍ୟ ୨ଟି ମ୍ୟାଚ ଡ୍ର ରହିଛି। ୨୦୧୮ରେ ଭୁବନେଶ୍ୱରରେ ଅନୁଷ୍ଠିତ ବିଶ୍ୱକପ୍ ପାଇଁ କୋରିଆ ଯୋଗ୍ୟତା ହାସଲ କରିପାରି ନ ଥିଲା। ତେଣୁ ଏଥର ଦଳ ପାଇଁ ଆଗକୁ ବଢ଼ିବାର ସୁଯୋଗ ସୃଷ୍ଟି ହୋଇଛି।


ବଲ୍ ପାଇଁ ସଂଘର୍ଷ କରୁଛନ୍ତି ଦକ୍ଷିଣ କୋରିଆ ଓ ଜାପାନ ଖେଳାଳି।


ମ୍ୟାଚ୍ ଦେଖିବାକୁ ଆସିଥିବା ଜଣେ କୁନିପିଲାଙ୍କ ଗାଲରେ ତ୍ରିରଙ୍ଗା ଅଙ୍କାଯାଉଛି।

## ହକି ବିଶ୍ୱକପ ପଏଣ୍ଟ ଟେବୁଲ

| ଦଳ | ଖେଳିଛି | ବିଜୟ | ଡ୍ର | ପରାଜୟ | ସ.ଗୋଲ | ବି.ଗୋଲ | ଗୋ.ବ୍ୟବଧାନ | ପଏଣ୍ଟ |
|---|---|---|---|---|---|---|---|---|
| ପୁଲ୍ 'ଏ' | | | | | | | | |
| ଅଷ୍ଟ୍ରେଲିଆ | ୨ | ୧ | ୧ | ୦ | ୧୧ | ୩ | +୮ | ୪ |
| ଆର୍ଜେଣ୍ଟିନା | ୨ | ୧ | ୧ | ୦ | ୪ | ୩ | +୧ | ୪ |
| ଫ୍ରାନ୍ସ | ୨ | ୧ | ୦ | ୧ | ୨ | ୯ | -୭ | ୩ |
| ଦକ୍ଷିଣ ଆଫ୍ରିକା | ୨ | ୦ | ୦ | ୨ | ୧ | ୩ | -୨ | ୦ |
| ପୁଲ୍ 'ବି' | | | | | | | | |
| ବେଲଜିୟମ | ୨ | ୧ | ୧ | ୦ | ୭ | ୨ | +୫ | ୪ |
| ଜର୍ମାନୀ | ୨ | ୧ | ୧ | ୦ | ୫ | ୨ | +୩ | ୪ |
| ଦକ୍ଷିଣ କୋରିଆ | ୨ | ୧ | ୦ | ୧ | ୨ | ୬ | -୪ | ୩ |
| ଜାପାନ | ୨ | ୦ | ୦ | ୨ | ୧ | ୫ | -୪ | ୦ |
| ପୁଲ୍ 'ସି' | | | | | | | | |
| ନେଦରଲାଣ୍ଡ୍‌ସ | ୨ | ୨ | ୦ | ୦ | ୮ | ୦ | +୮ | ୬ |
| ନ୍ୟୁଜିଲାଣ୍ଡ | ୨ | ୧ | ୦ | ୧ | ୩ | ୫ | -୨ | ୩ |
| ମାଲେସିଆ | ୨ | ୧ | ୦ | ୧ | ୩ | ୬ | -୩ | ୩ |
| ଚିଲି | ୨ | ୦ | ୦ | ୨ | ୩ | ୬ | -୩ | ୦ |
| ପୁଲ୍ 'ଡି' | | | | | | | | |
| ଇଂଲଣ୍ଡ | ୨ | ୧ | ୧ | ୦ | ୫ | ୦ | +୫ | ୪ |
| ଭାରତ | ୨ | ୧ | ୧ | ୦ | ୨ | ୦ | +୨ | ୪ |
| ସ୍ପେନ୍ | ୨ | ୧ | ୦ | ୧ | ୫ | ୩ | +୨ | ୩ |
| ୱେଲ୍ସ | ୨ | ୦ | ୦ | ୨ | ୧ | ୧୦ | -୯ | ୦ |


ହକି ବିଶ୍ୱକପ୍ ମ୍ୟାଚ୍ ଦେଖିବାକୁ ଆସିଥିବା ଉତ୍ସାହୀ ସ୍କୁଲ ଛାତ୍ରୀଛାତ୍ର।

## ମିଡିଆ ସେଣ୍ଟରରେ କ୍ରୀଡ଼ାମନ୍ତ୍ରୀ

**ଭୁବନେଶ୍ୱର, ୧୭।୧(କ୍ରୀଡ଼ା ପ୍ରତିନିଧି):** ହକି ବିଶ୍ୱକପ୍‌ର ମଙ୍ଗଳବାର ଅନୁଷ୍ଠିତ ଜର୍ମାନୀ-ବେଲ୍‌ଜିୟମ ପୁଲ୍ 'ବି' ମ୍ୟାଚ ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା କିଛି ସମୟ ପାଇଁ ମିଡିଆ ସେଣ୍ଟରକୁ ଆସିଥିଲେ। ସେଠାରେ ଉପସ୍ଥିତ ଥିବା ରାଜ୍ୟ ଏବଂ ଦେଶର ବିଭିନ୍ନ ସ୍ଥାନରୁ ଏବଂ ବିଦେଶୀ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବିଭିନ୍ନ ପ୍ରସଙ୍ଗନେଇ ଆଲୋଚନା କରିଥିଲେ। ବିଶେଷ କରି ଦେଶ ଓ ବିଦେଶରୁ ଆସିଥିବା ରିପୋର୍ଟରଙ୍କ ସୁବିଧା ଅସୁବିଧା ସମ୍ପର୍କରେ ସେ ଆଲୋଚନା କରିଥିଲେ। ଏତେ ସଂଖ୍ୟାରେ ଦେଶ ବିଦେଶରୁ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ।

## ହକି ପ୍ରତି ଦର୍ଶକଙ୍କ ସମର୍ଥନ ଅବ୍ୟାହତ

ଓଡ଼ିଶା ଦର୍ଶକ ପାଖାପାଖି ଏକ ଦଶନ୍ଧି ଧରି କଳିଙ୍ଗ ଷ୍ଟାଡିୟମରେ ହକିକୁ ସମର୍ଥନ ଜଣାଇ ଆସୁଛନ୍ତି। ଚାମ୍ପିୟନ୍ସ ଟ୍ରଫିଠାରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଏବେ ଦ୍ୱିତୀୟ ଥର ପାଇଁ ଆୟୋଜିତ ହେଉଥିବା ହକି ବିଶ୍ୱକପ୍‌ରେ ମଧ୍ୟ ଅବ୍ୟାହତ ରହିଛି। ଦର୍ଶକମାନେ ଭରପୂର ସଂଖ୍ୟାରେ ଷ୍ଟାଡିୟମକୁ ଆସି ସେମାନଙ୍କ ପ୍ରିୟ ଦଳ ଓ ତାରକାଙ୍କୁ ସମର୍ଥନ ଜଣାଉଛନ୍ତି। ସବୁଠାରୁ ବଡ଼କଥା ହେଲା ଚଳିତ ବିଶ୍ୱକପ୍‌ରେ କଳିଙ୍ଗ ଷ୍ଟାଡିୟମରେ ଭାରତ ଏ ପର୍ଯ୍ୟନ୍ତ ମ୍ୟାଚ ଖେଳି ନ ଥିଲେ ହେଁ ବହୁ ସଂଖ୍ୟାରେ ଦର୍ଶକ ଷ୍ଟାଡିୟମକୁ ଆସି ହକି ପ୍ରତି ସେମାନଙ୍କ ଭଲପାଇବାକୁ ଦର୍ଶାଇଛନ୍ତି। ଏଠାରେ ଭାରତୀୟ ଦଳ ଆସନ୍ତା ୧୯ ତାରିଖରେ ୱେଲ୍ସ ବିପକ୍ଷରେ ମ୍ୟାଚ ଖେଳିବ। ପ୍ରଥମ ୨ଟି ମ୍ୟାଚ ଘରୋଇ ଦଳ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳିଥିଲା।


କଳିଙ୍ଗ ଷ୍ଟାଡିୟମ୍‌ରେ ହକି ବିଶ୍ୱକପ୍ ଖେଳର ମଜା ନେଉଛନ୍ତି ଦର୍ଶକ।

# ବେଲ୍‌ଜିୟମ-ଜର୍ମାନୀ ମ୍ୟାଚ ଡ୍ର

**ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୧୭।୧**

ଚଳିତ ହକି ବିଶ୍ୱକପରେ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ବେଲଜିୟମ-ଜର୍ମାନୀ ପୁଲ୍ ''ବି' ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ୟୁରୋପର ଦୁଇ ଶକ୍ତିଶାଳୀ ଦଳ ମଧ୍ୟରେ ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହେଁ ଏଥିରୁ ଫଳାଫଳ ମିଳି ନ ଥିଲା। ମ୍ୟାଚ ଡ୍ର ରହିବାଦ୍ୱାରା ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିଛନ୍ତି। ପୂରା ମ୍ୟାଚରେ ଆକର୍ଷଣୀୟ ପ୍ରଦର୍ଶନ ପାଇଁ ଜର୍ମାନୀର ୯ ନମ୍ବର ଖେଳାଳି ନିକ୍ଲାସ ୱେଲେନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ୨ ମ୍ୟାଚରୁ ଉଭୟ ଦଳ ୪ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ଗୋଲ ବ୍ୟବଧାନରେ ବେଲଜିୟମ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। +୫ ଗୋଲ ବ୍ୟବଧାନ ସହ ବେଲଜିୟମ ଶୀର୍ଷସ୍ଥାନ ଅଧିକାର କରିଥିବାବେଳେ +୩ ଗୋଲ ସହ ଜର୍ମାନୀ ଦ୍ୱିତୀୟରେ ରହିଛି। ତେଣୁ ଏହି ଗ୍ରୁପ୍‌ରୁ କେଉଁ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲ ଯିବ ଏବଂ କେଉଁ ୨ ଦଳ କ୍ରସ୍ ଓଭରକୁ ଯିବେ ତାହା ଅନ୍ତିମ ଲିଗ୍ ମ୍ୟାଚପରେ ସ୍ପଷ୍ଟ ହେବ। ବେଲଜିୟମ ଏହାର ଶେଷ ଲିଗ୍ ମ୍ୟାଚ ୨୦ ତାରିଖରେ ଜାପାନ ସହିତ ଖେଳିବ। ସେହିଦିନ ଜର୍ମାନୀ ଓ ଦକ୍ଷିଣ କୋରିଆ ମଧ୍ୟରେ ମୁକାବିଲା ହେବ। ୨ଟି ଯାକ ମ୍ୟାଚ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ହେବ।

ୟୁରୋପର ଦୁଇ ହକି ପାୱାର ହାଉସ ବେଲଜିୟମ ଓ ଜର୍ମାନୀ ମଧ୍ୟରେ ମୁକାବିଲା ସ୍ୱାଭାବିକଭାବେ ଚ୍ୟାଲେଞ୍ଜପୂର୍ଣ୍ଣ ରହିଥିଲା। ସ୍ପିଡ୍, ଷ୍ଟାମିନା ସହ ଉଭୟ ଦଳ ଆକ୍ରମଣାତ୍ମକ ହକି ଖେଳି ଅଗ୍ରଣୀ ନେବାକୁ ଉଦ୍ୟମ କରିଥିଲେ। ଗତଥରର ଚାମ୍ପିୟନ ବେଲଜିୟମ ଏଥିରେ ସାମାନ୍ୟ ଆଗୁଆ ହୋଇ ୫ମ ମିନିଟରେ ଏକ ପେନାଲ୍ଟି କର୍ନର ହାସଲ କରି ନେଇଥିଲା। ମାତ୍ର ଜର୍ମାନୀ ଡିଫେଣ୍ଡର ଓ ଗୋଲକିପର ଆଲେକଜାଣ୍ଡର ଷ୍ଟାଡଲେର ସହଜରେ ବାଟ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲେ। ତେବେ ଏହାର ୪ ମିନିଟ ପରେ ଅର୍ଥାତ୍ ମ୍ୟାଚର ୯ମ ମିନିଟରେ ସେଡ୍ରିକ ଚାର୍ଲେର ଏକ ଫିଲ୍ଡ ଗୋଲ ଦେଇ ବେଲଜିୟମକୁ ଅଗ୍ରଣୀ କରାଇଥିଲେ। ଜର୍ମାନୀ ରକ୍ଷଣଭାଗରେ ଥିବା ଗ୍ୟାପ୍‌ରୁ ସେଡ୍ରିକ ଫାଇଦା ନେଇଥିଲେ। ପ୍ରଥମ କ୍ୱାର୍ଟର ଶେଷ ବେଳକୁ ବେଲଜିୟମ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଜର୍ମାନୀ ଦମ୍ଦାର ପ୍ରଦର୍ଶନ କରିଥିଲା। ଆକ୍ରମଣକୁ ଜୋରଦାର କରି ବେଲଜିୟମକୁ କଡ଼ା ଟକ୍କର ଦେଇଥିଲା। ୨୨ତମ ମିନିଟରେ ବେଲଜିୟମ ଡି'' ଏରିଆର ବାମପଟ କର୍ନରରୁ ଗୋଲ ସ୍କୋର କରିଥିଲେ ଜର୍ମାନୀର ୯ ନମ୍ବର ଖେଳାଳି ନିକ୍ଲାସ ୱେଲେନ। ବେଲଜିୟମ ଗୋଲକପର ଭିନସେଣ୍ଟ ଭାନାଶ୍ଚଙ୍କ ଗୁରୁତର ତ୍ରୁଟି ଯୋଗୁ ଏତେ ଦୂରରୁ ନିକ୍ଲାସ ଗୋଲ କରିବାରେ ସକ୍ଷମ ହୋଇଥିଲେ। ବେଲଜିୟମର ରକ୍ଷଣଭାଗ ମଧ୍ୟ କିଛି ସମୟ ପାଇଁ ଢିଲା ହୋଇ ଯାଇଥିଲା। ଏହା ଦଳପାଇଁ ମହଙ୍ଗା ପଡ଼ିଥିଲା। ଉଭୟ ଦଳର ଖେଳାଳିଙ୍କ ସତର୍କତା ଅବଲମ୍ବନ ଯୋଗୁ ଅଧିକ ପେନାଲ୍ଟି କର୍ନର ସୁଯେଯାଗ ସୃଷ୍ଟି ହୋଇ ନ ଥିଲା। ତୃତୀୟ କ୍ୱାର୍ଟର ଶେଷ ପର୍ଯ୍ୟନ୍ତ ଜର୍ମାନୀ ଗୋଟିଏ ହେଲେ ପେନାଲ୍ଟି କର୍ନର ପାଇ ନ ଥିଲା। ୩୯ତମ ମିନିଟରେ ବେଲଜିୟମ ଦ୍ୱିତୀୟ ପେନାଲ୍ଟି କର୍ନର ପାଇଥିଲେ ହେଁ ଜର୍ମାନୀ ଗୋଲକିପର ଷ୍ଟାଡଲେର ଚମତ୍କାର ଭାବେ ଏହାକୁ ସେଭ୍ କରି ଦେଇଥିଲେ। ଅନ୍ତିମ କ୍ୱାର୍ଟର ସ୍ୱାଭାବିକଭାବେ ଉତ୍ତେଜନାପୂର୍ଣ୍ଣ ରହିଥିଲା। ୫୩ତମ ମିନିଟରେ ଡି' ଏରିଆ ମଧ୍ୟରେ ବେଲଜିୟମ ଖେଳାଳିଙ୍କ ବିପଜ୍ଜଜନକ ଚ୍ୟାଲେଞ୍ଜ ଯୋଗୁ ଜର୍ମାନୀକୁ ଅମ୍ପାୟର ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ଦେଇଥିଲେ। ବେଲଜିୟମ ଖେଳାଳି ଏହାକୁ ବିରୋଧ କରି ରେଫରାଲ ମାଗିଥିଲେ ହେଁ ତାହା ନାକଚ ହୋଇ ଯାଇଥିଲା। ଜର୍ମାନୀ ଦଳର ୧୫ ନମ୍ବର ଖେଳାଳି ଟମ୍ ଗ୍ରାମବୁଶ୍ଚ କୌଣସି ତ୍ରୁଟି ନ କରି ଗୋଲ ସ୍କୋର କରିଥିଲେ। ଫଳରେ ଜର୍ମାନୀ ଅଗ୍ରଣୀ ହୋଇ ଯାଇଥିଲା। ତେବେ ଦଳର ଏହି ଖୁସି ବେଶୀ ସମୟ ତିଷ୍ଠି ନ ଥିଲା। ୨ ମିନିଟ ପରେ ଅର୍ଥାତ୍ ୫୫ତମ ମିନିଟରେ ତିନି ଜଣିଆ ପାସ୍ ମଧ୍ୟରେ ବେଲଜିୟମର ମିକ୍ସର ୱେଗନେଜ ଶକ୍ତିଶାଳୀ ଶଟ୍ ମାଧ୍ୟମରେ ଗୋଲ ପରିଶୋଧ କରି ଦେଇଥିଲେ। ଜର୍ମାନୀ ଗୋଲକିପର ଡାଇଭ୍ ମାରିଥିଲେ ହେଁ ବଲ୍ ନିକଟରେ ପହଞ୍ଚି ପାରି ନ ଥିଲେ। ଅନ୍ତିମ କିଛି ମିନିଟ ବେଲଜିୟମ ଘନଘନ ଆକ୍ରମଣ କରିଥିଲେ ହେଁ ଗୋଲ ହୋଇପାରି ନ ଥିଲା।

ପ୍ରକାଶ ଯୋଗ୍ୟ ଯେ, ଟୁର୍ନାମେଣ୍ଟ ଇତିହାସରେ ଜର୍ମାନୀ ଅନ୍ୟତମ ସଫଳ ଦଳ। ଏହି ଦଳ ୨୦୦୨ ଓ ୨୦୦୬ରେ ଚାମ୍ପିୟନ ହୋଇଥିବାବେଳେ ୧୯୮୨ ଓ ୨୦୧୦ରେ ରନରଅପ୍ ଏବଂ ୧୯୭୩, ୧୯୭୫, ୧୯୮୬ ଓ ୧୯୯୮ରେ ୪ଥର ବ୍ରୋଞ୍ଜ ପଦକ ହାସଲ କରିଛି। କେବଳ ସେତିକି ନୁହେଁ ୧୯୭୮, ୧୯୯୦ ଓ ୧୯୯୪ରେ ୩ ଥର ୪ର୍ଥ ସ୍ଥାନ ମଧ୍ୟ ହାସଲ କରିଛି। ଅନ୍ୟପକ୍ଷରେ ବେଲଜିୟମ ୨୦୧୮ରେ ଏହି କଳିଙ୍ଗ ଷ୍ଟାଡିୟମରେ ଚାମ୍ପିୟନ ହେବାର ଅନୁଭୂତି ବହନ କରୁଛି।


ବେଲଜିୟମ ଓ ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୧୮/୨୦୨୩ Bhubaneswar, Wednesday, January 18/ 2023


## ମିଡିଲ ଅର୍ଡରରେ ଖେଳିପାରନ୍ତି କିଶନ

**ହାଇଦ୍ରାବାଦ,୧୭।୧(ପି.ଟି.)**

ଶ୍ରୀଲଙ୍କା ବିପକ୍ଷ ସୀମିତ ଓଭର ସିରିଜ୍‌ରେ ବିଜୟ ହାସଲ କରିବା ପରେ ବୁଧବାରଠାରୁ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ଖେଳିବାକୁ ଯାଉଛି ଭାରତ। ହାଇଦ୍ରାବାଦର ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଖେଳାଯିବାକୁ ଥିବା ସିରିଜ୍‌ର ପ୍ରଥମ ମ୍ୟାଚ ପାଇଁ ଇଶାନ କିଶନ ଭାରତୀୟ

### ଆଜି ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆ

ଦଳକୁ ପୁନର୍ବାର ଫେରିପାରନ୍ତି। ତେବେ ଓପନର ଭାବରେ ନୁହେଁ ବରଂ ମିଡ୍‌ଲ ଅର୍ଡରରେ କିଶାନଙ୍କୁ ସୁଯୋଗ ମିଳିବ। ବାଂଲାଦେଶ ବିପକ୍ଷ ସିରିଜରେ ଦିନିକିଆରେ ଦ୍ରୁତତମ ଦ୍ୱିଶତକ ହାସଲ କରିଥିବା କିଶନଙ୍କୁ ଶ୍ରୀଲଙ୍କା ସିରିଜରେ ଗୋଟିଏ ବି ମ୍ୟାଚ ଖେଳିବାର ସୁଯୋଗ ମିଳି ନ ଥିଲା। ନ୍ୟୁଜିଲାଣ୍ଡ ସିରିଜରୁ ଲୋକେଶ ରାହୁଲ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରି ଯାଇଥିବା ବେଳେ କିଶନଙ୍କୁ ସୁଯୋଗ ମିଳିବା ସ୍ପଷ୍ଟ ହୋଇଛି। ମାତ୍ର ତାଙ୍କୁ ମଧ୍ୟ କ୍ରମରେ ବ୍ୟାଟିଂ କରବାକୁ ପଡିପାରେ। ଶୁବମାନ୍ ଗିଲ୍ ଓ ରୋହିତ ଶର୍ମା ବ୍ୟାଟିଂ ଓପନ୍ କରୁଥିବା ବେଳେ ଶ୍ରୀଲଙ୍କା ବିପକ୍ଷରେ ବଢିଆ ଆରମ୍ଭ ପ୍ରଦାନ କରିଛନ୍ତି। ଏପରି ସ୍ଥିତିରେ ଓପନିଂ ଯୋଡିରେ ପରିବର୍ତ୍ତନ କରିବାକୁ ଚାହିଁବ ନାହିଁ ଭାରତ। ରୋହିତ ଶର୍ମା ଫର୍ମକୁ ଫେରିଥିବା ବେଳେ ଶୁବମାନ ଗିଲ୍ ୩ ମ୍ୟାଚରେ ଯଥାକ୍ରମେ ୭୦, ୨୧ ଓ ୧୧୬ ରନ୍ କରିଥିଲେ। କିଶନ ଖେଳିଥିବା ୧୦ ମାଚରୁ ୩ଟିରେ ମିଡଲ ଅର୍ଡରରେ ବ୍ୟାଟିଂ କରିଛନ୍ତି। ତେଣୁ ଏହା ତାଙ୍କ ପାଇଁ ବଡ ସମସ୍ୟା ହେବ ନାହିଁ। ଦ୍ୱିତୀୟ ଉଇକେଟ କିପର ଭାବରେ ରହିଥିବା କେ.ଏସ୍. ଭରତଙ୍କୁ ସୁଯୋଗ ମିଳିବା ସମ୍ଭାବନା କମ୍। ମିଡ୍‌ଲ ଅର୍ଡର ବ୍ୟାଟର ଶ୍ରେୟାସ୍ ଆୟର ଆହତ ହୋଇ ସମ୍ପୂର୍ଣ୍ଣ ସିରିଜରୁ ବାଦ୍ ପଡିଥିବା ବେଳେ ତାଙ୍କ ସ୍ଥାନରେ ସୂର୍ଯ୍ୟକୁମାର ଯାଦବଙ୍କୁ ସୁଯୋଗ ମିଳିବ। ଟପ୍-୩ରେ ରୋହିତ, ଗିଲ୍, କୋହଲି ଖେଳିବା ସ୍ପଷ୍ଟ ଥିବା ବେଳେ ୪ ନମ୍ବରରେ ସୂର୍ଯ୍ୟକୁମାର ଓ ୫ ନମ୍ବରରେ କିଶନ ଖେଳିପାରନ୍ତି। ଅଲରାଉଣ୍ଡର ଭାବରେ ହାର୍ଦ୍ଦିକ୍ ପାଣ୍ଡ୍ୟା, ଅକ୍ଷର ପଟେଲଙ୍କୁ ପ୍ରାଥମିକତା ଦିଆଯିବ। ନୂଆ ବଲରେ ମହମ୍ମଦ ସିରାଜ ନିଜ ଉଇକେଟ ହାସଲ ଦକ୍ଷତା ବଳରେ ସମସ୍ତଙ୍କୁ ପ୍ରଭାବିତ କରିଥିବା ବେଳେ ଉମରାନ ମଲିକ ଓ ମହମ୍ମଦ ଶାମିଙ୍କୁ ମଧ୍ୟ ଆକ୍ସନରେ ଦେଖିବାକୁ ମିଳିବ। ଦ୍ୱିତୀୟ ସ୍ପିନର ଭାବରେ ଭାରତ କୁଲଦୀପ ଯାଦବଙ୍କୁ ପ୍ରାଥମିକତା ଦେଇପାରେ । ତେବେ ଯଦି କୁଲଦୀପ ଓ ଚହଲ ଏକତ୍ର ଖେଳନ୍ତି ତେବେ ଅକ୍ଷର ପଟେଲ ବାଦ୍ ପଡିବେ। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଦଳର ସଫଳତା କେନ୍ ୱିଲିୟମସନ୍ ଓ ଗ୍ଲେନ୍ ଫିଲିପ୍ସଙ୍କ ଉପରେ ନିର୍ଭରଶୀଳ ରହିବ।


ଶୁବମନ ଗିଲ୍ ଓ ଇଶାନ କିଶନ।

### ଆୟର ବାଦ୍, ପଟିଦାର ସାମିଲ

ବୁଧବାରଠାରୁ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ଆରମ୍ଭ ହେବାକୁ ଥିବାବେଳେ ଭାରତକୁ ମିଳିଛି ବଡ ଝଟକା। ମିଡ୍‌ଲ ଅର୍ଡର ବ୍ୟାଟର ଶ୍ରେୟାସ ଆୟର ଆହତ ହୋଇ ସିରିଜରୁ ବାଦ୍ ପଡିଥିବା ବେଳେ ରଜତ ପଟିଦାରଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ମଧ୍ୟପ୍ରଦେଶ ଦଳ ପକ୍ଷରୁ ଖେଳୁଥିବା ତଥା ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ଖେଳୁଥିବା ପଟିଦାର ଏହା ପୂର୍ବରୁ ବାଂଲାଦେଶ ଗସ୍ତ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିଲେ।

**ମ୍ୟାଚ୍ ଆରମ୍ଭ: ଅପରାହ୍ନ ୧.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଅଷ୍ଟ୍ରେଲିଆନ ଓପନ: ରୁଷିଆ, ବେଲାରୁଷ ପତାକା ବାରଣ

**ମେଲବୋର୍ନ, ୧୭।୧ (ଏପି):** ଅଷ୍ଟ୍ରେଲିଆନ ଓପନ ଟେନିସ ପ୍ରତିଯୋଗିତା ସ୍ଥଳରେ ମଙ୍ଗଳବାରଠାରୁ ରୁଷିଆ ଓ ବେଲାରୁଷ ପତାକା ବାରଣ କରାଯାଇଛି। ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଏକାଧିକ ଦର୍ଶକ ଷ୍ଟାଣ୍ଡକୁ ପତାକା ଧରି ଆସିଥିଲେ। ମେଲବୋର୍ନ ପାର୍କରେ ମ୍ୟାଚ ଖେଳାଯାଉଥିବା ସମୟରେ ପତାକା ପ୍ରଦର୍ଶନ କରାଯାଇପାରିବ। କିନ୍ତୁ ଦୁଇ ଦେଶ ବର୍ଷେ ପାଖାପାଖି ୟୁକ୍ରେନ୍ ବିରୁଦ୍ଧରେ ଯୁଦ୍ଧରେ ଲିପ୍ତ ଥିବାରୁ ଟେନିସ ଅଷ୍ଟ୍ରେଲିଆ ଏହାର ନିୟମରେ ପରିବର୍ତ୍ତନ କରିଛି। ଟେନିସ ଅଷ୍ଟ୍ରେଲିଆ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଖେଳପ୍ରେମୀମାନେ ପତାକା ଆଣିପାରିବେ। ମାତ୍ର ପତାକା ଯୋଗୁ ଖେଳରେ ଯେପରି ବାଧା ସୃଷ୍ଟି ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ ବୋଲି ଟେନିସ ଅଷ୍ଟ୍ରେଲିଆ କହିଛି। ସୋମବାର ଏକ ପତାକା କୋର୍ଟ ସାଇଡ୍‌ରେ ରଖାଯାଇଥିବା ଦେଖିବାକୁ ମିଳିଥିଲା। ସୋମବାର କୋର୍ଟ ନମ୍ବର ୧୪ରେ ରୁଷିଆ ଖେଳାଳି କାମିଲା ରାକ୍ଷିମୋଭାଙ୍କ ବିପକ୍ଷରେ ୭-୫, ୬-୭ (୮), ୬-୧ ୟୁକ୍ରେନ ଖେଳାଳି କାଟେରିନା ବେଣ୍ଡଲଙ୍କ ବିଜୟ ମ୍ୟାଚ ବେଳେ ଜଣେ ରୁଷିଆ ପତାକା ପ୍ରଦର୍ଶନ କରିଥିଲେ।






## ଶାନ୍ତନୁ ମିଶ୍ରଙ୍କ ଅପରାଜିତ ଶତକ

**ଭୁବନେଶ୍ୱର,୧୭।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ମିରଟର ଭିକ୍ଟୋରିଆ ପାର୍କରେ ଉତ୍ତରପ୍ରଦେଶ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ଶତକ ହାସଲ କରିଛନ୍ତି ଓଡ଼ିଶା ଓପନର ଶାନ୍ତନୁ ମିଶ୍ର। ଶାନ୍ତନୁଙ୍କ ଅପରାଜିତ ଶତକ ବଳରେ ଓଡ଼ିଶା ଷ୍ଟମ୍ପ ଅପସାରଣ ବେଳକୁ ଓଡ଼ିଶା ୫ ଉଇକେଟ ହରାଇ ୨୨୨ ରନ୍

### ରଣଜୀ ଟ୍ରଫି

ସଂଗ୍ରହ କରିଛି। ଶାନ୍ତନୁ ୧୦୭ ଓ ଅଭିଷେକ ରାଉତ ୪୩ ରନରେ ବ୍ୟାଟିଂ କରୁଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଓଡ଼ିଶା ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କୁନାଲ ଯାଦବ ଓ କାର୍ତ୍ତିକେୟ ଜୟସ୍ୱାଲ ୨ଟି ଲେଖାଏ ଉଇକେଟ ନେବାରୁ ଓଡ଼ିଶା ମାତ୍ର ୨୦ ରନ୍‌ରେ ଟପ୍ ୪ ବ୍ୟାଟରଙ୍କୁ ହରାଇଥିଲା। ଗୋବିନ୍ଦ ପୋଦ୍ଦାର ଓ ଶୁଭ୍ରାଂଶୁ ସେନାପତି ଖାତା ଖୋଲିବାରେ ସମର୍ଥ ହୋଇ ନ ଥିବା ବେଳେ ଅନୁରାଗ ଷଡଙ୍ଗୀ ୩ ଓ କାର୍ତ୍ତିକ ବିଶ୍ୱାଳ ୪ ରନ୍ କରିଥିଲେ। ଓଡ଼ିଶା ସଙ୍କଟରେ ରହିଥିବା ବେଳେ ଶତକୀୟ ଭାଗୀଦାରି ସହିତ ସଙ୍କଟରୁ ଉଦ୍ଧାର କରିଥିଲେ ଶାନ୍ତନୁ ଓ ଉଇକେଟ କିପର ରାଜେଶ ଧୂପର(୬୨)। ଉଭୟ ୫ମ ଉଇକେଟରେ ୧୨୬ ରନ୍ ଯୋଗ କରିଥିଲେ। ଶାନ୍ତନୁ ୨୧୮ ବଲ୍ ଖେଳି ୧୪ ଚୌକା ସହିତ ଏକ ଧୈର୍ଯ୍ୟପୂର୍ଣ୍ଣ ଶତକ ହାସଲ କରିଥିଲେ। ୨୯ ତମ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳୁଥିବା ଶାନ୍ତନୁଙ୍କ ଏହା ଚତୁର୍ଥ ଶତକ। ଅନ୍ୟପକ୍ଷରେ ଉଇକେଟ କିପର ରାଜେଶ ଧୂପର ୧୬୫ ବଲ୍ ଖେଳି ୯ ଚୌକା ମାରିଥିଲେ। ଦଳୀୟ ସ୍କୋର ୧୪୬ରେ ସୌରଭ କୁମାରଙ୍କ ବଲରେ ରାଜେଶ ପ୍ୟାଭିଲିୟନ ଫେରିବା ପରେ ଯୋଗ ଦେଇଥିଲେ ଅଭିଷେକ ରାଉତ। ଖେଳ ଶେଷ ଯାଏ ଅଭିଷେକ ୪୩ ରନରେ ଅପରାଜିତ ରହିଥିବା ବେଳେ ଶାନ୍ତନୁଙ୍କ ସହିତ ଯୋଡିଥିଲେ ଅବିଭାଜିତ ୭୬ ରନ୍। ଉତ୍ତରପ୍ରଦେଶ ପକ୍ଷରୁ କୁନାଲ ଯାଦବ ଓ କାର୍ତ୍ତିକେୟ ଜୟସ୍ୱାଲ ପ୍ରତ୍ୟେକ ଦୁଇଟି ଏବଂ ସୌରଭ କୁମାର ଗୋଟିଏ ଉଇକେଟ ନେଇଥିଲେ।


ଶାନ୍ତନୁ ମିଶ୍ର

## ବରେଟିନିଙ୍କୁ ୫ ସେଟ୍‌ରେ ହରାଇଲେ ମୁରେ

**ମେଲବୋର୍ନ, ୧୭।୧ (ଏପି)**

ଆଣ୍ଡି ମୁରେ ଏକ ସଂଘର୍ଷପୂର୍ଣ୍ଣ ବିଜୟ ସହ ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ପୁରୁଷ ସିଙ୍ଗଲ୍ସର ଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ସେ ତାଙ୍କଠାରୁ ପାଖାପାଖି ୧୦ ବର୍ଷ ସାନ ଏବଂ ୫୦ ସ୍ଥାନ ଉଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ଇଟାଲୀର ମାଟେଓ ବରେଟିନିଙ୍କୁ ୬-୩, ୬-୩, ୪-୬, ୬-୭ (୭), ୭-୬ (୧୦-୬)ରେ ପରାସ୍ତ କରିଛନ୍ତି। ଏହି ମ୍ୟାଚ ଦୀର୍ଘ ସାଢେ ଚାରି ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିଲା। ସୂଚନାଯୋଗ୍ୟ, ମୁରେ ମେଲବୋର୍ନ ପାର୍କରେ ୫ଥର ରନର ଅପ୍ ହୋଇଛନ୍ତି। ସେ ଫାଇନାଲରେ ନୋଭାକ୍ ଜୋକୋଭିଚ୍‌ଙ୍କଠାରୁ ୪ ଥର ଏବଂ ଥରେ ରୋଜର ଫେଡରରଙ୍କଠାରୁ ପରାଜିତ ହୋଇଛନ୍ତି। ୧୩ତମ ସିଡ୍ ତଥା ୨୦୨୧ ୱିମ୍ବେଲଡନ ରନରଅପ୍ ବରେଟିନିଙ୍କୁ ପରାସ୍ତ କରିବା ଦ୍ୱାରା ଓପନ ଯୁଗରେ ଅଷ୍ଟ୍ରେଲିଆନ ଓପନରେ ୫୦ ମ୍ୟାଚ ଜିତିବାରେ ଜୋକୋଭିଚ୍, ଫେଡରର, ରାଫାଲ ନାଡାଲ ଓ ଷ୍ଟିଫାନ ଏଡ୍‌ବର୍ଗଙ୍କ ପଛକୁ ମୁରେ ୫ମ ପୁରୁଷ ଟେନିସ ଖେଳାଳି। ମଙ୍ଗଳବାର ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିବା

### ଅଷ୍ଟ୍ରେଲିଆନ ଓପନ

ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ୫ ନମ୍ବର ଖେଳାଳି ଆଣ୍ଡ୍ରେ ରୁବ୍ଲେଭ, ୮ ନମ୍ବର ଟେଲର ଫ୍ରିଜ୍, ୯ ନମ୍ବର ହୋଲ୍‌ଗର ରୁନେ, ୧୨ ନମ୍ବର ଆଲେକ୍ସ ଜେଭରେଭ ଓ ୨୭ ନମ୍ବର ଗ୍ରିଗୋର୍ ଦିମିତ୍ରୋଭ୍। ମହିଳା ସିଙ୍ଗଲ୍ସରେ କାରୋଲିନ୍ ଗାର୍ସିଆ, ଆରିନା ସାବାଲେଙ୍କା, ଭେରୋନିକା କୁଦରମେତୋଭା ଏବଂ ଆନେଟ୍ କୋଣ୍ଟାଭିଟ୍ ପ୍ରମୁଖ ବିଜୟୀ ହୋଇଛନ୍ତି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ